

୫୨ ନେତା ପିନ୍ଧିବେ ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 152 ଭାଗ ୩୪ | ସଂଖ୍ୟା ୧୫୨
Sunday 23 August 2026 | Page 8 Rs. 5.00
ଭୁବନେଶ୍ୱର ରବିବାର, ୨୩ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ମିଶନ ଜିରୋ-ସଫେଇ କାର୍ଯ୍ୟରେ ମୃତାହତ ଘଟଣାର ଅବସାନ

# ମୃତ୍ୟୁ ପରେ ସହାୟତା ନୁହେଁ, ପୂର୍ବରୁ ସୁରକ୍ଷା

ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ସମୃଦ୍ଧ ଓଡ଼ିଶା ପାଇଁ ସ୍ୱଚ୍ଛ ସହର, ସୁରକ୍ଷିତ ପରିବେଶ ଓ ଯେଉଁ ଲୋକମାନେ ଏହି ସ୍ୱଚ୍ଛତାକୁ ନିଶ୍ଚିତ କରୁଛନ୍ତି, ସେମାନଙ୍କ ସୁରକ୍ଷିତ ଜୀବନ ଏକାନ୍ତ ଅପରିହାର୍ଯ୍ୟ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗରିମା ଦିବସ-୨୦୨୬ ଅବସରରେ କହିଛନ୍ତି। ଲୋକସେବା ଭବନ

- ପ୍ରତିବର୍ଷ ଅଗଷ୍ଟ ଚତୁର୍ଥ ଶନିବାର ହେବ ଗରିମା ଦିବସ
- ଅର୍ଥନୀତି, ପ୍ରତିରକ୍ଷା ଓ ବିଦେଶ ନୀତି ସହ ସ୍ୱଚ୍ଛତାକୁ ସମାନ ଗୁରୁତ୍ୱ
- ପୂର୍ବତନ ସଫେଇ କର୍ମୀଙ୍କ ପରିବାରକୁ ୧୦ ଲକ୍ଷର ବୀମା ରାଶି ପ୍ରଦାନ

କନଭେନସନ୍ ସେଣ୍ଟରଠାରେ ଗରିମା ଦିବସ ଅବସରରେ ଆଜି ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି। ଏହି କର୍ମଶାଳାର ବିଷୟବସ୍ତୁ ରହିଛି, ମିଶନ୍ ଜିରୋ ସଫେଇ କାର୍ଯ୍ୟରେ ମୃତାହତ ଘଟଣାର ଅବସାନ। ଏହି କର୍ମଶାଳାରେ ୮ଟି ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ଥିବା ବିଶେଷଜ୍ଞ, ଅଧିକାରୀଙ୍କ ସମେତ ସଫେଇ କର୍ମଚାରୀମାନେ ମଧ୍ୟ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ ଗରିମା ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି। ଏହି ଦିବସଟି ସଫେଇ କର୍ମୀଙ୍କ ଜୀବନକୁ ସୁରକ୍ଷିତ କରିବା ସହ ସେମାନଙ୍କ ସାମାଜିକ ସୁରକ୍ଷା ଓ ସମାଜରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଁ ସମର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉପସ୍ଥିତ ବିଶେଷଜ୍ଞ, ଅଧିକାରୀ ଓ ପରିମଳ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୧୪ ଅଗଷ୍ଟ ୧୫ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ସ୍ୱଚ୍ଛତା ଭାରତର ଜାତୀୟ ବିକାଶର ପରିସୀମାଭୁକ୍ତ ହୋଇଥିଲା। ମୋଦିଙ୍କ ନେତୃତ୍ୱରେ ସ୍ୱଚ୍ଛତା ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇ ଦେଶର ଅର୍ଥନୀତି, ପ୍ରତିରକ୍ଷା ଓ ବିଦେଶ ନୀତି ସହ ସମାନ ଗୁରୁତ୍ୱ ପାଇଛି। ପ୍ରଧାନମନ୍ତ୍ରୀ ନିଜେ ହାତରେ ଝାଡୁ ଧରି ସଫେଇ କର୍ମୀଙ୍କ ସାମାଜିକ ଉତ୍‌ଥାନର ପ୍ରତୀକ ସାଜିଲେ ଓ ଦେଶବାସୀଙ୍କୁ ସନ୍ଦେଶ ଦେଲେ 'ସ୍ୱଚ୍ଛତା କୌଣସି ଛୋଟ କାମ ନୁହେଁ, ସ୍ୱଚ୍ଛତା ହେଉଛି ରାଷ୍ଟ୍ର ନିର୍ମାଣର କାମ'।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଆଜି ଡ୍ରୋନ୍ ଜରିଆରେ ଆମେ ଆମର ସୀମାର ସୁରକ୍ଷା କରୁଛୁ। ରୋବୋଟିକ୍ସ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ନୂଆ ଟେକ୍ନୋଲୋଜି ଉଦ୍ଭାବନ କ୍ଷେତ୍ରରେ ଭାରତ ଆଗକୁ ବଢୁଛି। ତେବେ ଆମେ ଏହିଭଳି ଟେକ୍ନୋଲୋଜିକୁ ଆମ ସଫେଇ କର୍ମଚାରୀଙ୍କ ସୁରକ୍ଷା ପାଇଁ କାହିଁକି ବ୍ୟବହାର କରିପାରିବା ନାହିଁ। ଭାରତ ସରକାରଙ୍କ ନମସ୍ତେ ଯୋଜନା ଜରିଆରେ ସଫେଇ କ୍ଷେତ୍ରରେ ମେସିନ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଆଜି ସମୟ ଆସିଛି, ସଫେଇ କର୍ମୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବିପଜ୍ଜନକ ସଫେଇ କାର୍ଯ୍ୟରେ ମେସିନ ବ୍ୟବହାର କରିବା ପାଇଁ। ସେଥିପାଇଁ ସେମାନଙ୍କୁ ପୃଷ୍ଠା-୬





## ଆବାସିକ ସ୍କୁଲରେ ନିର୍ଯାତନା

# ସିନିୟରଙ୍କ କଥା ନ ମାନିବାରୁ ୮୦୦ ଥର ବସ୍‌ଉଠ



ସୁନ୍ଦରଗଡ଼,୨୨।୮(ସଂଚାର ବ୍ୟୁରୋ): ବଡ଼ ପିଲାଙ୍କ କଥା ନ ମାନିବାରୁ ସାଂଘାତିକ ଦଣ୍ଡ। ସୁନ୍ଦରଗଡ଼ ସଦର ବ୍ଲକ୍‌ର ଏକ ଆବାସିକ ସ୍କୁଲରେ ଘଟିଥିବା ଏଭଳି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ବଡ଼ ପିଲାଙ୍କ ଅଇଁଠା ଥାଳି ସଫା କରିବା ଓ ଗୋଡ଼ ମୋଡ଼ିବାକୁ ମନା କରିବା ପରେ ପିଲାଟିକୁ ବସଉଠ କରାଯାଇଛି। ତାହା ପୁଣି ୮ କି ୧୮ ଥର ନୁହେଁ, ପୂରା ୮୦୦ ଥର। ପରେ ପିଲାଟି ଅସୁସ୍ଥ ହୋଇପଡ଼ିବାରୁ ତାକୁ ସୁନ୍ଦରଗଡ଼ ହସ୍ପିଟାଲରେ ଚିକିତ୍ସା କରାଯାଇଛି। ଘଟଣାକୁ ନେଇ ଏବେ ସ୍କୁଲର ଶୃଙ୍ଖଳା ଓ ଛାତ୍ର ସୁରକ୍ଷା ଉପରେ ବଡ଼ ପ୍ରଶ୍ନ ଉଠିଛି।

ସୁନ୍ଦରଗଡ଼ ସଦର ବ୍ଲକର ଏହି ଆଦିବାସୀ ପରିବାର ନିଜ ପିଲାର ଭବିଷ୍ୟତ ଗଢ଼ିବା ଆଶାରେ ତାଙ୍କୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଛାଡ଼ିଥିଲେ। ପୁଅ ଏବେ ଷଷ୍ଠ ଶ୍ରେଣୀରେ ପଢୁଛି। ହେଲେ ଏବେ ପୁଅ ଅସୁସ୍ଥ ହୋଇ ଘରକୁ ଫେରିବା ପରେ ଭାଙ୍ଗିପଡ଼ିଛନ୍ତି ବାପା-ମା'। ପରିବାରର କହିବା କଥା, ପିଲା ଉପରେ ଏଭଳି ବ୍ୟବହାର ସହି ହେଉନି। ପିଲାକୁ ଆଉ ସେହି ସ୍କୁଲକୁ ନ ଛାଡ଼ିବାକୁ କାନ୍ଦି କାନ୍ଦି କହୁଛନ୍ତି ମା'। ପୃଷ୍ଠା-୬

## ବନ୍ୟା ପ୍ରଭାବିତ ଜିଲ୍ଲାରେ ସ୍ୱାସ୍ଥ୍ୟାଧିକାରୀ ନିୟୋଜିତ

# ମହାମାରୀ ରୋକିବା ଉପରେ ଗୁରୁତ୍ୱ



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସ୍ଥିତିର ନିରନ୍ତର ତଦାରଖ ଓ ଆବଶ୍ୟକ ସହାୟତା ସୁନିଶ୍ଚିତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ବନ୍ୟାପ୍ରଭାବିତ ଜିଲ୍ଲାରେ ନିୟୋଜିତ କରାଯାଇଛି।

- ୪ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ
- ଫୋକସରେ ପାନୀୟ ଜଳ ଉତ୍ସର ସ୍ୱଚ୍ଛତା ଓ ବିଶୋଧନ

ନିୟୋଜିତ ଅଧିକାରୀମାନେ ଆଜି ସକାଳୁ ନିଜ ନିଜ ଦାୟିତ୍ୱପ୍ରାପ୍ତ ଜିଲ୍ଲା ଅଭିମୁଖେ ଯାତ୍ରା କରି ସେଠାରେ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସ୍ଥିତି ସମୀକ୍ଷା କରିବା ଆରମ୍ଭ କରିଛନ୍ତି। ଏଥିସହ ବରିଷ୍ଠ ଅଧିକାରୀମାନେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ସ୍ଥାନୀୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।

ବିଭାଗ ପକ୍ଷରୁ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଶାସନ ସଚିବ ଡ. ବିଜୟ ମିଶ୍ରଙ୍କୁ ବାଲେଶ୍ୱର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ରବୀନ୍ଦ୍ର ମିଶ୍ରଙ୍କୁ ଭଦ୍ରକ, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପାଣିଗ୍ରାହୀଙ୍କୁ କେନ୍ଦୁଝର ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ଏମ୍.ଏମ୍. ପଣ୍ଡାଙ୍କୁ ଯାଜପୁର ଜିଲ୍ଲାର ଦାୟିତ୍ୱ ଦିଆଯାଇଛି।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ ଦୀର୍ଘସ୍ଥାୟୀ ବନ୍ୟା ପରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଯେପରି କୌଣସି ପ୍ରକାରର ମହାମାରୀ କିମ୍ବା ରୋଗର ପ୍ରକୋପ ସୃଷ୍ଟି ନ ହୁଏ, ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପ୍ରତିଷେଧମୂଳକ ପୃଷ୍ଠା-୬

### ପରିସ୍ଥିତି ମୁକାବିଲା ପାଇଁ ସରକାର ପ୍ରସ୍ତୁତ

#### ନିରବଚ୍ଛିନ୍ନ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି

ରାଜ୍ୟର ବର୍ତ୍ତମାନ ବନ୍ୟା ଓ ବର୍ଷା ପରିସ୍ଥିତି ସମ୍ପର୍କରେ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ଜାରି ସ୍ଥିତି ରିପୋର୍ଟ ଅନୁଯାୟୀ, ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଜିଲ୍ଲା ପ୍ରଶାସନଗୁଡ଼ିକୁ ସମସ୍ତ ପ୍ରକାର ଆକସ୍ମିକ ପରିସ୍ଥିତି ପାଇଁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ତେବେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ଅନୁଯାୟୀ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ପୃଷ୍ଠା-୬

### ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାକୁ ଯୋଜନା

# ସହଜ ହେବ ହୋମ୍‌ଷ୍ଟେ ବ୍ୟବସାୟ




ପଞ୍ଜିକରଣ ଓ ପ୍ରମାଣପତ୍ର ନିୟମ କୋହଳ କଲେ ସରକାର

ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ରାଜ୍ୟରେ ପର୍ଯ୍ୟଟନ ଶିଳ୍ପକୁ ନୂଆ ପରିଚୟ ଦେବା ସହ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ହୋମଷ୍ଟେ ମାଲିକମାନଙ୍କ ଲାଗି ଏହି ଆଶ୍ୱସ୍ତିକର ଘୋଷଣା କରିଛନ୍ତି। 'ଓଡ଼ିଶା ହୋମଷ୍ଟେ ଏଷ୍ଟାବ୍ଲିସମେଣ୍ଟ ସ୍କିମ୍, ୨୦୨୫' ଅଧୀନରେ ଅଣଆର୍ଥିକ ପ୍ରୋତ୍ସାହନ ପଞ୍ଜିକରଣ ପାଇଁ ଆବଶ୍ୟକ ହେଉଥିବା ଜଟିଳ ଦସ୍ତାବିଜ୍ ପ୍ରକ୍ରିୟାକୁ ଏବେ ଅତ୍ୟନ୍ତ ସରଳ ଓ କୋହଳ କରାଯାଇଛି।

ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଟ୍ରେଡ୍ ଲାଇସେନ୍ସ, ବିଲ୍ଡିଂ ପ୍ଲାନ୍, ଅଗ୍ନି ନିରାପତ୍ତା, ବୈଦ୍ୟୁତିକ ସୁରକ୍ଷା ଓ ବର୍ଜ୍ୟବସ୍ତୁ ପରିଚାଳନା ଭଳି ୫ଟି ପ୍ରମୁଖ କ୍ଷେତ୍ରରେ ରହିଥିବା ଦ୍ୱନ୍ଦ୍ୱକୁ ସମ୍ପୂର୍ଣ୍ଣ ଭାବେ ଦୂର କରାଯାଇ ସ୍ପଷ୍ଟୀକରଣ ଦିଆଯାଇଛି। ପର୍ଯ୍ୟଟନ ବିଭାଗର ନୂତନ ନିୟମ ଅନୁସାରେ, କେବଳ ପୌରାଞ୍ଚଳ (ଅର୍ବାନ ଏରିଆ) ବା ସହରାଞ୍ଚଳରେ ଥିବା ହୋମ୍‌ଷ୍ଟେଗୁଡ଼ିକ ପାଇଁ ହିଁ ଟ୍ରେଡ୍ ଲାଇସେନ୍ସ ବାଧ୍ୟତାମୂଳକ ରହିବ। ଗ୍ରାମାଞ୍ଚଳରେ ଥିବା ହୋମଷ୍ଟେ ମାଲିକମାନେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ, ୧୯୬୪ର ଧାରା ୫୫ ଅଧୀନରେ ନିଜ ପଞ୍ଚାୟତରୁ ବ୍ୟାବସାୟିକ ଲାଇସେନ୍ସ ନେବେ। ଯଦି ପଞ୍ଚାୟତ ଏପରି ଲାଇସେନ୍ସ ଦେଉ ନ ଥାଏ, ତେବେ ଆବେଦନକାରୀ କେବଳ ଏକ ଲିଖିତ ସ୍ୱୟଂ ଘୋଷଣାନାମା ଦାଖଲ କରି କାର୍ଯ୍ୟ କରିପାରିବେ।

ସେହିପରି ବିଲ୍ଡିଂ ପ୍ଲାନ୍ ଅନୁମୋଦନ କ୍ଷେତ୍ରରେ ବିକାଶ କର୍ତ୍ତୃପକ୍ଷ, ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ କିମ୍ବା ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ଅଧୀନରେ ଥିବା ହୋମଷ୍ଟେଗୁଡ଼ିକ ପାଇଁ ଏହା ବାଧ୍ୟତାମୂଳକ କରାଯାଇଛି। ଏହି କର୍ତ୍ତୃପକ୍ଷଙ୍କ କ୍ଷେତ୍ରାଧିକାର ବାହାରେ ଥିବା ଗ୍ରାମାଞ୍ଚଳ ହୋମଷ୍ଟେ କ୍ଷେତ୍ରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୨୦୧୮ ଜୁନ୍ ୭ ତାରିଖର ନିର୍ଦ୍ଦେଶନାମା ଅନୁସାରେ କେବଳ ୫୦୦ ପୃଷ୍ଠା-୬

# ପଦରାଜ ଉମାକାନ୍ତ ନାୟକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, ଶିକ୍ଷାଦାନ ଶୈଳୀ ଓ ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ଆଳିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦରାଜ ଉମାକାନ୍ତ ନାୟକ ୨୦୨୬ ମସିହାର ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଶ୍ରୀ ନାୟକ ୨୦୦୪ ଫେବୃଆରୀ ୨୦ ତାରିଖରେ ବାରମୁଣ୍ଡଳୀସ୍ଥିତ ମରୀଚପୁର ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ନିଜର ଶିକ୍ଷାଦାନ ଜୀବନ ଆରମ୍ଭ କରିଥିଲେ। ଅଭିଜ୍ଞତାଭିତ୍ତିକ ଓ ସୃଜନଶୀଳ ଶିକ୍ଷାଦାନ ମାଧ୍ୟମରେ ଶ୍ରେଣୀଗୃହ ଶିକ୍ଷାଦାନର ମାନ ବୃଦ୍ଧି କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ୨ଟି ଅନ୍ତର୍ଜାତୀୟ ଓ ୪ଟି ଜାତୀୟ ସମ୍ମିଳନୀରେ ଶିକ୍ଷାଦାନ ପଦ୍ଧତି ସମ୍ପର୍କିତ ଗବେଷଣାପତ୍ର ଉପସ୍ଥାପନ କରିଛନ୍ତି।

ରାଜ୍ୟ ବୋର୍ଡ ବିଜ୍ଞାନ ପାଠ୍ୟପୁସ୍ତକକୁ ଆଧାର କରି ତାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ବିଜ୍ଞାନାଗାରରେ ପରୀକ୍ଷା' ପ୍ରକାଶିତ ହୋଇଛି। ଏହି ପୁସ୍ତକରେ ସ୍କୁଲ ଲାବ୍ରୋଟୋରୀ ଏବଂ ଘରେ ମିଳୁଥିବା ସହଜଲଭ୍ୟ ସାମଗ୍ରୀକୁ ବ୍ୟବହାର କରି ପୃଷ୍ଠା-୬

### ଏନ୍‌ଟିପିସି କୋଇଲା ବଙ୍କରରେ ବିସ୍ଫୋରଣ

# ଯାଞ୍ଚ ପାଇଁ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ




ତାଳଚେର, ୨୨।୮ (ସଂଚାର ବ୍ୟୁରୋ): କଣିହାଁସ୍ଥିତ ଏନଟିପିସି ପ୍ଲାଣ୍ଟରେ ବିସ୍ଫୋରଣ ହୋଇଛି। କଣିହାଁସ୍ଥିତ ଏନଟିପିସି ପ୍ଲାଣ୍ଟରେ ଗତକାଲି ରାତିରେ ୧ ନମ୍ବର ସିଏଚପି ବଙ୍କର ବ୍ଲାଷ୍ଟ ହୋଇଥିବା ଜଣାପଡ଼ିଛି। ବିସ୍ଫୋରଣରେ କୋଇଲା ବଙ୍କର-ଓ୍ୱାନରେ କାମ କରୁଥିବା ୫ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା ବେଳେ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଏନଟିପିସି ପକ୍ଷରୁ ସୂଚନା ଦିଆଯାଇଛି। ଆହତମାନେ ହେଲେ ସୁଶାନ୍ତ ସାହୁ, କିଶୋର ପ୍ରଧାନ, ବଳରାମ ପ୍ରଧାନ ଓ ଗୁରୁତରମାନେ ହେଲେ ଖଗେଶ୍ୱର ସାହୁ ଓ ସୁକଦେବ ଭୂତିଆ। ଏନଟିପିସି ପକ୍ଷରୁ ଜାରି ସୂଚନାନୁସାରେ, ଗତକାଲି ତାରିଖ ରାତି ପ୍ରାୟ ସାଢ଼େ ୧୨ଟାରେ କଣିହାଁ ପ୍ଲାଣ୍ଟ ୟୁନିଟ-ଓ୍ୱାନ୍, ବଙ୍କର-୧ରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଖବର ପାଇ କାମ କରୁଥିବା ଶ୍ରମିକ, ଏନଟିପିସି ସିଆଇଏସଏଫର କର୍ମଚାରୀ ଓ ଏନଟିପିସିର ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ଶ୍ରମିକମାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ ଚିକିତ୍ସା ପାଇଁ ଏନଟିପିସି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଶ୍ରମିକ ଏନଟିପିସି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ୨ ଗୁରୁତର ଆହତ ଶ୍ରମିକଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏଥିସହ ଦୁର୍ଘଟଣା କିପରି ଘଟିଲା, ତା'ର ଯାଞ୍ଚ ପୃଷ୍ଠା-୬

# ସର୍ପ ଦଂଶନରେ ଗଲା ୨ ଜୀବନ, ଜଣେ ଗୁରୁତର



ଖଡ଼ିଆଳ,୨୨।୮(ସଂଚାର ବ୍ୟୁରୋ): ନୂଆପଡ଼ା ଜିଲ୍ଲା ସିନାପାଲି ଥାନାଞ୍ଚଳରେ ସାପ କାମୁଡ଼ାରେ ଦୁଇ ଜଣଙ୍କ ଜୀବନ ଯାଇଛି। ସେମାନେ ସମ୍ପର୍କରେ କାକା ପୁତୁରା ହୋଇଥିବା ବେଳେ ଅନ୍ୟ ଜଣେ ଶ୍ରମିକ ମଧ୍ୟ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଗୁରୁତର ଶ୍ରମିକ ଜଣଙ୍କ ତୁଳସୀ ବଗର୍ତ୍ତୀ (୪୫) ଏବେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନାନୁଯାୟୀ, ସିନାପାଲି ଥାନା ଅନ୍ତର୍ଗତ ଗୋଲଧା ନିକଟରେ ଏକ ବ୍ରିଜ୍ ନିର୍ମାଣ କାମ ଚାଲିଛି। ତେବେ ଗତକାଲି ରାତିରେ ଶ୍ରମିକମାନେ ଖାଇପିଇ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କ୍ୟାମ୍ପ୍‌ରେ ପଶି ତିନି ଜଣଙ୍କୁ କାମୁଡ଼ିଥିଲା। ଅନ୍ୟ ଶ୍ରମିକମାନେ ଏହା ଜାଣିବା ପରେ ସମସ୍ତଙ୍କୁ ତୁରନ୍ତ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ପରୀକ୍ଷା କରିବା ପରେ କାକା-ପୁତୁରାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଦ୍ୱୟ ହେଲେ ସିନାପାଲି ଥାନା ଅନ୍ତର୍ଗତ ଚଚରାଭଟା ଗାଁର ଦଇତାରି ତାଣ୍ଡି ଓ ଭରତ ତାଣ୍ଡି।



## ଗୃହମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକ

ନୂଆଦିଲ୍ଲୀ,୨୨।୮: ଦେଶର ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ଭାବେ ପରିଚିତ ସିଲିଗୁଡ଼ି କରିଡର ବା ଚିକେନ୍ ନେକ୍‌ର ସୁରକ୍ଷାକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପଶ୍ଚିମବଙ୍ଗ ପ୍ରଶାସନ ଓ କେନ୍ଦ୍ରୀୟ ସୁରକ୍ଷା ବାହିନୀର ବରିଷ୍ଠ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏହି ବୈଠକରେ ଦେଶର ପୂର୍ବ ସୀମାର ସୁରକ୍ଷା ସ୍ଥିତିର ସମୀକ୍ଷା କରାଯାଇଛି। ବିଶେଷକରି ସିଲିଗୁଡ଼ି କରିଡରର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ରୀୟ ସୁରକ୍ଷା ବାହିନୀ, ଗୁଇନ୍ଦା ସଂସ୍ଥା ଏବଂ ରାଜ୍ୟ ପ୍ରଶାସନ ମଧ୍ୟରେ ସମନ୍ୱୟକୁ ଆହୁରି ମଜବୁତ କରିବା ନେଇ ମଧ୍ୟ ଆଲୋଚନା ହୋଇଛି।

## ତହସିନ ପୁନାୱାଲା ଗୃହବନ୍ଦୀ



ନୂଆଦିଲ୍ଲୀ,୨୨।୮: ଚିନି ଦୁର୍ନୀତି ବିରୋଧରେ ଜନ୍ତର ମନ୍ତରରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଶନିବାର ଘରୁ ବାହାରିବା ମାତ୍ରେ ଦିଲ୍ଲୀ ପୁଲିସ ତାଙ୍କୁ ନଜର ବନ୍ଦୀ କରିଥିବା ସାମାଜିକ କର୍ମୀ ତହସିନ ପୁନାୱାଲା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ସରକାରଙ୍କ ଯେଉଁ ନୀତି କାରଣରୁ ଦେଶରେ ଚିନି ଦର ବଢୁଛି ସେଥିରୁ ରାଜନୈତିକ ରୂପେ ପ୍ରଭାବଶାଳୀ ଲୋକଙ୍କ ଲାଭ ହେଉଛି। ହେଲେ ଖାଉଟିଙ୍କୁ ଏ ବାବଦରେ ଅର୍ଥ ପଇଠ କରିବାକୁ ପଡୁଛି। ସେ ଚିନି ଦର ବୃଦ୍ଧି ସହ ଇ-୨୦ ଇନ୍ଧନକୁ ନେଇ ପ୍ରତିବାଦ କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ପୁନାୱାଲା ଏକ୍ସରେ ପୋଷ୍ଟ କରିଛନ୍ତି। ପୁନାୱାଲା କହିଛନ୍ତି ଯେ ତାଙ୍କଦ୍ୱାରା ସ୍ଥାପିତ 'ନାଗରିକ ଅଧିକାର ସମୂହ' ଦେଶରେ ବଢୁଥିବା ଚିନି ଦର ବିରୋଧରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଛି, ଯାହାକୁ ସେ 'ଚିନି ଦୁର୍ନୀତି' ବୋଲି କହୁଛନ୍ତି।



## କାନ ଡେରିଥା

ରାଇଜ କଂଗ୍ରେସ ଫିକାଫିକା ଏଠି
କାଁ ଭାଁ ଗର୍ଜନ ଶୁଭୁଛି
ମୁଖିଆଙ୍କ ପରା ସୋର ଶବ୍ଦ ନାହିଁ
ନିର୍ଜନ ନିର୍ଜନ ଲାଗୁଛି
ଫାଇଟ ଆଗକୁ ଆସୁଛି...
ଏଇମିତି ଯଦି ଦଳ ଗଢ଼ା ହେବ
ଫଳାଫଳ ଯାହା ଭାବୁଛି।

■ ଦେବାଶିଷ

# ପନୀର ଦୋକାନରେ ଚଢ଼ାଉ: ପ୍ରଚାର ପ୍ରବଳ

- ଧରା ପଡୁନାହାନ୍ତି ପ୍ରସ୍ତୁତକର୍ତ୍ତା
- ଅନ୍ଧାରରେ ସାଧାରଣ ଖାଉଟି



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ଖାଦ୍ୟ ସୁରକ୍ଷା ଅଧିକାରୀମାନେ ରାଜଧାନୀ ସମେତ କଟକ ଆଦି ସହରରେ ପନୀର ଓ ଛେନା ଦୋକାନଙ୍କ ଉପରେ ଚଢ଼ାଉ କରି ନିମ୍ନମାନର ଅପମିଶ୍ରିତ ସାମଗ୍ରୀ ନଷ୍ଟ କରୁଥିବା ବେଳେ ଏଥିରେ କିଛୁ ଚଢ଼ାଉ କମ୍ ଓ ପ୍ରଚାର ଅଧିକ ଥିବା ଲକ୍ଷ୍ୟ କରାଯାଉଛି। ଫଳରେ ଛୋଟ ଦୋକାନୀମାନେ କ୍ଷତି ସହୁଥିବା ବେଳେ ପ୍ରସ୍ତୁତକର୍ତ୍ତାମାନେ ସହଜରେ ଖସିଯାଉଛନ୍ତି।

ବଜାରରେ ନିମ୍ନ ମାନର ଛେନା ଓ ପନୀର ବିକ୍ରି ନେଇ ଅଭିଯୋଗ ଆସିବା ପରେ ପ୍ରଥମେ କଟକ ମହାନଗରରେ ଖାନତଲାସୀ ହୋଇଥିଲା। ଗୋଟିଏ ଦିନରେ ୧୪ କ୍ୱିଣ୍ଟାଲ ଅପମିଶ୍ରିତ ପନୀର ଜବତ ହେବା ସହ ତାହାକୁ ନଷ୍ଟ କରାଯାଇଥିଲା। ପରଦିନ ରାଜଧାନୀରେ ସମାନ ଢଙ୍ଗରେ ଢ଼ୋଉ ହେବା ସହ ଅପମିଶ୍ରିତ ଛେନା ଓ ପନୀର ଜବତ ହେଲା। ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଚଢ଼ାଉ ସମୟରେ ମାଳ ମାଳ ଇଲେକଟ୍ରୋନିକ ମିଡିଆ ଉପସ୍ଥିତ ରହୁଥିବା ଦେଖିବାକୁ ମିଳିଥିଲା। ତେବେ ରାଜଧାନୀରେ ବିକ୍ରି ହେଉଥିବା ପ୍ରାୟ ସମସ୍ତ ଛେନା ଓ ପନୀର ଆଖପାଖ ଅଞ୍ଚଳରୁ ଆସିଥାଏ। ଏଗୁଡ଼ିକ ସାଧାରଣତଃ ନିମାପଡ଼ା, ନିଆଳି, ଗୋପ ଆଦି ଅଞ୍ଚଳରୁ ଆସୁଥିବା ବେଳେ ପ୍ରସ୍ତୁତିସ୍ଥଳ କିମ୍ବା ପରିବହନ ସମୟରେ ରାସ୍ତାରେ ଏହାର ଯାଞ୍ଚ ହୁଏନାହିଁ। ଏହା ଫଳରେ ଶେଷ ମୁଣ୍ଡରେ ଏହାକୁ ବିକ୍ରି କରୁଥିବା ଛୋଟ ବ୍ୟବସାୟୀଟି କ୍ଷତିଗ୍ରସ୍ତ ହେଉଛି, ଯାହା ନିକଟରେ ଅପମିଶ୍ରଣ ସଂକ୍ରାନ୍ତରେ ଜାଣିବାର କୌଣସି ସାଧନ ନାହିଁ। ତେବେ ରାଜଧାନୀରେ ଚଢ଼ାଉ ସମୟରେ ଖାଦ୍ୟ ସୁରକ୍ଷା ଅଧିକାରୀ ଉତ୍ପାଦନ ସ୍ଥଳରେ ଯାଞ୍ଚ କରାଯିବ ବୋଲି ଗଣମାଧ୍ୟମକୁ କହିଥିଲେ। ପରଦିନ ନିଆଳି ଓ ନିମାପଡ଼ା ଅଞ୍ଚଳକୁ ଯାଇଥିବା ଟିମ୍ ଖାଲି ହାତରେ ଫେରିଥିଲା। ପ୍ରଚାର ପାଇଁ ଅଧିକାରୀଙ୍କ ତତ୍ପରତା ଯୋଗୁଁ ଏଭଳି ହେଲା ବୋଲି କୁହାଯାଉଛି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, କେବଳ ପନୀର କିମ୍ବା ଛେନା ନୁହେଁ, ଅପମିଶ୍ରିତ ମସଲା, ଘିଅ, ସସ୍ ଆଦି ସଂକ୍ରାନ୍ତରେ ପ୍ରଥମେ କଟକରେ ଚଢ଼ାଉ ହେଲା ପରେ ରାଜଧାନୀରେ ହେଉଛି। ଏହାଛଡ଼ା ଗଣମାଧ୍ୟମକୁ ଆଗରୁ ସୂଚନା ଦେଇ ବାବୁମାନେ ଚଢ଼ାଉ କରୁଥିବାରୁ ବ୍ୟବସାୟୀମାନେ ସତର୍କ ହୋଇଯାଉଛନ୍ତି। ଅଧିକାରୀମାନେ ଚଢ଼ାଉର ବିବରଣୀ କ୍ୟାମେରା ଆଗରେ ବର୍ଣ୍ଣନା କରୁଥିବା ବେଳେ ପରବର୍ତ୍ତୀ ସମୟରେ ଏହି ଅପମିଶ୍ରଣକାରୀ କିମ୍ବା ବିକ୍ରେତାଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତାହାର ସୂଚନା ସାଧାରଣ ଲୋକେ ପାଉନାହାନ୍ତି।

ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଧର୍ମକୁ ଆଖି ଠାର ମାରିଲା ଭଳି ମଝିରେ ମଝିରେ ଛେନା, ପନୀର ଭଳି ଦୋକାନରେ ଚଢ଼ାଉ କରୁଥିବା ବେଳେ ସହର ସାରା ବିକ୍ରି ହେଉଥିବା ରଙ୍ଗବୋଳା ଚଟ୍‌ପଟି ଖାଦ୍ୟ, ନିମ୍ନମାନର ମାଂସ, ମାଛ ଦୋକାନ ଆଡ଼େ ନଜର ପକାଉ ନ ଥିବା ଆଲୋଚନା ହେଉଛି। ସେହିଭଳି ବଡ଼ ବଡ଼ ହୋଟେଲରେ ଚଢ଼ାଉ କରାଯିବା ସହ ରାଜ୍ୟ ବାହାରୁ ଆସୁଥିବା ଖାଦ୍ୟ ସାମଗ୍ରୀ ଉପରେ ସେଭଳି ଚଢ଼ାଉ ହେଉନାହିଁ। ସହରସାରା ଛତୁ ଫୁଟିଲା ଭଳି ଖୋଲିଥିବା ଫାଷ୍ଟଫୁଡ୍ ଓ ନୂଆ ନୂଆ ଖୋଲିଥିବା ଖାଓଗଳିରେ କେଉଁ ମାନର ଖାଦ୍ୟ ବିକ୍ରି ହେଉଛି, ସେଥିପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ଧନୁର୍ଜୟ ବିଶ୍ୱାଳ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



କେନ୍ଦ୍ରାପଡ଼ା,୨୨।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଧନୁର୍ଜୟ ବିଶ୍ୱାଳ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ସଭାପତି ଶ୍ରୀଯୁକ୍ତ ଭଗବାନ ବିଶ୍ୱାଳଙ୍କ ନେତୃତ୍ୱରେ ଏବଂ ଘାଗରର ପୂର୍ବତନ ସରପଞ୍ଚ ନାରାୟଣ ଚନ୍ଦ୍ର ପରିଡାଙ୍କ ତତ୍ୱାବଧାନରେ ତରଡ଼ିପାଳ, ପେଣ୍ଟପାଳ, ଘାଗରାଡିଆ ଓ ତୁଳସୀଡିଆ ପ୍ରଭୃତି ବିଭିନ୍ନ ବନ୍ୟା ପ୍ଲାବିତ ଅଞ୍ଚଳ ମାନଙ୍କରେ ଚୁଡା, ଗୁଡ଼, ସୁଜୀ, ଅଟା, ଗୋଖାଦ୍ୟ, ବିସ୍କୁଟ ଓ ପାନୀୟ ଜଳ ପ୍ରଭୃତି ବଣ୍ଟନ କରା ଯାଇଥିବା ଦେଖିବାକୁ ମିଳିଥିଲା । ଅନ୍ୟ ମାନଙ୍କ ମଧ୍ୟରେ ୧୫ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ପ୍ରିୟଦର୍ଶିନୀ ତରାଇ, ତରଡିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ନାୟକ, ଅରୂପାନନ୍ଦ ବିଶ୍ୱାଳ, କଟକର ଓଡିଶା ଜନତା କଂଗ୍ରେସ ଦଳର ସମ୍ପାଦକ ଅଜୟ କୁମାର ରାଉତ, ହରମନ ବିଶ୍ୱାଳ, ସୁବାଶିଷ ବିଶ୍ୱାଳଙ୍କ ସମେତ ପେଣ୍ଟପାଳ ବିଜେଡି ସଭାପତି କେଦାର ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ବନ୍ୟା ଅଞ୍ଚଳରେ ବୃଦ୍ଧ ଓ ବୃଦ୍ଧାମାନଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ ଓ ଖାଦ୍ୟ ପୁଡିଆ ବଣ୍ଟନରେ ସମସ୍ତ ସହାଯ୍ୟ ସହଯୋଗ କରିଥିଲେ ।

## ରେଡିଓଗ୍ରାଫରଙ୍କୁ ଡାକ୍ତରଙ୍କ ଆକ୍ରମଣ

### ଏକ୍ସ-ରେ ବନ୍ଦ କରି ଧାରଣାଦେଲେ କର୍ମଚାରୀ

### ସିଡିଏମଓଙ୍କ ଆଲୋଚନା ପରେ ସ୍ୱାଭାବିକ ହେଲା ପରିସ୍ଥିତି



କେନ୍ଦ୍ରାପଡ଼ା,୨୨।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏକ୍ସରେ ରୁମ୍‌ରେ କାର୍ଯ୍ୟରତ ଜୁନିୟର ରେଡିଓ ଗ୍ରାଫର ସତ୍ୟବ୍ରତ ରାଉତଙ୍କୁ ଡାକ୍ତର ରଙ୍ଗନିଧି ବେହେରା ଆକ୍ରମଣ କରିବା ସହ ଏକ୍ସରେ ମେସିନ୍‌ରେ ବ୍ୟବହୃତ କ୍ୟାସେଟ୍ ଭାଙ୍ଗି ଦେଇଥିଲେ । ରେଡିଓ ଗ୍ରାଫରଙ୍କୁ ମାଡ଼ ମାରୁଥିବା ବେଳେ କର୍ମଚାରୀ ଜଣଙ୍କ ମୋବାଇଲରେ ଭିଡିଓ ଉତ୍ତୋଳନ କରିବାରୁ ତାଙ୍କ ଠାରୁ ମୋବାଇଲ ଛଡ଼ାଇ ନେଇଥିଲେ ଡାକ୍ତର ବେହେରା ।

ଏଠାରେ ସୂଚନାଯୋଗ୍ୟ ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏକ୍ସରେ ରୁମ୍‌ରେ ଶୁକ୍ରବାର ରାତିରେ ରେଡିଓ ଗ୍ରାଫର ସତ୍ୟବ୍ରତ ରାଉତ ଓ ଡା. ରଙ୍ଗନିଧି ବେହେରା ଡ୍ୟୁଟିରେ ଥିଲେ । ରାତି ପ୍ରାୟ ୪ଟାରେ ଜଣେ ରୋଗୀ ଏକ୍ସରେ କରିବାକୁ ଆସିଥିବା ବେଳେ ଏକ୍ସରେ ରୁମ୍ କବାଟ ବାଡେଇଥିଲେ । ୧୫ମିନିଟ୍ ପରେ କର୍ମଚାରୀ ଜଣଙ୍କ କବାଟ ଖୋଲିବା ପରେ ରୋଗୀଙ୍କ ଏକ୍ସରେ କରିଥିଲେ । ଏହା ପରେ ହଠାତ୍ ଡା. ରଙ୍ଗନିଧି ବେହେରା ଏକ୍ସରେ ରୁମ୍‌କୁ ଆସି କର୍ମଚାରୀ ଜଣଙ୍କୁ କାହିଁକି ତମେ ରାତିରେ ଶୋଇଥିଲ କହି ବିଭିନ୍ନ ପ୍ରକାର ଦୁର୍ବ୍ୟବହାର କରିବା ସହ ମାଡ଼ ମାରି ତାଙ୍କ ମୋବାଇଲ ଛଡ଼ାଇ ନେଇ ଫାଣ୍ଡିରେ ଦେଇଦେଇଥିଲେ। ଘଟଣା ସମ୍ପର୍କରେ ରେଡିଓ ଗ୍ରାଫର ତାଙ୍କ ଇନଚାର୍ଜ ମାଡାମଙ୍କୁ ଡାକ୍ତର ତାଙ୍କୁ ମାଡ଼ ମାରିଥିବା ନେଇ ଅବଗତ କରାଇଥିଲେ । ଏହା ପରେ ଇନ୍‌ଚାର୍ଜରେ ଥିବା ଗୀତାଞ୍ଜଳି ଜେନା ସମୟ ପାଖାପାଖି ୪.୩୦ମିନିଟରେ ମେଡିକାଲ ଏଡିଏମଓ ଡା. କିଶୋର ଚନ୍ଦ୍ର ମିଶ୍ରଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ଏଡିଏମଓ ଘଟଣାସ୍ଥଳକୁ ହସ୍ପିଟାଲ ମ୍ୟାନେଜରକୁ ପଠାଇବା ପରେ କର୍ମଚାରୀଙ୍କ ଠାରୁ ଡାକ୍ତର ଛଡାଇ ନେଇଥିବା ମୋବାଇଲକୁ ଫାଣ୍ଡିରୁ ଆଣି କର୍ମଚାରୀଙ୍କୁ ଦେଇଥିଲେ । ଏହା ପରେ ସକାଳ ଡ୍ୟୁଟିରେ କର୍ମଚାରୀ ମାନେ ଆସିବା ପରେ ତାଙ୍କ ମେଡିକାଲ ଏଡିଏମ୍‌ଓ ରାଜ୍ୟ ସଂଘକୁ ଏ ବିଷୟରେ ଅବଗତ କରାଇଥିଲେ । ଏହା ପରେ କର୍ମଚାରୀମାନେ ରୋଗୀ ସେବା ବନ୍ଦ କରି ନ୍ୟାୟ ଦାବିରେ ଧାରଣାରେ ବସି ରହିଥିଲେ । ଫଳରେ କିଛି ସମୟ ଧରି ରୋଗୀ ଏକ୍ସରେ କରିବା ପାଇଁ ଅପେକ୍ଷାରେ ବସି ରହିଥିଲେ।

ଖବର ପାଇ ସିଡିଏମଓ ଡା. ନମିତା ପଟ୍ଟନାୟକ ମେଡିକାଲରେ ପହି ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ କର୍ମଚାରୀ ମାନଙ୍କ ସହ ଆଲୋଚନା କରିବା ସହ ୭୨ଘା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହେବା ସହ କର୍ମଚାରୀମାନେ ରୋଗୀ ସେବା ପୂର୍ବବତ୍ ଜାରି ରଖିଥିଲେ । କର୍ମଚାରୀ ମାନେ ସିଡିଏମଓଙ୍କୁ ଡା. ରଙ୍ଗନିଧି ବେହେରାଙ୍କ ବିରୋଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଦାବିପତ୍ର ଦେଇଥିଲେ ।

ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରେଡିଓ ଗ୍ରାଫର ସତ୍ୟବ୍ରତ ରାଉତଙ୍କ ଉପରେ ହୋଇଥିବା ମରଣାତ୍ମକ ଆକ୍ରମଣର ପ୍ରତିବାଦରେ ଅଲ୍ ଓଡିଶା ରେଡିଓ ଗ୍ରାଫର ଆସୋସିଏସନ୍ ସର୍ଭିସ୍ ପକ୍ଷରୁ କେନ୍ଦ୍ରାପଡ଼ାର ସିଡିଏମଓ ଏବଂ ମେଡିକାଲ ସୁପରିଟେଣ୍ଡେଟ୍‌ଙ୍କୁ ସ୍ମାରଣପତ୍ର ଦିଆଯାଇଛି । ରାଜ୍ୟ ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଉକ୍ତ ଘଟଣାକୁ ଦୃଢ଼ ନିନ୍ଦା କରାଯିବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନହେବା ପାଇଁ ଆଲୋଚନା କରାଯାଇଥିବା ସୂଚନା ଦିଆଯାଇଛି ।

## ଓଡ଼ିଶା କୁବେର ସଂଘ ପକ୍ଷରୁ ରିଲିଫ ବଣ୍ଟନ



ଆଳି,୨୨।୮(ସଂଚାର ବ୍ୟୁରୋ): ପତ୍ରପୁର ଓ ନରେନ୍ଦ୍ରପୁର ପଞ୍ଚାୟତର ଗୋପାଳପୁର, ପତ୍ରପୁର ଦରଘା ପାଖ କଣ୍ଡିଆ ଅଞ୍ଚଳରେ ଦୀର୍ଘ ଦିନ ହେବ ବନ୍ୟା ପାଣି ଘେରରେ ଅତି ଦୟନୀୟ ଅବସ୍ଥାରେ ରହିଥିବା ଜଳବନ୍ଦୀ ପରିବାରକୁ ଓଡ଼ିଶା କୁବେର ସଂଘ,ଆଳି ପତ୍ରପୁର ତରଫରୁ ଚୁଡା ଚିନି ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ପଦାର୍ଥ ବଣ୍ଟନ କରାଯାଇଛି। କୁବେର ସଂଘର କର୍ମକର୍ତ୍ତା ମାନେ ଡୁଙ୍ଗି ଡଙ୍ଗା ସାହାଯ୍ୟରେ ଘରକୁ ଘର ବୁଲି ବନ୍ୟା ପାଣି ଘେରରେ ରହିଥିବା ଅବସର ପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରିଲିଫ ବଣ୍ଟନ କରିଥିଲେ। ସମ୍ପାଦକ ଗୋଲେଖ ଚନ୍ଦ୍ର ସାହୁ ଓ ଅଭୟ କୁମାର ସାହୁଙ୍କ ନେତୃତ୍ୱରେ , ପରମେଶ୍ୱର ସାହୁ, ରବିନ୍ଦ୍ର କୁମାର ସାହୁ, ପରମେଶ୍ୱର ସାହୁ, ଦୀନବନ୍ଧୁ ସାହୁ, ରାମଚନ୍ଦ୍ର ସାହୁ,ଅଭୟ କୁମାର ସାହୁ, କାଳନ୍ଦୀ ଚରଣ ସାହୁ, କେଶବ ଚରଣ ସାହୁ ଟୁକୁନି ସାହୁ ଓ ମଧୁସୂଦନ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦାନ କରି ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ।

## ଧୋୟାଞ୍ଚଳର ବନ୍ୟା ବିପନ୍ନଙ୍କୁ ଭେଟିଲେ ଦୁଇ ପ୍ରତାପ



ଆଳି,୨୨।୮(ସଂଚାର ବ୍ୟୁରୋ): ଆଳି ବ୍ଲକ୍ ଧୋୟା ଅଞ୍ଚଳରେ ଦ୍ୱିତୀୟ ବନ୍ୟାରେ ଲୋକମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏହି ପରିପେକ୍ଷୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ନିଯୁକ୍ତି କରିଥିବା ବେଳେ ଶୁକ୍ରବାର ଦିନ ଆଳି ବ୍ଲକର ବିଧାୟକ ପ୍ରତାପ କେଶରୀ ଦେବ ଧୋୟାଞ୍ଚଳ ଯନ୍ତ୍ର ଚାଳିତ ଡଙ୍ଗାରେ ଗସ୍ତ କରି ବନ୍ୟା ବିପନ୍ନ ପରିବାରଙ୍କୁ ଭେଟିଛନ୍ତି। ଗୋବିନ୍ଦପୁର ପଞ୍ଚାୟତ ପଦିନୀପାଳ, ଜିମିରିପାଳ, କେନ୍ଦୁଆପାଳ, ଅଙ୍ଗଳେ, ଗୁଆଣିଆ, ଦେସାହି, ମଧୁବନ ପାଳିମୀ, ସଂସିଆ ଆଦି ଜଳବନ୍ଦୀ ଅଞ୍ଚଳ ଗସ୍ତ କରି ଶୁଖିଲା ଖାଦ୍ୟ ପାନୀୟ ଜଳ ବଣ୍ଟନ କରିଥିଲେ। ଏବଂ ବନ୍ୟାରେ ସେମାନଙ୍କୁ ସରକାର ସୁବିଧା ଯୋଗାଇ ନ ଦିଆଯାଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଥିଲେ ।

ଅନ୍ୟ ପଟେ ପ୍ରଶାସନ ଚୁଡା ଗୁଡ ପାଣି ଦେଇଥିବା ବେଳେ ଯାହା ସମୁଦ୍ରକୁ ଶଙ୍ଖେ ବୋଲି

### ବନ୍ୟାଞ୍ଚଳ ଘୋଷଣା କରିବାକୁ ଦାବି

ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଥିବା ବେଳେ ଖୁବ ଶୀଘ୍ର ଜଳବନ୍ଦୀ ଲୋକଙ୍କ ସୁବିଧା କରିବା ଶହ ସାତ ଦିନ ପାଇଁ ରିଲିଫ ଓ ଚାଷୀଙ୍କ କ୍ଷୟ କ୍ଷତି ଆକଳନ, କୃଷି ଋଣ ଛାଡ଼ କରିବା ଓ କେନ୍ଦ୍ରାପଡ଼ା ଜିଲ୍ଲା କୁ ବନ୍ୟା ଅଞ୍ଚଳ ଘୋଷଣା କରିବାକୁ ଦାବି କରିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା। ତାଙ୍କ ସହିତ ଥିଲେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ମୋନେରଞ୍ଜନ ସାମଲ । ଅନ୍ୟପଟରେ ସାଧାରଣ ଲୋକ, ଗୃହପାଳିତ ପଶୁ ସମସ୍ତେ ଜଳବନ୍ଦୀ ଅବସ୍ଥାରେ ଭୋକ ଉପାସରେ ଦିନ କାଟୁଥିବା ବେଳେ ଗୋ ଖାଦ୍ୟ ସହ ପ୍ରଚୁର ପରିମାଣରେ ଔଷଧ ଯୋଗାଇବା ପାଇଁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ସରକାର ପାଖରେ ଦାବି କରିଛନ୍ତି।

## ତୁଳସୀକ୍ଷେତ୍ରରେ ଝୁଲଣ ଯାତ୍ରା



କେନ୍ଦ୍ରାପଡ଼ା,୨୨।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଝୁଲଣ ଯାତ୍ରା ମହା ଆଡମ୍ବର ରେ ପାଳନ ହୋଇଛି । ମନ୍ଦିରରୁ ବିଜେ ରାଧା କୃଷ୍ଣ ପୂଜା ପଣ୍ଡାଙ୍କ ଦ୍ୱାରା ଅଳଙ୍କାର ଆଭୂଷଣରେ ସଜ୍ଜିତ ହୋଇ ଝୁଲଣ ଗୃହକୁ ବିଜେ କରିଥିଲେ । ବିଜେପରେ ନାମ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଭକ୍ତଙ୍କ ବେଶ୍ ଭିଡ ଜମିଥିଲା ସାତଦିନ ବ୍ୟାପୀ ଏହି ଝୁଲଣ ଯାତ୍ରା ଅନୁଷ୍ଠିତ ହେବ । ପ୍ରତେହ ଦିନ ଭଜନ ଜଣାଣ ଚମ୍ପୁ ଗୀତ ଗୋବିନ୍ଦ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ସେବାୟତ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ସେବା କାର୍ଯ୍ୟ




ପଟ୍ଟାମୁଣ୍ଡାଇ,୨୨।୮(ସଂଚାର ବ୍ୟୁରୋ):ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବ୍ରହ୍ମଣୀ ନଦୀରେ ଆସିଥିବା ବନ୍ୟାରେ ପାଣି ଘେରରେ ଥିବା ପେଣ୍ଟପାଳ ଗ୍ରାମ ପଂଚାୟତର ୨ଟି ଗାଁ କୁଳସାହି, ବାଲିଗିରାର ୩୨୦ ପରିବାର ଓ ଦାଣ୍ଡିସାହି ଗ୍ରାମର ୪୦ ପରିବାରକୁ କିଛି ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଯାଇଛି। ହେଡ଼ଗେୱାର ସେବା ଟ୍ରଷ୍ଟ କେନ୍ଦ୍ରାପଡ଼ା ର ସହାୟତା ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ୩୦ରୁ ଉର୍ଦ୍ଧ ସ୍ୱୟଂ ସେବକ ମାନେ ଜିଲ୍ଲା କାର୍ଯ୍ୟବାହ ବିନୋଦ ବିହାରୀ ଦାସଙ୍କ ନେତୃତ୍ୱ ରେ ଏହି ସେବା କାମ କରାଯାଇଛି। ଏଥିରେ ସଙ୍ଘର ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ଦୀପ୍ତି ରଞ୍ଜନ ଜେନା, ପ୍ରଚାରକ ପ୍ରସଂଜିତ ଭାଇ, ସ୍ମୃତିରଞ୍ଜନ ପରିଡା, ପଞ୍ଚାନନ ମାହୁନ୍ତ, ଗିରିଧାରୀ ମଲ୍ଲିକ, ମଦନ ମୋହନ ପ୍ରଧାନ, ରାଜେନ୍ଦ୍ର ଗିରି, ନୀଳମାଧୱ ସାହୁ ତଥା ଅନେକ ସ୍ୱୟଂସେବକ ମାନେ ସହଯୋଗ କରିଥଲେ।

## ପ୍ରତିଷ୍ଠିତ ବ୍ୟବସାୟୀ ହାଜି ରହେମତଙ୍କ ବିୟୋଗ



କେନ୍ଦ୍ରାପଡା,୨୨।୮(ସଂଚାର ବ୍ୟୁରୋ):କେନ୍ଦ୍ରାପଡା ସହରର ବିଶିଷ୍ଟ ବ୍ୟବସାୟୀ ସମାଜସେବୀ ହାଜି ମିର୍ ରହେମତ ଅଲ୍ଲୀଙ୍କ ୮୨ବର୍ଷ ବୟସରେ ନିଧନ ହୋଇଛି । ତାଙ୍କ ବିୟୋଗ ଖବର ପାଇଁ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତି ଗରାପୁରସ୍ଥିତ ବାସସ୍ଥାନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସ୍ୱର୍ଗତ ଅଲ୍ଲୀ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ଦେହାନ୍ତ ହୋଇଯାଇଥିଲା । ହାଜି ରହେମତ କେନ୍ଦ୍ରାପଡା ସହରରେ ମୟୂରୀ ଗ୍ରୁପ ବ୍ୟବସାୟ ପ୍ରତିଷ୍ଠାନ ପ୍ରତିଷ୍ଠାକରି ବ୍ୟବସାୟ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିଥିଲେ । ଏହା ସହିତ ରାଜନୈତିକ ଦଳରେ ସାମିଲ ହୋଇ ସହରର ବିକାଶ କାର୍ଯ୍ୟରେ ତାଙ୍କର ଭୂମିକା ଥିଲା । ସମାଜ ସେବା ତାଙ୍କର ନିଶା ଥିଲା । ଶହ ଶହ ଗରିବ ପିଲାମାନଙ୍କୁ ଶିକ୍ଷାକ୍ଷେତ୍ରରେ ସଂପୂର୍ଣ୍ଣ ସହଯୋଗ କରୁଥିଲେ । ଜୀବନରେ ସେ ୫ଥର ହଜ କରି ସମାଜକୁ ସତ୍ୟ, ଶାନ୍ତି, କ୍ଷମାର ବାର୍ତ୍ତା ଦେଇଥିଲେ । ହଜ ଏବଂ ୱାକଫ ବୋର୍ଡର ସଦସ୍ୟ ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ କେନ୍ଦ୍ରାପଡା ବ୍ୟବସାୟୀ ଜଗତ ଏବଂ ସାମାଜିକ ଓ ଧାର୍ମିକ କାର୍ଯ୍ୟର ଅପୂରଣୀୟ କ୍ଷତି ଘଟିଛି । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ବରିଷ୍ଠ ବିଜେଡି ନେତା ରଞ୍ଜିତ ସାହୁ, ପ୍ରାକ୍ତନ ନଗରପାଳ ଆକ୍ୱର ଅଲ୍ଲୀ, ସମାଜସେବୀ ମୁକ୍ତାର ଖାଁ, ହିବ ଜୁର ରହେମାନ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଅପରାହ୍ନ ୨ଟା୧୦ ସମୟରେ ଜନାଜା ପାଠ କରାଯାଇ ଗରାପୁର କବରସ୍ଥାନରେ କବର ଦିଆଯାଇଥିଲା । ଜ୍ୟୋଷ୍ଟ ପୁତ୍ର ହାଜି ମିର ଅକ୍ତର ଅଲ୍ଲୀ ସମେତ ଦଶ ଭାଇ ଓ ଦୁଇ ଭଉଣୀ ଉପସ୍ଥିତ ଥିଲେ ।

## ନୀଳଗିରି ଆଦିବାସୀ ବୋହୂକୁ ବାଲେଶ୍ୱର ଜିଲ୍ଲା ମହିଳା ସଭାପତି ଦାୟିତ୍ୱ



ନୀଳଗିରି,୨୨।୮(ସଂଚାର ବ୍ୟୁରୋ): ନୀଳଗିରି ଆଦିବାସୀ ବୋହୂ କୁ ବାଲେଶ୍ୱର ଜିଲ୍ଲାର ଜିଲ୍ଲା ମହିଳା ସଭାପତି ଭାବେ ଦାୟତ୍ୱ ଦେଇଛନ୍ତି ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ।ଉକ୍ତ ଖବର ପ୍ରଚାରିତ ହେବା ପରେ ସମଗ୍ର ନୀଳଗିରି ଅଞ୍ଚଳ ସମେତ ବାଲେଶ୍ୱରରେ ଆନନ୍ଦର ଲହରୀ ଖେଳି ଯାଇଛି ତତସହିତ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ର ସୁଅ ଛୁଟିଛି । ଏନେଇ ନବନିଯୁକ୍ତ ମହିଳା ସଭାପତି ଶୁଭଲକ୍ଷ୍ମୀ ମାଝିଙ୍କୁ ପଚାରିବାରୁ ମୋ ଭଳି ଜଣେ ଆଦିବାସୀ ନାରୀ ଉପରେ ଆସ୍ଥା ପ୍ରକଟ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଜିଲ୍ଲାରେ ଯେଉଁ ଗୁରୁ ଦାଇତ୍ୱ ଦେଇଛନ୍ତି ତାହା ଶତ ପ୍ରତିଶତ ଚେଷ୍ଟା କରିବି। ଏହାର ଶ୍ରେୟ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ବାଲେଶ୍ୱର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ପୂର୍ବତନ ବିଧାୟକଜୀବନ ପ୍ରଦୀପ ଦାସ, ରେମୁଣା ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ଜେନା ପ୍ରମୁଖଙ୍କୁ ଧନ୍ୟବାଦ ଦେଇଛନ୍ତି।

ସୂଚନା ଯୋଗ୍ୟ ଶ୍ରୀମତୀ ମାଝୀ ନୀଳଗିରି ବ୍ଲକ ଭଉଁରିଆବାଡ ପଞ୍ଚାୟତ ତେରଲ ଡ଼ିହି ଗ୍ରାମର ଅବସର ପ୍ରାପ୍ତ ରିଜର୍ଭ ବ୍ୟାଙ୍କ ର ମହା ପ୍ରବନ୍ଧକ ମଦନ ମୋହନ ମାଝୀ ଙ୍କ ସହ ଧର୍ମିଣୀ ଶ୍ରୀମତୀ ମାଝୀ ଅଟନ୍ତି।ସେ୨୦୨୨ମସିହାରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଲଢ଼ି ଭଉଁରୀ ଆବାଡ଼ ପଂଚାୟତ ରେ ସମିତି ସଭ୍ୟା ବିଜୟୀ ହେବା ପରେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ।ପରେ ନୀଳଗିରି ବ୍ଲକ ୨୫ପଂଚାୟତ, ଔପଦା୧୧,ବହାନଗା୫ଟି ପଂଚାୟତ ଓ ଏନଏସି୧୩ଟି ୱାର୍ଡରେ ଦୀର୍ଘ୪ବର୍ଷ ଧରି ନାରୀ ମାନଙ୍କ ସୁରକ୍ଷା ଓ ଅଧିକାର ପାଇଁ ଲଢ଼େଇ କରିଥିବା ଜଣାପଡିଛି।

## ଅଳଭାରେ କାନ୍ଥ ପଡ଼ି ମହିଳା ମୃତ

ପଟ୍ଟାମୁଣ୍ଡାଇ, ୨୨।୮ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୫ନଂ ୱାର୍ଡ ଅଳଭା ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି । ଏହି ଗ୍ରାମର ବିକ୍ରମ ନାୟକଙ୍କ ପତ୍ନୀ ବିଦ୍ୟୁତଲତା ନାୟକ ସକାଳେ ଗାଧୋଇ ସାରି ଛାତ ଉପରେ ଲୁଗା ସୁଖାଉ ଥିବାବେଳେ କାନ୍ଥରେ ଲୁଗା ଲାଗି ଯାଇ କାନ୍ଥଟି ତାଙ୍କ ଉପରେ ପଡି ଯାଇଥିଲା । ଅତ୍ୟନ୍ତ ଗୁରୁତର ଅବସ୍ଥାରେ ହସ୍ପିଟାଲ ଅଣାଯାଇଥିଲା। ମାତ୍ର ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି ।

### ଦଳ ସଫେଇ ବେଳେ ଶ୍ରମିକଙ୍କ ମୃତ୍ୟୁ ଘଟଣା

## ତଦନ୍ତରୁ ଜଣାପଡ଼ିଲା ଡ୍ରେନେଜ୍ ବିଭାଗ ଦାୟୀ



କେନ୍ଦ୍ରାପଡ଼ା,୨୨।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ମାଲୁଆ ଗ୍ରାମ ନିକଟସ୍ଥ ଗୋବରୀ ନଦୀରୁ ଦଳ ସଫେଇ ବେଳେ ମୃତ୍ୟୁବରଣ କରିଥିବା ବାବୁଲି ସେଠୀଙ୍କ ମୃତ୍ୟୁ ଘଟଣାରେ କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନର ଯନ୍ତ୍ରୀ ଦାୟୀ ବୋଲି ଜଣାପଡିଛି।

ଗତକାଲି ବାବୁଲିଙ୍କ ପରିବାର ଲୋକେ ଭୁଲ୍ ବଶତଃ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କ ବିରୁଦ୍ଧରେ ସଦର ଥାନାରେ ଏତଲା ଦେଇଥିଲେ। ଫଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ସଦର ଥାନା ପକ୍ଷରୁ ଘଟଣାର ତଦନ୍ତ କରାଯାଇଥିଲା। ତଦନ୍ତରୁ ପୋଲିସ ଜାଣିବାକୁ ପାଇଲା ଯେ ଦଳ ସଫେଇ କାର୍ଯ୍ୟ ଡ୍ରେନେଜ୍ ବିଭାଗ କରୁଥିଲା।ସଫେଇ ବେଳେ ଡ୍ରେନେଜ୍ ବିଭାଗ ଶ୍ରମିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇନଥିଲା। ବନ୍ୟା ପାଣିରେ ଦଳ ସଫେଇ ବେଳେ ଶ୍ରମିକଙ୍କୁ ଲାଇଫ ଜ୍ୟାକେଟ ଦିଆଯିବା କଥା କିନ୍ତୁ ବିଭାଗ ଶ୍ରମିକଙ୍କୁ ଲାଇଫ ଜ୍ୟାକେଟ ଦେବାକୁ ଭୁଲି ଯାଇଥିଲା। ଯାହା ଫଳରେ ଜଣେ ଗରିବ ଶ୍ରମିକଙ୍କ ଜୀବନ ଦୀପ ଲିଭିଯାଇଥିଲା। ଅନ୍ୟ ଜଣେ ଶ୍ରମିକ କଟକ ବଡ଼ ଡ଼ାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

ମୃତ ଶ୍ରମିକଙ୍କ ପତ୍ନୀ ଗଣମାଧ୍ୟମକୁ କହିଛନ୍ତି ସେ ତାଙ୍କ ସ୍ୱାମୀଙ୍କୁ ଦଳ ସଫେଇ କାର୍ଯ୍ୟ ନକରିବାକୁ ବାରଣ କରିଥିଲେ। କିନ୍ତୁ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ବାଧ୍ୟ କରିଥିଲେ।ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପାଇଁ ଠିକାଦାର ସତ୍ୟଜିତ୍ ବେହେରା ଓ ବିଭାଗୀୟ ଯନ୍ତ୍ରୀ ଦାୟୀ। ତେଣୁ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୃତ ଶ୍ରମିକଙ୍କ ପତ୍ନୀ ଦାବି କରିଛନ୍ତି। ସୂଚନା ଥାଉକି ଗତ ଶୁକ୍ରବାର ପୂର୍ବାହ୍ନରେ ମାଲୁଆ ପୋଲ ନିକଟରେ ଡ୍ରେନେଜ ବିଭାଗ ପକ୍ଷରୁ ୧୨ଜଣ ଶ୍ରମିକଙ୍କୁ ନିୟୋଜିତ କରାଯାଇଥିଲା। କିନ୍ତୁ ସେମାନଙ୍କୁ କୌଣସି ସୁରକ୍ଷା ଉପକରଣ ଯୋଗାଇ ଦିଆଯାଇନଥିଲା। ଯାହା ଫଳରେ ଜଣେ ଶ୍ରମିକଙ୍କ ଜୀବନ ଦୀପ ଲିଭିଯାଇଥିଲା ବେଳେ ଅନ୍ୟ ଜଣେ ଶ୍ରମିକ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

## ଦିବ୍ୟାଙ୍ଗ ଚନ୍ଦନଙ୍କୁ ମିଳିଲା ଦୁଇ ମାସର ଭତ୍ତା



ସଂଚାର ପ୍ରଭାବ

ମହାକାଳପଡ଼ା, ୨୨।୮ (ସଂଚାର ବ୍ୟୁରୋ): 'ସଂଚାର'ରେ ଖବର ପ୍ରକାଶ ପରେ ତତ୍ପର ହେଲା ପ୍ରଶାସନ। ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛନ୍ଦା ଗ୍ରାମର ୮୦ ପ୍ରତିଶତ ଦିବ୍ୟାଙ୍ଗ ଚନ୍ଦନ ପାଇଟାଳଙ୍କୁ ମିଳିଛି ଦୁଇ ମାସର ବକେୟା ଭତ୍ତା ଟଙ୍କା।

ଚନ୍ଦନ ରଘୁନାଥ ପାଇଟାଳଙ୍କ ପୁଅ। ଶାରୀରିକ ଅକ୍ଷମତା ଯୋଗୁଁ ସେ ରୋଜଗାର କରିବାରେ ଅସମର୍ଥ। ସରକାରୀ ଦିବ୍ୟାଙ୍ଗ ଭତ୍ତା ତାଙ୍କ ପରିବାର ପାଇଁ ଏକମାତ୍ର ଆର୍ଥିକ ସହାୟତା ହୋଇଥିବା ବେଳେ ଗତ ଜୁନ୍ ଓ ଜୁଲାଇ ମାସର ଭତ୍ତା ତାଙ୍କ ଖାତାକୁ ଆସିନଥିଲା। ଫଳରେ ଔଷଧ ଓ ଦୈନନ୍ଦିନ ଖର୍ଚ୍ଚ ପାଇଁ ପରିବାରକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା।

ଏନେଇ ଜୁଲାଇ ୨୩ ତାରିଖରେ ଦୈନିକ ଖବରକାଗଜ 'ସଂଚାର'ରେ 'ଦିବ୍ୟାଙ୍ଗ ଚନ୍ଦନଙ୍କୁ ମିଳୁନି ଦୁଇ ମାସର ଭତ୍ତା' ଶୀର୍ଷକରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଯାଇଥିଲା। ଜୁଲାଇ ୨୯ ତାରିଖରେ ଚନ୍ଦନଙ୍କ ବ୍ୟାଙ୍କ ଖାତାକୁ ଦୁଇ ମାସର ଭତ୍ତା ଟଙ୍କା ପ୍ରଦାନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଭତ୍ତା ଟଙ୍କା ମିଳିବା ପରେ ଚନ୍ଦନ ଓ ତାଙ୍କ ପରିବାର ଆଶ୍ୱସ୍ତ ହୋଇଛନ୍ତି।

## ବାଉଁଶ ବେପାର ପାଇଁ ବଳି ପଡୁଛି ନିରୀହ ଜୀବନ

### କଟକ-ପାରାଦ୍ୱୀପ ରାସ୍ତାର ସିଙ୍ଗିଟାଳି ନିକଟରେ ବେଆଇନ ବାଉଁଶ ଗଦା

### ରାସ୍ତା ଉପରେ ଟ୍ରକ ରଖି ଅନଲୋଡ଼ିଂ, ବଢୁଛି ଦୁର୍ଘଟଣା ଆଶଙ୍କା



ପାରାଦ୍ୱୀପ, ୨୨।୮ (ସଂଚାର ବ୍ୟୁରୋ):କଟକ- ପାରାଦ୍ୱୀପ ରାସ୍ତାର ସିଙ୍ଗିଟାଳି ନିକଟରେ ବାଉଁଶ ବେପାରକୁ ନେଇ ଏବେ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ବ୍ୟସ୍ତବହୁଳ ରାଜପଥ କଡ଼ରେ ବର୍ଷ ବର୍ଷ ଧରି ବାଉଁଶ ଗଦା କରି ରଖାଯାଇଥିବା ବେଳେ ରାସ୍ତା ଉପରେ ବାଉଁଶ ବୋଝେଇ ଟ୍ରକ ଛିଡ଼ା କରି ଅନଲୋଡିଂ କରାଯାଉଥିବାରୁ ଯାତାୟାତ ବ୍ୟାହତ ହେବା ସହ ଦୁର୍ଘଟଣାର ଆଶଙ୍କା ବଢୁଛି। ବାଉଁଶ ବେପାର ପାଇଁ ନିରୀହ ଲୋକଙ୍କ ଜୀବନ ବିପଦରେ ପଡୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାକଡ଼ରେ ଲଗାଯାଇଥିବା ସରକାରୀ ଗଛଗୁଡ଼ିକୁ ରାତି ସମୟରେ କାଟି ସଫା କରାଯାଉଥିବା ଏବଂ ସେହି ସ୍ଥାନରେ ବାଉଁଶ ଗଦା କରି ବ୍ୟବସାୟ କରାଯାଉଥିବା ଅଭିଯୋଗ ହୋଇଛି। ଯଦି ଏହି ଅଭିଯୋଗରେ ସତ୍ୟତା ଥାଏ, ତେବେ ସରକାରୀ ସମ୍ପତ୍ତି ସୁରକ୍ଷା ସହ ରାସ୍ତା ସୁରକ୍ଷାକୁ ନେଇ ମଧ୍ୟ ଏହା ଏକ ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି।

ଏହି ରାସ୍ତାରେ ଦିନରାତି ଶହ ଶହ ଯାନବାହନ ଚଳାଚଳ କରୁଥିବା ବେଳେ ରାସ୍ତାକଡ଼ରେ ବାଉଁଶ ଗଦା ଓ ରାସ୍ତା ଉପରେ ଟ୍ରକ ରହିବା ଫଳରେ ଯାନବାହନ ଚଳାଚଳ ପାଇଁ ସ୍ଥାନ ସଙ୍କୁଚିତ ହେଉଛି। ବିଶେଷକରି ରାତି ସମୟରେ ରାସ୍ତା ଉପରେ ଛିଡ଼ା ହୋଇଥିବା ଟ୍ରକ ଓ ବାଉଁଶ ଗଦା ଯୋଗୁଁ ଦୁର୍ଘଟଣାର ଆଶଙ୍କା ଆହୁରି ବଢ଼ିଯାଉଛି। ଛୋଟବଡ଼ ଦୁର୍ଘଟଣା ଘଟିବା ପରେ ମଧ୍ୟ ଯଦି ଏଭଳି ଅବ୍ୟବସ୍ଥା ଜାରି ରହେ, ତେବେ ଆଗାମୀ ଦିନରେ ବଡ଼ ଅଘଟଣ ଘଟିବାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଏହି ବେଆଇନ ବାଉଁଶ ବେପାର ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗର ନଜର ଏଯାଏଁ ପଡ଼ିନଥିବା ନେଇ ପ୍ରଶ୍ନ ଉଠିଛି। ରାସ୍ତାକଡ଼ରେ ସରକାରୀ ଗଛ କାଟିବା, ବାଉଁଶ ଗଦା କରିବା ଏବଂ ରାସ୍ତା ଉପରେ ଟ୍ରକ ରଖି ଅନଲୋଡିଂ କରିବା ଭଳି ଅଭିଯୋଗର ତୁରନ୍ତ ତଦନ୍ତ ହେବା ଆବଶ୍ୟକ ବୋଲି ଦାବି ହେଉଛି। ଏନେଇ ପ୍ରଶାସନ, ବନ ବିଭାଗ ଓ ସମ୍ପୃକ୍ତ ରାସ୍ତା କର୍ତ୍ତୃପକ୍ଷ ଘଟଣାସ୍ଥଳରେ ଯାଞ୍ଚ କରି ସତ୍ୟାସତ୍ୟ ଅନୁସନ୍ଧାନ କରିବା ସହ ରାସ୍ତାକଡ଼ରୁ ବାଉଁଶ ଗଦା ହଟାଇବା, ରାସ୍ତା ଉପରେ ଟ୍ରକ ରଖି ଅନଲୋଡିଂ ବନ୍ଦ କରିବା ଏବଂ ସରକାରୀ ଗଛ କଟାଯାଇଥିବା ଅଭିଯୋଗର ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ରାସ୍ତାରୋକ

ଢେଙ୍କାନାଳ, ୨୨।୮ (ସଂଚାର ବ୍ୟୁରୋ): ଢେଙ୍କାନାଳ କୁଟୁଣିଆ ସାହିରେ ଯୁବକଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ତୀବ୍ର ଉତ୍ତେଜନା । ମୃତ ଯୁବକଙ୍କ ମୃତଦେହ କଣ୍ଟାନାଳୀ ବାଇପାସ ନିକଟରେ ରଖି ସ୍ଥାନୀୟ ବାସିନ୍ଦାମାନେ ରାସ୍ତାରୋକ କରିଥିଲେ । କ୍ଷତିପୂରଣ ଓ ଥଇଥାନ ଦାବିରେ ଆନ୍ଦୋଳନ ହୋଇଥିବା ବେଳେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା ।

ରାସ୍ତାରୋକ ଯୋଗୁଁ ୫୫ ନମ୍ବର ଜାତୀୟ ରାଜପଥରେ କଟକ-ଅନୁଗୋଳ ରାସ୍ତାରେ ଯାତାୟତ ଠପ୍ ହୋଇଯାଇଥିଲା । ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ିମୋଟର ଅଟକି ରହିଥିବା ବେଳେ ଘଟଣାସ୍ଥଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା ।



ସୂଚନା ଅନୁସାରେ, ଢେଙ୍କାନାଳ ପୌରାଞ୍ଚଳ ୯ ନମ୍ବର ୱାର୍ଡର କୁଟୁଣିଆ ପାହାଡ଼ର ସୌନ୍ଦର୍ଯ୍ୟକରଣ ପାଇଁ କୁଟୁଣିଆ ନୂଆସାହିରେ ସରକାରୀ ଜାଗାରେ ରହୁଥିବା ଶତାଧିକ ପରିବାରଙ୍କ ଘର ଉଚ୍ଛେଦ କରାଯାଇଥିଲା। ଘର ଭାଙ୍ଗିଯିବା ପରେ ଅନେକ ଗରିବ ପରିବାର ବେଘର ହୋଇପଡ଼ିଥିବା ଅଭିଯୋଗ ହୋଇଛି। ସେହି ଅଞ୍ଚଳରେ ହିମାଂଶୁ ଶେଖର ପଣ୍ଡା ପରିବାର ସହ ରହୁଥିଲେ । ଘର ଉଚ୍ଛେଦ ପରେ ତାଙ୍କ ପରିବାର ଦୁର୍ଦ୍ଦଶାରେ ଥିବା ବେଳେ ତାଙ୍କ ବଡ଼ ପୁଅ ରବିନାରାୟଣ ପଣ୍ଡା ମାନସିକ ଭାବେ ଭାରସାମ୍ୟ ହରାଇ ଶୁକ୍ରବାର ଦିନ ଭଙ୍ଗା ଘରେ ଝୁଲିପଡ଼ି ଆତ୍ମହତ୍ୟା କରିଥିବା କୁହାଯାଇଛି।

ଏହି ଘଟଣା ପରେ ସ୍ଥାନୀୟ ବାସିନ୍ଦାମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଉଚିତ ଥଇଥାନ ଦାବି କରି କଣ୍ଟାନାଳୀ ବାଇପାସରେ ମୃତଦେହ ରଖି ରାସ୍ତାରୋକ କରିଥିଲେ । ଫଳରେ ଜାତୀୟ ରାଜପଥରେ ଦୀର୍ଘ ସମୟ ଧରି ଯାତାୟତ ବାଧାପ୍ରାପ୍ତ ହୋଇଥିଲା ।

ଘର ଉଚ୍ଛେଦ ପରେ ବେଘର ହୋଇଥିବା ପରିବାରଗୁଡ଼ିକର ଥଇଥାନ, ମୃତକଙ୍କ ପରିବାରକୁ କ୍ଷତିପୂରଣ ଏବଂ ଘଟଣାର ଉଚିତ ତଦନ୍ତ ଦାବିକୁ ନେଇ ଅଞ୍ଚଳରେ ଅସନ୍ତୋଷ ଜାରି ରହିଥିଲା ।

■ ସିଲିକନ ୟୁନିଭର୍ସିଟିର ୩ୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ

# ନିଜସ୍ୱ ଧାରଣାକୁ ଉଦ୍ୟୋଗରେ ପରିଣତ କରିବାକୁ ଆହ୍ୱାନ



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ନିଜ ଧାରଣା ଓ ଜ୍ଞାନକୁ ଉଦ୍ୟୋଗରେ ପରିଣତ କରି ସମାଜର ବାସ୍ତବ ସମସ୍ୟାର ସମାଧାନ କରିବାକୁ ସିଲିକନ୍ ୟୁନିଭର୍ସିଟିର ସ୍ନାତକମାନଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଶନିବାର ସିଲିକନ ୟୁନିଭର୍ସିଟିର ତୃତୀୟ ସମାବର୍ତ୍ତନ ସମାରୋହରେ ଯୋଗଦେଇ ରାଜ୍ୟପାଳ ସ୍ନାତକମାନଙ୍କୁ ବିକାଶଶୀଳ ପ୍ରଯୁକ୍ତିକୁ ଉପଯୋଗ କରି ସ୍ୱଚ୍ଛ ଶକ୍ତି ଓ ପରିବେଶ କ୍ଷେତ୍ରରେ ଜୀବିକା, ଗବେଷଣା ଓ ଉଦ୍ୟୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଶକ୍ତି ସଂରକ୍ଷଣ, ସ୍ମାର୍ଟ ଗ୍ରୀଡ୍, ଗ୍ରୀନ୍ ହାଇଡ୍ରୋଜେନ୍, ଇଲେକ୍ଟ୍ରିକ୍ ଗତିଶୀଳତା, ଶକ୍ତି ଦକ୍ଷତା ଓ ସ୍ଥାୟୀ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକ ଯୁବ ବୃତ୍ତିଧାରୀଙ୍କ ପାଇଁ ବିଶେଷ ସୁଯୋଗ ସୃଷ୍ଟି କରିଛି। ଜଳବାୟୁ ପରିବର୍ତ୍ତନ, ପରିବେଶ ଅବକ୍ଷୟ ଓ ବର୍ଦ୍ଧିତ ଶକ୍ତି ଚାହିଦା ମଧ୍ୟରେ ନବୀକରଣୀୟ ଶକ୍ତିର ଗୁରୁତ୍ୱ ବୃଦ୍ଧି ପାଇଥିବା କଥା ରାଜ୍ୟପାଳ ଉଲ୍ଲେଖ କରିବା ସହ ପଶ୍ଚିମ ଏସିଆର ଅସ୍ଥିରତା ଶକ୍ତି ସୁରକ୍ଷା, ଆର୍ଥିକ ସ୍ଥିରତା ଓ ବିଶ୍ୱ ଶାନ୍ତି ମଧ୍ୟରେ ଘନିଷ୍ଠ ସମ୍ପର୍କକୁ ଉଜାଗର କରିଥିବା କଥା ମଧ୍ୟ ରାଜ୍ୟପାଳ କହିଛନ୍ତି।

ରାଜ୍ୟପାଳ ଆହୁରି କହିଛନ୍ତି ଯେ ଭାରତ ଧୀରେ ଧୀରେ ସ୍ୱଚ୍ଛ ଶକ୍ତି ଉତ୍ସ ଆଡ଼କୁ ଆଗେଇ ଚାଲିଛି। ସୌର ଶକ୍ତି, ପବନ, ଜଳବିଦ୍ୟୁତ୍, ଜୈବ ଶକ୍ତି, ଭୂତାପ ଓ ସମୁଦ୍ର ଶକ୍ତି ଏକବିଂଶ ଶତାବ୍ଦୀକୁ ଆକାର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଛାତ୍ରଛାତ୍ରୀମାନଙ୍କୁ ଦ୍ରୁତ ପ୍ରାଯୁକ୍ତିକ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେବାକୁ ରାଜ୍ୟପାଳ କହିବା ସହ କୃତ୍ରିମ ବୁଦ୍ଧିମତ୍ତା, ମେସିନ୍ ଲର୍ଣ୍ଣିଂ, ସେମିକଣ୍ଡକ୍ଟର, ସାଇବର ସୁରକ୍ଷା, ରୋବୋଟିକ୍ସ, ଉନ୍ନତ ଇଲେକ୍ଟ୍ରୋନିକ୍ସ, ଡାଟା ସାଇନ୍ସ ଓ ଡିଜିଟାଲ୍ ସ୍ୱାସ୍ଥ୍ୟସେବା ନୂତନ ସୀମା ଖୋଲିଛି ବୋଲି ସେ ସୂଚାଇ ଦେଇଛନ୍ତି। ନିରନ୍ତର ଶିକ୍ଷା, ଉଦ୍ଭାବନ ଓ ବିଭିନ୍ନ ବିଷୟରେ କାମ କରିବାର କ୍ଷମତା ଆଗାମୀ ଦିନର ନେତୃତ୍ୱମାନଙ୍କୁ ଗଢ଼ିବ ବୋଲି ରାଜ୍ୟପାଳ କହିଛନ୍ତି।

# କ୍ଷମା ମାଗୁ ଗୁଗଲ୍: ଓଡ଼ିଆ ଅସ୍ମିତା ପରିଷଦ



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): କୋଟିଆ ଆନ୍ଧ୍ରର ବୋଲି ଗୁଗ୍‌ଲ ତା'ର ଡିଜିଟାଲ ମ୍ୟାପରେ ଦର୍ଶାଇ ଓଡ଼ିଶାବାସୀଙ୍କ ସ୍ୱାଭିମାନ ଓ ପ୍ରଶାସନିକ ସାର୍ବଭୌମତ୍ୱ ପ୍ରତି ଚରମ ଆଘାତ ଦେଇଛି ବୋଲି ଓଡ଼ିଆ ଅସ୍ମିତା ପରିଷଦ ଅଭିଯୋଗ କରିଛି। ପରିଷଦର ଆବାହକ ରବି ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖି ଏ ବିଷୟରେ ତାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଗୁଗ୍‌ଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗୁଗଲ ନିଜର ଭୁଲକୁ ସ୍ୱୀକାର କରି ଯଦି କୋଟିଆ ଓଡ଼ିଶାର ବୋଲି ତା'ର ନୂଆ ଡିଜିଟାଲ ମ୍ୟାପରେ ପ୍ରକାଶ ନ କରେ ଓ ନିଜର ଭୁଲ ପାଇଁ କ୍ଷମା ନ ମାଗେ, ତା'ହେଲେ ଗୁଗଲ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଓଡ଼ିଶା ସରକାର ଏହା ଉପରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ମଧ୍ୟ ଦାବି କରିଛନ୍ତି।





ଶନିବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ସିଲଭର୍ ମିଟ୍ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶାର ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ।

ବାରାଣାସୀରେ ଏଫଏଚଆରଏଆଇର ବାର୍ଷିକ ସମ୍ମିଳନୀ

# ଓଡ଼ିଶାକୁ ୩ ରାଜ୍ୟ ସହ ଯୋଡ଼ି ପର୍ଯ୍ୟଟନ ସର୍କିଟ ପ୍ରସ୍ତାବ

ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବାରାଣାସୀଠାରେ ଆୟୋଜିତ ଫେଡେରେସନ ଅଫ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏସନ (ଏଫଏଚଆରଏଆଇ)ର ୫୬ତମ ବାର୍ଷିକ ସମ୍ମିଳନୀର ଉଦଘାଟନୀ ଉତ୍ସବରେ ଯୋଗଦେଇଛନ୍ତି। 'ଅନନ୍ତ କାଶୀ: ଆଧ୍ୟାତ୍ମିକତା, ସଂସ୍କୃତି, ବ୍ୟଞ୍ଜନ ଏବଂ କଳା ମାଧ୍ୟମରେ ପର୍ଯ୍ୟଟନର ଭବିଷ୍ୟତ' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶା ଦୃଷ୍ଟିକୋଣରୁ ପର୍ଯ୍ୟଟନ, ହୋଟେଲ ଶିଳ୍ପ, ଗ୍ରାମୀଣ ଅର୍ଥନୀତି ଏବଂ ବିକାଶ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। କାଶୀ ଓ ଓଡ଼ିଶା ମଧ୍ୟରେ ଥିବା ଆଧ୍ୟାତ୍ମିକ ସମ୍ପର୍କ ବିଷୟରେ ଆଲୋଚନା କରି ସେ କହିଥିଲେ ଯେ କାଶୀର ବାବା ବିଶ୍ୱନାଥ ଏବଂ ପୁରୀର ମହାପ୍ରଭୁ ଶ୍ରୀ ଜଗନ୍ନାଥ 'ହରି' ଓ 'ହର'ଙ୍କ ଏକତାକୁ ଦର୍ଶାନ୍ତି। ଏହା ପର୍ଯ୍ୟଟକଙ୍କୁ କେବଳ ଭ୍ରମଣ ଅନୁଭୂତି ନୁହେଁ, ବରଂ ଭାରତୀୟ ସଂସ୍କୃତିର ଏକ ଗଭୀର ଅନୁଭୂତି ପ୍ରଦାନ କରିଥାଏ।

ଓଡ଼ିଶାରେ ସବୁପ୍ରକାର ପର୍ଯ୍ୟଟନ ସମ୍ଭାବନା ରହିଛି। ଆପଣଙ୍କର ପ୍ରତ୍ୟେକ ହୋଟେଲ ରହଣି ସ୍ଥାନୀୟ ଚାଷୀ, ହସ୍ତଶିଳ୍ପ, ପରିବହନ ଏବଂ ଶକ୍ତି କ୍ଷେତ୍ରକୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ସାହାଯ୍ୟ କରିଥାଏ। ସ୍ଥାନୀୟ ଚାଷୀ ଓ ବ୍ୟବସାୟୀଙ୍କୁ ରୋଜଗାର ଦେବା ପାଇଁ ହୋଟେଲ ଶିଳ୍ପ ସ୍ଥାନୀୟ ଉତ୍ପାଦ କିଣିବା ସହ ପରିବେଶ ଅନୁକୂଳ ସ୍ୱଚ୍ଛ ଶକ୍ତି ବ୍ୟବହାର କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଓଡ଼ିଶାକୁ ଉତ୍ତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଆଦି ରାଜ୍ୟ ସହ ଯୋଡ଼ି ପର୍ଯ୍ୟଟନ ସର୍କିଟ ଗଢ଼ିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରସ୍ତାବ ମଧ୍ୟ ଦେଇଛନ୍ତି।



## ପ୍ରଣବଙ୍କ ବିୟୋଗରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଶୋକ



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପ୍ରଜାନାୟକଙ୍କ ବିୟୋଗରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗରେ ଗୋଟିଏ ଯୁଗର ଅନ୍ତ ଘଟିଲା ବୋଲି ଉଲ୍ଲେଖ କରି ଗୁରୁଜୀ ଡକ୍ଟର ଶତପଥୀ କହିଛନ୍ତି ଯେ ନିଜର ମାର୍ଜିତ ବ୍ୟବହାର ଓ ମଧୁର ସ୍ୱର ଦ୍ୱାରା ସେ ସମସ୍ତଙ୍କର ଅତି ପ୍ରିୟ ଥିଲେ। ଓଡ଼ିଆ ସଙ୍ଗୀତ ପ୍ରତି ତାଙ୍କର ଅବଦାନ ଉଲ୍ଲେଖନୀୟ। ତାଙ୍କର ବିୟୋଗରେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗୁରୁଜୀ ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

## ଏସ୍‌ଏସ୍ କଲେଜ ୧୯୮୩ ବ୍ୟାଚ୍‌ର ବନ୍ଧୁମିଳନ



ପୁରୀ,୨୨।୮(ସଂଚାର ବ୍ୟୁରୋ): ଶୁକ୍ରବାର ପୁରୀ କୁକ୍‌ଡାରେ ଏସ୍‌ଏସ୍ କଲେଜର ୧୯୮୩ ବ୍ୟାଚ୍‌ର ବାର୍ଷିକ ମିଳନ ଅନୁଷ୍ଠିତ ହୋଇଛି। ଏଥିରେ ବ୍ୟାଚ୍‌ର ପ୍ରାୟ ୭୦ ଜଣ ବନ୍ଧୁ ଯୋଗଦାନ କରିଥିଲେ। ଦୀର୍ଘ ବର୍ଷ ପରେ ପୁରୁଣା ସହପାଠୀମାନେ ଏକାଠି ହୋଇ ଅତୀତର ସୁନ୍ଦର ସ୍ମୃତିକୁ ପୁଣିଥରେ ମନେ ପକାଇଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ବନ୍ଧୁ ସହପାଠୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଓଡ଼ିଶା ବାହାରୁ ମଧ୍ୟ କେତେକ ସହପାଠୀ ବିଶେଷ ଭାବେ ଆସି ଏହି ମିଳନରେ ସାମିଲ ହୋଇଥିଲେ। ପୁରୁଣା ଦିନର ସ୍ମୃତି, କଲେଜ ଜୀବନର ଘଟଣା ଓ ସହପାଠୀଙ୍କ ସହ ବିତାଇଥିବା ସମୟକୁ ନେଇ ଆଲୋଚନା ହୋଇଥିଲା। ଦୀର୍ଘ ୪୩ ବର୍ଷ ପରେ ମଧ୍ୟ ସହପାଠୀମାନଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱର ଉଷ୍ମତା ଆଜି ମଧ୍ୟ ଅତୁଟ ରହିଛି।

■ ବ୍ଲୁ ଲେକ୍ ବୁଲିବାକୁ ଆସିଥିଲେ ୩ ଛାତ୍ର

## ପାଣିରେ ବୁଡ଼ି ୨ ଜଣ ନିଖୋଜ

ନୀଳଗିରି ୨୨।୮(ସଂଚାର ବ୍ୟୁରୋ): ନୀଳଗିରି ମିତ୍ରପୁର ନିକଟ ବ୍ଲୁ ଲେକ୍‌ରେ ପୁଣି ଅଘଟଣ! ପାଣିରେ ବୁଡ଼ି ୨ ଛାତ୍ର ନିଖୋଜ! ନିଖୋଜ ଛାତ୍ର ହେଲେ ଭଦ୍ରକ ଅଞ୍ଚଳର ଅଂଶୁମାନ ପାତ୍ର ଓ ବାରିପଦା ଅଞ୍ଚଳର ଭବିଷ୍ୟ ପାତ୍ର। ଉଭୟ ଫକୀର ମୋହନ କଲେଜର ଛାତ୍ର ହୋଇଥିବା ଜଣାପଡ଼ିଛି। ୩ ଜଣ ଛାତ୍ର ବ୍ଲୁ ଲେକ୍ ବୁଲିବାକୁ ଆସିଥିବା ବେଳେ ଦୁଇ ଜଣ ନିଖୋଜ ଅଛନ୍ତି। ତେବେ ଭଦ୍ରକ ଅଞ୍ଚଳର ରୋଶନ ନାୟକ ସୁରକ୍ଷିତ ଅଛନ୍ତି। ନିଖୋଜ ଛାତ୍ରଙ୍କୁ ଉଦ୍ଧାର କରିବାକୁ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ମଣିପାଲ ହସ୍ପିଟାଲକୁ କାରଣ ଦର୍ଶାଅ ନୋଟିସ

■ ଆୟୁଷ୍ମାନ କାର୍ଡ ସତ୍ତ୍ୱେ ରୋଗୀଙ୍କଠୁ ଟଙ୍କା ଆଦାୟ ଅଭିଯୋଗ



ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ରାଜ୍ୟ ସ୍ୱାସ୍ଥ୍ୟ ଆଶ୍ୱାସନ ସମିତି (ଶାସ) ପକ୍ଷରୁ ଭୁବନେଶ୍ୱରସ୍ଥିତ ମଣିପାଲ ହସ୍ପିଟାଲକୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ମାଗଣା ଚିକିତ୍ସା ପାଇଁ ଯୋଗ୍ୟ ବିବେଚିତ ଜଣେ ବୃଦ୍ଧ ରୋଗୀଙ୍କଠାରୁ ବେଆଇନ ଭାବେ ଅର୍ଥ ଆଦାୟ କରାଯାଇଥିବା ନେଇ ଏହି କାରଣ ଦର୍ଶାଅ ନୋଟିସ ଜାରି ହୋଇଛି।

୭୨ ବର୍ଷୀୟ ରାଘବେନ୍ଦ୍ର ମିଶ୍ର ଆୟୁଷ୍ମାନ ବୟ ବନ୍ଦନା କାର୍ଡ ଥାଇ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କ ଚିକିତ୍ସା ବାବଦରେ ୪୦ ହଜାର ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଛି। ରୋଗୀଙ୍କ ସମ୍ପର୍କୀୟଙ୍କ ଜ୍ୱାଇଁ ସୁଭାଷ କୁମାର ଦାଶ ଲିଖିତ ଆବେଦନ କରି ଚିକିତ୍ସା ଖର୍ଚ୍ଚକୁ କ୍ୟାସରୁ ଆୟୁଷ୍ମାନ କାର୍ଡ ଯୋଜନାକୁ ପରିବର୍ତ୍ତନ କରିବାକୁ ଅନୁରୋଧ କରିଥିଲେ। ମାତ୍ର ହସ୍ପିଟାଲ ପକ୍ଷରୁ ଏପର୍ଯ୍ୟନ୍ତ ରୋଗୀଙ୍କୁ ଏହି ଯୋଜନା ଅଧୀନରେ ସାମିଲ କରାଯାଇନାହିଁ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ମୁଖ୍ୟନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କ ଏହି ନୋଟିସ ଜାରି କରିଛନ୍ତି। ନିୟମ ଉଲ୍ଲଘନ ପାଇଁ କାହିଁକି ହସ୍ପିଟାଲ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସେନେଇ ୫ ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଉତ୍ତର ନ ମିଳିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ୩୧ରୁ ରତ୍ନଭଣ୍ଡାର ଗଣତି

ପୁରୀ,୨୨।୮(ସଂଚାର ବ୍ୟୁରୋ): ଆସନ୍ତା ୩୧ ଓ ୧ ତାରିଖରେ ହେବ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ବ୍ୟବସ୍ଥାବଳୀ ଅନୁଯାୟୀ ଏହି ଗଣତି କରାଯିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଜି ସୂଚନା ଦିଆଯାଇଛି। ଏହି କାର୍ଯ୍ୟରେ ସମସ୍ତ ସେବକ ଓ ଶ୍ରଦ୍ଧାଳୁଙ୍କ ସହଯୋଗ ଓ ସହାୟତା କାମନା କରାଯାଇଛି। ଗଣତି ସମୟରେ ରତ୍ନଭଣ୍ଡାରରେ ଥିବା ବିଭିନ୍ନ ମୂଲ୍ୟବାନ ସାମଗ୍ରୀର ହିସାବ ଓ ତଥ୍ୟ ଯାଞ୍ଚ କରାଯିବ। ପୂର୍ବରୁ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣକୁ ନେଇ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଇଛି। ଏବେ ନିର୍ଦ୍ଧାରିତ ତାରିଖରେ ଗଣତି କାର୍ଯ୍ୟ ହେବାକୁ ଥିବାରୁ ଏହାକୁ ନେଇ ଶ୍ରୀମନ୍ଦିର ସେବକ ଓ ଭକ୍ତ ମହଲରେ ଉତ୍ସୁକତା ବଢ଼ିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ସରକାରଙ୍କ ଅନୁମୋଦିତ ବ୍ୟବସ୍ଥାବଳୀକୁ ଅନୁସରଣ କରି ଗଣତି କାର୍ଯ୍ୟ କରାଯିବ। ଏହି ପ୍ରକ୍ରିୟାରେ ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ।

■ କ୍ୟାପିଟାଲ ହସ୍ପିଟାଲରେ ଦୂର ହେବ ଧାଡ଼ି ଯନ୍ତ୍ରଣା

## ଖୋଲିବ ନୂଆ କାଉଣ୍ଟର୍, ପଡ଼ିବ ୨୫୦ ଚୌକି



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): କ୍ୟାପିଟାଲ ହସ୍ପିଟାଲରେ ରକ୍ତ ପରୀକ୍ଷା ପାଇଁ ପାଥୋଲୋଜି କାଉଣ୍ଟର ଆଗରେ ଆଉ ଲାଇନ୍‌ରେ ଘଣ୍ଟା ଘଣ୍ଟା ଧରି ଠିଆ ହେବାକୁ ପଡ଼ିବ ନାହିଁ। ରୋଗୀଙ୍କ ପାଇଁ ଆରାମରେ ରକ୍ତ ସଂଗ୍ରହ କରିବା ସକାଶେ ବ୍ୟବସ୍ଥା କରାଯିବ। ସେଥିପାଇଁ ପାଥୋଲୋଜି ବିଭାଗରେ ନିର୍ମାଣ ଚାଲିଛି ସ୍ୱତନ୍ତ୍ର ରକ୍ତ ପରୀକ୍ଷା ୟୁନିଟ୍। ସେଠାରେ ପାଖାପାଖି ୨୫୦ ରୋଗୀଙ୍କୁ ବସିବା ପାଇଁ ଚୌକି ବ୍ୟବସ୍ଥା କରାଯିବ। ଫ୍ୟାନ୍ ବ୍ୟବସ୍ଥା ସାଙ୍ଗକୁ ଏସି ସୁବିଧା ବି ରହିବ। କେବଳ ସେତିକୁ ନୁହେଁ, ରୋଗୀଙ୍କ ପାଇଁ ଟୋକନ୍ ବ୍ୟବସ୍ଥା କରାଯିବ। ଯେଉଁ ରୋଗୀଙ୍କ ନାମ ଡକାଯିବ, ସେ ପରୀକ୍ଷା ପାଇଁ ରକ୍ତ ସଂଗ୍ରହ ଗୃହକୁ ଆସିବେ। ଏହାଛଡ଼ା ରୋଗୀଙ୍କୁ ଶୀଘ୍ର ସେବା ଯୋଗାଇ ଦେବା ଲାଗି ଆଉ ଅଧିକ କାଉଣ୍ଟର ମଧ୍ୟ ଖୋଲାଯିବ। କ୍ୟାପିଟାଲ୍ ହସ୍ପିଟାଲରେ ଦୈନିକ ପ୍ରାୟ ୩ ହଜାର ରୋଗୀଙ୍କ ନିଦାନ ପରୀକ୍ଷା କରାଯାଉଛି। ଯେଉଁ ଦାୟିତ୍ୱ ୬ଟି ପାଥୋଲୋଜି କାଉଣ୍ଟର ତୁଲାଉଛନ୍ତି। ପ୍ରାୟ ୫୦୦ ରୋଗୀ ଗୋଟିଏ କାଉଣ୍ଟର ଉପରେ ନିର୍ଭରଶୀଳ ରହୁଛନ୍ତି। ଏହି କାରଣରୁ ରୋଗୀମାନଙ୍କୁ ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆହବାକୁ ପଡୁଛି। ଖରା, ବର୍ଷା ଶୀତରେ ସେମାନେ ଭୀଷଣ କଷ୍ଟ ପାଉଛନ୍ତି। ଏଭଳି ଯନ୍ତ୍ରଣାଦାୟକ ସ୍ଥିତି କର୍ତ୍ତୃପକ୍ଷଙ୍କ ନଜରକୁ ଆସିବା ପରେ ଏଣିକି ରୋଗୀମାନେ କିପରି ଆରାମରେ ସେବା ପାଇପାରିବେ, ସେ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି।

# ଚିନିର ଅହେତୁକ ଦରବୃଦ୍ଧି ପାଇଁ ଡବଲ ଇଞ୍ଜିନ ସରକାର ଦାୟୀ



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ଅତ୍ୟାବଶକ ସାମଗ୍ରୀ, ବିଶେଷକରି ଚିନିର ଦରରେ ଅହେତୁକ ବୃଦ୍ଧି ପାଇବା ପରେ ଓ ଦେଶରେ ସମସ୍ତ ରାଜ୍ୟ ତୁଳନାରେ ଓଡ଼ିଶାରେ ଚିନିର ଦର ସର୍ବାଧିକ ହୋଇଥିବାରୁ ବିଜେଡି ଏଥିପାଇଁ ଡବଲ ଇଞ୍ଜିନ ସରକାରଙ୍କୁ ଦାୟୀ କରିଛି। ପାର୍ବଣ ଋତୁ ଆଗମନର ଠିକ୍ ପୂର୍ବରୁ ଚିନିର ଅହେତୁକ ଦରବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଦଳପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଚିନି ଭଳି ଏକ ନିତ୍ୟ ଆବଶ୍ୟକ ଜିନିଷର ଅହେତୁକ ଦରବୃଦ୍ଧି ସମସ୍ତଙ୍କୁ ବ୍ୟଥିତ କରିଛି। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାପଡିଛି ଯେ ଦେଶର ସମସ୍ତ ରାଜ୍ୟ ଭିତରେ ଚିନିର ଦର ଓଡ଼ିଶାରେ ସର୍ବାଧିକ ରହିଛି। ଚିନିର ଦର ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ବା ରାଜ୍ୟ ସରକାର କିଛି ପଦକ୍ଷେପ ନେଇନାହାନ୍ତି। ଚିନି ସମେତ ଅତ୍ୟାବଶକ ଜିନିଷର ଅହେତୁକ ଦର ବୃଦ୍ଧି ପାଇଁ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ଦାୟୀ। ଦେଶରେ ପେଟ୍ରୋଲ ସହ ଇଥାନଲ ମିଶାଇବା ପାଇଁ କେନ୍ଦ୍ର ସରକାରଙ୍କ ନୀତି ଚିନିର ଅହେତୁକ ଦରବୃଦ୍ଧି ପାଇଁ ଦାୟୀ ବୋଲି ଅଭିଯୋଗ ହେଉଥିଲା ବେଳେ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରିଛନ୍ତି। କିନ୍ତୁ ମିଳିଥିବା ତଥ୍ୟ ଅନୁଯାୟୀ, ଦେଶରେ ଇଥାନଲ ପେଟ୍ରୋଲରେ ମିଶାଇବା ନୀତି ହେବା ପୂର୍ବରୁ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତ ରପ୍ତାନିକାରୀ ଦେଶର ମାନ୍ୟତା ପାଇଥିଲା। କିନ୍ତୁ ଚଳିତ ବର୍ଷ ଭାରତ ଚିନି ବିଦେଶକୁ ରପ୍ତାନୀ କରିବା ପରିବର୍ତ୍ତେ ବିଦେଶରୁ ଆମଦାନୀ କରିବ ବୋଲି ଡ. ମହାନ୍ତି କହିଛନ୍ତି।

● ଏମ୍‌ଏମ୍‌ଡିଆର୍ ଆଇନରେ ସଂଶୋଧନ ପ୍ରସଙ୍ଗ

# ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରିବାକୁ କଂଗ୍ରେସ-ବିଜେଡି ନାଟକ କରୁଛନ୍ତି




ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ଓଡ଼ିଶାରେ କିଛି ବିରୋଧୀ ଦଳର ନେତାଙ୍କଠାରୁ ଆରମ୍ଭ କରି ଅନ୍ୟ ରାଜନୈତିକ ଦଳର ନେତାମାନେ ବିଭିନ୍ନ ପ୍ରକାର ମିଥ୍ୟା ତଥ୍ୟ ଦେଇ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଏମ୍‌ଏମ୍‌ଡିଆର୍ ୧୯୫୭ରୁ ଯାହା ଚାଲିଆସିଛି, ସେଥିରେ କିଛି ସଂଶୋଧନ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂସଦରେ ବିଲ୍ ଆଗତ କରାଯାଇଥିଲା, ଯାହା ଗତ ୧୨ ଏବଂ ୧୩ରେ ପ୍ରଥମେ ଲୋକସଭା ଓ ପରବର୍ତ୍ତୀ ଅବସ୍ଥାରେ ରାଜ୍ୟସଭାରେ ଗୃହୀତ ହୋଇସାରିଛି। ଖଣି ହେଉଛି ଜାତୀୟ ସମ୍ପତ୍ତି। ଏହାର ସୁବିନିଯୋଗ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷ୍ୟ ରଖିଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଢ଼ିବା ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ। ସେହି ବିକଶିତ ଭାରତରେ ଖଣିଜ ସମ୍ପଦର ସଦୁପଯୋଗ ସହ ଭାଲ୍ୟୁ ଆଡେଡ୍ କରିବା ପାଇଁ ଏହି ଚମତ୍କାର ଆଇନ୍ ଅଣାଯାଇଛି। ପୂର୍ବରୁ ଖଣି କର ବ୍ୟବସ୍ଥାରେ ଯେଉଁ ବ୍ୟବସ୍ଥା ଥିଲା, ତାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଏହି ଆଇନ ଅଣାଯାଇଛି। ଏହାଦ୍ୱାରା ଓଡ଼ିଶା ସମେତ ସମସ୍ତ ଖଣିଜ ସମ୍ପଦପୂର୍ଣ୍ଣ ରାଜ୍ୟ ଓ ସର୍ବୋପରି ଦେଶ ଲାଭବାନ ହେବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ବିରୋଧୀ ଓଡ଼ିଶାକୁ ମିଳୁଥିବା ଲାଭ ବିଷୟରେ ନକହି ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତକର ତଥ୍ୟ ଦେଉଛନ୍ତି। ଜିଏସ୍‌ଟି ଲାଗୁ ସମୟରେ ମଧ୍ୟ ବିରୋଧୀ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିଲେ। ୨୦୧୬ ମସିହାରେ ଓଡ଼ିଶା ଟ୍ୟାକ୍ସ ଆକାରରେ ପାଖାପାଖି ୧୫, ୦୦୦ କୋଟି ଟଙ୍କା ପାଉଥିଲାବେଳେ ଜିଏସ୍‌ଟି ଲାଗୁ କାରଣରୁ ଚଳିତ ବର୍ଷ ୬୦, ୯୨୮ କୋଟି ଟଙ୍କା ପାଇଛନ୍ତି। ଏବେ ଏମ୍‌ଏମ୍‌ଡିଆର ଆଇନ୍‌ରେ ହୋଇଥିବା ସଂଶୋଧନ ଉପରେ ମଧ୍ୟ ସେଭଳି ଅପପ୍ରଚାର କରୁଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପ୍ର. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମଧ୍ୟ ଉପସ୍ଥିତ ଥିଲେ।

■ ହୁହୁ ହୋଇ ବଢୁଛି ଦରଦାମ୍

## ଶ୍ୱେତପତ୍ର ଦାବି କଲା କଂଗ୍ରେସ




ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ସାରା ଦେଶରେ ଦରଦାମ ହୁହୁ ହୋଇ ବଢ଼ିଚାଲିଛି। ଦରଦାମ ଉପରେ ସରକାରଙ୍କର ଆଦୌ ନିୟନ୍ତ୍ରଣ ନାହିଁ। ଆଗକୁ ସରକାର ଦରଦାମ କିପରି ନିୟନ୍ତ୍ରଣ କରିବେ, ସେନେଇ କୌଣସି ଯୋଜନା ମଧ୍ୟ ନାହିଁ। ଗରିବ ଓ ମଧ୍ୟବିତ୍ତଙ୍କ ଭାତଥାଳିରେ ଲାତ ମାରି ସରକାର ନିଘୋଡ଼ ନିଦରେ ଶୋଇଛନ୍ତି। ଆଗକୁ ସରକାର କିପରି ଦରଦାମ ନିୟନ୍ତ୍ରଣ କରିବେ ସେ ନେଇ ତୁରନ୍ତ ଶ୍ୱେତପତ୍ର ଜାରି କରିବା ସକାଶେ ଦାବି କରିଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ। କଂଗ୍ରେସ ଭବନରେ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ କଂଗ୍ରେସ ସରକାର ଦେଶରେ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଦୁଇଟି ବିପ୍ଳବ ଆଣି ସଫଳ ହୋଇଥିଲା। ସବୁଜ ବିପ୍ଳବ ଜରିଆରେ ଦେଶକୁ ଖାଦ୍ୟଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ କରିଥିଲା। ସେହିପରି ଶ୍ୱେତ ବିପ୍ଳବ ଜରିଆରେ ପ୍ରଚୁର ଦୁଗ୍ଧଜାତୀୟ ଉତ୍ପାଦର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଗତ ୧୨ ବର୍ଷରେ ବିଜେପି ସରକାର କୌଣସି ଗୋଟିଏ କ୍ଷେତ୍ରରେ ବି ଦେଶକୁ ସ୍ୱାବଲମ୍ବୀ କରିପାରିନାହିଁ। ଏଣେ ସରକାର କହୁଛନ୍ତି ଇଥାନଲ-୨୦ ପାଇଁ ଦେଶରେ ଚିନିର ଅଭାବ ହେଉନାହିଁ। ତେବେ ଏତେ ବର୍ଷ ପରେ କାହିଁକି ଦେଶକୁ ଏତେ ପରିମାଣରେ ଚିନି ଆମଦାନି କରିବାକୁ ପଡୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ସୋନାଲି ସାହୁ ମଧ୍ୟ ଉପସ୍ଥିତ ଥିଲେ।

# ଫନି ସହାୟତା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଏବେ ମିଳୁଛି

ଭୁବନେଶ୍ୱର,୨୨।୮: ସାମୁଦ୍ରିକ ଝଡ଼ 'ଫନି'ରେ ୭ବର୍ଷ ତଳେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ଭିତରୁ କେତେକଙ୍କୁ ଏବେ ସରକାର ସହାୟତା ରାଶି ପ୍ରଦାନ କରିବାକୁ ବାଧ୍ୟ ହୋଇଛନ୍ତି। ତେବେ ଏଥିପାଇଁ କିଛି ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଦୀର୍ଘବର୍ଷ ଧରି ପ୍ରଶାସନିକ ସ୍ତରରେ ଗୁହାରି ସହିତ ହାଇକୋର୍ଟରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ମାମଲା ଲଢ଼ିବାକୁ ପଡିଛି। ଶେଷରେ ରାଜ୍ୟ ସରକାର ଏହି ମାମଲାରେ ଉଭୟ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ହାରିବା ପରେ ଅଦାଲତ ଅବମାନନା ମାମଲାର ସମ୍ମୁଖୀନ ହେବାରୁ ବାଧ୍ୟ ହୋଇ କିଛି ବଞ୍ଚିତ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ଉଲ୍ଲେଖନୀୟ ଯେ ୨୦୧୯ରେ ସାମୁଦ୍ରିକ ଝଡ଼ ଫନିରେ ପୁରୀ ଜିଲ୍ଲା ସମେତ ଭୁବନେଶ୍ୱର ସବଡିଭିଜନର କେତେକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିଲା। ଏଥିରେ ଅନେକ ଘରଦ୍ୱାର ଭାଙ୍ଗି ଯାଇଥିଲା। ବିଶେଷକରି ବ୍ରହ୍ମଗିରି, କୃଷ୍ଣପ୍ରସାଦ, ପୁରୀ ସଦର, ସତ୍ୟବାଦୀ, ପିପିଲି, ଡେଲାଙ୍ଗ, ନିମାପଡା, କାକଟପୁର, ଅସ୍ତରଙ୍ଗ, ବାଲିଅନ୍ତା ବାଲିପାଟଣା, ବନମାଳିପୁର ଆଦିର ବହୁ ଗାଁ ଫନି ଯୋଗୁଁ ତଳିତଳାନ୍ତ ହୋଇଥିଲା। ତେବେ ରିଲିଫ କୋଡ୍‌ର ବ୍ୟବସ୍ଥା ଅନୁସାରେ କ୍ଷୟକ୍ଷତି ଆକଳନ କରିବାପରେ ସରକାର ବିପନ୍ନ ଲୋକଙ୍କୁ ଘରଭଙ୍ଗା ସାହାଯ୍ୟ ଦେବା ଆରମ୍ଭ କରିଥିଲେ। ପ୍ରବଳ ରାଜନୈତିକ ଚାପ ଯୋଗୁଁ କିଛି ଅଯୋଗ୍ୟ ବ୍ୟକ୍ତିଙ୍କୁ ସହାୟତା ମିଳିଥିବାବେଳେ ବହୁ କ୍ଷତିଗ୍ରସ୍ତ କିନ୍ତୁ ସରକାରୀ ଘରଭଙ୍ଗା ସାହାଯ୍ୟ ପାଇବାରୁ ବଞ୍ଚିତ ହୋଇଥିଲେ। ୨୦୨୪ ନିର୍ବାଚନରେ ବି ଏ ପ୍ରସଙ୍ଗ ଉଠିଥିଲା।

ପ୍ରଶାସନ ନିକଟରେ ଗୁହାରି ସହିତ ଲୋକ ପ୍ରତିନିଧିମାନଙ୍କୁ ବାରମ୍ବାର ଆବେଦନ ନିବେଦନ କରିବା ସତ୍ତ୍ୱେ ବଞ୍ଚିତ କ୍ଷତିଗ୍ରସ୍ତ ବ୍ୟକ୍ତିମାନଙ୍କୁ ସହାୟତା ରାଶି ଦିଆଯାଇନଥିଲା। ଏଭଳି ସ୍ଥିତିରେ କିଛି କ୍ଷତିଗ୍ରସ୍ତ ବ୍ୟକ୍ତି ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ସ୍ୱତନ୍ତ୍ର ରିଲିଫ କମିଶନର, ରାଜସ୍ୱ ବିଭାଗ ଶାସନ ସଚିବ ଆଦିଙ୍କ ସମେତ ପୁରୀ ଜିଲ୍ଲା ପ୍ରଶାସନ ମଧ୍ୟ ପକ୍ଷଭୁକ୍ତ ହୋଇଥିଲା। ଉଭୟ ପକ୍ଷର ଶୁଣାଣି ପରେ ଓଡିଶା ହାଇକୋର୍ଟ ରିଟ୍ ଆବେଦନକାରୀଙ୍କୁ ସମାନୁପାତିକ ଭାବେ ସରକାରୀ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡିଶା ହାଇକୋର୍ଟଙ୍କ ରାୟ ବିରୁଦ୍ଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ମାମଲା ରୁଜୁ କରିଥିଲେ। ତେବେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଓଡିଶା ହାଇକୋର୍ଟଙ୍କ ରାୟକୁ କାଏମ ରଖି ରାଜ୍ୟ ସରକାରଙ୍କ ଆବେଦନକୁ ଖାରଜ କରିବା ସହିତ କ୍ଷତିଗ୍ରସ୍ତମାନଙ୍କୁ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ସୁପ୍ରିମକୋର୍ଟରେ ମାମଲା ହାରିବା ପରେ ବି ବଞ୍ଚିତ କ୍ଷତିଗ୍ରସ୍ତ ବ୍ୟକ୍ତିମାନେ ସହାୟତା ରାଶି ସରକାରଙ୍କ ଠାରୁ ନପାଇବାରୁ ବାଧ୍ୟହୋଇ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ରାଜ୍ୟ ସରକାର ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଅଦାଲତ ଅବମାନନା ମାମଲାର ସମ୍ମୁଖୀନ ହେବାପରେ ଅଦାଲତଙ୍କ କାର୍ଯ୍ୟାନୁଷ୍ଠାନ ଭୟରେ ଏବେ କିଛି କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ସହାୟତାରାଶି ପ୍ରଦାନ କରିବାକୁ ବାଧ୍ୟ ହୋଇଛନ୍ତି। ଅନ୍ୟ ପକ୍ଷରେ ଅଭିଯୋଗ ହେଉଛି ଯେ ଯେଉଁମାନେ କେବଳ ଅଦାଲତ ଅବମାନନା ମାମଲା ରୁଜୁ କରିଛନ୍ତି ସେମାନଙ୍କୁ ସରକାରୀ ସହାୟତା ମିଳୁଥିବାବେଳେ ସରକାରଙ୍କ ବିରୁଦ୍ଧରେ ମାମଲା ରୁଜୁ କରିନଥିବା ବ୍ୟକ୍ତିମାନଙ୍କୁ କିନ୍ତୁ ସହାୟତା ରାଶି ଦିଆଯାଉନାହିଁ। ଏଭଳି ସ୍ଥିତିରେ ଗାଁ ଗହଳରେ ଚାଷବାସ କାମ ଛାଡି ଅନେକ ସାଧାରଣ ଲୋକ ବାତ୍ୟା ସହାୟତା ରାଶି ଲାଗି କୋର୍ଟରେ ମାମଲା ରୁଜୁ କରିବାପାଇଁ କଟକ ଦଉଡୁଛନ୍ତି। ତେବେ ସେମାନଙ୍କ ପ୍ରତି ଭାଗ୍ୟ ଦେବୀ କେବେ ପ୍ରସନ୍ନ ହେବେ ତାହା ଜଣାପଡୁନାହିଁ। (ତଥ୍ୟ)

# ୮.୪୮ ଲକ୍ଷ ଟଙ୍କାର ଲୁଟ୍ ନାଟକର ପର୍ଦ୍ଦାଫାସ




ଝାରସୁଗୁଡ଼ା,୨୨।୮(ସଂଚାର ବ୍ୟୁରୋ): ରାଡିଆଣ୍ଟ କ୍ୟାସ ମ୍ୟାନେଜମେଣ୍ଟ ସର୍ଭିସେସ ଲିମିଟେଡର ପ୍ରାୟ ୮.୪୮ ଲକ୍ଷ ଟଙ୍କା ଆତ୍ମସାତ କରିବା ପାଇଁ ରଚାଯାଇଥିବା ଏକ ପୂର୍ବପ୍ରସ୍ତୁତ ଷଡ଼ଯନ୍ତ୍ରର ବଡ଼ମାଳ ପୁଲିସ ସଫଳତାର ସହ ପର୍ଦ୍ଦାଫାସ କରିଛି। ଏହି ଘଟଣାରେ ସମ୍ପୃକ୍ତ ପ୍ରମୁଖ ଅଭିଯୁକ୍ତଙ୍କୁ ପୁଲିସ ଚିହ୍ନଟ କରିବା ସହ ଟଙ୍କା ଉଦ୍ଧାର କରିବାରେ ସଫଳ ହୋଇଛି। ପୁଲିସ ଦେଇଥିବା ସୂଚନାନୁଯାୟୀ, କମ୍ପାନୀର କ୍ୟାସ ଏକଜିକ୍ୟୁଟିଭ ପିଙ୍କୁ ସୁନା ଗତ ୨୦ ତାରିଖରେ ବଡ଼ମାଳସ୍ଥିତ ଟୟୋଟା ଶୋ'ରୁମ ନିକଟରୁ ତାଙ୍କ ନିକଟରେ ଥିବା କମ୍ପାନୀର ୮.୪୮ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟାଭିତ୍ତିକ ତଦନ୍ତ ଆରମ୍ଭ କରିଥିଲା।

ସିସିଟିଭି ଫୁଟେଜ୍, ସ୍ଥାନୀୟ ଗୋଇନ୍ଦା ତଥ୍ୟ ଓ ଅଭିଯୁକ୍ତଙ୍କ ଗତିବିଧିକୁ ଅନୁଧ୍ୟାନ କରିବା ପରେ ପୁଲିସକୁ ପ୍ରାରମ୍ଭିକ ଲୁଟ୍ କାହାଣୀରେ ବ୍ୟାପକ ଅସଙ୍ଗତି ଦେଖିବାକୁ ମିଳିଥିଲା। ଅଧିକ ଛାନଭିନ୍‌ରୁ ଏହା କୌଣସି ଲୁଟ୍ ନୁହେଁ, ବରଂ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ସ୍ପଷ୍ଟ ହୋଇଥିଲା, ଯାହାର ମୁଖ୍ୟ ନାୟକ ଥିଲେ ନିଜେ କ୍ୟାସ ଏକଜିକ୍ୟୁଟିଭ ପିଙ୍କୁ ସୁନା। ଏହି ଷଡ଼ଯନ୍ତ୍ରରେ ପିଙ୍କୁ ନିଜ ସମ୍ପର୍କୀୟ ରବି ସୁନାଙ୍କୁ ସାମିଲ କରିଥିଲେ। ରବି ଅନ୍ୟ ଜଣେ ସହଯୋଗୀ ଆନନ୍ଦ ତାଣ୍ଡିଙ୍କୁ ଏଥିରେ ଯୋଡ଼ିଥିବା ବେଳେ ମନୋଜ ନନ୍ଦ ନାମକ ବ୍ୟକ୍ତି ନଗଦ ଟଙ୍କା ସଂଗ୍ରହ ସ୍ଥାନ ବିଷୟରେ ତଥ୍ୟ ଯୋଗାଇ ସହଯୋଗ କରିଥିଲେ। ଗତ ୧୬ ତାରିଖରେ ରାଉରକେଲାରେ ଏହି ଷଡ଼ଯନ୍ତ୍ର ରଚାଯାଇଥିଲା ଓ ୧୮ ତାରିଖରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦ ତାରିଖରେ ଏହାକୁ ଲୁଟ୍‌ର ରୂପ ଦେବାକୁ ଚେଷ୍ଟା କରାଯାଇଥିଲା।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ରବିବାର ୨୩ ଅଗଷ୍ଟ ୨୦୨୬, ଭୁବନେଶ୍ୱର
Sunday 23 August 2026, Bhubaneswar

# ମଣିଷ ଗ୍ୟାଜେଟ୍‌ର ଦାସ

ଆଜିର ଯୁଗରେ ଗ୍ୟାଜେଟ୍ ଆମ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛି। ସ୍ମାର୍ଟଫୋନ୍, କମ୍ପ୍ୟୁଟର, ଟ୍ୟାବ୍‌ଲେଟ୍, ସ୍ମାର୍ଟୱାଚ୍ ଏବଂ ଇଣ୍ଟରନେଟ୍ ସଂଯୁକ୍ତ ଯନ୍ତ୍ରଗୁଡ଼ିକ ବିନା ଦିନ କଳ୍ପନା କରିବା କଷ୍ଟକର ହୋଇଛି। ଦିଗ ଉଠେ – ଆମେ ଗ୍ୟାଜେଟ୍‌କୁ ବ୍ୟବହାର କରୁଛୁ କି ଗ୍ୟାଜେଟ୍ ଆମକୁ ନିୟନ୍ତ୍ରଣ କରୁଛି? ଏହି ପ୍ରଶ୍ନ ଆଜି ସମାଜ ଓ ମାନବଜାତି ପାଇଁ ଗୁରୁତ୍ୱପୂର୍ଣ୍ଣ। ଗ୍ୟାଜେଟ୍‌ର ଉପକାରିତା ଅସ୍ୱୀକାର୍ଯ୍ୟ। ଯୋଗାଯୋଗ କ୍ଷେତ୍ରରେ ବିପ୍ଳବ ଆସିଛି। ଦୂରରେ ଥିବା ପରିବାର ସଦସ୍ୟ କିମ୍ବା ବନ୍ଧୁଙ୍କ ସହ ଭିଡିଓ କଲ୍ ମାଧ୍ୟମରେ ସହଜରେ କଥାବାର୍ତ୍ତା ହୋଇପାରୁଛି। ଶିକ୍ଷା କ୍ଷେତ୍ରରେ ଅନଲାଇନ୍ କ୍ଲାସ୍, ଡିଜିଟାଲ୍ ଲାଇବ୍ରେରୀ ଓ ଶିକ୍ଷଣୀୟ ଆପ୍ ଶିକ୍ଷାର୍ଥୀଙ୍କୁ ବିଶ୍ୱର ଜ୍ଞାନ ଦ୍ୱାର ଖୋଲିଦେଇଛି। ସ୍ୱାସ୍ଥ୍ୟ ସେବାରେ ଟେଲିମେଡିସିନ୍, ଫିଟନେସ୍ ଟ୍ରାକର୍ ଓ ଆପ୍‌ଗୁଡ଼ିକ ରୋଗୀଙ୍କୁ ସମୟରେ ଚିକିତ୍ସା ପାଇବାରେ ସାହାଯ୍ୟ କରୁଛି। ବ୍ୟବସାୟ, ବ୍ୟାଙ୍କିଙ୍ଗ୍, କୃଷି ଓ ସରକାରୀ ସେବା ଡିଜିଟାଲ୍ ହୋଇ ସମୟ ଓ ଶ୍ରମ ବଞ୍ଚାଉଛି। ଜରୁରୀ ସୂଚନା, ପାଗ ସୂଚନା, ଦୁର୍ଘଟଣା ସତର୍କତା ପରି ବିଷୟରେ ତୁରନ୍ତ ଜାଣିବା ସମ୍ଭବ ହୋଇଛି। ଏହିସବୁ ଗ୍ୟାଜେଟ୍‌ର ସକାରାତ୍ମକ ଦିଗ। ତଥାପି ଏହାର ନକାରାତ୍ମକ ପ୍ରଭାବ କ୍ରମଶଃ ଗମ୍ଭୀର ହେଉଛି। ଅନେକ ଲୋକ ସ୍ମାର୍ଟଫୋନ୍‌ରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ସକାଳ ଉଠିବାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ସ୍କ୍ରିନ୍ ଦେଖିବା ଏକ ଅଭ୍ୟାସ ହୋଇଯାଇଛି। ଏହି ନିର୍ଭରଶୀଳତା ଆମକୁ ନିୟନ୍ତ୍ରଣ କରୁଛି। ସୋସିଆଲ୍ ମିଡିଆ ଆଲଗୋରିଦମ୍ ଆମର ରୁଚି, ମତାମତ ଓ ଆଚରଣକୁ ପ୍ରଭାବିତ କରୁଛି। ଆମେ ଯାହା ଦେଖିବାକୁ ଚାହୁଁ ତାହା ନୁହେଁ,



ଯାହା ଆମକୁ ଦେଖାଯାଉଛି ତାହା ଦେଖୁଛୁ। ଏହା ମନୋବୈଜ୍ଞାନିକ ନିୟନ୍ତ୍ରଣର ଏକ ରୂପ। ସମାଜ ଉପରେ ପ୍ରଭାବ ଗମ୍ଭୀର। ପରିବାର ମଧ୍ୟରେ ମୁହାଁମୁହିଁ ଆଲୋଚନା କମିଯାଉଛି। ପିଲାମାନେ ଖେଳ ପରିବର୍ତ୍ତେ ଗେମିଂରେ ମଜିଯାଉଛନ୍ତି। ମାନସିକ ସ୍ୱାସ୍ଥ୍ୟ ସମସ୍ୟା - ଉଦ୍‌ବେଗ, ଡିପ୍ରେସନ୍, ନିଦ୍ରାହୀନତା - ବଢ଼ୁଛି। ଶାରୀରିକ ସ୍ୱାସ୍ଥ୍ୟରେ ମଧ୍ୟ ପ୍ରଭାବ ପଡ଼ୁଛି; ଚକ୍ଷୁ ଦୁର୍ବଳତା, ମେଦବହୁଳତା ଓ ଅସ୍ଥିସନ୍ଧି ସମସ୍ୟା ବଢ଼ୁଛି। ଗୋପନୀୟତା ହରାଉଛି। ଆମର ତଥ୍ୟ ବିଭିନ୍ନ କମ୍ପାନୀ ଓ ସରକାର ଦ୍ୱାରା ସଂଗ୍ରହ ହୋଇ ବ୍ୟବହୃତ ହେଉଛି। ମିଥ୍ୟା ସୂଚନା ଓ ଭୁଲ ଖବର ସମାଜରେ ବିଭ୍ରାନ୍ତି ସୃଷ୍ଟି କରୁଛି। ଡିଜିଟାଲ୍ ବିଭାଜନ ଧନୀ-ଗରିବ ମଧ୍ୟରେ ବ୍ୟବଧାନ ବଢ଼ାଉଛି। ମାନବଜାତି ପାଇଁ ବିପଦ ହେଉଛି ସ୍ୱାଧୀନ ଚିନ୍ତାଧାରାର କ୍ଷୟ। ଯେତେବେଳେ ସବୁ ଉତ୍ତର ଗୁଗୁଲ୍‌ରେ ମିଳେ, ସ୍ମୃତି ଶକ୍ତି ଓ ସମାଲୋଚନାତ୍ମକ ଚିନ୍ତା କମିଯାଏ। ମନୁଷ୍ୟ ଯନ୍ତ୍ରର ଦାସ ହୋଇପଡ଼ିବାର ଆଶଙ୍କା ବାସ୍ତବ। କୃତ୍ରିମ ବୁଦ୍ଧି ଓ ଅଟୋମେସନ୍ ଚାକିରି ହରାଇବାର ଭୟ ମଧ୍ୟ ରହିଛି। ତଥାପି ସମାଧାନ ଆମ ହାତରେ। ଗ୍ୟାଜେଟ୍ ଏକ ଉପକରଣ; ଏହା ନିଜେ ଭଲ କିମ୍ବା ମନ୍ଦ ନୁହେଁ। ଆମେ ଏହାକୁ କିପରି ବ୍ୟବହାର କରୁ ତାହା ଉପରେ ନିର୍ଭର କରେ। ସମୟ ସୀମିତ କରିବା, ଡିଜିଟାଲ୍ ଡିଟକ୍ସ କରିବା, ପରିବାର ସହ ଗୁଣାତ୍ମକ ସମୟ ବିତାଇବା ଆବଶ୍ୟକ। ଶିକ୍ଷା ବ୍ୟବସ୍ଥାରେ ଡିଜିଟାଲ୍ ସାକ୍ଷରତା ଓ ସମାଲୋଚନାତ୍ମକ ଚିନ୍ତା ଶିଖାଇବା ଦରକାର। ସରକାର ଓ ସମାଜ ଗୋପନୀୟତା ସୁରକ୍ଷା ଓ ମିଥ୍ୟା ସୂଚନା ନିୟନ୍ତ୍ରଣରେ ସକ୍ରିୟ ହେବା ଉଚିତ। ଶେଷରେ କହିବାକୁ ହେବ, ଆମେ ଗ୍ୟାଜେଟ୍‌ର ମାଲିକ ହେବା ଉଚିତ, ଦାସ ନୁହେଁ। ପ୍ରଯୁକ୍ତି ମାନବଜାତିକୁ ସେବା କରିବା ପାଇଁ, ନିୟନ୍ତ୍ରଣ କରିବା ପାଇଁ ନୁହେଁ। ସନ୍ତୁଳିତ ବ୍ୟବହାର ହିଁ ସମାଜ ଓ ମାନବତାକୁ ସୁରକ୍ଷିତ ରଖିବ। ଆଜିର ପିଢ଼ି ଯଦି ଏହି ସତ୍ୟ ବୁଝିପାରେ, ତେବେ ଭବିଷ୍ୟତ ଉଜ୍ଜ୍ୱଳ ରହିବ।

# ଦେଶରେ ଶିକ୍ଷାନୁଷ୍ଠାନର ସ୍ୱାଧୀନତା

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)



ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ୱାଧୀନତା ନେଇ 'ଭେରାଇଟିଜ୍ ଡେମୋକ୍ରାଟିକ୍' ପକ୍ଷରୁ ଆନ୍ତର୍ଜାତିକ ସ୍ତରରେ କରାଯାଇଥିବା ର୍‍ୟାଙ୍କରେ ୧୭୯ଟି ଦେଶ ମଧ୍ୟରେ ଭାରତରେ ଶିକ୍ଷାନୁଷ୍ଠାନର ସ୍ୱାଧୀନତା ସୂଚ୍ୟାଙ୍କ ସବୁଠାରୁ ସର୍ବନିମ୍ନ ୧୦ ରୁ ୨୦ ପ୍ରତିଶତ ତଳେ ରହିଛି। ଦେଶରେ ଶିକ୍ଷାନୁଷ୍ଠାନର ସ୍ୱାଧୀନତା ଏବେ ଜରୁରୀକାଳୀନ ପରିସ୍ଥିତି ଏବଂ ୧୯୭୦ ମସିହା ଠାରୁ ସର୍ବନିମ୍ନ ସ୍ତରରେ ରହିଥିବା କୁହାଯାଇଛି। ଭେରାଇଟିଜ୍ ଅଫ ଡେମୋକ୍ରାସି ଇଣ୍ଡେକ୍ସ ମାପଦଣ୍ଡ ଭାବେ ଶିକ୍ଷାନୁଷ୍ଠାନରେ ଗବେଷଣା ଶିକ୍ଷା, ପ୍ରତିଷ୍ଠାନିକ ସ୍ୱାୟତତା, ଶୈକ୍ଷିକ ବିନିମୟ ଏବଂ ପ୍ରସାର, ଶିକ୍ଷାନୁଷ୍ଠାନର ଅଖଣ୍ଡତା ଏବଂ ସାଂସ୍କୃତିକ ଅଭିବ୍ୟକ୍ତିକୁ ମାପଦଣ୍ଡ ଭାବେ ବ୍ୟବହାର କରାଯାଇଥିଲା। ରିପୋର୍ଟରେ କୁହାଯାଇଛି ଯେ, ଭାରତର ଶିକ୍ଷାନୁଷ୍ଠାନ ସ୍ୱାଧୀନତା କେବେହେଲେ କଟକଣା ମୁକ୍ତ ନଥିବା ବେଳେ ୨୦୧୩ ଓ ୨୦୨୫ ମଧ୍ୟରେ ଏହି ଦ୍ରୁତ ବେଗରେ ନିମ୍ନଗାମୀ ହୋଇଛି। ଯେଉଁ ସମୟରେ ବିଜେପି ଭାରତରେ କ୍ଷମତାରେ ରହିଛି। ଶିକ୍ଷାନୁଷ୍ଠାନର ସ୍ୱାଧୀନତା ସୂଚ୍ୟାଙ୍କରେ ଭାରତର ସ୍କୋର ୧ ରୁ ମାତ୍ର ୦.୧୪ ରହିଛି ଯାହାକି ୨୦୧୫ ସ୍କୋର ତୁଳନାରେ ୦.୨୯ ପଏଂଟ ହ୍ରାସ ପାଇଛି। ରିପୋର୍ଟରେ କୁହାଯାଇଛି ଯେ, ଶିକ୍ଷାନୁଷ୍ଠାନ ସ୍ୱାଧୀନତା ସାମଗ୍ରୀକ ସ୍କୋର ୧ରୁ ୦.୧୪ଥିବାବେଳେ ଗବେଷଣା ସ୍ୱାଧୀନତା ୪ ରୁ ୧.୧୯, ସ୍ୱାୟତତା ୧.୧୨, ଶିକ୍ଷାନୁଷ୍ଠାନ ବିନିମୟ ୧.୦୦, ସାଂସ୍କୃତିକ



ଅଭିବ୍ୟକ୍ତି ୦.୦୧, କ୍ୟାମ୍ପସ ଅଖଣ୍ଡତା ୧.୦୦ ସୂଚ୍ୟାଙ୍କ ରହିଛି। ଉଲ୍ଲେଖଯୋଗ୍ୟ କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ନୀତି ୨୦୨୦ର ମୁଖ୍ୟ ଉଦ୍ଦେଶ୍ୟ ଏକ ସମନ୍ୱିତ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଶିକ୍ଷାର କେନ୍ଦ୍ରୀକରଣ କରିବା ରହିଛି। ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାନ ଗୁଡିକରେ ପୃଥକ୍ ପୃଥକ ଶୈକ୍ଷଣିକ ଆବଶ୍ୟକତାରୁ ବିକଶିତ କରିବା ଏବଂ ଐତିହାସିକ ପରମ୍ପରାଗୁଡ଼ିକୁ ଏକକ ନିୟମ ଅଧିନରେ ରଖିବା ସହ ଶାସନର ନୀତି ଆଦର୍ଶକୁ ସ୍ଥାନ ଦେବା। ଏହାକୁ ସରକାରୀ ଭାବେ କାର୍ଯ୍ୟକାରୀ କରିବା ପାଇଁ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ୨୦୨୫ର ମୁଖ୍ୟ ଲକ୍ଷ ରହିଛି। ଏହି ଆଇନରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଏକକ ବା ସମାନ ଆଇନ ପ୍ରଚଳନର ବ୍ୟବସ୍ଥା ରହିଛି। ଏବେ ଇଣ୍ଡିଆନ ଷ୍ଟାଟିସକାଲ ଇନ୍‌ଷ୍ଟିଚ୍ୟୁଟ ଏବଂ ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସରେ ପରିବର୍ତ୍ତନ ଅଣାଯାଉଛି। କେନ୍ଦ୍ରୀକରଣ ସତ୍ତ୍ୱେ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡିକରେ ନାମ ଲେଖା ପରୀକ୍ଷା ଗୁଡିକରେ ଦୁର୍ନୀତି ଓ ଯାହାକି ଏକ ସାଂକେତିକ ବିଫଳତା ଲାଗି ରହିଛି। ଏନଟିଏ ଦ୍ୱାରା ପରିଚାଳିତ ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରେ। ଆହୁରି ମଧ ବିଶ୍ୱବିଦ୍ୟାଳୟର କୁଳପତି ମନୋନୟନ ପାଇଁ ନିକଟରେ ପ୍ରସ୍ତୁତ ନିୟମରେ କେବଳ ୧୦ବର୍ଷ ପ୍ରଫେସର ଭାବେ କାର୍ଯ୍ୟ କରିଥିବା ଅଭିଜ୍ଞତାର ଆବଶ୍ୟକତା ନାହିଁ, ଶିଳ୍ପ, ପବ୍ଲିକ ଆଡମିନିଷ୍ଟ୍ରେସନ କିମ୍ବା ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ୧୦ବର୍ଷର ଅଭିଜ୍ଞତାଧାରୀଙ୍କୁ ବିଚାରକୁ ନିଆଯାଇପାରେ। ଏହା ଫଳରେ ଅଣ-ଶିକ୍ଷକଙ୍କ ପ୍ରଭାବ ଶିକ୍ଷାନୁଷ୍ଠାନରେ ବୃଦ୍ଧି ପାଇବା ସହ ମନୋନୟକାରୀ କମିଟିରେ ଏହି ନୀତି ନିୟମ ଗୁରୁତ୍ୱ ବୃଦ୍ଧି ପାଇଛି। ସେହିପରି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକର ଗଭର୍ଣ୍ଣର୍ ବୋର୍ଡଗୁଡିକ କେନ୍ଦ୍ର ସରକାରଙ୍କ ପ୍ରତିନିଧିମାନଙ୍କ ଦ୍ୱାରା ପୁରଣ ହେବ। ଏହା ଫଳରେ କେବଳ ଶିକ୍ଷକମାନଙ୍କ ଭୂମିକା ହ୍ରାସ ପାଇବ ନାହିଁ। ରାଜ୍ୟମାନଙ୍କର ଭୂମିକା ମଧ ଗୁରୁତ୍ୱ ହରାଇବ। ସେହି ପରି ପାଠ୍ୟପୁସ୍ତକ ଗୁଡିକରେ ବୈଜ୍ଞାନିକ ଚିନ୍ତାଧାରା ପରିବର୍ତ୍ତେ ଦଳର ନୀତି ଆଦର୍ଶ ଇତିହାସ ଓ ସଂସ୍କୃତି ଏବଂ ପୁରାତନ ପୌରାଣିକ ବିଷୟବସ୍ତୁ ଗୁରୁତ୍ୱ ଲାଭ କରିଛି। ଏଥିରୁ ଶିକ୍ଷାନୁଷ୍ଠାନର ସ୍ୱାଧୀନତା କେଉଁ ସ୍ତରରେ, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ଉତ୍କଟ ବେକାରୀ ବନାମ ଚାକିରି ବିକିରି

ପ୍ରହଲାଦ କୁମାର ସିଂହ

ଆର୍ଥିକ ସଂକଟ ଓ ଅନ୍ୟାନ୍ୟ କାରଣରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ ଚାକିରିରେ ଗତ ୨୫ବର୍ଷ ମଧରେ ବ୍ୟାପକ ପଦପଦବୀ ଉଚ୍ଛେଦ ହୋଇଛି। ଏହାଛଡ଼ା ଯେତିକି ବି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି ସେଥିରୁ ଅନେକ ପୂରଣ ହେଉନାହିଁ । ଏ ପରିପ୍ରେକ୍ଷୀରେ ସରକାରୀ ଚାକିରି କ୍ରମଶଃ ଦୁର୍ଲଭ ହୋଇପଡୁଥିବାବେଳେ ଯେତେବେଳେ ବି କିଛିକିଛି ପଦବୀ ପୂରଣ ପାଇଁ ପ୍ରକ୍ରିୟା ଚାଲୁଛି ସେଥିରେ ବହୁ କ୍ଷେତ୍ରରେ ବ୍ୟାପକ ଅନିୟମିତତା, ପକ୍ଷପାତିତା ଓ ଦୁର୍ନୀତି ହେଉଥିବା ଘେନି ଅଭିଯୋଗମାନ ଆସୁଛି । ଏହି ଭିତ୍ତିଭୂମିରେ ବେଳେବେଳେ ଅଯୋଗ୍ୟ ପ୍ରାର୍ଥୀଙ୍କୁ ଯୋଗ୍ୟ ଦେଖାଇ ନିଯୁକ୍ତି ଦିଆଯାଉଥିବା ସ୍ଥଳେ ଯୋଗ୍ୟ ପ୍ରାର୍ଥୀଙ୍କୁ ବଞ୍ଚିତ କରାଯାଉଛି । ଆଇନ୍ ଅଦାଲତଙ୍କ ହସ୍ତକ୍ଷେପ ପରେ ଅବଶ୍ୟ ଅନେକ କ୍ଷେତ୍ରରେ ବଞ୍ଚିତ ପ୍ରାର୍ଥୀ ନ୍ୟାୟ ପାଉଛନ୍ତି । ଏ ପରିପ୍ରେକ୍ଷୀରେ ନିଯୁକ୍ତି ସୁଯୋଗରୁ ବଞ୍ଚିତ ପ୍ରାର୍ଥୀମାନଙ୍କ ମନରେ 'ଚାକିରି ବିକିରି' ଚାଲିଥିବା ଘେନି ସନ୍ଦେହ ବଢ଼ିବା ସ୍ୱାଭାବିକ ।

ଏବେ ଓଡ଼ିଶା ହାଇକୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି । ଜିଲ୍ଲା ଜଜ୍ କ୍ୟାଡର୍‌ରେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ଅନୁଷ୍ଠିତ ଲିଖିତ ପରୀକ୍ଷାରେ ଜଣେ ପ୍ରାର୍ଥୀ ଅଧିକ ନମ୍ବର ରଖିଥିଲେ ମଧ ତାହା କମାଇ ତାଙ୍କୁ ମୌଖିକ ପରୀକ୍ଷାରୁ ବଞ୍ଚିତ କରାଯାଇଥିବା ଘେନି ଅଭିଯୋଗ ଆସିଥିଲା । ହାଇକୋର୍ଟ ଏହି ଅଭିଯୋଗର ଫରେନ୍‌ସିକ୍ ଯାଞ୍ଚ କରିବା ପରେ ପ୍ରାର୍ଥୀଙ୍କ ନମ୍ବର ପରିବର୍ତ୍ତନ କରାଯାଇଥିବାର ପ୍ରାମାଣିକ ତଥ୍ୟ ପାଇବା ପରେ ଆବେଦନକାରୀଙ୍କୁ ସାକ୍ଷାତକାର ପାଇଁ ସୁଯୋଗ ଦେବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍ୟାୟ, ଅନୀତି, ଦୁର୍ନୀତି ଆଦି କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ଆମ ସମ୍ବିଧାନ ବିଚାର ବ୍ୟବସ୍ଥା ରଖିଛି । ତେବେ ବିଚାରପତି ପଦବୀ ପାଇଁ ହେଉଥିବା ନିଯୁକ୍ତି ପ୍ରକ୍ରିୟାରେ ବି ତ୍ରୁଟି ବିଚ୍ୟୁତି ରହୁଥିବାରୁ ଏହି ପଦବୀ ପାଇଁ ଆଶାୟୀ ପ୍ରାର୍ଥୀଙ୍କୁ ଅଦାଲତଙ୍କ ଆଶ୍ରୟ ନେବାକୁ ପଡୁଛି । ଏହା ଏକମାତ୍ର କିମ୍ବା ପ୍ରଥମ ଘଟଣା ନୁହେଁ । ଏହା ପୂର୍ବରୁ ଏଭଳି ଅନେକ ଅଘଟଣ ଘଟିଛି । ଜଣେ ଓଜେଏସ୍ ପ୍ରାର୍ଥୀଙ୍କ ଯୋଗ୍ୟତା ମୂଲ୍ୟାୟନରେ ଏଭଳି ତ୍ରୁଟି ବିଚ୍ୟୁ ଯୋଗୁ ସେ କମ୍ ନମ୍ବର ପାଇଥିବା ଅଦାଲତଙ୍କ ନଜରକୁ ଆସିବା ପରେ ବଞ୍ଚିତ ପ୍ରାର୍ଥୀଙ୍କୁ କ୍ଷତିପୂରଣ ଦେବା ପାଇଁ ଅତୀତରେ ରାୟ ପ୍ରକାଶ ପାଇଛି । ସେହିଭଳି ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ନଥିବା ଅନୁଭବ କରି ପୂର୍ବରୁ ହାଇକୋର୍ଟ ଯେଉଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ ସେଥିରେ ଜଣେ ବିଚାରପତିଙ୍କୁ ପଦବୀ ହରାଇବାକୁ ପଡ଼ିଥିଲା । ଖୋଦ୍ ଓଡ଼ିଶା ହାଇକୋର୍ଟର ସହକାରୀ ସେକ୍ସନ୍ ଅଫିସର ପଦବୀ ଲାଗି ହୋଇଥିବା ପ୍ରବେଶିକା ପରୀକ୍ଷାରେ ତ୍ରୁଟି ବିଚ୍ୟୁତି ଘଟଣା ନଜରକୁ ଆସିବା ପରେ ଏହାର ସଂଶୋଧନ ପାଇଁ ପଦକ୍ଷେପ ନିଆଯାଉଥିବା କୁହାଯାଉଛି ।

ରାଜ୍ୟ ସଚିବାଳୟ ଓ ଓଡ଼ିଶା ବିଧାନସଭା ସଚିବାଳୟରେ ଅତୀତରେ ଦିଆଯାଇଥିବା ନିଯୁକ୍ତି ଦୁର୍ନୀତି ଘେନି ବିଭିନ୍ନ ମହଲରେ ବ୍ୟାପକ ଚର୍ଚ୍ଚା ହୋଇଥିଲା । ଏ ଘଟଣା ବି ଆଇନ୍ ଅଦାଲତକୁ ଆସିଥିଲା । ଆଜିର ଦିନରେ ବି ନିଯୁକ୍ତି ସଂକ୍ରାନ୍ତୀୟ କେଲେଙ୍କାରୀ ଘେନି ଅନେକ ମାମଲା ବିଚାରାଧୀନ ରହିଛି । ବ୍ୟବସ୍ଥାଗତ ତ୍ରୁଟି ଯୋଗୁ ୨୦୧୭ ବ୍ୟାଚ୍‌ର ଓଡ଼ିଶା ସଭିଲ୍ ସର୍ଭିସ୍ ପରୀକ୍ଷାର ଜଣେ କୃତୀ ପ୍ରାର୍ଥୀଙ୍କୁ ଚାକିରି ନଦେଇ ତାଙ୍କଠାରୁ ଢେର କମ୍ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ମିଳିବା ପରେ ଏହି ପ୍ରାର୍ଥୀ ଜଣକ ଆଇନ୍ ଅଦାଲତରେ ନ୍ୟାୟ ଭିକ୍ଷା କରିଥିଲେ । ପ୍ରାୟ ୫ବର୍ଷ ଧରି ମାମଲା ଲଢ଼ିବା ପରେ ଶେଷରେ ଓଡ଼ିଶା ହାଇକୋର୍ଟଙ୍କ ଏକ ଐତିହାସିକ ରାୟ ଭିତ୍ତିରେ ବଞ୍ଚିତ ପ୍ରାର୍ଥୀଙ୍କ ନାମ ଓଡ଼ିଶା ଲୋକସେବା ଆୟୋଗ ମେଧା ତାଲିକାରେ ସ୍ଥାନିତ କଲେ ଏବଂ ସେହି ଭିତ୍ତିରେ ରାଜ୍ୟ ସରକାର ଉକ୍ତ ବଞ୍ଚିତ ପ୍ରାର୍ଥୀଙ୍କୁ ୨୦୨୪ ମସିହାରେ ଓଡ଼ିଶା ପ୍ରଶାସନିକ ସେବାରେ ନିଯୁକ୍ତି ଦେଲେ । ଏହି ମାମଲାରେ ବି ବଞ୍ଚିତ ପ୍ରାର୍ଥୀଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ ସହ ତାଙ୍କଠାରୁ କମ୍ ନମ୍ବର ରଖିଥିବା ପ୍ରାର୍ଥୀ ଯେବେଠାରୁ ନିଯୁକ୍ତି ପାଇଥିଲେ ସେବେଠାରୁ ତାଙ୍କୁ ଚାକିରିର ସମସ୍ତ ସୁବିଧା ଦେବାକୁ ଅଦାଲତ ଦେଇଥିବା ଆଦେଶ ପରିପ୍ରେକ୍ଷୀରେ ତାଙ୍କର ବରିଷ୍ଠତା ଓ ବେତନ ନିର୍ଦ୍ଧାରଣ କରାଯାଇଥିଲେ ମଧ ହାଇକୋର୍ଟଙ୍କ ରାୟ ମୁତାବକ ଏଯାବତ୍ ଅନୁପାଳନ ରିପୋର୍ଟ କୋର୍ଟରେ ଦାଖଲ କରାଯାଇ ନାହିଁ ।

ସେହିଭଳି ଆଉ ଏକ ବଡ଼ଧରଣର ନିଯୁକ୍ତି କେଲେଙ୍କାରୀ ଘଟିଥିଲା ୨୦୧୩-୧୪ ମସିହାରେ । ଅନ୍ୟ ବିଭାଗ ସହ ଜଳ ସଂପଦ ବିଭାଗ ଓ ପଞ୍ଚାୟତିରାଜ ବିଭାଗକୁ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କ ନାମ ପ୍ୟାନେଲ୍‌ରୁ ପଠାଯାଇଥିଲା । ସେ ସମସ୍ତଙ୍କୁ ନିଯୁକ୍ତି ନଦେଇ କିଛି ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ସହିତ ମୂଲଚାଲ୍ ହୋଇଥିବା ଘେନି ସେତେବେଳେ ଗୁରୁତର ଅଭିଯୋଗମାନ ଆସିଥିଲା । ଏହି କ୍ରମରେ ଅନୁସୂଚିତ ଜନଜାତି ବର୍ଗର କିଛି ପ୍ରାର୍ଥୀଙ୍କୁ ନିଯୁକ୍ତି ନଦେଇ ପଦ ଖାଲି ରଖାଗଲା । ଏହି ବଞ୍ଚିତ ସଂରକ୍ଷିତ ପ୍ରାର୍ଥୀଙ୍କ ଭିତରୁ ଦୁଇଜଣ ଆଇନ୍ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ୨୦୧୯ ମସିହାରେ ୬୪ଜଣଙ୍କୁ ନିଯୁକ୍ତି ଦିଆଗଲା । ତେବେ ଏହି ପ୍ରାର୍ଥୀ ଏବଂ ସେମାନଙ୍କ ପରିବାର ପରିଜନ ୫ବର୍ଷ ଧରି ଯେଭଳି ମାନସିକ ଦୁଶ୍ଚିନ୍ତାରେ ରହିଲେ ଏବଂ ଯେତେ କ୍ଷତି ସହିଲେ ତା'ର ଭରଣା କରିବ କିଏ? ସେ ସମୟରେ ଏସ୍‌ଇବିସି ବର୍ଗର କିଛି ବଞ୍ଚିତ ପ୍ରାର୍ଥୀ ମାମଲା ଲଢ଼ି ଚାଲିଥିଲେ ମଧ ୧୨ବର୍ଷ ଧରି ସେମାନେ ନିଯୁକ୍ତି ପାଇପାରି ନାହାନ୍ତି । ନିଯୁକ୍ତି କ୍ଷେତ୍ରରେ ସେମାନଙ୍କ ଭାଗ୍ୟୋଦୟ କେବେ ହେବ ତାହା କିଏ କହିବ?

ଆଇନ୍‌ଶୃଙ୍ଖଳା ରକ୍ଷା ସହ ଚୋରି ଧରିବା ଦାୟିତ୍ୱ ପୁଲିସର । କିନ୍ତୁ ପୁଲିସ ଚାକିରି କ୍ଷେତ୍ରରେ ଯଦି ଚୋରି ହେବ ସେ କ୍ଷେତ୍ରରେ କ୍ଷତିଗ୍ରସ୍ତମାନେ କରିବେ କ'ଣ? ଅତୀତରେ ପୁଲିସ ନିଯୁକ୍ତିରେ ଦୁର୍ନୀତି ଅଭିଯୋଗରେ ବରିଷ୍ଠ ଆଇପିଏସ୍ ଅଫିସର ଦୁର୍ନୀତି ମାମଲାରେ ଛନ୍ଦି ହୋଇଥିବାର ନଜିର ରହିଛି । କିଛିବର୍ଷ ତଳେ ଓଡ଼ିଶା ପୁଲିସର ସବ୍ ଇନ୍ସପେକ୍ଟର ପଦବୀରେ ନିଯୁକ୍ତି ଲାଗି ବିଜ୍ଞାପନ ପ୍ରକାଶ ପାଇଥିଲା । ତେବେ ଏହି ପ୍ରତିଯୋଗିତାମୂଳକ ପରୀକ୍ଷାର ପରିଚାଳନା ଦାୟିତ୍ୱ କେତେକ ଘରୋଇ ସଂସ୍ଥାକୁ ଦିଆଗଲା । ବର୍ଷବର୍ଷ ଧରି ଯେଉଁମାନେ ଶାରୀରିକ ଓ ଲିଖିତ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିଲେ ସେମାନଙ୍କ ଆଶାରେ ସତେ ଯେମିତି ବୁଲ୍‌ଡୋଜର ଚଢ଼ାଇ ଦିଆଗଲା । ଏହି ନିଯୁକ୍ତି ପ୍ରକ୍ରିୟାରେ ଦୁର୍ନୀତିର ଗନ୍ଧ ବାହାରିବା ପରେ ସରକାର ପ୍ରବେଶିକା ପରୀକ୍ଷାକୁ ବାତିଲ କରିବା ସହିତ ଅଭିଯୁକ୍ତମାନଙ୍କ ବିରୋଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି କେତେକଙ୍କୁ ଗିରଫ କରିଛନ୍ତି । ଏହି ମାମଲା ଏବେ ବିଚାରାଧୀନ ଥିବାବେଳେ ନିଯୁକ୍ତି ପରୀକ୍ଷା କିନ୍ତୁ ପ୍ରାୟ ଦୁଇବର୍ଷ ଧରି ହୋଇନାହିଁ । ଫଳରେ ପୁଲିସ ଚାକିରିରେ ପଦବୀ ପୂରଣ ହୋଇପାରୁନଥିବାବେଳେ ଆଶାୟୀମାନେ ରାଜରାସ୍ତାକୁ ଆସି ପ୍ରବେଶିକା ପରୀକ୍ଷା ନିରପେକ୍ଷ ଭାବେ କରିବା ପାଇଁ ଦାବି ଉଠାଉଛନ୍ତି । ଅତୀତରେ ମଧ ଏଭଳି କ୍ଷେତ୍ରରେ ଚାକିରି ବିକିରିର ବହୁ ନଜିର ରହିଛି ।

ଓଡ଼ିଶା ସଶସ୍ତ୍ର ପୁଲିସ ବାହିନୀର ଷଷ୍ଠ ବାଟାଲିୟନ୍‌ରେ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ଜଣେ ପ୍ରାର୍ଥୀଙ୍କୁ ଶେଷରେ ଚାକିରିରେ ଭର୍ତ୍ତି ନକରି ତାଙ୍କୁ ଜାଲିଆତି କରି ଅଯୋଗ୍ୟ ଘୋଷଣା କରାଗଲା । ଏହା ଜଣାପଡିବା ପରେ ସଂପୃକ୍ତ ପ୍ରାର୍ଥୀ ଆଇନ୍ ଅଦାଲତଙ୍କ ଦ୍ୱାରସ୍ଥ ହେଲେ । ନଥିପତ୍ରରୁ ଜାଲିଆତି ସ୍ପଷ୍ଟ ଜଣାପଡିବା ଏବଂ ସଂପୃକ୍ତ ଡାକ୍ତର ଓ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର କରାଇ ସେମାନଙ୍କ ବକ୍ତବ୍ୟ ଶୁଣିବା ପରେ ଯୋଗ୍ୟ ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା କରିବା ଘଟଣାରେ ଅଦାଲତ ପ୍ରତିକୂଳ ମନ୍ତବ୍ୟ ଦେବାରୁ ବାଧ ହୋଇ ଉକ୍ତ ବଞ୍ଚିତ ପ୍ରାର୍ଥୀଙ୍କୁ ନିଯୁକ୍ତି ମିଳିଲା । ସେହିଭଳି ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ କେତେକ ଦପ୍ତରରେ 'ଟଙ୍କା ନାହିଁ ତ ଚାକିରି ନାହିଁ' ଦୁର୍ନୀତି ଅବଲମ୍ବନ କରାଯିବାରୁ ଶହଶହ ମୃତ କର୍ମଚାରୀମାନଙ୍କ ଉତ୍ତରାଧିକାରୀ ଆଇନ୍ ଅଦାଲତଙ୍କ ଆଶ୍ରୟ ନେଇ ଦୀର୍ଘବର୍ଷର ଲଢ଼େଇ ପରେ ନିଯୁକ୍ତି ପାଇଛନ୍ତି ।

ଏଭଳି ଘଟଣା ଆମ ବ୍ୟବସ୍ଥାରେ ଏକ ଖରାପ ପ୍ରଥାରେ ପଡ଼ିଯାଇଥିବାବେଳେ ତା'ର ସଂଶୋଧନ କିନ୍ତୁ ହେଉନାହିଁ । ଭାତ ହାଣ୍ଡିରୁ ଗୋଟିଏ ଭଳି ଉପର ବର୍ଣ୍ଣିତ ଘଟଣାଗୁଡ଼ିକ ଉଦାହରଣ ମାତ୍ର । ସରକାରୀ ତଥ୍ୟ ମୁତାବକ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଓଡ଼ିଶା ସରକାରଙ୍କ ବିଭିନ୍ନ ଚାକିରିରେ ୨ଲକ୍ଷ ୫ ହଜାରରୁ ଅଧିକ ପଦବୀ ଖାଲି ପଡିଥିଲା । ୨୦୨୪ ଜୁନ୍‌ରୁ ୨୦୨୬ ଅଗଷ୍ଟ ୧୦ ତାରିଖ ସୁଦ୍ଧା ରାଜ୍ୟ ସରକାର ୪୫,୪୦୮ଟି ପଦବୀରେ ନିଯୁକ୍ତି ଦେଇଥିବା କହୁଛନ୍ତି । ଏହି ଦୁଇବର୍ଷ ଭିତରେ ଅବସର, ଅପମୃତ୍ୟୁ, ଇସ୍ତଫା, ବହିଷ୍କାର ଆଦି ବିଭିନ୍ନ କାରଣରୁ ୪୦ ହଜାରରୁ ଅଧିକ ପଦବୀ ଖାଲି ହୋଇଥିବା ଆଶଙ୍କା କରାଯାଏ । ଗୋଟିଏ ପଟେ ଶିକ୍ଷିତ ବେକାର ଯୁବକ ଯୁବତୀମାନେ କର୍ମ ନିଯୁକ୍ତି ନପାଇ ହା-ହୁତାଶ ମଧରେ ସମୟ କାଟୁଛନ୍ତି ଓ ଅନ୍ୟପଟେ ଲକ୍ଷଲକ୍ଷ ସରକାରୀ ଚାକିରି ଖାଲି ଥିବାବେଳେ ତାହା ପୂରଣ ହେଉନାହିଁ । ଏଥିଯୋଗୁ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକ ମରୁଡ଼ି ଚାଲିଥିବାବେଳେ ସରକାରୀ ଡାକ୍ତରଖାନା ଓ ମେଡିକାଲ୍ କଲେଜ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତର ନଥିବାରୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି । ତୃତୀୟ/ଚତୁର୍ଥ ଶ୍ରେଣୀଠାରୁ ଓଏଏସ୍, ଆଇପିଏସ୍, ଆଇଏଏସ୍ ପର୍ଯ୍ୟନ୍ତ ବିଭିନ୍ନ ପାହ୍ୟାରେ ମାଳମାଳ ଚାକିରି ଖାଲି ରହୁଛି । ଏମିତିକି ନ୍ୟାୟର ମନ୍ଦିର ଭାବେ ଲୋକେ ଜାଣିଥିବା ଓଡ଼ିଶା ହାଇକୋର୍ଟରେ ବି ପ୍ରାୟ ଅଧା ବିଚାରପତି ପଦବୀ ଖାଲି ପଡିଥିବାବେଳେ ନିମ୍ନ ଅଦାଲତଗୁଡ଼ିକରେ ମଧ ବିଚାରପତି ଅଭାବ ସମସ୍ୟା ବାରି ହୋଇପଡୁଛି । ପଦୋନ୍ନତି ଭିତ୍ତିରେ ପଦବୀ ପୂରଣ ବି ନିୟମିତ ହେଉନାହିଁ । ଏଭଳି ସ୍ଥିତିରେ ଖାଲି ପଡିଥିବା ସମସ୍ତ ଚାକିରି ପୂରଣ ସହିତ ସ୍ୱଚ୍ଛ ଚୟନ ପ୍ରକ୍ରିୟା ମାଧମରେ ଯୋଗ୍ୟ ପ୍ରାର୍ଥୀଙ୍କ ଦ୍ୱାରା କର୍ତ୍ତୃପକ୍ଷ ସମସ୍ତ ପଦପଦବୀ ପୂରଣ କରିବା ଆବଶ୍ୟକ। ସାଂସଦ ଓ ବିଧାୟକ ପଦବୀ କୌଣସି କାରଣରୁ ଖାଲି ହେଲେ ସୀମିତ ସମୟ ମଧରେ ସେଗୁଡ଼ିକ ପୂରଣ ହୋଇଯାଉଛି । ଏ କ୍ଷେତ୍ରରେ ବର୍ଷବର୍ଷ ଧରି ଅପେକ୍ଷା କରାଯାଉ ନାହିଁ । ଅଥଚ ବିଚାର ବିଭାଗ, କାର୍ଯ୍ୟ ନିର୍ବାହୀ କୁହାଯାଉଥିବା ପ୍ରଶାସନିକ ସଂସ୍ଥା, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଆଦିରେ ବର୍ଷବର୍ଷ ଧରି ଲକ୍ଷଲକ୍ଷ ସଂଖ୍ୟକ ପଦବୀକୁ ଖାଲି ରଖାଯାଉଛି । ଦୀର୍ଘ ଦଶନ୍ଧି ପରେ ଏବେ ରାଜ୍ୟର କେତେକ ସରକାରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ପାଇଁ ବିଜ୍ଞାପନ ପ୍ରକାଶ ପାଇଛି । ଚୟନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଏଥିରେ ଗନ୍ଧ ବାହାରିବା ଆଶଙ୍କା କରି ଦୁର୍ନୀତି ନିବାରଣ ସଂସ୍ଥାକୁ ଏଥିପାଇଁ ସଜାଗ ରଖାଯାଉଛି । କୁହାଯାଏ "RECOMMENDATION IS MOTHER OF CORRUPTION." ଯେଉଁମାନଙ୍କ ଅବୈଧ ସୁପାରିସ, ଚାପ ଓ ଅର୍ଥ ଲାଳସା ଯୋଗୁ 'ଚାକିରି ବିକିରି' ହେଉଛି ସେମାନେ ବଞ୍ଚିତ ପ୍ରାର୍ଥୀଙ୍କ ସାମ୍ବିଧାନିକ ଅଧିକାର ସହ ବିପଜ୍ଜନକ ଜୁଆ ଖେଳୁଛନ୍ତି । ଏଥିରୁ ନିସ୍ତାର ମିଳିବ କେବେ?

E-MAIL: PRAHALLADSINHA@GMAIL.COM
ମୋବାଇଲ୍: ୯୪୩୭୦୧୭୩୯୫

# ମୁଁ ବରିଷ୍ଠ- ମୋତେ ଶୁଣ



ସ୍ନେହଲତା ରାଉତରାୟ

ସମାଜ ଆଜି ଦ୍ରୁତ ଗତିରେ ବଦଳୁଛି । ପ୍ରଯୁକ୍ତି ବଦଳୁଛି, ଜୀବନଶୈଳୀ ବଦଳୁଛି, ଚିନ୍ତାଧାରା ବଦଳୁଛି । ଆମ ହାତରେ ଆଜି ସୂଚନାର ଅଭାବ ନାହିଁ । ମାତ୍ର କିଛି ସେକେଣ୍ଡରେ ଦୁନିଆର ଯେକୌଣସି ତଥ୍ୟ ମୋବାଇଲ୍ ପରଦାରେ ମିଳିଯାଉଛି । କିନ୍ତୁ ଏହି ଅସୀମ ସୂଚନା ମଧରେ ଗୋଟିଏ ଜିନିଷ ଆମେ ହରାଇ ଦେଉଛୁ ଅଭିଜ୍ଞତାର ଜ୍ଞାନ । ଏହି ଜ୍ଞାନର ଜୀବନ୍ତ ଭଣ୍ଡାର ହେଉଛନ୍ତି ଆମ ବରିଷ୍ଠ ନାଗରିକ । ଘରେ ପିତାମାତା ଆମକୁ ଜୀବନର ପ୍ରଥମ ପାଠ ପଢ଼ାନ୍ତି । ସ୍କୁଲରେ ଶିକ୍ଷକ-ଶିକ୍ଷୟିତ୍ରୀ ଜ୍ଞାନର ଆଲୋକ ଦିଅନ୍ତି ।

ସେହିଭଳି ସମାଜରେ ବରିଷ୍ଠ ନାଗରିକମାନେ ହେଉଛନ୍ତି ଅଭିଜ୍ଞତାର ଶିକ୍ଷକ । ତାଙ୍କ ପାଖରେ ଥିବା ଜ୍ଞାନ କୌଣସି ପୁସ୍ତକରେ ସମ୍ପୂର୍ଣ୍ଣ ମିଳିବ ନାହିଁ । ସେମାନେ ଦେଖିଛନ୍ତି ଗାଁର ପରିବର୍ତ୍ତନ, ଦେଖିଛନ୍ତି ମଣିଷର ଜୀବନଶୈଳୀ, ଦେଖିଛନ୍ତି ଚାଷବାସର ପୁରୁଣା ପଦ୍ଧତି, ଶୁଣିଛନ୍ତି ଲୋକକଥା, ଜାଣିଛନ୍ତି ପାରମ୍ପରିକ ପର୍ବପର୍ବାଣୀ ଓ ଲୋକସଂସ୍କୃତିର ଅନେକ ଅଜଣା କଥା । ଆମେ ଯେଉଁ ପରମ୍ପରାକୁ ଆଜି କେବଳ ପର୍ବ ଭାବେ ପାଳନ କରୁଛୁ, ତାହା ପଛରେ ଥିବା ସାମାଜିକ ଅର୍ଥ, ଲୋକବିଶ୍ୱାସ ଓ ଜୀବନଦର୍ଶନ ବିଷୟରେ ବରିଷ୍ଠମାନଙ୍କ ପାଖରେ ରହିଛି ଅନେକ ଅନୁଭୂତି । ହଁ, ସେହି ଅଭିଜ୍ଞତା ମଧରେ ବିଶ୍ୱାସ ଅଛି, ଅନ୍ଧବିଶ୍ୱାସ ମଧ ଥାଇପାରେ । କିନ୍ତୁ ଆମର କାମ ତାହାକୁ ଅନ୍ଧଭାବେ ଗ୍ରହଣ କରିବା ନୁହେଁ, ଆଉ ସବୁକିଛିକୁ ଅବହେଳା କରିଦେବା ମଧ ନୁହେଁ । ବିଜ୍ଞାନ ଓ ଯୁକ୍ତିର ଆଲୋକରେ ପୁରୁଣା ଅନୁଭବକୁ ବୁଝିବା, ଭଲ ଦିଗକୁ ଗ୍ରହଣ କରିବା ଓ ଭୁଲ ଦିଗକୁ ପରିତ୍ୟାଗ କରିବା ହିଁ ଆମର ଦାୟିତ୍ୱ ।

## ଅଭିଜ୍ଞତାର ଭଣ୍ଡାରକୁ ଅବହେଳା ନୁହେଁ, କାର୍ଯ୍ୟରେ ଲଗାଇବାର ସମୟ ଆସିଛି

**'ମୁଁ ବରିଷ୍ଠ—ମୋତେ ଶୁଣ'**

ଏହି ବାକ୍ୟଟି କେବଳ ସମ୍ମାନ ପାଇଁ ଏକ ଅନୁରୋଧ ନୁହେଁ । ଏହା ହେଉଛି ଗୋଟିଏ ପିଢ଼ିର ଅନ୍ୟ ପିଢ଼ିକୁ ଦିଆଯାଉଥିବା ଅନୁଭବର ଆହ୍ୱାନ । ଆମେ ଯଦି ବରିଷ୍ଠଙ୍କୁ ଶୁଣିବା, ତେବେ ସେମାନଙ୍କ ଭୁଲରୁ ମଧ ଶିଖିପାରିବା । ସେମାନଙ୍କ ସଫଳତାରୁ ପ୍ରେରଣା ନେଇପାରିବା । ଗାଁର ଇତିହାସ, ସ୍ଥାନୀୟ ସଂସ୍କୃତି, ଜଳସମ୍ପଦ, କୃଷି, ଲୋକପରମ୍ପରା ଓ ସାମାଜିକ ସମ୍ପର୍କ ସମ୍ପର୍କରେ ଅନେକ ମୂଲ୍ୟବାନ ତଥ୍ୟ ସଂଗ୍ରହ କରିପାରିବା । ତେବେ କାହିଁକି ଏହି ଅଭିଜ୍ଞତାକୁ ଯୋଜନାବଦ୍ଧ ଭାବେ ବ୍ୟବହାର କରାଯିବ ନାହିଁ? ସରକାରୀ ଦପ୍ତରରେ 'ସମ୍ମାନର ଚୌକି' ବରିଷ୍ଠ ନାଗରିକମାନେ ବ୍ଲକ, ତହସିଲ, ଥାନା କିମ୍ବା ଅନ୍ୟ ସରକାରୀ କାର୍ଯ୍ୟାଳୟକୁ ଗଲେ ସେମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରାଇବା କିମ୍ବା ଅବହେଳା କରିବା ଉଚିତ ନୁହେଁ । ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ବସିବା ସ୍ଥାନ, ସହାୟତା ଡେସ୍କ ଓ ଆବଶ୍ୟକ ସେବାରେ ପ୍ରାଥମିକତା ରହିବା ଦରକାର ।

କିନ୍ତୁ ଏହା ସହିତ ଆଉ ଏକ ନୂଆ ପରମ୍ପରା ଆରମ୍ଭ କରାଯାଇପାରେ । ପ୍ରତ୍ୟେକ ବ୍ଲକ କିମ୍ବା ତହସିଲରେ ଏକ 'ବରିଷ୍ଠ ଜ୍ଞାନ ଚୌକି' କାହିଁକି ହେବ ନାହିଁ? ସପ୍ତାହକୁ ଗୋଟିଏ ଦିନ କିମ୍ବା ମାସକୁ ଦୁଇଥର ସ୍ଥାନୀୟ ବରିଷ୍ଠ ନାଗରିକଙ୍କୁ ଆମନ୍ତ୍ରଣ କରାଯାଉ । କୃଷି, ଜଳସଂରକ୍ଷଣ, ଗାଁର ଇତିହାସ, ପରିବେଶ, ପାରମ୍ପରିକ ଜ୍ଞାନ, ସାମାଜିକ ସମ୍ପର୍କ ଓ ସ୍ଥାନୀୟ ସମସ୍ୟା ବିଷୟରେ ସେମାନଙ୍କ ମତ ଶୁଣାଯାଉ । ଏହା କେବଳ ସମ୍ମାନ ନୁହେଁ; ଏହା ହେବ ଜ୍ଞାନ ସଂଗ୍ରହର ଏକ ନୂଆ ମାଧମ । ବରିଷ୍ଠ ନାଗରିକ—ଜ୍ଞାନ ଉଦ୍ୟାନର ଗଛ ଗୋଟିଏ ବଡ଼ ଗଛ ଯେପରି ନିଜ



ଛାଇରେ ଅନେକଙ୍କୁ ଆଶ୍ରୟ ଦିଏ, ବରିଷ୍ଠ ନାଗରିକମାନେ ମଧ ନିଜ ଅଭିଜ୍ଞତାର ଛାଇରେ ସମାଜକୁ ଦିଗଦର୍ଶନ ଦେଇପାରନ୍ତି । ଆଜି ଆମେ ନୂଆ ନୂଆ ଜ୍ଞାନ ଖୋଜିବା ପାଇଁ ଇଣ୍ଟରନେଟ୍‌କୁ ଯାଉଛୁ । କିନ୍ତୁ ଆମ ଘର ପାଖରେ ବସିଥିବା ଜଣେ ବରିଷ୍ଠଙ୍କ ଜୀବନ ମଧ ଏକ ଜୀବନ୍ତ 'ପୁସ୍ତକ'। ସେହି ପୁସ୍ତକକୁ ପଢ଼ିବା ପାଇଁ କେବଳ ଦରକାର ସମୟ ଓ ସମ୍ମାନ । ବରିଷ୍ଠଙ୍କୁ ସମ୍ମାନ ନୁହେଁ, ସହଭାଗୀ କରିବା ଦରକାର ବରିଷ୍ଠ ନାଗରିକଙ୍କୁ କେବଳ ବରିଷ୍ଠ ନାଗରିକ ଦିବସରେ ମଞ୍ଚ ଉପରେ ବସାଇ ସମ୍ମାନିତ କରିଦେଲେ ଦାୟିତ୍ୱ ଶେଷ ହୁଏ ନାହିଁ । ସେମାନଙ୍କୁ ସମାଜ ଗଠନର ପ୍ରକ୍ରିୟାରେ ସାମିଲ କରିବା ଦରକାର । ସ୍କୁଲରେ ସ୍ଥାନୀୟ ବରିଷ୍ଠଙ୍କୁ ଡାକି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରାଯାଇପାରେ । ଗାଁର ପୁରୁଣା ଇତିହାସ ରେକର୍ଡ କରାଯାଇପାରେ । ହଜିଯାଉଥିବା ଲୋକକଥା, ଲୋକଗୀତ ଓ ପାରମ୍ପରିକ ପର୍ବପର୍ବାଣୀର ତଥ୍ୟ ସଂଗ୍ରହ କରାଯାଇପାରେ । ଏହାଦ୍ୱାରା ଗୋଟିଏ ପିଢ଼ିର ଅନୁଭବ ଅନ୍ୟ ପିଢ଼ି ପାଖକୁ ପହଞ୍ଚିବ । ଅତୀତକୁ ଜାଣିଲେ ବର୍ତ୍ତମାନକୁ ବୁଝିହେବ, ଆଉ ବର୍ତ୍ତମାନକୁ ବୁଝିଲେ ଭବିଷ୍ୟତକୁ ଠିକ୍ ଦିଗରେ ନିଆଯାଇପାରିବ ।

ତେଣୁ ବରିଷ୍ଠ ନାଗରିକଙ୍କୁ ଅବହେଳା କରିବା ନୁହେଁ । ତାଙ୍କୁ ଶୁଣିବା, ବୁଝିବା ଓ ଯେଉଁ ଅଭିଜ୍ଞତା ସମାଜ ପାଇଁ ଉପଯୋଗୀ, ତାହାକୁ କାର୍ଯ୍ୟରେ ଲଗାଇବା । କାରଣ ଘରେ ପିତାମାତା ଜୀବନର ଶିକ୍ଷକ, ସ୍କୁଲରେ ଶିକ୍ଷକ-ଶିକ୍ଷୟିତ୍ରୀ ଜ୍ଞାନର ଶିକ୍ଷକ, ଆଉ ସମାଜରେ ବରିଷ୍ଠ ନାଗରିକ ହେଉଛନ୍ତି ଅଭିଜ୍ଞତାର ଶିକ୍ଷକ । ସେମାନଙ୍କ କଥା ଶୁଣିବା ଅର୍ଥ କେବଳ ଜଣେ ବୟସ୍କଙ୍କୁ ସମ୍ମାନ ଦେବା ନୁହେଁ ନିଜ ସମାଜର ଅନୁଭବକୁ ଭବିଷ୍ୟତ ପାଇଁ ସୁରକ୍ଷିତ କରିବା । ମୁଁ ବରିଷ୍ଠ ମୋତେ ଶୁଣ ହୁଏତ ମୋ କଥାରେ ତୁମ ଭବିଷ୍ୟତର ଗୋଟିଏ ଉତ୍ତର ଲୁଚିଥାଇପାରେ ।

ଶିକ୍ଷୟିତ୍ରୀ ଦେବ ମହାନ୍ତି ପବ୍ଲିକ ସ୍କୁଲ, କେନ୍ଦ୍ରାପଡ଼ା
ମୋବାଇଲ- ୯୯୩୭୨୨୭୯୯୪

### ନବଗଠିତ ଜାତୀୟ ଦଳର ପ୍ରଥମ ପରିଚୟ ବୈଠକ

# ୨୦୨୭ ନିର୍ବାଚନ ପାଇଁ ବିଜେପି ଟାର୍ଗେଟ୍‌ରେ ଜେନ୍-ଜି



- ✪ ଦଳରେ ଆରମ୍ଭ ହେବ ସ୍ୱତନ୍ତ୍ର ଆଉଟରିଚ୍ କାର୍ଯ୍ୟକ୍ରମ
- ✪ ସ୍ମୃତି ଇରାନୀ, ନୀତିନ ନବୀନ ଓ ବିନୋଦ ତାୱଡ଼େଙ୍କୁ ବଡ଼ ଦାୟିତ୍ୱ
- ✪ ନିର୍ବାଚନୀ ଏଜେଣ୍ଡାରେ ଯୁବପିଢ଼ିଙ୍କ ବିଚାର

ନୂଆଦିଲ୍ଲୀ, ୨୨।୮: ଭାରତୀୟ ଜନତା ପାର୍ଟି ଦେଶର ଯୁବପିଢ଼ି ଓ 'ଜେନ୍ ଜି' ସହିତ ନିଜର ସମ୍ପର୍କ ଦୃଢ଼ କରିବାକୁ ସ୍ୱତନ୍ତ୍ର ଆଉଟରିଚ୍ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଏଥିପାଇଁ ଦଳ ଏକ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଟିମ୍ ଗଠନ କରିଛି। ଦଳୀୟ ସୂତ୍ର ଅନୁଯାୟୀ, ଏହି ବିଶେଷ ଆଉଟରିଚ୍ ଅଭିଯାନର ନେତୃତ୍ୱ ନେବାକୁ ଥିବା ଟିମ୍ ସଙ୍ଗଠନାତ୍ମକ ଅନୁଭବ ଓ ଯୁବ ନେତୃତ୍ୱର ସମାବେଶ ବୋଲି ଜଣାପଡ଼ିଛି। ଏହି ଟିମ୍‌ରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ବ୍ୟତୀତ ରାଷ୍ଟ୍ରୀୟ ମହାସଚିବ ସ୍ମୃତି ଇରାନୀ ଓ ବିନୋଦ ତାୱଡ଼େ ମଧ୍ୟ ସାମିଲ ଅଛନ୍ତି। ଗୁଜରାଟ ସରକାରରେ ମନ୍ତ୍ରୀ ଥିବା ହର୍ଷ ସାଂଘଭୀ ଓ ଛତିଶଗଡ଼ ସରକାରରେ ମନ୍ତ୍ରୀ ଥିବା ଓପି ଚୌଧୁରୀଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ଟିମ୍‌ର ମୁଖ୍ୟ ଉଦ୍ଦେଶ୍ୟ ଯୁବପିଢ଼ିଙ୍କ ଆକାଂକ୍ଷା, ଚିନ୍ତା ଓ ଆଶାକୁ ବୁଝିବା ଓ ଏହାକୁ ସିଧାସଳଖ ବିଜେପିର ଶୀର୍ଷ ନେତୃତ୍ୱ ସହିତ ସମ୍ବାଦ ସ୍ଥାପିତ କରିବାକୁ ଏକ ପ୍ଲାଟଫର୍ମ ପ୍ରଦାନ କରିବା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଯୁବ ଭୋଟରଙ୍କୁ ଓ ପ୍ରଥମଥର ଭୋଟ ଦେବାକୁ ଥିବା ନାଗରିକଙ୍କ ସହିତ କଥାବାର୍ତ୍ତା, ଚର୍ଚ୍ଚା ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସିଧାସଳଖ ସମ୍ପର୍କ ସ୍ଥାପନ କରିବା। ଆଉଟରିଚ୍ ଅଭିଯାନ ମାଧ୍ୟମରେ ନିଯୁକ୍ତି, ବୈଷୟିକ ଜ୍ଞାନ, ଷ୍ଟାର୍ଟଅପ୍ ଓ ଶିକ୍ଷା ପରି ପ୍ରସଙ୍ଗରେ ଯୁବପିଢ଼ିଙ୍କ ବିଚାରକୁ ନିଜ ଏଜେଣ୍ଡାରେ ସାମିଲ କରିବା। ଏହାସହିତ ନୂଆ ଓ ଯୁବ ଭୋଟରଙ୍କ ମଧ୍ୟରେ ନିଜ ଦଳର ସ୍ଥିତିକୁ ମଜଭୁତ କରିବା। ବିଜେପି ଅଧ୍ୟକ୍ଷ ନୀତିନ ନବୀନ ନିଜ ନୂଆ ଟିମ୍ ଘୋଷଣା କରିବା ପରେ ଶନିବାର ଏହାର ପ୍ରଥମ ବୈଠକ ପରେ ତୁରନ୍ତ ଏହା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୨୭ ମସିହାରେ ପାଞ୍ଚଟି ରାଜ୍ୟ, ଯଥା- ଗୋଆ, ମଣିପୁର, ପଞ୍ଜାବ, ଉତ୍ତରାଖଣ୍ଡ ଓ ଉତ୍ତର ପ୍ରଦେଶରେ ବିଧାନସଭା ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ରାଜ୍ୟଗୁଡ଼ିକର ବର୍ତ୍ତମାନର ବିଧାନସଭାଗୁଡ଼ିକର କାର୍ଯ୍ୟକାଳ ଆସନ୍ତା ବର୍ଷ ଶେଷ ହେବ। ଏହାକୁ ଦୃଷ୍ଟିରେ ରଖି ବୈଠକରେ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି, ବୁଥ୍ ସ୍ତରରେ ଦଳକୁ ମଜଭୁତ କରିବା ଓ ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଧ୍ୟାନ କେନ୍ଦ୍ରିତ କରାଯାଇଛି। ଶନିବାର ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଦଳର ନବଗଠିତ ଜାତୀୟ ଦଳର ପ୍ରଥମ ପରିଚୟ ବୈଠକର ଅଧ୍ୟକ୍ଷତା କରିଥିଲେ। ବୈଠକ ପୂର୍ବରୁ ଜାତୀୟ ଗୀତ 'ବନ୍ଦେ ମାତରମ୍'ର ସମସ୍ତ ଛଅଟି ପଦ ପାଠ କରାଯାଇଥିଲା।

### 'ପି'ର ଅର୍ଥ ଯଦି ପାକିସ୍ତାନ....

# ବିଜେପିର ଅର୍ଥ 'ଭାଗ ଜାଓ ପାକିସ୍ତାନ'

ନୂଆଦିଲ୍ଲୀ, ୨୨।୮: ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ 'ପିଡିଏ'ରେ ଥିବା 'ପି'ର ଅର୍ଥ ପାକିସ୍ତାନ' ଭାବରେ ବ୍ୟାଖ୍ୟା କରିବାର ବୟାନ



ଉପରେ ସମାଜବାଦୀ ପାର୍ଟି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ପ୍ରତିଆକ୍ରମଣ କରିଛନ୍ତି। ଅଖିଳେଶ ଯାଦବ ପାଲଟା ଜବାବ ଦେଇ କହିଛନ୍ତି, "ଯଦି 'ପି' ପାକିସ୍ତାନକୁ ବୁଝାଏ, ତେବେ 'ବିଜେପି'ର ଅର୍ଥ 'ଭାଗ ଜାଓ ପାକିସ୍ତାନ' (ପାକିସ୍ତାନକୁ ପଳାଅ)।" ଅଖିଳେଶ ଯାଦବ ଏ ପ୍ରସଙ୍ଗରେ ଆଗକୁ କହିଛନ୍ତି, 'ଯଦି ସମାଜବାଦୀ ସରକାର ଗଠନ ହୁଏ, ତେବେ ସେମାନେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଉନ୍ନତି ପାଇଁ କାମ କରିବେ। ସେଠାରେ ସତ୍ୟ କହିବା ବି ଭୁଲ ଅଟେ। ଯଦି ତୁମେ ସତ୍ୟ କହିବ, ତେବେ ତୁମକୁ ମାଡ଼ ଖାଇବାକୁ ପଡ଼ିବ। ସତ୍ୟ କହିବା କଷ୍ଟକର ।'

ମୁଦ୍ରାସ୍ଫୀତି ପ୍ରସଙ୍ଗକୁ ସମ୍ବୋଧିତ କରି ଅଖିଳେଶ କହିଛନ୍ତି, ' ଆଜି ସବୁକିଛି ମହଙ୍ଗା ହୋଇଯାଇଛି। ଲାଭ ପାଇଁ ପେଟ୍ରୋଲରେ ଇଥାନଲ୍ ମିଶ୍ରିତ ହେଉଛି। ସମାନ କାରଣରୁ ଚିନି ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି।

# ୪ ବର୍ଷରୁ କମ୍ ପିଲାଙ୍କୁ ଥଣ୍ଡା-କାଶ ଔଷଧ ମନା

ନୂଆଦିଲ୍ଲୀ, ୨୨।୮: କେନ୍ଦ୍ର ସରକାର ଛୋଟ ପିଲାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ସରକାର ୪ ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଥଣ୍ଡା ଓ କାଶ ଔଷଧକୁ ନିଷିଦ୍ଧ କରିଛନ୍ତି। ବିଶେଷକରି କ୍ଲୋରଫେନିରାମିନ ମାଲେଏଟ ଏବଂ ଫେନାଇଲେଫ୍ରିନ ହାଇଡ୍ରୋକ୍ଲୋରାଇଡ ଯୁକ୍ତ ସମସ୍ତ ଫିକ୍ସଡ ଡୋଜ କମ୍ବିନେସନ୍ ନିଷେଧ କରାଯାଇଛି। ଏହି ପଦକ୍ଷେପ ଶିଶୁ ସୁରକ୍ଷା ସମ୍ପର୍କରେ ଚିନ୍ତା ଏବଂ ସମ୍ଭାବ୍ୟ ପ୍ରତିକୂଳ ପ୍ରଭାବ ବିଷୟରେ ଗମ୍ଭୀର ଅଭିଯୋଗ ପରେ ନିଆଯାଇଛି।



କେନ୍ଦ୍ର ସରକାର ଚାରି ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ବ୍ୟବହାର ପାଇଁ କ୍ଲୋରଫେନିରାମିନ ମାଲେଏଟ ଏବଂ ଫେନାଇଲେଫ୍ରିନ ହାଇଡ୍ରୋକ୍ଲୋରାଇଡ ଯୁକ୍ତ ସମସ୍ତ ଏଫଡିସି ଔଷଧର ଉତ୍ପାଦନ, ବିକ୍ରୟ ଏବଂ ବଣ୍ଟନ ଉପରେ କଠୋର କଟକଣା ଲାଗୁ କରିଛି। ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ଏହି ଦୁଇଟି ଉପାଦାନ ଥିବା ସମସ୍ତ ଏଫଡିସି ଔଷଧ ଉପରେ ଏକ ସ୍ପଷ୍ଟ ଚେତାବନୀ ଜାରି କରାଯାଇଛି।

# 'ବନ୍ଦେ ମାତରମ୍' ସମ୍ପୂର୍ଣ୍ଣ ଗାନ ପାଇଁ ପ୍ରସ୍ତାବ ପାରିତ



ନୂଆଦିଲ୍ଲୀ, ୨୨।୮: ଶନିବାର ବିଜେପି ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ 'ବନ୍ଦେ ମାତରମ୍'ର ସମ୍ପୂର୍ଣ୍ଣ ୬ଟି ଯାକ ପଦର ସମ୍ମାନ ରକ୍ଷା କରିବା ପାଇଁ ଏକ ସଂକଳ୍ପ ପାରିତ କରାଯାଇଛି। ବୈଠକ ପୂର୍ବରୁ ବିଜେପି ନେତାମାନେ ଏକତ୍ରିତ ହୋଇ ପୂର୍ଣ୍ଣାଙ୍ଗ ଜାତୀୟ ସଙ୍ଗୀତ ଗାନ କରିଥିଲେ। ବିଜେପି ପକ୍ଷରୁ କୁହାଯାଇଛି ଯେ, ୬ଟି ପଦବିଶିଷ୍ଟ ଏହି ସମ୍ପୂର୍ଣ୍ଣ ସଙ୍ଗୀତ ଭାରତର ଜାତୀୟ ଚେତନା ଏବଂ ସ୍ୱାଧୀନତା ସଂଗ୍ରାମର ଐତିହ୍ୟକୁ ପ୍ରତିଫଳିତ କରେ। ସାମ୍ପ୍ରଦାୟିକ ଚାପ, ରାଜନୈତିକ ତୁଷ୍ଟିକରଣ କିମ୍ବା ଭୋଟବ୍ୟାଙ୍କ ରାଜନୀତି ପାଇଁ ଏହାର ମହତ୍ତ୍ୱକୁ କମ୍ କରିବାର କୌଣସି ବି ଉଦ୍ୟମକୁ ଦଳ ଦୃଢ଼ ଭାବେ ବିରୋଧ କରିବ। ଏହାସହିତ, 'ବନ୍ଦେ ମାତରମ୍'ର ଇତିହାସ, ଗୁରୁତ୍ୱ ଓ ଐତିହ୍ୟ ବିଷୟରେ ଯୁବପିଢ଼ିକୁ ସଚେତନ କରିବା ପାଇଁ ବିଜେପି ଏକ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରିବ ବୋଲି ଘୋଷଣା କରିଛି।

## ଏବିଭିପି-ଏନଏସୟୁଆଇ ଗୋଷ୍ଠୀ ସଂଘର୍ଷ

ପୁଣେ, ୨୨।୮: କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମ ପୂର୍ବରୁ ପୁଣେସ୍ଥିତ ସିଓଇପି ଇଞ୍ଜିନିୟରିଂ କଲେଜ ହଷ୍ଟେଲ ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ



(ଏବିଭିପି) ଓ ଜାତୀୟ ଛାତ୍ର ସଂଘ (ଏନଏସୟୁଆଇ) କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏହି ଘଟଣାରେ ପୁଣେ ପୁଲିସ ଶନିବାର ୫୦ରୁ ୬୦ ଜଣ ଯୁବ କଂଗ୍ରେସ କର୍ମୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏବିଭିପିର ଜଣେ ସଦସ୍ୟଙ୍କ ଅଭିଯୋଗ ଆଧାରରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍) ଓ ମହାରାଷ୍ଟ୍ର ପୁଲିସ ଆକ୍ଟର ବିଭିନ୍ନ ଧାରାରେ ବେଆଇନ ଜନସମାବେଶ, ମାରପିଟ୍ ଏବଂ ଧମକ ଦେବା ଅଭିଯୋଗରେ ଏହି ଏଫଆଇଆର୍ ରୁଜୁ କରାଯାଇଛି।

## ଷଷ୍ଠ ମହଲାରୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୨୨।୮: ଶନିବାର ସକାଳେ ଆଇଆଇଟି ଦିଲ୍ଲୀ କ୍ୟାମ୍ପସରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୩୧ ବର୍ଷୀୟ ଫିଜିକ୍ସର ଛାତ୍ର ଆତ୍ମହତ୍ୟା କରିଛି। ପୁଲିସ ସୂଚନା ଅନୁସାରେ, ଛାତ୍ର ଜଣକ ସକାଳେ କ୍ୟାମ୍ପସରେ ପହଞ୍ଚିବା ପରେ ଲେକଚର ହଲ୍ କମ୍ପ୍ଲେକ୍ସର ୬ଷ୍ଠ ମହଲାରୁ ତଳକୁ ଡେଇଁ ପଡ଼ି ଥିଲେ। ତାଙ୍କୁ ତୁରନ୍ତ ଆଇଆଇଟି ଦିଲ୍ଲୀ କ୍ୟାମ୍ପସ ହସ୍ପିଟାଲକୁ ନିଆଯାଇ ଥିଲେ ବି ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରି ଥିଲେ। ବର୍ତ୍ତମାନ ସୁଦ୍ଧା ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି ଏବଂ ପୁଲିସ ସବୁ ଦିଗରୁ ଘଟଣାର ତଦନ୍ତ ଜାରି ରଖିଛି। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ୨୨ ଅଗଷ୍ଟ ୨୦୨୬ ସକାଳ ପ୍ରାୟ ୮ଟାରେ ଛାତ୍ରଜଣକ ଦିଲ୍ଲୀର ମୁଖ୍ୟ ଗେଟ୍ ଦେଇ କ୍ୟାମ୍ପସ ଭିତରକୁ ପ୍ରବେଶ କରିଥିଲେ। ଏହାପରେ ସେ ଲେକଚର ହଲ୍ କମ୍ପ୍ଲେକ୍ସକୁ ଯାଇ ଲିଫ୍ଟ ସାହାଯ୍ୟରେ ୬ଷ୍ଠ ମହଲାକୁ ଯାଇଥିଲେ ଏବଂ ସେଠାରୁ ବିଲ୍ଡିଂର ଆଗ ପଟକୁ ଡେଇଁ ପଡ଼ି ଥିଲେ।

## ଗୁରୁଦ୍ୱାରରେ ଛୁରାମାଡ଼, ୨ ଆହତ



ଏଡମଣ୍ଟନ, ୨୨।୮: କାନାଡ଼ାର ଏଡମଣ୍ଟନସ୍ଥିତ ନାନକସର ଗୁରୁଦ୍ୱାରରେ ଶୁକ୍ରବାର ସକାଳେ ଭାରତୀୟ ସମୟ ଅନୁସାରେ ସନ୍ଧ୍ୟା ପ୍ରାୟ ୬ଟା ୩୦ମିନିଟରେ ପ୍ରାର୍ଥନା ଚାଲିଥିବା ସମୟରେ ଏକ ଭୟାନକ ଛୁରାମାଡ଼ ଘଟଣା ଘଟିଛି। ଜଣେ ୨୭ ବର୍ଷୀୟ ଯୁବକ ଗୁରୁଦ୍ୱାର ମଧ୍ୟକୁ ପଶି ଦୁଇଜଣ ବ୍ୟକ୍ତିଙ୍କୁ ଆକ୍ରମଣ କରି ଗୁରୁତର ଆହତ କରିଛି। ଉପସ୍ଥିତ ଶ୍ରଦ୍ଧାଳୁମାନେ ସାହସିକତାର ସହ ଆକ୍ରମଣକାରୀକୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ଆହତ ଦୁଇ ଜଣ ହେଲେ ଜଣେ ୭୫ ବର୍ଷୀୟ ପୂଜକ ଓ ଜଣେ ୫୧ ବର୍ଷୀୟ ସ୍ୱେଚ୍ଛାସେବୀ। ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବିପଦମୁକ୍ତ ଥିବା ଜଣାପଡ଼ିଛି।

## ୟୁକ୍ରେନ୍ ସପିଂ ମଲ୍ ଉପରେ ଡ୍ରୋନ୍ ଆକ୍ରମଣ, ୧୬ ମୃତ



କିଭ୍, ୨୨।୮: ପୂର୍ବ ୟୁକ୍ରେନର କ୍ରିଭି ରୀଗ୍ ସହରରେ ଶୁକ୍ରବାର ରାତିରେ ରୁଷିଆ ପକ୍ଷରୁ ଏକ ଭୟାନକ ଡ୍ରୋନ ଆକ୍ରମଣ କରାଯାଇଛି। ଏକ ଜନଗହଳିପୂର୍ଣ୍ଣ ସପିଂ ସେଣ୍ଟରକୁ ଲକ୍ଷ୍ୟ କରି କରାଯାଇଥିବା ଏହି ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୩୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରେ ୨୩ ଜଣ ଶିଶୁ ରହିଛନ୍ତି। ସେହିପରି ମାଇକୋଲେଭ୍ ଅଞ୍ଚଳରେ ହୋଇଥିବା ଅନ୍ୟ ଏକ ଆକ୍ରମଣରେ ୩ ଜଣ ଶିଶୁଙ୍କ ସମେତ ୪ ଜଣଙ୍କର ପ୍ରାଣହାନି ଘଟିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ଜନ୍ମସ୍ଥାନ କ୍ରିଭି ରୀଗରେ ପ୍ରଥମ ଡ୍ରୋନ ଆକ୍ରମଣର ପ୍ରାୟ ଅଧଘଣ୍ଟା ପରେ ଉଦ୍ଧାରକାରୀ ଦଳ ପହଞ୍ଚିଥିବା ସମୟରେ ଦ୍ୱିତୀୟ ଡ୍ରୋନଟି ସପିଂ ସେଣ୍ଟର ଛାତ ଉପରେ ପଡ଼ିଥିଲା। ଏହି ଆକ୍ରମଣକୁ ଜେଲେନସ୍କି ଅତ୍ୟନ୍ତ 'ଜଘନ୍ୟ ଏବଂ ହୀନ ମାନସିକତା'ର ପରିଚାୟକ ବୋଲି କହିଛନ୍ତି।

# ୫୨ ନେତା ପିନ୍ଧିବେ ବୁଲେଟପ୍ରୁଫ୍ ଜ୍ୟାକେଟ୍

ଲକ୍ଷ୍ନୌ, ୨୨।୮: ଉତ୍ତର ପ୍ରଦେଶରେ ରାଜନୈତିକ ନେତାଙ୍କ ସୁରକ୍ଷା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ରାଜ୍ୟର ୫୨ ନେତାଙ୍କୁ ବୁଲେଟପ୍ରୁଫ ଜ୍ୟାକେଟ ଯୋଗାଇ ଦିଆଯାଇଛି। ଏହି ସୁରକ୍ଷା ବ୍ୟବସ୍ଥାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଅଖିଳେଶ ଯାଦବ ଏବଂ ମାୟାବତୀଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ସାମିଲ କରାଯାଇଛି। ଏହି ତାଲିକାରେ ରାଜ୍ୟ ସରକାରଙ୍କ ୧୧ ଜଣ ମନ୍ତ୍ରୀ ଅଛନ୍ତି। ମନ୍ତ୍ରୀ ସଞ୍ଜୟ ନିଷାଦ, ନନ୍ଦ ଗୋପାଳ ଗୁପ୍ତା 'ନନ୍ଦୀ', ଓମ ପ୍ରକାଶ ରାଜଭର ଏବଂ ଅପର୍ଣ୍ଣା ଯାଦବଙ୍କୁ ବୁଲେଟପ୍ରୁଫ ଜ୍ୟାକେଟ ପ୍ରଦାନ କରାଯାଇଛି। ଏହା ସହିତ, ସ୍ୱତନ୍ତ୍ର ଦେବ ସିଂହ, ଜୟବୀର ସିଂହ ଏବଂ ମହେନ୍ଦ୍ର ସିଂହଙ୍କ ଭଳି ନେତାମାନେ ମଧ୍ୟ ଏହି ସୁରକ୍ଷା ଜ୍ୟାକେଟ ପାଇଛନ୍ତି।

### ତାଲିକାରେ ଯୋଗୀ ଆଦିତ୍ୟନାଥ, ଅଖିଳେଶ ଯାଦବ ଓ ମାୟାବତୀ



ଆଗାମୀ ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ଉତ୍ତର ପ୍ରଦେଶରେ ସୁରକ୍ଷା ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ କରାଯାଇଛି।

ରାଜନୈତିକ ନେତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଦୁଇଟି ପର୍ଯ୍ୟାୟରେ ବୁଲେଟପ୍ରୁଫ ଜ୍ୟାକେଟ ବଣ୍ଟନ କରାଯାଇଥିଲା: ପ୍ରଥମ ପର୍ଯ୍ୟାୟରେ ଆଠ ଜଣ ନେତାଙ୍କୁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୪୪ ଜଣଙ୍କୁ। ଏହା ବ୍ୟତୀତ, ୟୁପିରେ ୯୮ ଜଣ ନେତା ଏବଂ ପ୍ରମୁଖ ବ୍ୟକ୍ତିଙ୍କୁ ବିଭିନ୍ନ ବର୍ଗର ସୁରକ୍ଷା କଭରେଜ ଯୋଗାଇ ଦିଆଯାଇଛି।

● ଏୟାର ହୋଷ୍ଟେସରୁ ଡିଏସ୍‌ପି

## ନେହା ପଚିସିଆଙ୍କ ନାମରେ ମାମଲା

ଭୋପାଳ, ୨୨।୮: ମଧ୍ୟପ୍ରଦେଶର ମହିଳା ଡିଏସପି ନେହା ପଚିସିଆଙ୍କୁ ଅଧିକାରର ଅପବ୍ୟବହାର, ଜବରଦସ୍ତ ଜମି ହଡ଼ପ ଏବଂ ଚାନ୍ଦା ଆଦାୟ ଅଭିଯୋଗରେ ସରକାର ନିଲମ୍ବିତ କରିଛନ୍ତି। ନେହା ପଚିସିଆ ଦ୍ୱାଦଶ ଶ୍ରେଣୀ ପାସ କରିବା ପରେ ଏଭିଏସନ କ୍ଷେତ୍ରରେ ଯୋଗ ଦେଇଥିଲେ। ପରେ ସେ କ୍ୟାରିୟର ବଦଳାଇ



ମଧ୍ୟପ୍ରଦେଶ ଲୋକସେବା ଆୟୋଗ ପରୀକ୍ଷା ଦେଇଥିଲେ ଓ ୨୦ତମ ର୍‍ୟାଙ୍କ ହାସଲ କରି ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ ଭାବରେ ପୋଲିସ ସେବାରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ କାଟନିରେ ସିଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ ଭାବରେ ପଦୋନ୍ନତି ପାଇଥିଲେ।

ହତ୍ୟା ଅଭିଯୁକ୍ତ ରମେଶ ଲୋଧି ଜେଲରେ ଥିବା ସମୟରେ ତାଙ୍କ ପରିବାରର ଅସହାୟତାର ସୁଯୋଗ ନେଇ ନେହା ପଚିସିଆ କ୍ଷମତାର ଭୟ ଦେଖାଇଥିଲେ। ୮୨.୮୬ ଲକ୍ଷ ଟଙ୍କାର ଜମିକୁ ମାତ୍ର ୧୮.୨୦ ଲକ୍ଷ ଟଙ୍କାରେ ମାରୁଫ୍ ଅହମ୍ମଦ ହାନାଫି ନାମକ ଜଣେ ବ୍ୟକ୍ତିଙ୍କ ନାମରେ ବିକ୍ରି କରିବାକୁ ବାଧ୍ୟ କରାଯାଇଥିଲା। ଜୁଲାଇ ୨୦୨୫ ସୁଦ୍ଧା ହାନାଫିଙ୍କ ବ୍ୟାଙ୍କ ଆକାଉଣ୍ଟରେ ମାତ୍ର ୩,୦୩୬ ଟଙ୍କା ଥିଲା। କିନ୍ତୁ ଜମି ରେଜିଷ୍ଟ୍ରି ଦିନ (୧୫ ଏପ୍ରିଲ ୨୦୨୬) ତାଙ୍କ ଆକାଉଣ୍ଟକୁ ହଠାତ୍ ୧୫ ଲକ୍ଷ ଟଙ୍କା ଆସିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ କ୍ଷିତିଜ ରାଜ ହେଉଛନ୍ତି ସିଏସପି ନେହାଙ୍କ ନିକଟତର ବ୍ୟବସାୟୀ ସହଯୋଗୀ।

ଜବଲପୁର ଜୋନ୍ ଆଇଜି ଓ ଭୋପାଳ ଭିଜିଲାନ୍ସର ତଦନ୍ତ ପରେ କାଟନିର କୁଠଲା ପୁଲିସ ଷ୍ଟେସନରେ ନେହା ପଚିସିଆ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଜାଲିଆତି, ଧମକ ଏବଂ ଅପରାଧିକ ଷଡ଼ଯନ୍ତ୍ର ମାମଲା ରୁଜୁ ହୋଇଛି। ମଧ୍ୟପ୍ରଦେଶ ହାଇକୋର୍ଟ ଅନ୍ତରୀଣ ଜାମିନ ନାମଞ୍ଜୁର କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ନେହାଙ୍କୁ ତୁରନ୍ତ ନିଲମ୍ବିତ କରି ଭୋପାଳ ପୋଲିସ ମୁଖ୍ୟାଳୟରେ ଆଟାଚ୍ କରିଛନ୍ତି।

# ହାଫିଜ୍ ସଈଦ୍‌କୁ ପାକିସ୍ତାନରୁ ଭାରତ ଅଣାଯିବ

ନୂଆଦିଲ୍ଲୀ, ୨୨।୮: ୨୦୨୫ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲାରେ ଲସ୍କର-ଏ-ତୋଇବା ମୁଖ୍ୟ ହାଫିଜ୍ ସୟିଦବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଭାରତ ଆଗକୁ ବଢ଼ାଇଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)ର ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ସୟିଦ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି ହେବା ପରେ କୂଟନୈତିକ ସ୍ତରରେ ଲାହୋରରେ ଥିବା ହାଫିଜ୍ ସୟିଦ କୋର୍ଟ ସମନ୍ ପଠାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସମନ୍ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମଇଏ) ଏବଂ ଇସଲାମାବାଦସ୍ଥିତ ଭାରତୀୟ ହାଇକମିଶନ ଜରିଆରେ ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ନିକଟକୁ ପଠାଯିବ। ଏହି ସମନର ଉଦ୍ଦେଶ୍ୟ, ସୟିଦଙ୍କୁ କୋର୍ଟରେ ହାଜର ହେବା ପାଇଁ ଆନୁଷ୍ଠାନିକ ଭାବେ ଏକ ସୁଯୋଗ ଦେବା। ଯଦି ସେ ହାଜର ନହୁଅନ୍ତି, ତାଙ୍କ ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଜାରି ରଖିବା ପାଇଁ ଏହା ଆଇନଗତ ଭିତ୍ତିଭୂମି ପ୍ରସ୍ତୁତ କରିବ। ୨୦୨୬ ଜୁଲାଇରେ ଏନଆଇଏ ଦାଖଲ କରିଥିବା ସପ୍ଲିମେଣ୍ଟାରୀ ଚାର୍ଜସିଟରେ



### ସମନ୍ ପାଇଁ ଏନ୍ଆଇଏର ପ୍ରସ୍ତୁତି

ସୟିଦଙ୍କୁ ପହଲଗାମ୍ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଏବଂ ଭାରତ ବିରୋଧରେ ଯୁଦ୍ଧ ଘୋଷଣା କରିଥିବା ଅଭିଯୋଗରେ ନାମିତ କରାଯାଇଛି। ସେ ଉଭୟ ବ୍ୟକ୍ତିଗତ ଭାବେ ଏବଂ ଲସ୍କର-ଏ-ତୋଇବା ଓ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ୍)ର ମୁଖ୍ୟ ନେତା ଭାବେ ଏହି ଆକ୍ରମଣ ପଛରେ ରହିଥିବା ଅଭିଯୋଗ ହୋଇଛି। ଜାମ୍ମୁର ସ୍ୱତନ୍ତ୍ର କୋର୍ଟ ହାଫିଜ୍ ସୟିଦଙ୍କ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି କରିବା ସହ ତାଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ୍) ଅନୁଯାୟୀ ଫେରାର ଘୋଷଣା କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଯଦି ସମନ୍ ପାଇବା ପରେ ବି ସୟିଦ କୋର୍ଟରେ ହାଜର ନହୁଅନ୍ତି, ବିଏନଏସଏସର ଧାରା ୩୫୬ରେ ତାଙ୍କ ଅନୁପସ୍ଥିତିରେ ହିଁ ବିଚାର କରାଯାଇପାରିବ।

## ବାଇଗଣ ଭର୍ତ୍ତା ଓ ରୁଟି ଖାଇ ୩ ଭଉଣୀଙ୍କ ମୃତ୍ୟୁ



ନୂଆଦିଲ୍ଲୀ, ୨୨।୮: ବାଇଗଣ ଭର୍ତ୍ତା ଓ ରୁଟି ଖାଇବା ପରେ ମଧ୍ୟପ୍ରଦେଶର ଛତରପୁର ଜିଲ୍ଲାରେ ୩ ଜଣ ନାବାଳିକା ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୯ ମାସର ଶିଶୁ କନ୍ୟା ମଧ୍ୟ ସାମିଲ ଅଛି। ପୋଲିସକୁ ନଜଣାଇ ଏବଂ ବ୍ୟବଚ୍ଛେଦ ନକରି ପରିବାର ଲୋକେ ମୃତଦେହଗୁଡ଼ିକୁ ପୋତି ଦେଇଥିବାରୁ ଏହି ଘଟଣାରେ ପୋଲିସ ସନ୍ଦେହ ପ୍ରକାଶ କରି ତଦନ୍ତ ଆରମ୍ଭ କରିଛି। ମୃତକମାନେ ହେଲେ ଛତରପୁର ଜିଲ୍ଲା ପିପୋରା ଖୁର୍ଦ୍ଦ ଗ୍ରାମର ବାଲମୁକୁନ୍ଦ କୁଶୱାହାଙ୍କ ତିନି ଝିଅ- ୭ ବର୍ଷୀୟା ପୁନମ୍, ୩ ବର୍ଷୀୟା ମନୀଷା ଏବଂ ୯ ମାସର ଶିଶୁ କନ୍ୟା ଚାହାତ। ପୁଲିସ ଅନୁସାରେ, ମୃତ୍ୟୁ ପୂର୍ବରୁ ୩ ଭଉଣୀ ବାଇଗଣ ଭର୍ତ୍ତା ଓ ରୁଟି ଖାଇଥିବା କୁହାଯାଉଛି। କିନ୍ତୁ ୯ ମାସର ଶିଶୁ ସାଧାରଣତଃ କ୍ଷୀର କିମ୍ବା ନରମ ତରଳ ଖାଦ୍ୟ ଖାଉଥିବା ବେଳେ, ସେ କିପରି ରୁଟି ଓ ବାଇଗଣ ଭର୍ତ୍ତା ଖାଇଲା, ସେ ନେଇ ତଦନ୍ତକାରୀ ଦଳ ସନ୍ଦେହ ପ୍ରକାଶ କରିଛି।

# ଆସୁଛି ଶତାବ୍ଦୀର ସବୁଠୁ ଭୟଙ୍କର ଏଲ୍ ନିନୋ!




### ପାଣିପାଗ ବିଭାଗର ଚେତାବନୀ

ନୂଆଦିଲ୍ଲୀ, ୨୨।୮: ଏଲ୍ ନିନୋ ବିଷୟରେ ଅନେକ ଭବିଷ୍ୟବାଣୀ ଚିନ୍ତା ବଢ଼ାଇଛି। ପାଣିପାଗ ବିଜ୍ଞାନୀମାନେ କହିଛନ୍ତି ଯେ, ଚଳିତ ବର୍ଷର ଏଲ୍ ନିନୋ ଚଳିତ ଶତାବ୍ଦୀରୁ ଶକ୍ତିଶାଳୀ ଏଲ୍ ନିନୋ ବୋଲି ପ୍ରମାଣିତ ହେବାକୁ ଯାଉଛି। ବ୍ରିଟେନର ପାଣିପାଗ ବିଭାଗ ଏକ ଚେତାବନୀ ଜାରି କରିଛି ଯେ, ୨୦୨୭ରେ ଭୟଙ୍କର ଏଲ୍ ନିନୋ ଆସିବ। ଏହା ବିଶ୍ୱକୁ ୨୦୨୪ (ଅର୍ଥନୈତିକ କାର୍ଯ୍ୟକଳାପ) ଆଡ଼କୁ ଠେଲି ଦେଇପାରେ। ଏହା ସହିତ ଗ୍ରୀଷ୍ମ ଦୃଷ୍ଟିରୁ ୨୦୨୪ର ରେକର୍ଡ ମଧ୍ୟ ଭାଙ୍ଗିବ। ୨୦୨୭ ଏଲ୍ ନିନୋ ପ୍ରଭାବରେ ଜଳିବ।

ଏଲ୍ ନିନୋ ହେତୁ ମୌସୁମୀ ପ୍ରଭାବିତ ହୋଇସାରିଛି। ଏଭଳି ସ୍ଥିତିରେ ଭାରତର ୨ଟି ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଏହା ବ୍ୟତୀତ ତାପମାତ୍ରା ମଧ୍ୟ ବଢ଼ିବ। ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ତାପମାତ୍ରା ସ୍ୱାଭାବିକଠାରୁ ୩ ଡିଗ୍ରୀ ଅଧିକ ରହିପାରେ। ଅନ୍ତର୍ଜାତୀୟ ଗଣମାଧ୍ୟମ ଅନୁସାରେ ଗତ ୧୦୦ ବର୍ଷ ମଧ୍ୟରେ ଲୋକମାନେ ଏଲ୍ ନିନୋର ପ୍ରଭାବ ଦେଖି ନାହାନ୍ତି, ଯାହା ଆସନ୍ତା ବର୍ଷ ଦେଖିବାକୁ ମିଳିବ।

ପ୍ରଶାନ୍ତ ମହାସାଗରର ତାପମାତ୍ରା ଲଗାତାର ବଢ଼ୁଛି। ୨୦୧୫ ତୁଳନାରେ ବର୍ତ୍ତମାନ ତାପମାତ୍ରା ୨.୬ ଡିଗ୍ରୀରୁ ଅଧିକ ରହିଛି। ନଭେମ୍ବରରେ ଏହା ୩.୯ ଡିଗ୍ରୀ ସେଲସିୟସ ଯାଏ ବଢ଼ିପାରେ। ବ୍ରିଟେନ୍ ପାଣିପାଗ ବିଭାଗ ଅନୁସାରେ, ଏଲ୍ ନିନୋକୁ ନେଇ ଏବେ କୌଣସି ଭବିଷ୍ୟବାଣୀ ଜାରି କରାଯାଇନାହିଁ। ଯଦି ଅନୁମାନ ମୁତାବିକ ଏଲ୍ ନିନୋ ଭୟଙ୍କର ହୁଏ ତେବେ ଦୁନିଆର ଜଳବାୟୁରେ ଭୟଙ୍କର ଭାବରେ ପ୍ରଭାବିତ ହେବ। ଲୋକମାନେ ପ୍ରଭାବିତ ହେବେ।

୨୦୨୪ରେ ଭୟଙ୍କର ଗରମ ହୋଇଥିଲା। ପାଣିପାଗ ବୈଜ୍ଞାନିକଙ୍କ ଅନୁସାରେ, ଯଦି ଏଲ୍ ନିନୋ ସମ୍ଭାବିତ ପ୍ରଭାବ ଦେଖିବାକୁ ମିଳେ ତେବେ ୨୦୨୭ର ଗରମ ସବୁ ରେକର୍ଡ ଭାଙ୍ଗିବ।

ଅଲ୍ ନିନୋର ପ୍ରଭାବ ୯ ମାସରୁ ନେଇ ବର୍ଷେ ଯାଏ ରହିବ। ଏମିତିରେ ବିଶ୍ୱ ତାପମାତ୍ରା ପ୍ରଭାବିତ ହୋଇଥାଏ। ପାଣିପାଗ ବିଜ୍ଞାନୀ ନିକ୍ ଦୁଷ୍ଟୋନ୍ କହିଛନ୍ତି, ପୃଥିବୀର ତାପମାତ୍ରା ଏବେ ୧.୫ ଡିଗ୍ରୀ ଅଧିକ ରହିଛି।

ଏଲ୍ ନିନୋ ପ୍ରଭାବ ମୌସୁମୀ ଉପରେ ପଡୁଥିବା ଦେଖିବାକୁ ମିଳୁଛି। ଏଥର ୯୦ ପ୍ରତିଶତ କମ୍ ବର୍ଷା ହେବା ଅନୁମାନ କରାଯାଉଛି। ଏହା ଗତ ୧୧ ବର୍ଷରେ ସବୁଠାରୁ କମ୍। ଆଇଏମଡି ବୈଜ୍ଞାନିକ ଓପି ଶ୍ରୀଜିତ୍ କହିଛନ୍ତି, ଉତ୍ତାପ ଦୃଷ୍ଟିରୁ ୨୦୨୭ ମଧ୍ୟ ୨୦୨୪କୁ ଅତିକ୍ରମ କରିବ। ହିଟୱେଭର ପ୍ରକୋପ ଅଧିକ ଦେଖିବାକୁ ମିଳିବ।

### ବ୍ରିଟେନରେ ଭାରତୀୟ କ୍ୟାପଟେନ୍ ଗିରଫ

## ମୋ ସ୍ୱାମୀ ଅପରାଧୀ ନୁହନ୍ତି, ତାଙ୍କୁ ଫସାଇ ଦିଆଯାଇଛି



ଲଣ୍ଡନ, ୨୨।୮: ରୁଷିଆର କଟକଣାପ୍ରାପ୍ତ ଅଶୋଧିତ ତୈଳ ବହନ କରୁଥିବା ଏକ ଜାହାଜକୁ ବ୍ରିଟିଶ କମାଣ୍ଡୋମାନେ ଜବତ କରିବା ପରେ ଏହାର ଭାରତୀୟ କ୍ୟାପଟେନ ଅଜୟ ପନ୍ତଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଅଜୟଙ୍କ ସ୍ତ୍ରୀ ରୀତୁ ପନ୍ତ କହିଛନ୍ତି ଯେ, ତାଙ୍କ ସ୍ୱାମୀଙ୍କୁ ବଳିକା ବକ୍ରା କରାଯାଇଛି ଅର୍ଥାତ୍ ଫସାଇ ଦିଆଯାଇଛି। ସେ କୌଣସି ଅପରାଧ କରିନାହାନ୍ତି।ଗତ ଜୁନ ମାସରେ ଗିରଫ ହେବା ପରେ ଜାମିନ ନମିଳିବାରୁ ସେ ଜେଲ ମଧ୍ୟରେ ଭାଙ୍ଗିପଡ଼ିଛନ୍ତି। ଜୁନ ୧୪ ତାରିଖରେ ଇଂଲିଶ ଚ୍ୟାନେଲରେ ବ୍ରିଟିଶ କମାଣ୍ଡୋମାନେ ହେଲିକପ୍ଟରରୁ ରସି ସାହାଯ୍ୟରେ ଓହ୍ଲାଇ ଜାହାଜକୁ କବଜାକୁ ନେଇଥିଲେ। ଏହି ଜାହାଜଟି ରୁଷିଆର ଗୁପ୍ତ ତୈଳ ନେଟୱାର୍କର ଅଂଶବିଶେଷ, ଯାହା ମାଧ୍ୟମରେ ୟୁକ୍ରେନ ଯୁଦ୍ଧ ପରେ ଲଗାଯାଇଥିବା ଆନ୍ତର୍ଜାତୀୟ କଟକଣାକୁ ଏଡ଼ାଇ ଅଶୋଧିତ ତୈଳ ଚାଲାଣ କରାଯାଉଥିଲା।

## କଳିଙ୍ଗ ଷ୍ଟାଡିୟମ୍‌ରେ ୱାର୍ଲ୍ଡ ଆଥଲେଟିକ୍ସ ଟୁର୍ ସିଲ୍‌ଭର୍

# ଦକ୍ଷିଣ ଆଫ୍ରିକାର ଜେସନ୍ ଓ ତାମିଲନାଡୁର ଅବିନୟ ଦ୍ରୁତତମ






ଭୁବନେଶ୍ୱର,୨୨।୮ (ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ୱାର୍ଲ୍ଡ ଆଥଲେଟିକ୍ସ ଟୁର୍ ସିଲଭର୍ ପ୍ରତିଯୋଗିତାରେ ଦକ୍ଷିଣ ଆଫ୍ରିକାର ଧାବକ ଶେପୋ ଜେସନ୍ ଟ୍ୟାଣ୍ଟିନି ଓ ତାମିଲନାଡୁର ଧାବିକା ଅବିନୟ ରାଜାରଞ୍ଜନ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ସେହିପରି ଓଡ଼ିଶାର ଅନିମେଶ କୁଜୁର ଷଷ୍ଠ ସ୍ଥାନରେ ରହିଥିବା ବେଳେ ୧୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡଧାରୀ ଗୁରିନ୍ଦରବୀର ସିଂହ ନବମ ସ୍ଥାନରେ ରହିଛନ୍ତି। ୨୧ ବର୍ଷୀୟ ଜେସନ୍ ୧୦.୧୧ ସେକେଣ୍ଡ୍ ସମୟ ନେଇ ସ୍ୱର୍ଣ୍ଣପଦକ ପାଇଛନ୍ତି। ଏହାଛଡ଼ା ଅନିମେଶ ୧୦.୩୨ ସେକେଣ୍ଡ୍ ଓ ଗୁରିନ୍ଦରବୀର ୧୦.୩୯ ସେକେଣ୍ଡ୍ ସମୟ ନେଇଥିଲେ। ସେହିପରି ମହିଳା ୧୦୦ ମିଟର ଦୌଡ଼ରେ ଅବିନୟ ୧୧.୩୪ ସେକେଣ୍ଡ୍‌ରେ ଧାର୍ଯ୍ୟ ଦୂରତା ଅତିକ୍ରମ କରି ସ୍ୱର୍ଣ୍ଣ ହାତେଇଛନ୍ତି। ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥି ଭାବେ ଯୋଗଦେଇଥିବା ବେଳେ ଉଦ୍‌ଯାପନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସଫଳ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରିଥିଲେ। ଏଥିସହ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶାର ପାରମ୍ପରିକ ନୃତ୍ୟ ଦର୍ଶକମାନଙ୍କ ମନ ମୋହିଥିଲା।

## 'ବିଚାରପତି ଭଗବାନ ନୁହନ୍ତି'

ନୂଆଦିଲ୍ଲୀ,୨୨।୮: ଜଜ୍‌ମାନେ ଭଗବାନ ନୁହଁନ୍ତି କିମ୍ବା ସେମାନଙ୍କର ପ୍ରତ୍ୟେକ ରାୟ ସବୁବେଳେ ସଠିକ୍ ହୋଇ ନପାରେ। ନିଜର ବିଦାୟୀ ଭାଷଣରେ ଏକଥା କହିଛନ୍ତି ସଞ୍ଜୟ କାରୋଲ୍। ସୁପ୍ରିମକୋର୍ଟର ବିଚାରପତି ଭାବେ ଜଷ୍ଟିସ୍ ସଞ୍ଜୟ କାରୋଲ୍ ଶନିବାର ଅବସର ଗ୍ରହଣ କରିଛନ୍ତି। ଜଷ୍ଟିସ କରୋଲ କହିଛନ୍ତି ଯେ ଜଣେ ବିଚାରପତିଙ୍କ ପାଇଁ କେବଳ ଆଇନର ଜ୍ଞାନ ଯଥେଷ୍ଟ ନୁହେଁ। ନ୍ୟାୟ ଦେବା ପାଇଁ ଜଣେ ବିଚାରପତିଙ୍କ ମଧ୍ୟରେ ବିନମ୍ରତା ଓ ମାନବିକତା ରହିବା ମଧ୍ୟ ଅତ୍ୟନ୍ତ ଜରୁରୀ। ଜଷ୍ଟିସ ସଞ୍ଜୟ କରୋଲ କହିଛନ୍ତି ଯେ କୋର୍ଟରେ ଆସୁଥିବା ପ୍ରତ୍ୟେକ ଯାଚିକା ପଛରେ ଜଣେ ମଣିଷ ଓ ତାଙ୍କର ଏକ ସଂଘର୍ଷର କାହାଣୀ ରହିଥାଏ। ତେଣୁ ଜଣେ ଜଜ୍‌ଙ୍କୁ କେବଳ ମାମଲାର କାଗଜପତ୍ର ନୁହେଁ, ବରଂ ସେହି ମାମଲା ପଛରେ ଥିବା ବାସ୍ତବ ମଣିଷକୁ ମଧ୍ୟ ଦେଖିବା ଆବଶ୍ୟକ ବୋଲି ସେ କହିଛନ୍ତି।

● ବିଶ୍ୱ ବରିଷ୍ଠ ନାଗରିକ ଦିବସ

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ସହ ଚାରା ବଣ୍ଟନ କାର୍ଯ୍ୟକ୍ରମ

୩୮ ନମ୍ବର ୱାର୍ଡର କାର୍ଯ୍ୟାଳୟ ଉଦ୍‌ଘାଟିତ



ଭୁବନେଶ୍ୱର,୨୨।୮ (ସଂଚାର ବ୍ୟୁରୋ): ବିଶ୍ୱ ବରିଷ୍ଠ ନାଗରିକ ଦିବସ ଅବସରରେ ନୟାପଲ୍ଲୀ ୩୮ ନମ୍ବର ୱାର୍ଡର ଅନେକ ବରିଷ୍ଠ ନାଗରିକଙ୍କୁ ସମ୍ମାନ ଜଣାଇବା ପାଇଁ ପୂଜ୍ୟପୂଜାର ପରମ୍ପରା ଅନୁସାରେ ଏକ ସମ୍ବର୍ଦ୍ଧନା ପର୍ବ ପାଳିତ ହୋଇଛି । ଏହି ଅବସରରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସର୍ବଭାରତୀୟ ବରିଷ୍ଠ ନାଗରିକ ସଂଘର ସଭାପତି କୃପାସିନ୍ଧୁ ସାହୁ, ପୂର୍ବତନ ପୁଲିସ ଡିଜି ସଞ୍ଜୀବ ମାରିକ, ଶିଳ୍ପପତି ଡଃ ଗଗନ ରାଉତ, ନିରଞ୍ଜନ ପଣ୍ଡା (ଅବସରପ୍ରାପ୍ତ ପ୍ରଧାନଶିକ୍ଷକ), ଆସିଆ ବେଗମ (୪୦ ନମ୍ବର ୱାର୍ଡ କର୍ପୋରେଟର), ମଧୁ ମାରିକ, ପୂର୍ବତନ କର୍ପୋରେଟର ନବ କିଶୋର ବେହେରା, ନଟବର ସାମନ୍ତରାୟ, ରମେଶ ପଟ୍ଟନାୟକ (ନୟାପଲ୍ଲୀ ମଣ୍ଡଳ ବରିଷ୍ଠ ନାଗରିକ ସମ୍ପାଦକ), ମହେନ୍ଦ୍ର ବଳବନ୍ତରାୟ (ନୟାପଲ୍ଲୀ ଦୁର୍ଗା ପୂଜା କମିଟି ପୂର୍ବତନ ସମ୍ପାଦକ), ୱାର୍ଡ ଅଫିସର ଭାଗିରଥି ନାୟକ, ସାନିଟାରୀ ଇନସ୍ପେକ୍ଟର ଭାଗ୍ୟଶ୍ରୀ ଯୋଗଦେଇଥିଲେ। ଶ୍ରୀମଦ ଭଗବତ ଗୀତା ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା । ବିଗତ ଦିନରେ ଅଞ୍ଚଳବାସୀଙ୍କ ପାଇଁ ଅନେକ ଉନ୍ନତିମୂଳକ କାର୍ଯ୍ୟ କରି ବର୍ତ୍ତମାନର ଯୁବପିଢ଼ି ପାଇଁ ସେମାନେ ପ୍ରେରଣା ସାଜିଛନ୍ତି, ତେଣୁ ସେହି ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏହି ସମ୍ବର୍ଦ୍ଧନା ପର୍ବ ଆୟୋଜନ କରିଥିବା କଥା ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା ଗଣମାଧ୍ୟମକୁ ପ୍ରକାଶ କରିଥିଲେ। କର୍ପୋରେଟରଙ୍କ ହାତରେ ହାତ ମିଶାଇ ଯୁବ ସମାଜସେବୀ ସମରେନ୍ଦ୍ର କୁମାର ଜେନା ଅନେକ ସମାଜ ମଙ୍ଗଳ କାର୍ଯ୍ୟକ୍ରମ କରିଆସୁଛନ୍ତି। କର୍ପୋରେଟର ଶ୍ରୀମତୀ ଜେନା ଓ ସମାଜସେବୀ ଶ୍ରୀ ଜେନାଙ୍କ ଏଭଳି ମହତ ଉଦ୍ଦେଶ୍ୟ ପାଇଁ ୱାର୍ଡବାସିନ୍ଦା ଅନେକ ପ୍ରଶଂସା କରିଥିଲେ।

● ଫଟୋସୁଟ୍ ପାଇଁ ଯାଇଥିଲେ ଯୁବତୀ

## ଗଣଦୁଷ୍କର୍ମ ଅଭିଯୋଗରେ ୩ ଗିରଫ

କୋରାପୁଟ ୨୨।୮ (ସଂଚାର ବ୍ୟୁରୋ): କୋରାପୁଟ ପାଇନ୍ ଜଙ୍ଗଲରେ ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲାରେ ଗିରଫ ସବୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୂର୍ବରୁ ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କୋରାପୁଟ ପୁଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ ଜୟପୁର ଟାଉନ୍ ଥାନା ଅଞ୍ଚଳର ବରୁଣ ହିଆଲ, ସଦର ଅଞ୍ଚଳର ସନ୍ୟାସୀ ଗମାଙ୍ଗୋ ଓ ନବରଙ୍ଗପୁର ଅଞ୍ଚଳର ସୁରେନ୍ଦ୍ର ହରିଜନ। ଗତ ୫ ତାରିଖରେ ଜୟପୁର ଅଞ୍ଚଳର ଜଣେ ଯୁବତୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ କୋରାପୁଟ-ଜୟପୁର ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ପାଇନ୍ ଜଙ୍ଗଲକୁ ଫଟୋ ସୁଟିଂ ପାଇଁ ଯାଇଥିଲେ। ଏହି ସମୟରେ ତିନି ଜଣ ଯୁବକ ସେଠାରେ ପହଞ୍ଚି ଛୁରୀ ଦେଖାଇ ଭୟଭୀତ କରିବା ସହ ଯୁବତୀଙ୍କ ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା।

## ବ୍ରାଉନସୁଗର ସହ ବାଇକ ଜବତ:ଜଣେ ଗିରଫ



ଧାମନଗର,୨୨।୮ (ସଂଚାର ବ୍ୟୁରୋ): ଭଦ୍ରକରୁ ଜଣେ ଯୁବକ ମଟର ସାଇକେଲରେ ଧାମନଗରକୁ ବ୍ରାଉନସୁଗର ନେଇ ଆସୁଥିବା ସମୟରେ ବିଶେଷ ସୂତ୍ରରୁ ଧାମନଗର ପୁଲିସ ଖବର ପାଇ ଥାନା ଅଧିକାରୀ ଶୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ନରେନ୍ଦ୍ର ରାଉତ ସଦଳବଳ ଧାମନଗର ଛକ ନିକଟରେ ଚଢ଼ାଉ କରି ଉକ୍ତ ଯୁବକଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଘଟଣାସ୍ଥଳରେ ଧାମନଗର ଅତିରିକ୍ତ ତହସିଲଦାର ପଲ୍ଲୀଭାରତ ମହାଲିକଙ୍କ ଉପସ୍ଥିତିରେ ୯.୩୦ ଗ୍ରାମ ଓଜନର ବ୍ରାଉନସୁଗର ଓ ମୋବାଇଲ ସହ ଗୋଟିଏ ବାଇକ ଜବତ କରାଯାଇଛି। ଜବତ ହୋଇଥିବା ବ୍ରାଉନ୍‌ସୁଗର୍‌ର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ପୁଲିସ୍ କହିଛି। ଧାମନଗର ଥାନା ଏସଆଇ ରଶ୍ମିତା ମଲ୍ଲିକ କେସ ନଂ.୩୫୦/୨୬ ୟୁ/ଏସ ୨୧(ବି)/୨୯(୧) ଏନଡିପିଏସ ଧାରାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସେକ ଅନିସ ଓରଫ ନଦୀମକୁ କୋର୍ଟ ଚାଲାଣ କରିଛନ୍ତି। ଏସଆଇ କାର୍ତ୍ତିକ ଜେନାଙ୍କୁ ଘଟଣାର ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଆଇଆଇସି ଶୁଭ୍ରଜିତ ଦାଶ କହିଛନ୍ତି।

## ଏଚ୍‌ଏମ୍‌ଏସ୍ ରାଜ୍ୟ ସମ୍ମିଳନୀ ଉପଲକ୍ଷେ ରାଜ୍ୟସ୍ତରୀୟ ପ୍ରତିନିଧି ସଭା




ଭୁବନେଶ୍ୱର,୨୨।୮ (ସଂଚାର ବ୍ୟୁରୋ): ଆଜି ଦେଶର ବୃହତ୍ତମ କେନ୍ଦ୍ରୀୟ ଶ୍ରମ ସଂଗଠନ ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍)ର ଓଡ଼ିଶା ରାଜ୍ୟ ପରିଷଦର ରାଜ୍ୟ ସମ୍ମିଳନୀ ଉପଲକ୍ଷେ ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଓ ଭାର ଆୟୋଜନ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଓଡ଼ିଶା ବ୍ଲାଇଣ୍ଡ ଆସୋସିଏସନ୍‌ର ସଭାଗୃହରେ ଅନୁଷ୍ଠିତ ହୋଇଛି। ବରିଷ୍ଠ ଶ୍ରମିକ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିନିଧି ସଭାରେ ଏଚ୍‌ଏମ୍‌ଏସ୍‌ର ରାଷ୍ଟ୍ରୀୟ ଅଧ୍ୟକ୍ଷ ସିଏ ରାଜାଶ୍ରୀଧର ଓ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ହରଭଜନ ସିଂ ସିନ୍ଧୁ ଯୋଗଦେଇ ରାଜ୍ୟର ସମସ୍ତ ଜିଲ୍ଲାରୁ ଏଚ୍‌ଏମ୍‌ଏସ୍‌ର ସହବନ୍ଧିତ ପ୍ରାୟ ୯୨ଟି ଶ୍ରମିକ ସଂଗଠନର ପ୍ରତିନିଧିଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ଟ୍ରେଡ୍ ୟୁନିଅନ୍‌ମାନଙ୍କର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ଓ ଆଗାମୀ ଦିନରେ ଏହି ଆନ୍ଦୋଳନର ରୂପରେଖ କିପରି ହେବାକୁ ଯାଉଛି, ସେ ସମ୍ପର୍କରେ ଅବଗତ କରାଇ ଏହାକୁ କିଭଳି ଏଚ୍‌ଏମ୍‌ଏସ୍ ପ୍ରତିହତ କରିବ, ସେନେଇ ବିସ୍ତୃତ ଭାବେ କାର୍ଯ୍ୟପନ୍ଥା ସ୍ଥିର କରିଥିଲେ।

## ଗହଣା ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍

ନେଇଗଲେ ୫ କେଜି ରୂପା ଓ ୬୦ ଗ୍ରାମ ସୁନା

ମୋରଡ଼ା ୨୨।୮ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅଞ୍ଚଳରେ ପୁଣି ଥରେ ବନ୍ଧୁକ ମୁନରେ ଲୁଟ୍ ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ନୂଆଝାଳିଆ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ପୋଖରୀ ନିକଟରେ ଜଣେ ଗହଣା ବ୍ୟବସାୟୀଙ୍କୁ ଭୟଭୀତ କରି ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। କୋଷ୍ଠା ଅଞ୍ଚଳର ଗହଣା ବ୍ୟବସାୟୀ ତପନ ପରିଡ଼ା ସାନମୁଣ୍ଡାବଣୀ ହାଟରେ ବ୍ୟବସାୟ ସାରି ନିଜ କାରରେ ଘରକୁ ଫେରୁଥିଲେ। ଏହି ସମୟରେ ନୂଆଗାଁ ପୋଖରୀ ନିକଟରେ ଦୁଇଟି ବାଇକରେ ଚାରି ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ମାନେ ବନ୍ଧୁକ ଦେଖାଇ ତପନ ପରିଡ଼ାଙ୍କୁ ଭୟଭୀତ କରିବା ସହ ତାଙ୍କ ପାଖରେ ଥିବା ଗହଣା ଭର୍ତ୍ତି ବ୍ୟାଗ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସେ ଅଭିଯୋଗ କରିଛନ୍ତି। ତପନ ପରିଡ଼ାଙ୍କ କହିବା ଅନୁସାରେ, ବ୍ୟାଗରେ ପ୍ରାୟ ୫ କିଲୋଗ୍ରାମ ରୂପା ଓ ୬୦ ଗ୍ରାମ ସୁନା ରହିଥିଲା। ଏହାସହ ବ୍ୟାଗ୍ ଭିତରେ ତାଙ୍କ ମୋବାଇଲ ଫୋନ୍ ମଧ୍ୟ ଥିବା ସେ କହିଛନ୍ତି। ଲୁଟ୍ ଜିନିଷର ମୂଲ୍ୟ କେତେ ତାହା ସ୍ପଷ୍ଟ ହୋଇନଥିଲେ ମଧ୍ୟ ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି। ଏହି ଘଟଣାକୁ ନେଇ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ତେବେ ଲୁଟେରାଙ୍କ ଦୁଇଟି ବାଇକ୍ ମଧ୍ୟରୁ ଗୋଟିଏ ବାଇକ୍ ଷ୍ଟାର୍ଟ ନ ହେବାରୁ ଘଟଣାସ୍ଥଳରେ ଗୋଟିଏ ବାଇକ୍ ଛାଡି ଦୁର୍ବୃତ୍ତ ମାନେ ପଳାଇଥିଲେ। ତେବେ ମୋରଡା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚୋରି, ଲୁଟ ଓ ଡକାୟତି ଭଳି ଘଟଣା ନେଇ ବାରମ୍ବାର ଅଭିଯୋଗ ଆସୁଛି। ଏଭଳି ଘଟଣାର ପୁନରାବୃତ୍ତି ହେଉଥିବାରୁ ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି।

## ଜଗାଦର୍ଶନ ପରେ ଚାଲିଗଲା ପ୍ରାଣ

ପୁରୀ ୨୨।୮ (ସଂଚାର ବ୍ୟୁରୋ): ଜଗା ଦର୍ଶନ ହେଲା ଶେଷ ଦର୍ଶନ। ମହାପ୍ରଭୁଙ୍କ ଦର୍ଶନ ସାରିବା ପରେ ଜଣେ ଭକ୍ତଙ୍କ ପ୍ରାଣ ଚାଲିଗଲା। ପୁରୀ ହସ୍ପିଟାଲରେ ଭକ୍ତଙ୍କୁ ମୃତ ଘୋଷଣା କଲେ ଡାକ୍ତର। ମୃତ ମହିଳା ଭକ୍ତ ଜଣକ ହେଉଛନ୍ତି ରାଜସ୍ଥାନ ଅଲୱାର ଅଞ୍ଚଳର ୪୪ ବର୍ଷୀୟା ବର୍ଷା ଗୁପ୍ତା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆଜି ବର୍ଷା ତାଙ୍କ ପରିବାର ଲୋକଙ୍କ ସହିତ ଶ୍ରୀମନ୍ଦିର ଆସିଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ପରିକ୍ରମା କରୁଥିବା ସମୟରେ ବର୍ଷା ଅସୁସ୍ଥ ହୋଇ ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିଜ ପରିବାର ସହ ଶୁକ୍ରବାରଠାରୁ ସେ ପୁରୀ ଆସିଥିଲେ। ଶନିବାର ସକାଳେ ବର୍ଷା ନିଜ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ସାରି ପରିକ୍ରମା କରୁଥିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ ବୋଲି କହିଛନ୍ତି ପରିବାର ଲୋକେ। ତେବେ ବର୍ଷାଙ୍କ ଏଭଳି ମୃତ୍ୟୁକୁ ନେଇ ଦୁଃଖରେ ଭାଙ୍ଗି ପଡିଛନ୍ତି ପରିବାର ଲୋକେ।

ସିବିଏସ୍‌ଇ କ୍ଲଷ୍ଟର୍ ଚାମ୍ପିଅନସିପ୍ ୨୦୨୬-୨୭

## ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ସଫଳତା



ଭୁବନେଶ୍ୱର,୨୨।୮ (ସଂଚାର ବ୍ୟୁରୋ): ସିବିଏସ୍‌ଇ କ୍ଲଷ୍ଟର ଚାମ୍ପିଅନସିପ୍ ୨୦୨୬-୨୭ରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, କରଞ୍ଜିଆର ଛାତ୍ରଛାତ୍ରୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଆଥଲେଟିକ୍ସରେ ବିଦ୍ୟାଳୟ ୨ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୩ଟି କାଂସ୍ୟ ପଦକ ହାସଲ କରିଛି। ଓଡ଼ିଶା, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୩୦୦ରୁ ଅଧିକ ବିଦ୍ୟାଳୟର ୧,୨୫୨ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ମୁଖ୍ୟ ଆକର୍ଷଣ ଥିଲେ ୧୪ ବର୍ଷରୁ କମ୍ ବର୍ଗରେ ଭାଗ ନେଇଥିବା ଯାଜ୍ଞସ୍ମିତା ନାୟକ, ଯିଏ ୪୦୦ ମିଟର ଓ ୬୦୦ ମିଟର ଦୌଡ଼ରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ୧୯ ବର୍ଷରୁ କମ୍ ବର୍ଗରେ ପବିତ୍ର ପିଙ୍ଗୁଆ ଚମତ୍କାର କୌଶଳ ପ୍ରଦର୍ଶନ କରି ୪୦୦ ମିଟରରେ ରୌପ୍ୟ ଓ ୨୦୦ ମିଟରରେ କାଂସ୍ୟ ପଦକ ପାଇଛନ୍ତି। ଏହି ସଫଳତା ଆଧାରରେ ଉଭୟ ପଟିଆଲାରେ ଅନୁଷ୍ଠିତ ହେବାକୁ ଥିବା ସିବିଏସ୍‌ଇ ଜାତୀୟ ଆଥଲେଟିକ୍ସ ମିଟ୍‌ରେ ବିଦ୍ୟାଳୟର ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏଥିସହ ୧୫୦୦ ମିଟର ଦୌଡ଼ରେ ଜଗନ୍ନାଥ ଜେରାଇ କାଂସ୍ୟ ପଦକ ଜିତିଥିବା ବେଳେ ୮୦୦ ମିଟରରେ ସ୍ୱାଗତୀ ମୁଣ୍ଡା ମଧ୍ୟ କାଂସ୍ୟ ପଦକ ପାଇଛନ୍ତି। ୧୭ ବର୍ଷରୁ କମ୍ ବାଳିକା ୪×୪୦୦ ମିଟର ରିଲେ ଦଳ ମଧ୍ୟ ରୌପ୍ୟ ପଦକ ଜିତିଛି। ଅନ୍ୟାନ୍ୟ ବିଭାଗରେ ମଧ୍ୟ ଉଲ୍ଲେଖନୀୟ ସଫଳତା ପାଇଛନ୍ତି, ଯେଉଁଥିରେ ହ୍ୟାଣ୍ଡବଲ୍‌ରେ କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିବା ସହ ଯୋଗ ପ୍ରତିଯୋଗିତାରେ ପଞ୍ଚମ ସ୍ଥାନ ହାସଲ କରିଛି।

■ ଶୌଚାଳୟ ଯାଇଥିଲେ ମା'

## ହସ୍ପିଟାଲ୍‌ରୁ ପ୍ରେମିକ ସହ ନାବାଳିକା ଚମ୍ପଟ୍



ପୁରୀ,୨୨।୮ (ସଂଚାର ବ୍ୟୁରୋ): ନାବାଳିକା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମହିଳା ୱାର୍ଡରେ ଆଡମିସନ୍ ହୋଇଥିଲେ। ରାତିରେ ଜଗି ରହିଥିଲେ ମା'। ସକାଳେ ମା' ଶୌଚାଳୟକୁ ଯାଇଥିବା ବେଳେ ଶଯ୍ୟାରୁ ଉଠି ପ୍ରେମିକ ସହ ଚମ୍ପଟ ମାରିଛି ନାବାଳିକା। ଝିଅକୁ ଖୋଜିଖୋଜି ନ ପାଇବାରୁ ସମୁଦ୍ରକୂଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି ମା'। ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି। ପୁଲିସ ସୂଚନାନୁଯାୟୀ, ନାବାଳିକା ଘର ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ ହୋଇଥିବା ବେଳେ ପୁରୀରେ ଭଡ଼ାସୂତ୍ରରେ ରହୁଥିଲେ। ଗତ ୧୭ ତାରିଖ ବିଳମ୍ବିତ ରାତିରେ ନାବାଳିକା ଅସୁସ୍ଥ ହେବାରୁ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସାଳୟରେ ଆଡମିସନ କରାଯାଇଥିଲା।

୧୮ ତାରିଖ ସକାଳେ ମା' ଶୌଚାଳୟକୁ ଯାଇଥିବାବେଳେ ନାବାଳିକା ସମସ୍ତ ଚିକିତ୍ସା କାଗଜପତ୍ରକୁ ଚିରି ପ୍ରେମିକ ସହ ଚମ୍ପଟ ମାରିଥିଲା। ମା' ଶୌଚାଳୟରୁ ଫେରି ଝିଅକୁ ଚିକିତ୍ସାଳୟ ପରିସର ଖୋଜିଥିଲେ ସୁଦ୍ଧା ପାଇନଥିଲେ। ଘରକୁ ପଳାଇଥିବ ଭାବି ବାଟ ସାରା ଖୋଜିଖୋଜି ଫେରିଥିଲେ। ଭଡ଼ା ଘରେ ପହଞ୍ଚିବା ପରେ ଲୋକମାନେ ଝିଅ ଘରକୁ ଆସି ପୁଣି କୁଆଡ଼େ ପଳାଇଲା ବୋଲି କହିଥିଲେ। ଝିଅକୁ ନ ପାଇ ମା' ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଝିଅକୁ ଅପହରଣ କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଦାୟିତ୍ୱରେ ପ୍ର.ସତ୍ୟନାରାୟଣ ଆଚାର୍ଯ୍ୟ




ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୨।୮ (ସଂଚାର ବ୍ୟୁରୋ) : ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ। ଶୁକ୍ରବାର ଲୋକ ଭବନ ପକ୍ଷରୁ ରାଜ୍ୟପାଳଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପରେ ଆଜି ଶନିବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ମଦନପୁର, ଭୁବନେଶ୍ୱର କ୍ୟାମ୍ପସ୍ ପରିସରକୁ ଆସି ଡ. ଆଚାର୍ଯ୍ୟ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଦାୟିତ୍ୱ ନେଉ ନେଉ ସେ କହିଛନ୍ତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରି ଏକ ମହାନ ସାଂସ୍କୃତିକ ଅନୁଷ୍ଠାନର କୁଳପତି ପଦବୀ ମଣ୍ଡନ କରିବା ସୌଭାଗ୍ୟର ବିଷୟ। ଅନୁଷ୍ଠାନର ଦାୟିତ୍ୱ ନେବା ପରେ ଭାର ଆହୁରି ବଢ଼ିଛି, ପ୍ରତିଶ୍ରୁତି ଦେଉଛି ତାକୁ ସୁଚାରୁ ରୂପେ ନିର୍ବାହ କରିବି। ଅନୁଷ୍ଠାନ ଯେଉ ଲକ୍ଷ୍ୟ ନେଇ ବିକାଶ ଧାରାରେ ଆଗେଇ ଚାଲିଛି, ତାହା ପୂରଣ ହେବ। ସେଥିପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଡ. ଆଚାର୍ଯ୍ୟ କହିବା ସହ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧିକ କ'ଣ କରାଯାଇପାରିବ ଏବଂ ଏ କ୍ଷେତ୍ର କିପରି ସମୃଦ୍ଧ ହେବ ତା' ଉପରେ ସଫଳତାର ସହ କାର୍ଯ୍ୟ କରିବାକୁ ବିଶ୍ୱବିଦ୍ୟାଳୟର ସହକର୍ମୀ ଓ କର୍ମଚାରୀମାନଙ୍କ ସହଯୋଗ ଲୋଡ଼ିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ. ଆଚାର୍ଯ୍ୟଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କୁଳସଚିବ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ସ୍ନାତକୋତ୍ତର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଚକ୍ରଧର ବେହେରା, ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଓ ସମସ୍ତ ଶିକ୍ଷକ ଏବଂ କର୍ମଚାରୀ ଓ ଛାତ୍ରଛାତ୍ରୀ ପୁଷ୍ପଚାରା, ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଆଇନ ୧୯୯୯ର ଧାରା ୧୦ର ଉପଧାରା ୧୧ଅନୁଯାୟୀ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ କୁଳପତି ନିଯୁକ୍ତି ନେଇ ଏହି ନିଷ୍ପତ୍ତି ନେଇଛନ୍ତି। ବିଶ୍ୱବିଦ୍ୟାଳୟର ନୂତନ ତଥା ନିୟମିତ କୁଳପତି ନିଯୁକ୍ତି ତଥା ଆସନ୍ତା ୬ ମାସ ପର୍ଯ୍ୟନ୍ତ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଡ. ଆଚାର୍ଯ୍ୟ ଦାୟିତ୍ୱରେ ରହିବେ ବୋଲି ଲୋକ ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ଭିତରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁଙ୍କ ୬ ମାସିଆ ବର୍ଦ୍ଧିତ କାର୍ଯ୍ୟକାଳ ଶେଷ ହୋଇଛି। ୨୦୨୩ରେ ୩ ବର୍ଷ ପାଇଁ ନିଯୁକ୍ତି ପାଇଥିବା ଡ. ସ୍ୱାଇଁଙ୍କ କାର୍ଯ୍ୟକାଳ ଫେବୃଆରୀ ୨୧ରେ ଶେଷ ହୋଇଥିଲା। ତାଙ୍କୁ ପୁଣିଥରେ ୬ ମାସ ପାଇଁ ଦାୟିତ୍ୱ ଦିଆଯାଇଥିଲା। ତେବେ ଗତ ଅଗଷ୍ଟ ୨୦ରେ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଛି ଏବଂ ଗତକାଲି ୨୧ ତାରିଖରେ ତାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିନିୟରଙ୍କ କଥା ନ...

ଗତ ୧୩ ତାରିଖ ରାତିରେ ଘଟଣା ଘଟିଥିବା ବେଳେ ୧୬ ତାରିଖରେ ଛାତ୍ରଙ୍କୁ ହଷ୍ଟେଲକୁ ନିଆଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ଘଟଣା ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ସମୟରେ ଜଣାଯାଇଥିଲା କି ନାହିଁ, ଏହାକୁ ନେଇ ମଧ୍ୟ ଉଠିଛି ପ୍ରଶ୍ନ। ଘଟଣା ସାମ୍ନାକୁ ଆସିବା ପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସହ ଏକ ଟିମ୍ ଛାତ୍ରଙ୍କ ଘରକୁ ଯାଇ ପରିବାର ସହ କଥା ହୋଇଛି। ପ୍ରାଥମିକ ତଦନ୍ତରେ ଅଭିଯୋଗର ସତ୍ୟତା ଥିବା ନେଇ ଅଧିକାରୀ କହିଛନ୍ତି। ତଦନ୍ତ ପରେ ୫ ଜଣ ଛାତ୍ରଙ୍କୁ ସ୍କୁଲରୁ ବହିଷ୍କାର କରିବା ନେଇ ବିଚାର ଚାଲିଛି ବୋଲି କହିଛନ୍ତି ସ୍କୁଲ ଅଧ୍ୟକ୍ଷ। ଗତବର୍ଷ ଏହି ସ୍କୁଲରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଓ ଅନ୍ୟ ଜଣେ ଛାତ୍ରଙ୍କୁ ସାପ କାମୁଡ଼ିଥିବା ଘଟଣାର ମଧ୍ୟ ଅଭିଯୋଗ ହେଉଛି।

### ମୃତ୍ୟୁ ପରେ ସହାୟତା...

ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସୁଦକ୍ଷ କରିବାକୁ ପଡ଼ିବ। ଗରିମା ଦିବସ ପ୍ରତିବର୍ଷ ଆମକୁ ମନେ ପକାଇବ ଯେଉଁ ହାତ ସ୍ୱଚ୍ଛତା ଦିଏ, ସେହି ହାତର ଗରିମା ରକ୍ଷା କରିବା ମଧ୍ୟ ଆମର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ପୂର୍ବରୁ ସଫେଇ କର୍ମୀ ସ୍ୱର୍ଗତ ପ୍ରତାପ ତରେଇଙ୍କ ପତ୍ନୀଙ୍କୁ ୧୦ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ଦୁର୍ଘଟଣା ପରେ କ୍ଷତିପୂରଣ ନୁହେଁ, ଦୁର୍ଘଟଣା ପୂର୍ବରୁ ପ୍ରତିରୋଧ। ଆମେ ଚାହୁଁଛୁ, ବିପଦପୂର୍ଣ୍ଣ କାର୍ଯ୍ୟରେ ଆମର ଏହି କର୍ମଯୋଗୀମାନଙ୍କ ଜୀବନ ସୁରକ୍ଷିତ ରହୁ। ଏହା ହିଁ ହେଉଛି, ମିଶନ ଜିରୋର ଆଭିମୁଖ୍ୟ ବୋଲି ସେ କହିଛନ୍ତି। ଗରିମା ଦିବସ ଉପଲକ୍ଷେ ଆଧୁନିକ ଟେକ୍ନୋଲୋଜିଯୁକ୍ତ ମେସିନ ବ୍ୟବହାର ଓ ସୁରକ୍ଷା ଉପକରଣ ଉପରେ ଆୟୋଜିତ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ଏହାକୁ ବୁଲି ଦେଖିଛନ୍ତି। ଏଥିସହ ସଫେଇ କର୍ମୀଙ୍କ ପାଇଁ ୱାର୍କ ଅର୍ଡର ବି ପ୍ରଦାନ କରାଯାଇଛି। କେନ୍ଦ୍ର ସାମାଜିକ ନ୍ୟାୟ ବିଭାଗ ସଚିବ ସୁଧାଂଶ ପନ୍ତ, ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅର୍ବାନ ମ୍ୟାନେଜମେଣ୍ଟ ସେଣ୍ଟରର ନିର୍ଦ୍ଦେଶିକା ମନ୍ଦିରା ବରାଡି ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ।

### ମହାମାରୀ ରୋକିବା...

ପଦକ୍ଷେପ ଗ୍ରହଣ କରାଯାଉଛି। ଦୀର୍ଘ ସମୟ ଧରି ଜଳମଗ୍ନ ରହିଥିବା ଗ୍ରାମଗୁଡ଼ିକରେ ସ୍ୱଚ୍ଛତା ଓ ସାନିଟାଇଜେସନ୍ କାର୍ଯ୍ୟକୁ ସର୍ବାଧିକ ପ୍ରାଥମିକତା ଦିଆଯିବ। ବନ୍ୟାଜଳ ହଟିବା ପରେ ଜଳମଗ୍ନ ଗ୍ରାମ, ରାସ୍ତାଘାଟ ଓ ସର୍ବସାଧାରଣ ସ୍ଥାନଗୁଡ଼ିକରେ ବ୍ୟାପକ ସଫେଇ କାର୍ଯ୍ୟ ସହ ଜୀବାଣୁମୁକ୍ତ କରିବା ନିମନ୍ତେ ପଦକ୍ଷେପ ନିଆଯିବ। ସେହିପରି ବନ୍ୟା ପରେ ବିଭିନ୍ନ ଜଳବାହିତ ତଥା ସଂକ୍ରାମକ ରୋଗର ନିୟନ୍ତ୍ରଣ, ପାନୀୟ ଜଳର ନିରାପତ୍ତା, ଆବଶ୍ୟକ ଔଷଧର ପର୍ଯ୍ୟାପ୍ତ ମହଜୁଦ ଓ ଉପଲବ୍ଧତା, ଉପଯୁକ୍ତ ଚିକିତ୍ସା ସେବା ପ୍ରଦାନ ଓ ସମ୍ଭାବ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟାର ତ୍ୱରିତ ମୁକାବିଲା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ବନ୍ୟା ପରବର୍ତ୍ତୀ ସମୟରେ ଜନସାଧାରଣଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯେପରି ନିରବଚ୍ଛିନ୍ନ ଭାବେ ମିଳିପାରିବ, ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରାଯାଉଛି। ବରିଷ୍ଠ ଅଧିକାରୀମାନଙ୍କ କ୍ଷେତ୍ରସ୍ତରୀୟ ଉପସ୍ଥିତି ଓ ତଦାରଖ ଦ୍ୱାରା ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ ଓ ପ୍ରଭାବଶାଳୀ କରାଯିବ। ଏଥିସହ ପାନୀୟ ଜଳର ଉତ୍ସଗୁଡ଼ିକର ସ୍ୱଚ୍ଛତା ଓ ବିଶୋଧନ ସହ ବନ୍ୟା ପରେ ଅଞ୍ଚଳରେ ପରିଚ୍ଛନ୍ନତା ବଜାୟ ରଖିବା ନିମନ୍ତେ ପଦକ୍ଷେପ ନିଆଯିବ। ଅନ୍ୟାନ୍ୟ ଅବଶ୍ୟକୀୟ ବସ୍ତୁକୁ ତୁରନ୍ତ ହଟାଇବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ସମ୍ଭାବ୍ୟ ସ୍ୱାସ୍ଥ୍ୟ ବିପଦକୁ ପୂର୍ବରୁ ଚିହ୍ନଟ କରି ତାହାର ତ୍ୱରିତ ମୁକାବିଲା ପାଇଁ କ୍ଷେତ୍ର ସ୍ତରରେ ନିରନ୍ତର ନିରୀକ୍ଷଣ କରାଯାଇ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି।

### ପରିସ୍ଥିତି ମୁକାବିଲା ପାଇଁ...

ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଆଜି ସୁଦ୍ଧା ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଜଳକା ଆଦି ସମସ୍ତ ନଦୀର ଜଳପତନ ସ୍ତର ଉଭୟ ବିପଦ ସଙ୍କେତ ଓ ସତର୍କ ସଂକେତଠାରୁ କମ୍ ରହିଛି। ବାଲେଶ୍ୱର ଜିଲ୍ଲାର ୬ଟି ବ୍ଲକ୍‌ର ୫୦ଟି ଗ୍ରାମ ପଞ୍ଚାୟତ ଓ ୩୨୬ଟି ଗ୍ରାମ ପ୍ରଭାବିତ ହୋଇଛି। ୧୨୯ଟି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ୨୪,୭୦୯ ଜଣ ପ୍ରଭାବିତ ହୋଇଛନ୍ତି। ୧୭,୭୯୯ ଜଣଙ୍କୁ ସ୍ଥାନାନ୍ତର କରାଯାଇ ୮୯ଟି ରିଲଫ୍ କ୍ୟାମ୍ପରେ ଆଶ୍ରୟ ଓ ସହାୟତା ଯୋଗାଇ ଦିଆଯାଉଛି। ଭଦ୍ରକ ଜିଲ୍ଲାର ୪ଟି ବ୍ଲକର ୩୨ଟି ଗ୍ରାମ ପଞ୍ଚାୟତ ଓ ୧୪୩ଟି ଗ୍ରାମ ପ୍ରଭାବିତ ହୋଇଛି। ମୋଟ ୧,୫୧,୯୩୨ ଜଣ ପ୍ରଭାବିତ ହୋଇଥିବା ବେଳେ ୨୦,୫୬୭ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଯାଜପୁର ଜିଲ୍ଲାର ୫ଟି ବ୍ଲକ୍‌ର ୨୪ଟି ଗ୍ରାମ ପଞ୍ଚାୟତ ଓ ୬୯ଟି ଗ୍ରାମ ପ୍ରଭାବିତ ହୋଇଛି। ୪୮ଟି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ୭୧,୪୨୫ ଜଣ ପ୍ରଭାବିତ ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବ୍ଲକର ୬୭ଟି ଗ୍ରାମ ପଞ୍ଚାୟତ ଓ ୧୬୪ଟି ଗ୍ରାମ ପ୍ରଭାବିତ ହୋଇଛି। ୪୨ଟି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ୨,୪୭,୪୯୩ ଜଣ ପ୍ରଭାବିତ ହୋଇଛନ୍ତି।

### ସହଜ ହେବ...

ବର୍ଗମିଟରରୁ ଅଧିକ ଜମି ଥିଲେ କିମ୍ବା କୋଠାଟି ଗ୍ରାଉଣ୍ଡ+୨ (ଏ+୨) ମହଲାରୁ ଅଧିକ ଉଚ୍ଚତାବିଶିଷ୍ଟ ହୋଇଥିଲେ ହିଁ ବିଲ୍ଡିଂ ପ୍ଲାନ୍ ଅନୁମୋଦନ ଆବଶ୍ୟକ ହେବ। ଅନ୍ୟଥା ସାଧାରଣ ଘର ପାଇଁ ଏହା ଜରୁରୀ ନୁହେଁ। ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପାଇଁ ନିୟମ ସ୍ପଷ୍ଟ କରି କୁହାଯାଇଛି ଯେ ଓଡ଼ିଶା ଅଗ୍ନି ନିରାପତ୍ତା ନିୟମାବଳୀ ୨୦୧୭ ଅନୁସାରେ କେବଳ ୧୨ ମିଟର ବା ତହିଁରୁ ଅଧିକ ଉଚ୍ଚ କିମ୍ବା ୫୦୦ ବର୍ଗମିଟର ବା ତହିଁରୁ ଅଧିକ ନିର୍ମାଣ କ୍ଷେତ୍ରଫଳ ଥିବା କୋଠାଗୁଡ଼ିକ ପାଇଁ ହିଁ ଏହି ପ୍ରମାଣପତ୍ର ଆବଶ୍ୟକ। ଅନ୍ୟପକ୍ଷରେ ବୈଦ୍ୟୁତିକ ସୁରକ୍ଷା ପ୍ରମାଣପତ୍ର ବାବଦରେ ଶକ୍ତି ବିଭାଗର ୨୦୨୬ ଜୁନ୍ ୧୦ ତାରିଖର ବିଜ୍ଞପ୍ତି ଅନୁସାରେ, ଯେଉଁ ହୋମଷ୍ଟେଗୁଡ଼ିକର ବିଦ୍ୟୁତ୍ ଚୁକ୍ତିବଦ୍ଧ ଚାହିଦା ୫ କିଲୋୱାଟ୍ ପର୍ଯ୍ୟନ୍ତ ରହିଛି, ସେମାନଙ୍କୁ କୌଣସି ଇଲେକ୍ଟ୍ରିକାଲ ସେଫ୍ଟି ସାର୍ଟିଫିକେଟ୍ ଦାଖଲ କରିବାକୁ ପଡ଼ିବ ନାହିଁ। କଠିନ ବର୍ଜ୍ୟବସ୍ତୁ ପରିଚାଳନା ୟୁଜର ଫି' ରସିଦ କିମ୍ବା ପଞ୍ଜିକରଣ ପ୍ରମାଣପତ୍ର କେବଳ ସହରାଞ୍ଚଳ ହୋମଷ୍ଟେ ପାଇଁ ବାଧ୍ୟତାମୂଳକ ରହିଛି। ଗ୍ରାମାଞ୍ଚଳରେ ଯଦି ପଞ୍ଚାୟତ ଦ୍ୱାରା ବର୍ଜ୍ୟବସ୍ତୁ ସଂଗ୍ରହ ବ୍ୟବସ୍ଥା ଥାଏ, ତେବେ ପଞ୍ଚାୟତ ପ୍ରଦତ୍ତ ରସିଦ ଦେବାକୁ ହେବ। ଯେଉଁଠି ପଞ୍ଚାୟତ ପକ୍ଷରୁ ଏପରି ବ୍ୟବସ୍ଥା କାର୍ଯ୍ୟକ୍ଷମ ନାହିଁ, ସେଠାରେ ଆବେଦନକାରୀ ପଞ୍ଚାୟତିରାଜ ବିଭାଗର ନିୟମ ମାନି ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ନେଇ ଏକ ସାଧାରଣ ପ୍ରତିଶ୍ରୁତିପତ୍ର ଦାଖଲ କରି ପଞ୍ଜିକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରିବେ। ସରକାରଙ୍କ ଏହି ଯୁଗାନ୍ତକାରୀ ନିଷ୍ପତ୍ତି ଫଳରେ ସାଧାରଣ ଲୋକଙ୍କ ପାଇଁ ହୋମ୍‌ଷ୍ଟେ ପଞ୍ଜିକରଣ ଅତ୍ୟନ୍ତ ସୁଗମ ହୋଇପାରିଛି।

### ପଦରାଜ ଉମାକାନ୍ତ ନାୟକଙ୍କୁ...

ବିଜ୍ଞାନ ପରୀକ୍ଷଣ କରିବାର ସରଳ ଉପାୟ ରହିଛି, ଯାହା ଶିକ୍ଷାର୍ଥୀଙ୍କ ପାଇଁ ବିଜ୍ଞାନ ପାଠକୁ ଅଧିକ କାର୍ଯ୍ୟଭିତ୍ତିକ ଓ ଆନନ୍ଦଦାୟକ କରିପାରିଛି। ଏହାଛଡ଼ା ଶ୍ରୀ ନାୟକ ଏକାଧିକ ଇ-କଣ୍ଟେଣ୍ଟ ପ୍ରସ୍ତୁତ କରିବା ସହ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ୟୁଟ୍ୟୁବ୍ ଲାଇଭ୍ କ୍ଲାସରେ ଶିକ୍ଷାଦାନ କରିଛନ୍ତି। ତାଙ୍କର ନୂତନ ଶିକ୍ଷାଦାନ ପଦ୍ଧତିଗୁଡ଼ିକ ମଧ୍ୟରେ ପ୍ରକଳ୍ପଭିତ୍ତିକ ଶିକ୍ଷା, ଗବେଷଣାଭିତ୍ତିକ ଶିକ୍ଷା, ହାତପାହାନ୍ତା କାର୍ଯ୍ୟକଳାପ, ନୃତ୍ୟ ମାଧ୍ୟମରେ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷା, ଯୋଗ ମାଧ୍ୟମରେ ଶିକ୍ଷା, ଖେଳ ମାଧ୍ୟମରେ ଶିକ୍ଷା ଓ କଳା ମାଧ୍ୟମରେ ବିଜ୍ଞାନ ଶିକ୍ଷା ଅନ୍ତର୍ଭୁକ୍ତ। ଏହି ଆଭିମୁଖ୍ୟ ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଆନନ୍ଦଦାୟକ, ସକ୍ରିୟ ଓ ଛାତ୍ରକୈନ୍ଦ୍ରିକ କରିପାରିଛି। ଭୌତିକ ବିଜ୍ଞାନ ଓ ଗଣିତର ରିସୋର୍ସ ପର୍ସନ ଭାବେ କାର୍ଯ୍ୟ କରି ସେ ଶିକ୍ଷକମାନଙ୍କର ଶୈକ୍ଷିକ ଦକ୍ଷତା ବୃଦ୍ଧି କରିବା ସହ ବିଜ୍ଞାନ ଓ ଗଣିତ ଶିକ୍ଷାରେ ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିଛନ୍ତି। ତାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଜଣେ ଛାତ୍ର ଅନ୍ତର୍ଜାତୀୟ ସ୍ତରର ବିଜ୍ଞାନ କାର୍ଯ୍ୟକ୍ରମରେ ଓ ୮ ଜଣ ଛାତ୍ର ଜାତୀୟସ୍ତରର ବିଜ୍ଞାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ଗୌରବ ଅର୍ଜନ କରିଛନ୍ତି।

### ଯାଞ୍ଚ ପାଇଁ ଉଚ୍ଚସ୍ତରୀୟ...

ପାଇଁ ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ କରାଯାଇଥିବା ଏନଟିପିସି ପକ୍ଷରୁ ସୂଚନା ଦିଆଯାଇଛି। ଜିଲ୍ଲାପାଳ କହିଛନ୍ତି ଯେ ଗତକାଲି ରାତିରେ ଆମେ ଏନଟିପିସିରେ ବିସ୍ଫୋରଣ ନେଇ ଖବର ପାଇଥିଲୁ। ଏହି ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି। ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନଟିପିସି କର୍ତ୍ତୃପକ୍ଷଙ୍କ ସହ କଥା ହୋଇଛୁ। ସେମାନେ ତଦନ୍ତରେ ଆମକୁ ସହାୟତା କରିବେ। ତଦନ୍ତ ପରେ ହିଁ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିବ।

## କଲ୍ୟାଣୀ ଏକ୍ସପ୍ରେସ୍ ୱେରେ ଦୁର୍ଘଟଣା, ଜଣେ ମୃତ

କୋଲକାତା,୨୨।୮ (ସଂଚାର ବ୍ୟୁରୋ): ଶନିବାର ସକାଳେ କଲ୍ୟାଣୀ ଏକ୍ସପ୍ରେସୱେରେ ଏକ ସଡ଼କ ଦୁର୍ଘଟଣାରେ ଖାଲିଦ ହୋସେନ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଖାଲିଦ ଶନିବାର ସକାଳେ ତାଙ୍କ ପରିବାର ସଦସ୍ୟଙ୍କୁ ବିଦାୟ ଦେବାକୁ ବିମାନବନ୍ଦର ଆସିଥିଲେ। ସେ ଘରକୁ ଫେରୁଥିବା ବେଳେ ମୋହନପୁର ନିକଟରେ ତାଙ୍କ କାର ନିୟନ୍ତ୍ରଣ ହରାଇ ଠିଆ ହୋଇଥିବା ଏକ ଟ୍ରକ ପଛପଟେ ଜୋରରେ ଧକ୍କା ଦେଇଥିଲା। ଧକ୍କାରେ ଖାଲିଦ ଓ ତାଙ୍କ ଡ୍ରାଇଭର ଉଭୟ ଗୁରୁତର ଆହତ ହୋଇଥିଲେ। ପୁଲିସ ଗୁରୁତର ଆହତ ଖାଲିଦ ଓ ତାଙ୍କ ଡ୍ରାଇଭରଙ୍କୁ ହସ୍ପିଟାଲକୁ ନେଇଥିଲା। ଡାକ୍ତର ଖାଲିଦଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ, ଡ୍ରାଇଭରଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

## ଜମିକୁ ନେଇ ଦୁଇ ଗାଁ ମଧ୍ୟରେ ବିବାଦ



ବୋରିଗୁମ୍ମା/କୋଟପାଡ଼,୨୨।୮ (ସଂଚାର ବ୍ୟୁରୋ): ସରକାରୀ ଜମିକୁ ନେଇ ଦୁଇ ଗାଁ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ୧୯୭୫ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ନନ୍ଦିନୀ ଶତପଥୀ କୋରାପୁଟ କୋଲାବ୍ ଜଳ ଭଣ୍ଡାର ପ୍ରକଳ୍ପ ନିର୍ମାଣ ପାଇଁ ଅନେକ ବିସ୍ଥାପିତ ପରିବାରକୁ ଶସାହାଣ୍ଡି ପଞ୍ଚାୟତ ଚାରି ନମ୍ବର ଗାଁରେ ଥଇଥାନ କରିଥିଲେ। ସେମାନଙ୍କୁ ସେହି ଅଞ୍ଚଳରେ ସରକାରୀ ଜମିରୁ କାହାକୁ ୨ ଏକର ତ କାହାକୁ ୪ ଏକର ମୋଟ ୬୪୦ ଏକର ଜମି ପ୍ରଦାନ କରିଥିଲେ। ୪୦ବର୍ଷ ହେଲାଣି ସେହି ବିସ୍ଥାପିତ ପରିବାର ସେହି ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଆଉ ଯେଉଁ ମାନଙ୍କୁ ଜମି ମିଳି ନାହିଁ ସେମାନେ କିଛି କିଛି ସରକାରୀ ଜମିରେ ଅଳ୍ପ ଚାଷ କରି ଚଳୁଥିଲେ। ଚାରି ନମ୍ବର ନିକଟବର୍ତ୍ତୀଗାଁ ବତାସନା ଗ୍ରାମର ଲୋକେ ଏହାକୁ ବିରୋଧ କରି କହିଛନ୍ତି ବିସ୍ଥାପିତଙ୍କୁ ସରକାର ଜମି ମିଳିଛି ପୁଣି କାହିଁକି ସରକାର ଜମି ଉପରେ ନଜର ପକେଇ ଚାଷ କରୁଛନ୍ତି। ସରକାରୀ ଜମିକୁ ଆମ ବତାସନା ଗାଁରେ ଥିବା ଗରିବ ଲୋକଙ୍କୁ ଦିଆଯାଉବୋଲି ଦାବୀ କରିଛନ୍ତି । ଏହାକୁ ନେଇ ଦୀର୍ଘ ୩ ମାସ ଧରି ଦୁଇ ଗାଁ ମଧ୍ୟରେ ବିବାଦ ଲାଗି ରହିଛି। ୪ ନମ୍ବର ଗାଁ ଲୋକଙ୍କ ନିଜ ଚାଷ ଜମିରେ ବତାସନା ଗାଁ ଲୋକେ ପସେଇ ଦେଉ ନାହାନ୍ତି। ଏହାକୁ ନେଇ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଜଣାଇଥିଲେ। ଆଜି କୋଟପାଡ଼ ତହସିଲଦାର, ବୋରିଗୁମ୍ମା ଏସ୍ଡିପିଓ, କୋଟପାଡ଼ ପୋଲିସ, ଘଟଣା ସ୍ଥଳରେ ପହଞ୍ଚି ବିସ୍ଥାପିତଙ୍କ ଜମି ଏବଂ ସରକାର ଜମିକୁ ଚିହ୍ନଟ କରି ସରକାରୀ ଜମିରେ ଲାଲ ପତାକା ଲଗାଇଛନ୍ତି। ଏହି ସମୟରେ ଦୁଇ ଗାଁର ଶହ ଶହ ମହିଳା ପୁରୁଷ ଉପସ୍ଥିତ ଥିଲେ। ଏବେ ପରିସ୍ଥିତି ନିୟନ୍ତ୍ରଣ ରହିଛି।

## ଗଣଦୁଷ୍କର୍ମ ମାମଲା: ୩ ଅଭିଯୁକ୍ତ ଗିରଫ

କୋରାପୁଟ,୨୨।୮ (ସଂଚାର ବ୍ୟୁରୋ): ପାଇନ ଜଙ୍ଗଲ ଗଣଦୁଷ୍କର୍ମ ମାମଲାରେ ପୁଲିସକୁ ମିଳିଛି ବଡ଼ ସଫଳତା। ଘଟଣାରେ ସମ୍ପୃକ୍ତ ଥିବା ତିନି ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ପୁଲିସ ସୂଚନା ଅନୁସାରେ, ମୁଖ୍ୟ ଅଭିଯୁକ୍ତ ଜୟପୁର ସଦର ଅଞ୍ଚଳର ୨୬ ବର୍ଷୀୟ ବରୁଣ ହିଆଲଙ୍କୁ ଅଗଷ୍ଟ ୧୦ ତାରିଖରେ ଗିରଫ କରାଯାଇଥିଲା। ସେହିପରି ଅନ୍ୟ ଦୁଇ ଅଭିଯୁକ୍ତ ନବରଙ୍ଗପୁର ଅଞ୍ଚଳର ୨୭ ବର୍ଷୀୟ ସୁରେନ୍ଦ୍ର ହରିଜନ ଏବଂ ଜୟପୁର ସଦର ଅଞ୍ଚଳର ସନ୍ୟାସୀ ସାଗର ଓରଫ ସନ୍ୟାସୀ ଗମାଙ୍ଗୋଙ୍କୁ ଅଗଷ୍ଟ ୨୦ ତାରିଖରେ ଗିରଫ କରାଯାଇଛି। ଅଭିଯୋଗ ଅନୁସାରେ, ଅଗଷ୍ଟ ୫ ତାରିଖରେ ଜୟପୁର-କୋରାପୁଟ ମଧ୍ୟବର୍ତ୍ତୀ ଏକ ପାଇନ ଜଙ୍ଗଲ ଅଞ୍ଚଳରେ ଜଣେ ୧୯ ବର୍ଷୀୟା କଲେଜ ଛାତ୍ରୀ ଓ ପାର୍ଟଟାଇମ ମଡେଲଙ୍କୁ ତିନି ଜଣ ମୁଖାପିନ୍ଧା ବ୍ୟକ୍ତି ଛୁରୀ ଦେଖାଇ ଭୟଭୀତ କରିଥିଲେ। ପରେ ତାଙ୍କୁ ତାଙ୍କ ବନ୍ଧୁଙ୍କଠାରୁ ଦୂରକୁ ନେଇ ଯାଇ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଘଟଣା ସମୟରେ ଅଭିଯୁକ୍ତମାନେ ପୀଡ଼ିତା ଓ ତାଙ୍କ ବନ୍ଧୁଙ୍କଠାରୁ ନଗଦ ଏବଂ ଅନଲାଇନ୍ ଟ୍ରାନ୍ସଫର ମାଧ୍ୟମରେ ମୋଟ ୮,୩୦୦ ଟଙ୍କା ନେଇଥିବା ମଧ୍ୟ ଅଭିଯୋଗ ରହିଛି। ଏହି ଘଟଣାକୁ ନେଇ କୋରାପୁଟ ସଦର ଥାନାରେ କେସ୍ ନମ୍ବର ୧୫୭/୨୦୨୬ ରୁଜୁ ହୋଇଥିଲା।

## ବ୍ରାଉନ୍ସୁଗର ସହ ଗଞ୍ଜେଇ ଜବତ, କିଙ୍ଗପିନ୍ ଗିରଫ

ଫୁଲବାଣୀ,୨୨।୮ (ସଂଚାର ବ୍ୟୁରୋ): କନ୍ଧମାଳ ପୁଲିସ୍ ପକ୍ଷରୁ ଚାଲିଛି ନିଶାମୁକ୍ତ ସମଗ୍ର କନ୍ଧମାଳ । ଏହି ପରିପ୍ରେକ୍ଷୀରେ ବାଲିଗୁଡ଼ା ପୁଲିସକୁ ମିଳିଛି ଏକ ବଡ଼ ସଫଳତା । ବ୍ରାଉନ୍ ସୁଗାର କାରବାରର ମୁଖ୍ୟ କିଙ୍ଗପିନ ବାଲିଗୁଡ଼ା କଟାରୀ ସାହିର ରାଧେଶ୍ୟାମ କାର୍ଜି (୨୭)କୁ ୫୯ ନଂ. ଜାତୀୟ ରାଜପଥ ଗୋଇବନ୍ଧା ପୋଲ ନିକଟରୁ ପୁଲିସ୍



ଗିରଫ କରିଥିବା ଜଣାପଡ଼ିଛି । ଅଭିଯୁକ୍ତ ନିକଟରୁ ୬.୭ ଗ୍ରାମ୍ ବ୍ରାଉନ୍ ସୁଗାର, ୨୧ କେଜି ୧୦୦ ଗ୍ରାମ ଗଞ୍ଜେଇ ସମେତ ନଗଦ ୧୨ ହଜାର ଟଙ୍କା ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛି ପୁଲିସ୍। ଜବତ ବ୍ରାଉନ ସୁଗାର ଓ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି ।

# ‘ସର୍ଭେ’ରେ ଅଟକିଛି କୁଦୁରସାହି ସ୍କୁଲର ବିକାଶ

### ୧୯୬ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୩ଟି କୋଠରି

### ୩ ଶିକ୍ଷକରେ ଚାଲିଛି ପାଠପଢ଼ା

### ବର୍ଷ ବର୍ଷ ଧରି ମିଳୁଛି ପ୍ରତିଶ୍ରୁତି, ଫଳ ଶୂନ



ଯୋଡ଼ା,୨୨।୮ (ସଂଚାର ବ୍ୟୁରୋ): ପିଲା ବଢ଼ୁଛନ୍ତି, ହେଲେ ବଢ଼ୁନି ଶ୍ରେଣୀଗୃହ ଓ ଶିକ୍ଷକ ସଂଖ୍ୟା। ୧୯୬ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୩ଟି ଶ୍ରେଣୀଗୃହ ଓ ୩ ଜଣ ଶିକ୍ଷକଙ୍କୁ ନେଇ ଚାଲିଛି ଯୋଡ଼ା ପୌରପାଳିକା ୧୧ ନମ୍ବର ୱାର୍ଡର କୁଦୁରସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ। ଜଣେ ଶିକ୍ଷକ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବାରୁ ଏତେ ବଡ଼ ସଂଖ୍ୟକ ପିଲାଙ୍କ ପାଠପଢ଼ା କିପରି ସୁଚାରୁ ଭାବେ ଚାଲୁଛି, ତାହା ନେଇ ପ୍ରଶ୍ନ ଉଠିଛି।

ବିଦ୍ୟାଳୟରେ ଶିଶୁବାଟିକାରେ ୧୫, ପ୍ରଥମ ଶ୍ରେଣୀରେ ୪୨, ଦ୍ୱିତୀୟରେ ୨୩, ତୃତୀୟରେ ୫୦, ଚତୁର୍ଥରେ ୩୫ ଓ ପଞ୍ଚମ ଶ୍ରେଣୀରେ ୩୧ ଜଣ ପିଲା ପଢ଼ୁଛନ୍ତି। ମୋଟ ୧୯୬ ପିଲାଙ୍କ ପାଇଁ ମାତ୍ର ୩ଟି କୋଠରୀ ଥିବାରୁ ଶ୍ରେଣୀ ପରିଚାଳନା ଓ ପାଠପଢ଼ାରେ ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଛି।

୪-୫ କୋଠରୀ ଆବଶ୍ୟକ, ଦରକାର ଆଉ ୩ ଶିକ୍ଷକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ଆଉ ୪ରୁ ୫ଟି ଶ୍ରେଣୀଗୃହ ନିର୍ମାଣ ଆବଶ୍ୟକ ହୋଇଥିବା ବେଳେ ଅତିକମରେ ଆଉ ୩ ଜଣ ଶିକ୍ଷକ ନିଯୁକ୍ତିର ଆବଶ୍ୟକତା ରହିଛି। ଏହା ନହେଲେ ପିଲାଙ୍କ ପାଠପଢ଼ା ସହ ଶିକ୍ଷାର ଗୁଣବତ୍ତା ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି।

ପ୍ରତିଶ୍ରୁତି ଓ ସର୍ଭେରେ ବିତିଗଲା ବର୍ଷ ସ୍ଥାନୀୟଙ୍କ ଅଭିଯୋଗ ଅନୁଯାୟୀ, କିଛି ବର୍ଷ ପୂର୍ବେ ଟାଟା ଖଡ଼ିବନ୍ଦ ମାଇନ୍ସ ସମ୍ପ୍ରସାରଣ ସମ୍ପର୍କିତ ଜନଶୁଣାଣି ସମୟରେ ବିଦ୍ୟାଳୟର ଆବଶ୍ୟକତା ପୂରଣ ନେଇ ଟାଟା କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ଟିଏସ୍ଆରଡ଼ିଏସ୍ ପକ୍ଷରୁ ବିଦ୍ୟାଳୟରେ ସର୍ଭେ ହେଲା। ପ୍ରାୟ ଦୁଇ ବର୍ଷ ପରେ ଟିଏସ୍ଆରଡ଼ିଏସ୍ ବଦଳରେ ଟିଏସ୍ଏଫ୍ ପକ୍ଷରୁ ପୁଣି ସର୍ଭେ କରାଯାଇଥିଲା। ହେଲେ ସର୍ଭେ ପରେ ବାସ୍ତବ କାମ ଆରମ୍ଭ ନହେବାରୁ ଏବେ ସ୍ଥାନୀୟଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି।

ଫଟୋ ଉଠିଲା, ପ୍ରତିଶ୍ରୁତି ମିଳିଲା; କାମ କେବେ? ବିଦ୍ୟାଳୟର ସମସ୍ୟା ନେଇ ପୂର୍ବତନ ବିଜେଡି ବିଧାୟିକା ମୀନାକ୍ଷୀ ମହାନ୍ତ ମଧ୍ୟ ବିଦ୍ୟାଳୟ ପରିସରକୁ ଆସି ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇଥିବା ସ୍ଥାନୀୟମାନେ କହିଛନ୍ତି। ବିଦ୍ୟାଳୟ ପରିସରରେ ଗଛ ଲଗାଇ ଫଟୋ ଉଠାଇବା ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ହେଲେ ଶ୍ରେଣୀଗୃହ ଓ ଶିକ୍ଷକ ସମସ୍ୟା ଆଜି ବି ଅପରିବର୍ତ୍ତିତ ରହିଛି।

‘ସର୍ଭେ’ରେ ଅଟକିଛି ବିକାଶ: ବର୍ଷ ବର୍ଷ ଧରି ଦାବି, ପ୍ରତିଶ୍ରୁତି ଓ ସର୍ଭେ ହେଉଛି। କିନ୍ତୁ ତା’ପରେ ଆଉ କିଛି ଦୃଶ୍ୟମାନ ହେଉନାହିଁ। ତେବେ ପ୍ରଶ୍ନ ଉଠୁଛି— ୧୯୬ ପିଲାଙ୍କ ପାଇଁ ୩ଟି କୋଠରୀ ଓ ୩ ଜଣ ଶିକ୍ଷକ ହିଁ କ’ଣ ଶିକ୍ଷା ବ୍ୟବସ୍ଥାର ବିକାଶର ଚିତ୍ର?

ଏହି ବିଦ୍ୟାଳୟର ମୌଳିକ ସମସ୍ୟା ପ୍ରତି ଶିକ୍ଷା ବିଭାଗ, ପ୍ରଶାସନ ଓ ସମ୍ପୃକ୍ତ ସଂସ୍ଥା ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ ସହ ଶିକ୍ଷକ ପଦବୀ ପୂରଣ କରନ୍ତୁ ବୋଲି ଅଭିଭାବକ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

## ୫୪ ମାସରେ ୨୭ ବୈଠକ ଜାଗାରେ ମାତ୍ର ୮!

### ନିୟମ କାଗଜପତ୍ରରେ, କାକଟପୁର ପଞ୍ଚାୟତ ସମିତିରେ ଗଣତନ୍ତ୍ର ବିପନ୍ନ

### ବୈଠକ ନହେବାରୁ ବଢ଼ୁଛି ଦୁର୍ନୀତି, ଶୁଭୁନି ଲୋକଙ୍କ ଦୁଃଖ




କାକଟପୁର/ଅସ୍ତରଙ୍ଗ,୨୨।୮ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ପଞ୍ଚାୟତ ସମିତିରେ ସରକାରୀ ନିୟମର ଖୋଲା ଉଲ୍ଲଂଘନ ହେଉଛି। ପଞ୍ଚାୟତ ସମିତି ଆଇନ ଅନୁଯାୟୀ ପ୍ରତି ଦୁଇ ମାସରେ ଥରେ ବୈଠକ ବାଧ୍ୟତାମୂଳକ। ହେଲେ ଗତ ସାଢେ ୪ ବର୍ଷ ଅର୍ଥାତ ୫୦ମାସ ରୁ ଉର୍ଦ୍ଧ ମଧ୍ୟରେ ହେବାକଥା ୨୭ଟି ବୈଠକ, କିନ୍ତୁ ହୋଇଛି ମାତ୍ର ୮ଟି।

ଏହାର ଅର୍ଥ ହେଉଛି ପ୍ରାୟ ୭ ମାସରେ ଥରେ ବୈଠକ। ଏହି ବୈଠକ ହିଁ ହେଉଛି ଗରିବ ଲୋକଙ୍କ ସମସ୍ୟା ଶୁଣିବାର ଏକମାତ୍ର ମଞ୍ଚ। ବୈଠକ ନହେବାରୁ ରାସ୍ତା, ପାଣି, ଭତ୍ତା, ଅଖାଦ୍ୟ ଟିଏଚଆର, ରାସନ ଭଳି ସମସ୍ୟା ଚାପି ହୋଇ ରହୁଛି।

ଏ ନେଇ କୁଣ୍ଢେଇ ପଞ୍ଚାୟତ ସମିତି ସଭ୍ୟ ପ୍ରମୋଦ ଦାଶ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, "ନିୟମ ଅନୁଯାୟୀ ବୈଠକ ନହେଲେ ଆମେ ପଞ୍ଚାୟତର ସମସ୍ୟା କେଉଁଠି କହିବୁ? ବିପିଡି ଭଳି ଯୋଜନା ବିନା ଆଲୋଚନାରେ ପାସ ହେଉଛି। ଲୋକେ ଆମକୁ ପଚାରୁଛନ୍ତି, ଆମେ ଉତ୍ତର ଦେଇ ପାରୁନୁ। ଏହା ଗଣତନ୍ତ୍ର ହତ୍ୟା। ଆଗାମୀ ଦିନରେ ପ୍ରତି ଦୁଇ ମାସରେ ବୈଠକ ନହେଲେ ଆମେ ଆନ୍ଦୋଳନ କରିବୁ।" ସାଧାରଣରେ ପ୍ରଶ୍ନ ଉଠୁଛି, ୧୯ଟି ବୈଠକ କାହିଁକି ଖାଇ ଦିଆଗଲା? ଏହା ପଛରେ କାହାର ସ୍ୱାର୍ଥ ରହିଛି?

## ଅଲାରପୁର ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାଖା କେନ୍ଦ୍ରରୁ ୩୭ ୟୁନିଟ ରକ୍ତ ସଂଗୃହୀତ

ବାଲିଅନ୍ତା,୨୨।୮ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଅଧୀନ ଅଲାରପୁର ସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ସ୍ୱର୍ଗତ ଡ. ଦାଦି ପ୍ରକାଶ ମଣୀଜିଙ୍କ ୧୯ ତମ ସ୍ମୃତି ଦିବସ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରୁ ମୋଟ ୩୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।



ଏହି ଅବସରରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହା ସହିତ ଶାଖା କେନ୍ଦ୍ର ପକ୍ଷରୁ ଆୟୋଜିତ ରକ୍ତଦାନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । କେନ୍ଦ୍ର ସଂଚାଳିକା ରାଜଯୋଗିନୀ ବିକେ ତପସ୍ୱିନୀ, ବୈଜ୍ଞାନିକ ଡ.ପ୍ରିୟବ୍ରତ ସ୍ୱାଇଁ,ଇଞ୍ଜିନିୟର ଜିତେନ୍ଦ୍ର ରାଉତରାୟ,ସ୍ଥାନୀୟ ସରପଞ୍ଚ ରଶ୍ମିତା ଭୋଇ, ବିଜେପି ଭୁବନେଶ୍ୱର ଜିଲ୍ଲା ସଂଗଠନ ସମ୍ପାଦିକା ଝିଲ୍ଲୀ ସାମନ୍ତରାୟ, ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶେଖର ସାମନ୍ତରାୟ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରକ୍ତଦାତା ମାନଙ୍କୁ ସାର୍ଟିଫିକେଟ ବଣ୍ଟନ କରିଥିଲେ।

ଶେଷରେ ସମସ୍ତ ଅତିଥି ଏବଂ ବିଏମସି କର୍ମଚାରୀମାନଙ୍କୁ ଭଗବାନଙ୍କ ନୀତିବାଣୀ ଲିଖିତ ଈଶ୍ୱରୀୟ ଉପହାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିକେ ସନ୍ତୋଷ, ସୁବାଷ, ସୁସ୍ମିତା, ବିକେ ବିମ୍ବାଧର, ବିକେ ଦୀନବନ୍ଧୁ, ବିକେ ମିଲି, ବିକେ ସୁଷମା, ବିକେ ସୁକାନ୍ତି ବିକେ ଲୁସି, ବିକେ ଗୀତା, ବିକେ ପ୍ରିୟଦର୍ଶିନୀ ପ୍ରମୁଖଙ୍କ ସମେତ ଆଶ୍ରମର ସମସ୍ତ ଅନ୍ତେବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏବଂ ମୋଜେସ ନାଥ ପ୍ରମୁଖ ସହଯୋଗ କରିଥିଲେ ।

## ଝରକା ତାଡ଼ି ବ୍ୟାଙ୍କରେ ଲୁଟ୍ ଉଦ୍ୟମ, ସିସିଟିଭିରେ କଏଦ ଦୁର୍ବୃତ୍ତଙ୍କ କାରନାମା

ଯୋଡ଼ା,୨୨।୮ (ସଂଚାର ବ୍ୟୁରୋ): ଶୁକ୍ରବାର ବିଳମ୍ବିତ ରାତିରେ କଣ୍ଡରାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଲୁଟ୍ ଉଦ୍ୟମ ହୋଇଥିବା ଜଣାପଡ଼ିଛି। ଏକାଧିକ ଦୁର୍ବୃତ୍ତ ବ୍ୟାଙ୍କର ପଛପଟ ଝରକା ତାଡ଼ି ଭିତରକୁ ପ୍ରବେଶ କରିଥିଲେ। ତେବେ ଲକର୍ ସୁରକ୍ଷିତ ରହିଥିବାରୁ ଟଙ୍କା କିମ୍ବା କୌଣସି ମୂଲ୍ୟବାନ ସାମଗ୍ରୀ ଲୁଟିବାରେ ସେମାନେ ବିଫଳ ହୋଇଛନ୍ତି।

ସୂଚନା ଅନୁସାରେ, ରାତିରେ ଦୁର୍ବୃତ୍ତମାନେ ବ୍ୟାଙ୍କର ପଛପଟ ଝରକା ତାଡ଼ି ଭିତରକୁ ପଶିବା ପରେ ବିଭିନ୍ନ ଡ୍ରୟର ଖୋଲି କାଗଜପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଏଣେତେଣେ କରିଥିଲେ। ତେବେ ଟଙ୍କା ରଖାଯାଇଥିବା ଲକର୍ ଖୋଲିବାରେ ସେମାନେ ସଫଳ ହୋଇନଥିବା ଜଣାପଡ଼ିଛି।

ଘଟଣା ସମ୍ପର୍କରେ ସକାଳେ ସୂଚନା ପାଇ ଯୋଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ ପାଇଁ ଫରେନସିକ୍ ଟିମ୍କୁ ମଧ୍ୟ ଡକାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ, ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରାରେ ଦୁର୍ବୃତ୍ତଙ୍କ ଗତିବିଧି କଏଦ ହୋଇଥିବା ସୂଚନା ମିଳିଛି। ସିସିଟିଭି ଫୁଟେଜ୍କୁ ଆଧାର କରି ପୁଲିସ ଦୁର୍ବୃତ୍ତଙ୍କ ପରିଚୟ ଓ ଗତିବିଧି ସମ୍ପର୍କରେ ଛାନଭିନ୍ ଜାରି ରଖିଛି।

ବ୍ୟାଙ୍କରେ ରାତ୍ରିକାଳୀନ ସୁରକ୍ଷାକର୍ମୀ ନଥିବା ନେଇ ମଧ୍ୟ ସ୍ଥାନୀୟ ମହଲରେ ଆଲୋଚନା ହେଉଛି। ଯୋଡ଼ା ଅଞ୍ଚଳରେ ପୂର୍ବରୁ ଘଟିଥିବା ବ୍ୟାଙ୍କ ଲୁଟ୍ ଘଟଣାକୁ ନେଇ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ପ୍ରକାଶ୍ୟ ଦିବାଲୋକରେ ୟୁନିୟନ ବ୍ୟାଙ୍କ ଓ ବୈତରଣୀ ଗ୍ରାମ୍ୟ ବ୍ୟାଙ୍କ ଲୁଟ୍ ଭଳି ଘଟଣା ପରେ କଣ୍ଡରା ବ୍ୟାଙ୍କରେ ରାତିରେ ଲୁଟ୍ ଉଦ୍ୟମ ଚିନ୍ତା ବଢ଼ାଇଛି।

## ଗଞ୍ଜାମ କଲେଜରେ ‘ଶକ୍ତିଶ୍ରୀ’ ଶିବିର ଉଦ୍ଯାପିତ




ଛତ୍ରପୁର,୨୨।୮ (ସଂଚାର ବ୍ୟୁରୋ): ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଗଞ୍ଜାମ ମହାବିଦ୍ୟାଳୟର ‘ଶକ୍ତିଶ୍ରୀ ସେଲ୍’ ପକ୍ଷରୁ ଆୟୋଜିତ ଛଅ ଦିନିଆ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍ଯାପିତ ହୋଇଛି। ଅଧ୍ୟକ୍ଷା ଡ. ସ୍ମରଣିକା ହୋତାଙ୍କ ତତ୍ତ୍ୱାବଧାନରେ ଅଗଷ୍ଟ ୧୭ରୁ ୨୨ ପର୍ଯ୍ୟନ୍ତ ଶିବିର ଚାଲିଥିଲା।

ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ସଂଯୋଜିକା ଡ. ଅନିତା ଦଳାଇ ଓ ସହ-ସଂଯୋଜିକା ଅରୁନ୍ଧତୀ ସିଂହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଉଦ୍ଯାପନୀ କାର୍ଯ୍ୟକ୍ରମରେ ଏନ୍ସିସି ଅଫିସର ଡ. ଦୁର୍ଗା ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମବିଶ୍ୱାସର ସହ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ପ୍ରେରଣା ଦେଇଥିଲେ।

ବ୍ଲାକ୍ ବେଲ୍ଟ ପ୍ରଶିକ୍ଷିକା ମାମିନା ରାଣୀ ବେହେରା ଛାତ୍ରୀମାନଙ୍କୁ ବିଭିନ୍ନ ପରିସ୍ଥିତିରେ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ।

## ସନ୍ଥ ଶିରୋମଣି ଗୁରୁ ରବିଦାସଙ୍କ ଜୟନ୍ତୀ ଅବସରରେ ‘ସମରସ ସଂକଳ୍ପ ଅଭିଯାନ’



କାଳିମେଳା,୨୨।୮ (ସଂଚାର ବ୍ୟୁରୋ): ସନ୍ଥ ଶିରୋମଣି ଗୁରୁ ଶ୍ରୀ ରବିଦାସ ଜୀଙ୍କ ୬୫୦ତମ ଜୟନ୍ତୀ ବର୍ଷ ଉପଲକ୍ଷେ ଭାରତୀୟ ଜନତା ପାର୍ଟି ପକ୍ଷରୁ କାଳିମେଳାରେ ‘ସମରସ ସଂକଳ୍ପ ଅଭିଯାନ’ ଆୟୋଜିତ ହୋଇଛି। ଏହି ଅବସରରେ କାଳିମେଳା ଭୈରବୀ ମନ୍ଦିରଠାରୁ ପବିତ୍ର କଳସ ନେଇ ଏକ ଶୋଭାଯାତ୍ରା ବାହାରିଥିଲା ।

ଶୋଭାଯାତ୍ରାଟି ଭୈରବୀ ମନ୍ଦିରଠାରୁ ଆରମ୍ଭ ହୋଇ ବିଜେପି ଦଳୀୟ କାର୍ଯ୍ୟାଳୟ ଦେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଶୋଭାଯାତ୍ରା ହନୁମାନ ମନ୍ଦିର ଏବଂ ପରେ ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହି ସମୟରେ ପବିତ୍ର କଳସକୁ ବନ୍ଦନ କରାଯିବା ସହ ସନ୍ଥ ରବିଦାସଙ୍କ ଆଦର୍ଶ ଓ ଚିନ୍ତାଧାରାକୁ ସ୍ମରଣ କରାଯାଇ ପବିତ୍ରସ୍ଥାନରୁ ମାଟି ସଂଗ୍ରହ କରାଯାଇଥିଲା । ସନ୍ଥ ରବିଦାସଙ୍କ ଜୀବନ ଓ ଦର୍ଶନ ସମାଜରେ ସମାନତା, ଭାଇଚାରା ଓ ସାମାଜିକ ସମରସତାର ବାର୍ତ୍ତା ପ୍ରଦାନ କରିଆସିଛି । ତାଙ୍କ ଆଦର୍ଶକୁ ଜନମାନସରେ ପହଞ୍ଚାଇବା ଏବଂ ସମାଜରେ ଏକତା ଓ ସଦ୍ଭାବନାକୁ ମଜବୁତ କରିବା ଉଦ୍ଦେଶ୍ୟରେ ଏହି ସମରସ ସଂକଳ୍ପ ଅଭିଯାନ ଆୟୋଜନ କରାଯାଇଥିବା ଆୟୋଜକମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ କାଳିମେଳା ବ୍ଲକ ପ୍ରଭାରୀ ଦାୟିତ୍ୱରେ ଥିବା ସମୀର ମିସ୍ତ୍ରୀଙ୍କ ସମେତ ଉତ୍ତମ ରାୟ, ଇ. ଭେଙ୍କଟ ରାଓ, ରତ୍ନାକର ପାଣିଗ୍ରାହୀ, ଅବଧୂତ ପ୍ରସାଦ ଦୁର୍ଗା, ସୁମନ ବିଶ୍ୱାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସମ୍ ଅଲ୍ଟିମେଟ୍ ମେଡିକେୟାରରେ ଗୁରୁତର ନବଜାତ ଶିଶୁର ସଫଳ ଚିକିତ୍ସା



ଭୁବନେଶ୍ୱର,୨୨।୮ (ସଂଚାର ବ୍ୟୁରୋ): ନବଜାତ ଶିଶୁଙ୍କ ଜଟିଳ ଚିକିତ୍ସା କ୍ଷେତ୍ରରେ ଏକ ବିରଳ ସଫଳତା ହାସଲ କରିଛନ୍ତି ସମ୍ ଅଲଟିମେଟ୍ ମେଡିକେୟାରର ଡାକ୍ତରୀ ଟିମ୍। ଗୁରୁତର ହୃତ୍ପିଣ୍ଡ ବିଫଳତା, ମ୍ୟୋକାର୍ଡାଇଟିସ୍, କାର୍ଡିଓଜେନିକ୍ ଏକ୍, ତୀବ୍ର ଯକୃତ ବିଫଳତା ଏବଂ ହିମୋଫାଗୋସାଇଟିକ୍ ଲିମ୍ଫୋହିଷ୍ଟିଓସାଇଟୋସିସ୍ (ଏଚ୍ଏଲ୍ଏଚ୍) ସହ ଜଡ଼ିତ ଅତ୍ୟଧିକ ପ୍ରଦାହଜନିତ ପ୍ରତିକ୍ରିୟାରେ ପୀଡ଼ିତ ଜଣେ ନବଜାତ ଶିଶୁକୁ ଚିକିତ୍ସା କରି ସୁସ୍ଥ କରିବାରେ ସକ୍ଷମ୍ ଡାକ୍ତରମାନେ ସଫଳ ହୋଇଛନ୍ତି।

ଜନ୍ମସମୟରେ ସମ୍ପୂର୍ଣ୍ଣ ସୁସ୍ଥ ଦେଖାଯାଉଥିବା ଏହି ଶିଶୁ କନ୍ୟାଟି କ୍ଷେତ୍ରରେ ମାତ୍ର ୧୩ ଦିନରେ ଅତ୍ୟଧିକ କାନ୍ଦିବା, ଅସ୍ଥିରତା ଏବଂ ସ୍ତନପାନ ନ କରିପାରିବା ଭଳି ଲକ୍ଷଣ ଦେଖାଇଥିଲା। ହସ୍ପିଟାଲରେ ଭର୍ତ୍ତି ସମୟରେ ଶିଶୁଟି ଗୁରୁତର ହୃଦ୍ଜନିତ ସଙ୍କଟରେ ଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ତା’ର କାର୍ଡିଓଜେନିକ୍ ଏକ୍ ହେବାରୁ ଭେଂଟିଲେଟର ଏବଂ ହୃଦ୍କାର୍ଯ୍ୟକୁ ସମର୍ଥନ ଦେବା ପାଇଁ ଉନ୍ନତ ଧରଣର ଚିକିତ୍ସା ଆବଶ୍ୟକ ହୋଇଥିଲା। ପରୀକ୍ଷା ନିରୀକ୍ଷା ପରେ ଶିଶୁଟିର ହୃଦୟ ଉପରେ ଥିବା ଅତ୍ୟଧିକ ଚାପର ସ୍ପଷ୍ଟ ପ୍ରମାଣ ମିଳିଥିଲା।

ଚିକିତ୍ସକମାନଙ୍କ ଅନୁସାରେ, ଏହା ଏକ “ବିରଳରୁ ବିରଳତମ” ନବଜାତ ମାମଲା, ଯେଉଁଥିରେ ଅଳ୍ପ ସମୟ ମଧ୍ୟରେ ଶିଶୁର ଏକାଧିକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପ୍ରଭାବିତ ହୋଇଥିଲା। ଶିଶୁଟିକୁ ମେକାନିକାଲ୍ ଭେଂଟିଲେସନ୍, ହୃଦ୍କାର୍ଯ୍ୟ ସମର୍ଥନ ପାଇଁ ଔଷଧ, ମ୍ୟୋକାର୍ଡାଇଟିସ୍ର ଚିକିତ୍ସା ଏବଂ ଗୁରୁତର ପ୍ରଦାହଜନିତ ପ୍ରତିକ୍ରିୟାର ନିୟନ୍ତ୍ରଣ ଭଳି ବିଭିନ୍ନ ଚିକିତ୍ସା ଦିଆଯାଇଥିଲା।

ବହୁବିଭାଗୀୟ ଚିକିତ୍ସା ଏବଂ ନିରନ୍ତର ନିରୀକ୍ଷଣ ପରେ ଶିଶୁଟିର ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ସୁଧାର ଆସିଥିଲା। ଏହା ପରେ ଧୀରେ ଧୀରେ ଶିଶୁଟି ସୁସ୍ଥ ହେବା ପରେ ଭେଂଟିଲେଟରରୁ ବାହାର କରାଯାଇଥିଲା ଏବଂ ଧୀରେ ଧୀରେ ସେ ମୁଖ୍ୟ ଖାଦ୍ୟ ଗ୍ରହଣ କରିବାକୁ ସକ୍ଷମ ହୋଇଥିଲା। ବର୍ତ୍ତମାନ ଶିଶୁଟି କୌଣସି ସହାୟତା ବିନା ସ୍ୱାଭାବିକ ଭାବେ ଶ୍ୱାସପ୍ରଶ୍ୱାସ ଗ୍ରହଣ କରୁଛି ଏବଂ ତା’ର ସ୍ୱାସ୍ଥ୍ୟ ସ୍ଥିର ରହିଛି।

## ବୀର ଯବାନଙ୍କ ପାଇଁ ପଠାଗଲା ରାକ୍ଷୀ




ଯାଜପୁର ରୋଡ଼,୨୨।୮(ସଂଚାର ବ୍ୟୁରୋ): ଭାରତର ବିର ଜବାନ ମାନେ ଦେଶର ସିମାକୁ ଜଗିରହି ଦେଶ ଭିତରେ ରହୁଥିବା ଭାରତବାସୀଙ୍କୁ ସଦାସର୍ବଦା ସୁରକ୍ଷା ପ୍ରଦାନ କରୁଥିବା ବୀର ଯବାନମାନେ ନିଜ ଘରଠାରୁ ବହୁ ଦୁରରେ ରହିଥାନ୍ତି। ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ସହିତ ଓ ଭାଇ ଭଉଣୀର ପବିତ୍ର ସମ୍ପର୍କକୁ ଯୋଡିବା ପାଇଁ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପରିପ୍ରେକ୍ଷିରେ ଯାଜପୁର ସଚେତନ ନାଗରିକ ମଂଚର ସଂଯୋଯୋଗ ସରୋଜ ବେହେରା’ଙ୍କ ନେତୃତ୍ୱରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦାନଗଦି ବ୍ଲକ ଅଧିନସ୍ଥ ନୁଆଗାଁ ଠାରେ ଥିବା ଅନ୍ନପୂର୍ଣ୍ଣା ଚାଇଲ୍ଡ କେୟାର ହୋମ ଅନୁଷ୍ଠାନର ଶକ୍ତିସଦନ ଗୃହର କୁନିକୁନି ପିଲା ଓ ମାଆ, ଭଉଣୀ ମାନଙ୍କ ତରଫରୁ ପବିତ୍ର ରକ୍ଷାବନ୍ଧନ ଉପଲକ୍ଷେ ନିଜ ହାତରେ ରାକ୍ଷୀ ତିଆରି କରି ବୀର ଯବାନ ମାନଙ୍କ ନିକଟକୁ ପଠାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ପାଖାପାଖି ଏକ ହଜାରରୁ ଉର୍ଦ୍ଧ୍ୱ ରାକ୍ଷୀ ଦେଶର ବିଭିନ୍ନ ସୀମାରେ ମୁତୟନ ଥିବା ବୀର ଯବାନ ମାନଙ୍କ ପାଖକୁ ରାକ୍ଷୀ ପଠାଇ କୁନିକୁନି ପିଲା, ମାଆ, ଭଉଣୀମାନେ ଖୁସି ମନାଇଥିଲେ। ଅନ୍ନପୁର୍ଣ୍ଣା କେନ୍ଦ୍ର ପରିଚାଳକ ପବିତ୍ର ମୋହନ ସାହୁଙ୍କ ସମେତ ଅନୁଷ୍ଠାନ ସମସ୍ତ ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ।

# ବିଲରେ ଧାନ ରୁଆ, ପ୍ୟାକ୍ସ ଆଗରେ ଚାଷୀଙ୍କ ଲମ୍ବା ଧାଡ଼ି

### ଏହା ଡିଜିଟାଲ୍ ନା ହଇରାଣ ଇଣ୍ଡିଆ ?

### ଚାଷୀ ପଞ୍ଜୀକରଣ ବିଭ୍ରାଟ - ସର୍ଭର ଡାଉନ୍, ଚାଷୀ ଡାଉନ୍

### ୧୦ ଦିନ ପରେ ଡେଡଲାଇନ୍, ୬୨% ଏଯାଏ ବାଦ୍



କାକଟପୁର/ଅସ୍ତରଙ୍ଗ,୨୨।୮ (ସଂଚାର ବ୍ୟୁରୋ): ସରକାର କହୁଛନ୍ତି ମଣ୍ଡିରେ ସ୍ୱଚ୍ଛତା ଆଣିବୁ, ଚାଷୀଙ୍କୁ ସିଧା ସହାୟତା ଦେବୁ। ହେଲେ ବାସ୍ତବତା କହୁଛି ଅଲଗା କଥା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଖରିଫ ଚାଷୀ ପଞ୍ଜୀକରଣ ଏବେ ପ୍ରହସନ ପାଲଟିଛି। ବିଲରେ ଧାନ ରୁଆ ଚାଲିଥିବା ବେଳେ ଚାଷୀ ପଟ୍ଟା, ଆଧାର, ବ୍ୟାଙ୍କ ପାସବୁକ୍ ଧରି ପ୍ୟାକ୍ସ ଆଗରେ ସକାଳ ୯ରୁ ରାତି ୧୧ ଯାଏଁ ଧାଡିରେ ଛିଡା। ଏହା ଡିଜିଟାଲ୍ ଇଣ୍ଡିଆ ନା ଚାଷୀଙ୍କୁ ହଇରାଣ ଇଣ୍ଡିଆ - ପ୍ରଶ୍ନ ଉଠାଇଛନ୍ତି ହଜାର ହଜାର ଚାଷୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୦ଟି ପ୍ୟାକ୍ସର ତଥ୍ୟ ଅନୁଯାୟୀ ଗତ ଖରିଫରେ ୩୨୦୪ ଜଣ ଚାଷୀ ସହଜରେ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଅଗଷ୍ଟ ୨୦ ସୁଦ୍ଧା ମାତ୍ର ୧୨୧୫ ଜଣ ଅର୍ଥାତ ୩୮ ପ୍ରତିଶତ ହୋଇଛି। ଆଉ ମାତ୍ର ୧୦ ଦିନ ଡେଡଲାଇନ୍ ବାକି। ଏବେ ବି ୧୯୮୯ ଜଣ ମାନେ ୬୨ ପ୍ରତିଶତ ଚାଷୀ ପଞ୍ଜୀକରଣ ବାହାରେ। ଏ ସଂଖ୍ୟା ସରକାରଙ୍କ ଡିଜିଟାଲ୍ ନାରାକୁ ଫେଲ୍ କରୁଛି।

ପ୍ରଥମ କାରଣ - ଗୋଟିଏ ପ୍ୟାକ୍ସକୁ ଗୋଟିଏ ମାତ୍ର ଆଇଡ଼ି। ପୂର୍ବରୁ ୨-୩ଟି ଲାପଟପରେ କାମ ହେଉଥିଲା। ଦ୍ୱିତୀୟ - ନୂଆ ନିୟମ, ଜଣେ ଚାଷୀଙ୍କ ଡାଟା ସବମିଟ୍ ହେବା ପରେ ହିଁ ଆଉ ଜଣଙ୍କ ଡାଟା ନିଆଯିବ। ତୃତୀୟ - ଆଇ-ସ୍କାନ୍, ଲାଇଭ୍ ଫଟୋ, ନୂଆ ଫର୍ମାଟ୍ ଅପଲୋଡ୍। ଚତୁର୍ଥ - ଘଣ୍ଟା ଘଣ୍ଟା ସର୍ଭର ଡାଉନ୍। ଫଳରେ ଦିନକୁ ୧୫-୨୦ ଜଣରୁ ଅଧିକ ପଞ୍ଜୀକରଣ ହେଉନି।

ଏ ନେଇ ଅସ୍ତରଙ୍ଗର ଅଗ୍ରଣୀ ଚାଷୀ ଭଗବାନ ବିଶ୍ୱାଳ କହିଛନ୍ତି, "ବିଲରେ ଧାନ ରୁଆ ସମୟ, ପୁଅ ଏକା ବିଲରେ। ମୁଁ ୩ ଦିନ ହେଲା ପ୍ୟାକ୍ସ ଆଗରେ ବସୁଛି। ସର୍ଭର ନାହିଁ। ଏହା ଚାଷୀ ମାରଣ ନୀତି ଛଡା ଆଉ କିଛି ନୁହେଁ।" ଅନ୍ୟ ଜଣେ ଚାଷୀ ଅକ୍ଷୟ କୁମାର ପତି କହିଛନ୍ତି, "ଗତବର୍ଷ ସହଜ ଥିଲା, ଏବର୍ଷ ଫର୍ମାଟ୍ ବଦଳି ଜଟିଳ ହୋଇଛି। ଗୋଟିଏ ପ୍ୟାକ୍ସରେ ୩୦୦-୪୦୦ ଚାଷୀ, ଗୋଟିଏ ଆଇଡିରେ କେମିତି ହେବ ?"

ଏ ସମ୍ପର୍କରେ ସମବାୟ ଉପ-ନିବନ୍ଧକ ଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଚାଷୀ ସଂଘ ଦାବି କରିଛି - ପ୍ରତି ପ୍ୟାକ୍ସରେ ଅତି କମରେ ୩ଟି ଆଇଡି ଦିଆଯାଉ, ସର୍ଭର ସମସ୍ୟା ତୁରନ୍ତ ସୁଧାର ହେଉ ଏବଂ ପଞ୍ଜୀକରଣ ଅବଧି ୧୫ ଦିନ ବଢ଼ାଯାଉ। ନଚେତ ଶହ ଶହ ଚାଷୀ ମଣ୍ଡିରୁ ବଞ୍ଚିତ ହେବେ।

## ବ୍ୟାସନଗର କଲେଜରେ ଶକ୍ତିଶ୍ରୀ ଏନପାୱାରମେଣ୍ଟ ସେଲ୍ କାର୍ଯ୍ୟକ୍ରମ

ଯାଜପୁର ରୋଡ଼,୨୨।୮ (ସଂଚାର ବ୍ୟୁରୋ): ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଭାଗୃହରେ ଆଜି ଶକ୍ତିଶ୍ରୀ ଏନପାୱାରମେଣ୍ଟ ସେଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ସୁରକ୍ଷା, ସାଇବର ସଚେତନତା ସହିତ ନାରୀ ସଶକ୍ତି କରଣ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଇବର ଥାନାର ଅଧିକାରୀ ଦୟାନିଧି ଦାସ ଯୋଗଦେଇଥିଲେ। ଉପସ୍ଥିତ ଛାତ୍ରୀ ମାନଙ୍କୁ ନୂତନ ଆଇପିସି ଧାରା, ପୋସ୍କୋ, ଆଂଟିରାଗିଙ୍ଗ, ଅଶ୍ଳୀଳ ଭିଡ଼ିଓକୁ ନେଇ ସାଇବର କ୍ରାଇମରେ ଜଡ଼ିତ ବ୍ୟକ୍ତି ବିଶେଷଙ୍କୁ କିପରି ଦଣ୍ଡ ଦିଆଯାଇପାରିବ ସେ ବିଷୟରେ ଆଇନଗତ ସଚେତନତା ବାର୍ତ୍ତା ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଆଇସିସି କମିଟି ସଭାପତି ଓ ସଦସ୍ୟଙ୍କ ସମେତ ସମସ୍ତ ଛାତ୍ରୀମାନେ ଉପସ୍ଥିତ ରହିଥିଲେ।



## AFFIDAVIT

By virtue of an affidavit made before the Executive Magistrate Bhubaneswar.

I, Harischandra Das aged about 53 years S/O Lt. Dasarathi Dash that my name was wrongly mentioned as Hari Das in my LIC policy bond vide policy no. – 588765550 instead of my correct name Harischandra Das. That, I hereby declare that, Harischandra Das and Hari Das is one and same person who is myself.

● ମହଙ୍ଗା ପଡ଼ିଲା ପ୍ରେମ ପ୍ରତାରଣା

## ଦୁଷ୍କର୍ମ ଅଭିଯୋଗରେ ଏସ୍ଆଇ ଗିରଫ



ମୟୂରଭଞ୍ଜ,୨୨।୮(ସଂଚାର ବ୍ୟୁରୋ): ମହଙ୍ଗା ପଡ଼ିଲା ପ୍ରେମରେ ପ୍ରତାରଣା। ଦୁଷ୍କର୍ମ ଅଭିଯୋଗରେ ବନ୍ଧା ହୋଇଛନ୍ତି ଏସ୍ଆଇ ବାବୁ। ସବ୍ଇନ୍ସପେକ୍ଟର ପ୍ରଭାତ କୁମାର ନାୟକଙ୍କୁ ଗିରଫ କରିଛି ବାରିପଦା ଟାଉନ ଥାନା ପୁଲିସ। ମୟୂରଭଞ୍ଜ ଜିଲ୍ଲା ବାରିପଦା ଟାଉନ ଥାନାରେ କାର୍ଯ୍ୟରତ ଏସ୍ଆଇଙ୍କ ନାଁରେ ଦୁଷ୍କର୍ମ ଅଭିଯୋଗ ହୋଇଛି। ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗ କରିଛନ୍ତି ଜଣେ ଯୁବତୀ। ଅଭିଯୋଗ ଅନୁଯାୟୀ, ପୁରାର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଏସ୍ଆଇ ମହାଶୟ ଜଣଙ୍କ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଉକ୍ତ ଯୁବତୀଙ୍କ ସହ ସେ ପ୍ରତାରଣା କରିଥିଲେ। ଏପରି ଅଭିଯୋଗ ଆସିବା ପରେ ସମ୍ପୃକ୍ତ ଏସ୍ଆଇଙ୍କୁ ଗିରଫ କରାଯାଇଛି। ତେବେ ଏପରି ଅଭିଯୋଗକୁ ସିଧା ଖଣ୍ଡନ କରିଛନ୍ତି ଏସ୍ଆଇ ପ୍ରଭାତ କୁମାର ନାୟକ। ସେ ଉକ୍ତ ଯୁବତୀଙ୍କୁ ବିବାହ କରିଥିବା କଥା କହିଛନ୍ତି। ତେବେ ନିଜ ବିରୋଧରେ ହୋଇଥିବା ଅଭିଯୋଗକୁ ସେ ଗ୍ରହଣ କରିନାହାନ୍ତି। ମାମଲାରେ ଉଭୟ ପକ୍ଷର ଦାବି ସାମ୍ନାକୁ ଆସିଥିବା ବେଳେ ପୁଲିସ ତଦନ୍ତ ପରେ ଘଟଣାର ପ୍ରକୃତ ତଥ୍ୟ ସ୍ପଷ୍ଟ ହେବ। ତେବେ ବର୍ତ୍ତମାନ ଏହି ଘଟଣାକୁ ନେଇ ବାରିପଦାରେ ଚର୍ଚ୍ଚା ଜୋର୍ ଧରିଛି।

● ସିନ୍ଦୂର ପିନ୍ଧାଇ ବିବାହ ନାଟକ

## ଅଭିଯୋଗ ପରେ ଯୁବକ ଗିରଫ



ଭୁବନେଶ୍ୱର, ୨୨।୮ (ସଂଚାର ବ୍ୟୁରୋ): ମଥାରେ ସିନ୍ଦୂର ଦେଇ ମନ୍ଦିରରେ ମିଛ ବିବାହ। ଯୁବକଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଲେ ପୀଡ଼ିତା। ଅଭିଯୋଗ ପରେ ଲମ୍ପଟ ଯୁବକଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ଆକାଶ କହଁର ଓ ତାଙ୍କ ଘର ବୌଦ୍ଧ ଆଦର୍ଶ ଥାନା ଅନ୍ତର୍ଗତ ରତନପୁରରେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ପୀଡ଼ିତାଙ୍କ ବିବାହ ବିଚ୍ଛେଦ ହେବା ପରେ ଗତ ୨୦୨୧ରେ ସୋସିଆଲ ମିଡିଆରେ ଦୁହିଁଙ୍କ ଭିତରେ ପରିଚୟ ହୋଇଥିଲା। ଅଭିଯୁକ୍ତ ଜଣଙ୍କ ପରିଚୟ ବଢ଼ିବା ପରେ ପୀଡ଼ିତାଙ୍କୁ ପୁରୀ ନେଇ ତାଙ୍କ ସହ ଜୋରଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲା। ଏ ନେଇ ଥାନାରେ ଅଭିଯୋଗ କରିବାକୁ ଯିବାରୁ ପୀଡ଼ିତାଙ୍କୁ ମନ୍ଦିରରେ ମଥାରେ ସିନ୍ଦୂର ଦେଇ ଅଭିଯୁକ୍ତ ବିବାହ କରିଥିଲା। କିନ୍ତୁ ଏହାପରେ ସେ ଆଉ ଧରାଛୁଆଁ ଦେଇନଥିଲେ। ଏନେଇ ବୌଦ୍ଧରେ ଜିରୋ ଏଫ୍ଆଇଆର୍ ହେବା ପରେ ଅଭିଯୁକ୍ତଙ୍କୁ ବୌଦ୍ଧରୁ ଗିରଫ କରିଛି ଭରତପୁର ଥାନା ପୁଲିସ। ମାମଲାରେ ଅଭିଯୋଗର ସତ୍ୟତା ଓ ଅନ୍ୟାନ୍ୟ ଦିଗ ନେଇ ପୁଲିସର ତଦନ୍ତ ଜାରି ରହିଛି।

● ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ

## ଦୁଇ ନାବାଳିକାଙ୍କୁ ବଞ୍ଚାଇଲେ ମତ୍ସ୍ୟଜୀବୀ

ସୁବର୍ଣ୍ଣପୁର, ୨୨।୮ (ସଂଚାର ବ୍ୟୁରୋ) ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ରିଜ୍ ଉପରୁ ମହାନଦୀକୁ ଡେଇଁ ଦୁଇ ନାବାଳିକା ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ସେମାନଙ୍କୁ ମତ୍ସ୍ୟଜୀବୀମାନେ ଉଦ୍ଧାର କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ଆଜି ସକାଳୁ ବ୍ରିଜ ଉପରୁ ୨ ନାବାଳିକା ମହାନଦୀ ଗର୍ଭକୁ ଡେଇଁ ପଡ଼ିଥିଲେ। ତେବେ ସେହି ସମୟରେ ସେଠାରେ ମାଛ ମାରୁଥିବା କେତେକ ମତ୍ସ୍ୟଜୀବୀ ତୁରନ୍ତ ସେମାନଙ୍କୁ ଉଦ୍ଧାର କରିଥିଲେ। ପରେ ଘଟଣାସ୍ଥଳରେ ବିନିକା ଅଗ୍ନିଶମ ବିଭାଗର କର୍ମଚାରୀ ସେଠାରେ ପହଞ୍ଚି ଉଭୟ ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଦୁଇ ନାବାଳିକାଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ନାବାଳିକାମାନଙ୍କ ମଧ୍ୟରୁ ଜଣେ ବିନିକା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣଙ୍କ ବୌଦ୍ଧ ଅଞ୍ଚଳର ବୋଲି ଜଣାପଡ଼ିଛି। ଉଭୟେ ବୌଦ୍ଧ ଜିଲ୍ଲାର ଏକ ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ କାହିଁକି ଓ କେଉଁ ପରିସ୍ଥିତିରେ ନଦୀକୁ ଡେଇଁଥିଲେ, ତା' ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଜଣାପଡ଼ି ନ ଥିବା ବେଳେ ତା' ଜାଣିବା ସକାଶେ ପୁଲିସ୍ ଘଟଣାର ତଦନ୍ତ ଚଳାଇଛି।



# ବଦଳିବ କିସମ ପରିବର୍ତ୍ତନ ଓ ବିଲ୍ଡିଂ ପ୍ଲାନ ନିୟମ

■ ଖୁବଶୀଘ୍ର ଲାଗୁ ହେବ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା

■ ଆପାର୍ଟମେଣ୍ଟରେ ଫ୍ଲାଟ୍ କିଣା ହେବ ସହଜ



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ରାଜ୍ୟରେ ଫ୍ଲାଟ କ୍ରୟ ସମେତ ସହରାଞ୍ଚଳରେ ଚାଷଜମି କିସମ ପରିବର୍ତ୍ତନ ପ୍ରକ୍ରିୟାକୁ ସରଳ ଓ ସହଜ କରିବା ପାଇଁ ରାଜ୍ୟ ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଆପାର୍ଟମେଣ୍ଟ ପଞ୍ଜିକରଣ ବେଳେ 'କମ୍ପିଟେଣ୍ଟ ଅଥରିଟି'ଙ୍କ ବାରମ୍ବାର ଅନୁମୋଦନ ବ୍ୟବସ୍ଥା'କୁ ଉଚ୍ଛେଦ କରି ଫ୍ଲାଟ୍ କ୍ରୟ ପ୍ରକ୍ରିୟାକୁ ସହଜ କରିବା ପାଇଁ ଗତକାଲି ନିର୍ଦ୍ଦେଶନାମା ଜାରି କରିଥିବା ବେଳେ ସହରାଞ୍ଚଳରେ ଚାଷଜମିର କିସମ ପରିବର୍ତ୍ତନ ଓ ବିଲିଡିଂ ପ୍ଲାନ୍ ଅନୁମୋଦନ ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଲାଗୁ କରିବାକୁ ଖୁବ୍ଶୀଘ୍ର ବିଧାନସଭାରେ ଏକ ନୂଆ ବିଲ୍ ଆସିବ ବୋଲି ଜଣାପଡ଼ିଛି।

ସହରାଞ୍ଚଳରେ ଚାଷଜମିକୁ ଅଣଚାଷ କାର୍ଯ୍ୟରେ ବ୍ୟବହାର କରିବା ଲାଗି ଆରଆଇ ଅଫିସ୍ ଓ ତହସିଲ ଅଫିସ୍ ଉପରୁ ନିର୍ଭରଶୀଳତା ହଟାଇ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ଆଣିବା ଉଦ୍ଦେଶ୍ୟରେ ଏହି ପ୍ରସ୍ତାବିତ ବିଲ୍ 'ଓଡ଼ିଶା ଭୂସଂସ୍କାର ସଂଶୋଧନ ବିଲ୍, ୨୦୨୬' ଆଣିବାକୁ ଯୋଜନା କରିଥିବା ବିଭାଗ ସୂତ୍ରରୁ ସୂଚନା ମିଳିଛି। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ସାଧାରଣ ଜମିମାଲିକ ଓ ଘରକ୍ରେତାଙ୍କ ସମେତ ବିଲଡର୍ମାନେ ଦୀର୍ଘଦିନ ଧରି ସମ୍ମୁଖୀନ ହେଉଥିବା ଆଇନଗତ ପ୍ରକ୍ରିୟାର ଜଟିଳତାରୁ ଆଶ୍ୱସ୍ତି ମିଳିବ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତକାଲି ଜାରି ନିର୍ଦ୍ଦେଶନାମା ଅନୁସାରେ, 'ଓଡ଼ିଶା ଆପାର୍ଟମେଣ୍ଟ ଆଇନ-୨୦୨୩'ର ପ୍ରାବଧାନ ଅନୁସାରେ ଗୋଟିଏ ପ୍ରକଳ୍ପର ପ୍ରତିଟି ଫ୍ଲାଟ୍ ପାଇଁ କମ୍ପିଟେଣ୍ଟ ଅଥରିଟିଙ୍କଠାରୁ ବାରମ୍ବାର ପୃଥକ୍ ଅନୁମୋଦନ ନେବାର ଆବଶ୍ୟକତା ପଡ଼ିବ ନାହିଁ। ପ୍ରକଳ୍ପର ପ୍ରଥମ ଫ୍ଲାଟ୍ ହସ୍ତାନ୍ତର ଦଲିଲ (ଫର୍ମ-ଏଫ) ଓ ଆସୋସିଏସନ୍ ଦଲିଲ (ଫର୍ମ-ଜି) ଉପରେ କମ୍ପିଟେଣ୍ଟ ଅଥରିଟି ଥରେ ନିଜର ଅନୁମୋଦନ ଦେଲେ ତାହା ସମଗ୍ର ପ୍ରକଳ୍ପର ସମସ୍ତ ଫ୍ଲାଟ ପାଇଁ ବୈଧ ବିବେଚିତ ହେବ। ଫଳରେ ପରବର୍ତ୍ତୀ କ୍ରେତାମାନେ ଆଉ ବାରମ୍ବାର ଅନୁମତି ନ ଲୋଡ଼ି ନିର୍ଦ୍ଧାରିତ ମଡେଲ୍ ଡିଡ୍ ମାଧ୍ୟମରେ ସିଧାସଳଖ ରେଜିଷ୍ଟ୍ରି ଅଫିସରଙ୍କ ପାଖରେ ଫ୍ଲାଟ୍ ପଞ୍ଜିକରଣ କରିପାରିବେ, ଯାହାକି ଅନାବଶ୍ୟକ କାଗଜପତ୍ର ଓ ବିଳମ୍ବକୁ ସମ୍ପୂର୍ଣ୍ଣ ଭାବେ ଦୂର କରିବାରେ ସହାୟକ ହେବ। ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା କ୍ରମରେ ରାଜ୍ୟ ସରକାର ସହରାଞ୍ଚଳରେ କୃଷି ଜମି କିସମ ପିରବର୍ତ୍ତନ ନିୟମକୁ ମଧ୍ୟ ସରଳ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି, ଯାହାକୁ ବିଧାନସଭାର ଆସନ୍ତା ମୌସୁମୀ ଅଧିବେଶନରେ 'ଓଡ଼ିଶା ଭୂସଂସ୍କାର ସଂଶୋଧନ ବିଲ-୨୦୨୬' ଆଣିପାରନ୍ତି ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି।

ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ

## ଆଗାମୀ ୨୪ ଘଣ୍ଟାରେ ସୃଷ୍ଟି ହେବ ଲଘୁଚାପ

ଭୁବନେଶ୍ୱର, ୨୨।୮ (ସଂଚାର ବ୍ୟୁରୋ): ପଛକୁ ପଛ ଲଘୁଚାପ। ପୁଣି ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲୋ ପ୍ରେସର। ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ତତସଂଲଗ୍ନ ବାଂଲାଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ସମାନ ଅଞ୍ଚଳରେ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ବଢ଼ିବ ବର୍ଷାର ପରିମାଣ। ଆସନ୍ତା ୨୪ରୁ ୨୭ ତାରିଖ ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ପାଇଁ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆଜି ବର୍ଷା ପାଇଁ ପୂରା ରାଜ୍ୟକୁ ଆଲର୍ଟ କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି।

● ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ଡ୍ରାଇଭିଂ ଟ୍ରେନିଂ ସ୍କୁଲର ପୂର୍ବତନ ଅଧ୍ୟକ୍ଷଙ୍କୁ ଜେଲ୍

ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭୁବନେଶ୍ୱର ସରକାରୀ ଡ୍ରାଇଭିଂ ଟ୍ରେନିଂ ସ୍କୁଲର ପୂର୍ବତନ ଅଧ୍ୟକ୍ଷ ପ୍ରଭାକର ବେହେରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ତାଙ୍କୁ ୩ ବର୍ଷ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ସେ ଭୁବନେଶ୍ୱର ସରକାରୀ ଡ୍ରାଇଭିଂ ଟ୍ରେନିଂ ସ୍କୁଲର ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିବା ସମୟରେ ଆୟ ଉତ୍ସ ତୁଳନାରେ ଅଧିକ ସମ୍ପତ୍ତି ରଖିଥିବା ଅଭିଯୋଗ ଉଠିଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ ହୋଇଥିଲା। ତଦନ୍ତ ପରେ ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ଧାରା ୧୩(୧)(ଇ) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ପରେ ଭିଜିଲାନ୍ସ ପକ୍ଷରୁ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ମାମଲାରେ ଶ୍ରୀ ବେହେରାଙ୍କ ନାମରେ ଥିବା ଆୟ ଓ ସମ୍ପତ୍ତିର ହିସାବ ଯାଞ୍ଚ କରାଯାଇଥିବା ବେଳେ ଆୟର ଉତ୍ସ ସହ ସମ୍ପତ୍ତିର ଅନୁପାତ ନେଇ ଭିଜିଲାନ୍ସ ପକ୍ଷରୁ ଅଭିଯୋଗ ଅଦାଲତରେ ଉପସ୍ଥାପିତ ହୋଇଥିଲା। ଭିଜିଲାନ୍ସ ପକ୍ଷରୁ ଦାଖଲ ତଥ୍ୟ ଓ ପ୍ରମାଣକୁ ବିଚାର କରି ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶ୍ରୀ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହାପରେ ଅଦାଲତ ତାଙ୍କୁ ୩ ବର୍ଷର ସାଧାରଣ କାରାଦଣ୍ଡ ଓ ୧ ଲକ୍ଷ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି।

ଖଣି ବିଲ୍ ପ୍ରସଙ୍ଗରେ ତେଜୁଛି ରାଜନୀତି

# ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଦାବି

● ବାଚସ୍ପତି ଓ ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ

● ବିଜେପି କହିଲା ଭୁଲ ତଥ୍ୟ ଦେଇ ଭ୍ରମିତ କରାଯାଉଛି



ଭୁବନେଶ୍ୱର,୨୨।୮(ସଂଚାର ବ୍ୟୁରୋ): ଏମଏମଡିଆର୍ ବିଲ୍କୁ ନେଇ ରାଜ୍ୟ ରାଜନୀତି ତେଜିବାରେ ଲାଗିଛି। ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଦାବି କଲା ବିରୋଧୀ କଂଗ୍ରେସ। ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ଆଜି ଲୋକ ଭବନରେ ରାଜ୍ୟପାଳଙ୍କୁ ଭେଟିଛି। ଏମଏମଡିଆର ବିଲ୍ ପ୍ରସଙ୍ଗରେ ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦଳ ପକ୍ଷରୁ ଦାବି କରାଯାଇଛି।

ଏହି ପ୍ରସଙ୍ଗରେ ଶ୍ରୀ କାଡାମ କହିଛନ୍ତି ଯେ ଏମଏମଡିଆର ବିଲରେ ସରକାର ଯେଉଁ ସଂଶୋଧନ କରିଛନ୍ତି, କଂଗ୍ରେସ ତାହାକୁ ବିରୋଧ କରୁଛି। ଏହି ସଂଶୋଧନ ଯୋଗୁଁ ଓଡ଼ିଶା ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହରାଇବ। ଏଥିସହ ପ୍ରତିବର୍ଷ ରାଜ୍ୟ ପ୍ରାୟ ୨୦ ହଜାର କୋଟି ଟଙ୍କାର କ୍ଷତି ସହିବ।

ଏପଟେ ଏମଏମଡିଆର ଆଇନ ଦ୍ୱାରା ଓଡ଼ିଶାର କୌଣସି ଆର୍ଥିକ କ୍ଷତି ହେବ ନାହିଁ ବୋଲି କହିଛି ବିଜେପି। ଖଣିଜ ସମ୍ପଦରୁ ରାଜ୍ୟ ଓ ସାଧାରଣ ଲୋକ ଅଧିକ ଲାଭ ପାଇବେ। ୨୦୧୫ର ଖଣିଜ ଆଇନ ପରେ ଓଡ଼ିଶାର ଖଣି ରାଜସ୍ୱ ବୃଦ୍ଧି ପାଇଛି ବୋଲି ଦାବି କରାଯାଇଛି। ବିରୋଧୀ ଦଳ ଏମଏମଡିଆର ବିଷୟରେ ଭୁଲ ତଥ୍ୟ ଦେଇ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି କହିଛି ବିଜେପି। ଆଗାମୀ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଏହି ଆଇନ ସହାୟକ ହେବ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି।

# ଚୀନ୍ ଅଭିମୁଖେ ଯାଉଥିବା ମାଲବାହୀ ଜାହାଜ ଦୁର୍ଘଟଣାଗ୍ରସ୍ତ!

● ୨୪ କ୍ରିୟୁ ସଦସ୍ୟଙ୍କୁ ନେଇ ବଢ଼ିଲା ଚିନ୍ତା

ପାରାଦୀପ,୨୨।୮(ସଂଚାର ବ୍ୟୁରୋ): ପାରାଦୀପ ବନ୍ଦରରୁ ଆଇରନ୍ ଓର୍ ନେଇ ଚୀନ୍ ଅଭିମୁଖେ ଯାଉଥିବା ଏକ ପାନାମା ପତାକାଧାରୀ ମାଲବାହୀ ଜାହାଜ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ସୂଚନା ମିଳିଛି। ଏହାକୁ ନେଇ ସାମୁଦ୍ରିକ ମହଲରେ ଚିନ୍ତା ପ୍ରକାଶ ପାଇଥିବା ବେଳେ ଜାହାଜଟି ଦୁର୍ଘଟଣାଗ୍ରସ୍ତ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ମିଳିଥିବା ସୂଚନାନୁଯାୟୀ, 'ଓସେନ୍ ୱିନର୍' ନାମକ ଏହି ଜାହାଜଟି ଗତ ୨୦ ତାରିଖ ବିଳମ୍ବିତ ରାତିରେ ପାରାଦୀପ ବନ୍ଦରରୁ ପ୍ରାୟ ୧,୪୦,୨୨୦ ମେଟ୍ରିକ ଟନ୍ ଆଇରନ୍ ଓର୍ ନେଇ ଚୀନ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ବୋଥ୍ରା ଶିପିଙ୍ଗ୍ ଏଜେଣ୍ଟ ମାଧ୍ୟମରେ ଜାହାଜଟି ମାଲ ଲୋଡିଂ କରିଥିଲା। ତେବେ ଗତକାଲିଠାରୁ ଜାହାଜ ସହ ସମସ୍ତ ପ୍ରକାର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜାହାଜଟି ପାରାଦୀପ ଉପକୂଳରୁ ପ୍ରାୟ ୨୨୦ ନଟିକାଲ୍ ମାଇଲ୍ ଦୂରରେ ପୋର୍ଟ ବ୍ଲେୟାର ଦ୍ୱୀପପୁଞ୍ଜ ନିକଟରେ ଥିବା ବେଳେ ଏହା ସହ ଯୋଗାଯୋଗ ବନ୍ଦ ହୋଇଥିବା ସୂଚନା ମିଳିଛି। ଜାହାଜରେ ୨୦ ଜଣ ଚୀନ ନାଗରିକ, ୩ ଜଣ ମିଆଁମାର ଓ ଜଣେ ବାଂଲାଦେଶୀଙ୍କୁ ମିଶାଇ ମୋଟ ୨୪ ଜଣ କ୍ରିୟୁ ସଦସ୍ୟ ଥିଲେ। ଏହି ଘଟଣା ନେଇ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପକ୍ଷରୁ ସ୍ପଷ୍ଟ ସୂଚନା ମିଳି ନ ଥିବା ବେଳେ ଜାହାଜଟି ଦୂର ସମୁଦ୍ରରେ କୌଣସି ଦୁର୍ଘଟଣାର ଶିକାର ହୋଇଥିବା ଆଶଙ୍କା କରାଯାଉଛି। ଜାହାଜର ସନ୍ଧାନ ପାଇଁ ଭାରତୀୟ କୋଷ୍ଟଗାର୍ଡ, ଆଣ୍ଡାମାନ କୋଷ୍ଟଗାର୍ଡ ଓ ନୌସେନା ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି। ତେବେ ଜାହାଜର ସଠିକ୍ ସ୍ଥିତି ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

# ମାଈ ହାତୀର ମୃତଦେହ ଠାବ

ରିଆମାଳ,୨୨।୮(ସଂଚାର ବ୍ୟୁରୋ): ଦେବଗଡ଼ ଜିଲ୍ଲାର ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଲା ସେକ୍ସନ ଅନ୍ତର୍ଗତ ଚେଢ଼ାଇମରା ଗ୍ରାମ ପଞ୍ଚାୟତର ଝରାବେରେଣୀ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ଗତକାଲି ଏକ ମାଈ ହାତୀର ମୃତଦେହ ଠାବ କରିଛି। ସୂଚନାନୁଯାୟୀ, ଗତକାଲି ରାତିରେ କୁଣ୍ଢେଇଗୋଲା ସେକ୍ସନ ଫରେଷ୍ଟରଙ୍କଠାରୁ ହାତୀ ମୃତ୍ୟୁ ସମ୍ପର୍କରେ ସୂଚନା ପାଇବା ପରେ ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ପ୍ରାଥମିକ ତଦନ୍ତରୁ ମାଈ ହାତୀଟିର ମୃତ୍ୟୁ ସ୍ୱାଭାବିକ କାରଣରୁ ହୋଇଥାଇପାରେ ବୋଲି ବନ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଅଧିକାରୀମାନେ କହିଛନ୍ତି।



# ଗଞ୍ଜାମରେ ୯୦ ଦିନ ପାଇଁ ଧାରା ୩୦ ଲାଗୁ

ଗଞ୍ଜାମ,୨୨।୮(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାରେ ପୁଲିସ ଆଇନ ୧୯୬୧ର ଧାରା-୩୦ ଲାଗୁ କରାଯାଇଛି। ଆଗାମୀ ୯୦ ଦିନ ପାଇଁ କଟକଣା ଲଗାଇଛି ଗଞ୍ଜାମ ପୁଲିସ। ଏହି ସମୟ ମଧ୍ୟରେ ସଭା, ସମିତି ଓ ଶୋଭାଯାତ୍ରା ପାଇଁ ପୁଲିସ ଅନୁମତି ନେବା ବାଧ୍ୟତାମୂଳକ। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନିଷ୍ପତ୍ତି କ୍ରମେ ଏସ୍ପି ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା ଓ ଶାନ୍ତି ବଜାୟ ରଖିବା ପାଇଁ ଏହି ଧାରା-୩୦ ଲାଗୁ କରାଯାଇଛି।

ଗତ ୧୬ଠାରୁ ଆସନ୍ତା ନଭେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ମୋଟ୍ ୯୦ ଦିନ ନିୟମ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ କେହି କୌଣସି ସଭା, ସମିତି, ସମାବେଶ ଓ ଶୋଭାଯାତ୍ରା କରିବାକୁ ଚାହିଁଲେ ସେମାନଙ୍କୁ ୭୨ ଘଣ୍ଟା ପୂର୍ବରୁ ଏଥିପାଇଁ ଆବେଦନ କରିବାକୁ ପଡ଼ିବ। ସ୍ଥାନ, ସମୟ, ଉଦ୍ଦେଶ୍ୟ, ରୁଟ୍, ସଂଖ୍ୟା, ଯାନବାହନର ବିବରଣୀ ମଧ୍ୟ ଆବଶ୍ୟକ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏସ୍ଡିପିଓ କିମ୍ବା ଥାନାଧିକାରୀଙ୍କଠାରୁ କାର୍ଯ୍ୟକ୍ରମ ଅନୁମତି ନେବାକୁ ହେବ। ଏଥିରେ ସହଯୋଗ ପାଇଁ ରାଜନୈତିକ ଦଳ, ସାମାଜିକ ସଂଗଠନ ଓ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ନିୟମ ଉଲ୍ଲଂଘନ କଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ବ୍ରହ୍ମପୁରଠାରୁ ଆରମ୍ଭ କରି ଛତ୍ରପୁର, ଭଞ୍ଜନଗର, ଆସିକା ଓ ହିଞ୍ଜିଳିକାଟୁ ପର୍ଯ୍ୟନ୍ତ ସମସ୍ତ ପ୍ରମୁଖ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏଥିସହ ସ୍ଥାନୀୟ ଥାନାଗୁଡ଼ିକୁ ସତର୍କ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।



# ଦୁଇ ବାଲି ବୋଝେଇ ଟ୍ରାକ୍ଟର ଜବତ

ଅମାନିଆ ଚାଳକଙ୍କ ପାଇଁ ବଢୁଛି ଦୁର୍ଘଟଣା

ବାଲିଆପାଳ,୨୨।୮(ସଂଚାର ବ୍ୟୁରୋ): ଦକ୍ଷିଣ ବାଲିଆପାଳରେ ଦିନକୁ ଦିନ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ବଢୁଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ପ୍ରତ୍ୟେକ ଦିନ ଶହ ଶହ ବାଲି ବୋଝେଇ ଟ୍ରାକ୍ଟର ଓ ଡମ୍ପର ଦ୍ୱାରା ବେଧଡ଼କ ଭାବେ ଗାଁ ରାସ୍ତାରେ ଯାତାୟାତ କରୁଛି। ଅନଭିଜ୍ଞ ଓ ବିନା ଲାଇସେନ୍ସରେ ଗାଡ଼ି ଚଳାଉଥିବା ଅମାନିଆ ଚାଳକମାନେ ମଦ ପିଇ ରାସ୍ତାଘାଟ କିଛି ବି ମାନୁନାହାନ୍ତି। ଫଳରେ ଏହି ବାଲି ଗାଡ଼ି ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଭୟଭୀତ ହୋଇ ଅଭିଭାବକମାନେ ନିଜ ପିଲାଙ୍କୁ ଏହି ରାସ୍ତା ଦେଇ ସ୍କୁଲ କଲେଜ ଛାଡ଼ିବାକୁ ବି ରାଜି ହେଉନାହାନ୍ତି। ବେଆଇନ ବାଲି ଚୋରା ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଜାଣକୁଣ୍ଡା ଫାଣ୍ଡି ଓ ମାଇନ୍ସ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ବି ସୁଫଳ ମିଳିନାହିଁ। ଏହି କ୍ରମରେ ଶୁକ୍ରବାର ଅଳାଡିହା ପଞ୍ଚାୟତର ଗଣ୍ଡଦୋଳ ବାଲିବିଲଠାରେ ଗ୍ରାମର କେତେକ ଯୁବକ ରାସ୍ତାରେ ଯାଉଥିବା ଦୁଇଟି ବାଲି ବୋଝେଇ ଟ୍ରାକ୍ଟରକୁ ଅଟକ ରଖି ବାଲିଆପାଳ ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଏଏସଆଇ ପ୍ରବୋଧ କୁମାର ମଲ୍ଲିକଙ୍କ ସହ ଷ୍ଟାଫ୍ ଯାଇ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ବାଲିଆପାଳ ଥାନାକୁ ଆଣିଛନ୍ତି। ଜବତ ହୋଇଥିବା ଟ୍ରାକ୍ଟର ମଧ୍ୟରୁ ଗୋଟିଏ ଟ୍ରାକ୍ଟରରେ ନମ୍ବର ନଥିବା ବେଳେ ଅନ୍ୟଟିର ନମ୍ବର ଓଡି-ଓଆଇଏଏସ୍ ୧୮୮୭ ରହିଛି। ବାଲି ମାଫିଆଙ୍କ ସହ ମାଇନ୍ସ ଅଧିକାରୀଙ୍କର ମଧୁଚନ୍ଦ୍ରିକା ଥିବାରୁ ସେମାନଙ୍କ ବିରୋଧରେ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ପଦକ୍ଷେପ ନେଇ ସମ୍ପୂର୍ଣ୍ଣ ଭାବେ ବାଲି ଉତ୍ତୋଳନକୁ ବନ୍ଦ କରିବା ପାଇଁ ଗ୍ରାମର ପ୍ରଭାକର ପାତ୍ର, ଭକ୍ତ ଗିରି, ମହେଶ୍ୱର ଦଳାଇ, ଖଗେନ୍ଦ୍ର ଦଳାଇ, ନିଶାକର ପାତ୍ର, ଦିବାକର ପାତ୍ର, ସାଇବ ଦଳାଇ ଦାବି କରିଛନ୍ତି।

ଜୁଆ ଆଡ୍ଡାରେ ଚଢ଼ାଉ

# ପୁଲିସକୁ ମାଡ଼, ଜେଲ୍ ଗଲେ ଅଭିଯୁକ୍ତ

ଦିଗପହଣ୍ଡି,୨୨।୮(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର କେ. ନୂଆଗାଁ ଥାନା ଡ଼ଭାର ଗ୍ରାମ ମା' କାଳୀ ମନ୍ଦିର ନିକଟସ୍ଥ ଆମ୍ବ ତୋଟାରେ ଚାଲିଥିବା ଜୁଆଆଡ୍ଡାରେ ପୁଲିସର ଏକ ଟିମ୍ ଚଢ଼ାଉ କରିବା ସମୟରେ ପୁଲିସ୍ କର୍ମଚାରୀଙ୍କୁ ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ କେ. ନୂଆଗାଁ ଥାନା ଏଏସଆଇ ସି. ତାରକେଶ୍ୱର ରାଓ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଜରଡା ଥାନା ନୂଆପେଣ୍ଠ ଗ୍ରାମର ରହୁଥିବା ପଦାଦିଗି ଗ୍ରାମର ବୁଲୁ ଚୌଧୁରୀ (୪୭)। ଥାନା ମାମଲା ନଂ.୧୯୧/୨୬ ଭାରତୀୟ ନ୍ୟାୟ ସଂହିତାର ଦଫା -୧୧୨(୨)/ ୩୧୮(୪)/ ୧୦୯(୧)/ ୩(୫) ଏବଂ ୩ ଓପିଜି ଆକ୍ଟ ଅନୁଯାୟୀ ଜାମିନ ଖାରଜ ହେବାରୁ ଅଭିଯୁକ୍ତ ବୁଲୁଙ୍କୁ ଦିଗପହଣ୍ଡି ସବ୍ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତକାଲି ଅପରାହ୍ଣ ପ୍ରାୟ ୪ ଟା ସମୟରେ ଡଭାର ଗ୍ରାମ ମା' କାଳୀ ମନ୍ଦିର ନିକଟସ୍ଥ ଆମ୍ବ ତୋଟାରେ ଏକ ବଡ଼ ଧରଣର ଜୁଆ ଆଡ୍ଡା ଚାଲିଥିବା ନେଇ ଆଇଆଇସି ବିଶ୍ୱଜିତ ନାୟକ ସୂଚନା ପାଇଥିଲେ। ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ସୁବାସ ଚନ୍ଦ୍ର ବାୟକଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଘଟଣାସ୍ଥଳରେ




ପହଞ୍ଚି ଅତର୍କିତ ଚଢ଼ାଉ କରିଥିଲା।

ତେବେ ପୁଲିସକୁ ଦେଖି ବହୁସଂଖ୍ୟକ ଜୁଆଡି ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଦୌଡ଼ି ପଳାଇଥିଲେ। କିନ୍ତୁ ସେଠାରେ ଜୁଆ ଖେଳୁଥିବା ବୁଲୁ ସହ ଡଭାର ଗ୍ରାମର ନରସିଂହ ସାହୁ ଓରଫ ପାଗି, ଚାନ୍ଦପୁର ଗ୍ରାମର ଶିବରାମ ପ୍ରଧାନ ଓ ଗୌଡ଼ଗାଁର ଶ୍ରୀନିବାସ ସାହୁଙ୍କୁ ପୁଲିସ କର୍ମଚାରୀମାନେ ଧରିଥିଲେ। ତେବେ ଏହି ସମୟରେ ନରସିଂହ ଓ ବୁଲୁ କନଷ୍ଟେବଳ ବିଭୁ ପ୍ରସାଦ ମିଶ୍ର ଓ ତପନ କୁମାର ଡାକୁଆଙ୍କ ଗଳାକୁ ଚାପିଧରି ମାଡ଼ ମାରିବା ପରେ ଘଟଣାସ୍ଥଳରୁ ଚମ୍ପଟ୍ ହୋଇଯାଇଥିଲେ। ପରେ ବୁଲୁଙ୍କୁ ପୁଲିସ ଟିମ୍ ମାଡ଼ି ବସିଥିଲା। ସେଠାରେ ଜୁଆ ଖେଳୁଥିବା ଶିବରାମ ଓ ଶ୍ରୀନିବାସଙ୍କୁ ଗିରଫ କରାଯିବା ପରେ ଉଭୟେ ଦୋଷ ସ୍ୱୀକାର କରିବାରୁ ସେମାନଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ)ର ଧାରା - ୩୫(୩) ଅନୁଯାୟୀ ନୋଟିସ ଦେଇ କୋର୍ଟରେ ହାଜର ହେବା ସର୍ତ୍ତରେ ଛଡ଼ାଯାଇଥିବା ଜଣାପଡ଼ିଛି। ଏଥିସହ ପୁଲିସ୍ ଜୁଆ ଆଡ୍ଡାରୁ ୩୬ ହଜାର ୯୧୦ ଟଙ୍କା, ୨ଟି ମୋବାଇଲ, ୨ଟି ବାଇକ, ତାର୍ପୋଲିନ ଜରିପାଲ, ୧ ମୁଠା ତାସ ଆଦି ଜବତ କରିଛି। ଏନେଇ ଏଏସଆଇ ଶ୍ରୀ ବାୟକଙ୍କ ଏତଲା କ୍ରମେ ଅଭିଯୁକ୍ତମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ପଚରାଉଚରା କରିବାରେ ନରସିଂହ ଓ ଅନ୍ୟ କିଛି ବ୍ୟକ୍ତି ଏହି ଜୁଆଆଡ୍ଡା ପରିଚାଳନା କରିବା ସହ ସେଠାରେ ଜୁଆ ଖେଳୁଥିଲେ ବୋଲି ସେମାନେ କହିଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି।

ପାହାଡ଼ ଉପରେ ରହୁଥିଲେ, ଭୋକ ଓପାସରେ ଦିନ କାଟୁଥିଲେ

# ପାହାଡ଼ ଚଢ଼ି ଦୁଃଖ ବୁଝିଲେ ଉପଜିଲ୍ଲାପାଳ

ନୀଳଗିରି, ୨୨।୮ (ସଂଚାର ବ୍ୟୁରୋ): ପାହାଡ଼ ଉପରେ ରହି ଭୋକଓପାସରେ ଦିନ କାଟୁଛନ୍ତି ବାପମାଆ ଛେଉଣ୍ଡ ଚାରି ଭଉଣୀ। ଏମିତି ଏକ ହୃଦୟସ୍ପର୍ଶୀ ଘଟଣା ସାମ୍ନାକୁ ଆସିଛି ବାଲେଶ୍ୱର ଜିଲ୍ଲା ନୀଳଗିରିରୁ। ଭୋକ, ଦାରିଦ୍ର୍ୟ ଓ ଅସୁରକ୍ଷିତ ପରିବେଶ ଭିତରେ ଦିନ କାଟୁଥିବା ଚାରି ଭଉଣୀଙ୍କ ପାଖରେ ପହଞ୍ଚି ତାଙ୍କ ଦୁଃଖ ବୁଝିଛନ୍ତି ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ।



ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ୍ଏସିର ୨ ନମ୍ବର ୱାର୍ଡ ଅଧୀନ ଘାଟଘରସାହି ଅଞ୍ଚଳର ସ୍ୱର୍ଣ୍ଣଚୂଡ଼ ପାହାଡ଼ ମୂଳ ପାନବରଜ ଗାଁ। ଏହି ଅଞ୍ଚଳରେ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ରହୁଥିଲେ ଚାରି ଭଉଣୀ। ବାପା ଗଦା ବେହେରା ଓ ମାଆ ସୁନିଙ୍କ ମୃତ୍ୟୁ ପରେ ସମ୍ପୂର୍ଣ୍ଣ ଏକା ହୋଇଯାଇଥିଲେ ଚାରି ଝିଅ।

ବଡ଼ ଭଉଣୀ କାମ କରି ତିନି ଭଉଣୀଙ୍କ ପେଟ ପୋଷୁଥିଲେ। କିନ୍ତୁ ଲଗାଣ ବର୍ଷା ଯୋଗୁଁ କାମ ମିଳିବା ବନ୍ଦ ହୋଇଯାଇଥିଲା। ଅର୍ଥାଭାବ ଯୋଗୁଁ ଚାରି ଭଉଣୀଙ୍କ ପାଠପଢ଼ାରେ ମଧ୍ୟ ଡୋରି ବନ୍ଧା ହୋଇଥିଲା। ତା'ଠାରୁ ଅଧିକ ଚିନ୍ତାଜନକ ଥିଲା ସେମାନଙ୍କ ରହୁଥିବା ସ୍ଥାନ। ପାହାଡ଼ ଉପରେ ଥିବା ଘରେ ଚାରି ଭଉଣୀ ଅସୁରକ୍ଷିତ ଭାବେ ରହୁଥିଲେ। ଲଗାଣ ବର୍ଷାରେ ପାହାଡ଼ ପାଣିର ବିପଦ ସାଙ୍ଗକୁ ହାତୀ, ଭାଲୁ ଓ ଅଜଗର ଭଳି ବନ୍ୟଜନ୍ତୁଙ୍କ ଭୟ ମଧ୍ୟ ରହିଥିଲା। ସାନ ଭଉଣୀ ବୋନ୍ ଟିବିରେ ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ସ୍ଥାନୀୟ ଆଶାଦିଦିଙ୍କ ମାଧ୍ୟମରେ ତାଙ୍କୁ ଔଷଧ ଦିଆଯାଉଥିଲା।

ଖବର ପାଇବା ପରେ ଗୁରୁବାର ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଡେପୁଟି କଲେକ୍ଟର ଦେବୀଦତ୍ତ ପ୍ରୀତିରଞ୍ଜନଙ୍କ ସହ ପାହାଡ଼ ଚଢ଼ି ଚାରି ଭଉଣୀଙ୍କ ପାଖରେ ପହଞ୍ଚିଥିଲେ। ସେମାନଙ୍କ ଦୁଃଖ ଓ ସମସ୍ୟା ବୁଝିବା ସହ ସାନଝିଅକୁ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ଗୁରୁତ୍ୱ ଦେଇଥିଲେ। ପାହାଡ଼ ଉପରେ ଚାରି ଝିଅଙ୍କ ରହିବା ସୁରକ୍ଷିତ ନୁହେଁ ବୋଲି ଅନୁଭବ କରି ଉପଜିଲ୍ଲାପାଳ ସେମାନଙ୍କୁ ସରକାରୀ ଯୋଜନା ଅଧୀନରେ ଥଇଥାନ କରିବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଡିସିପିଓଙ୍କ ସହ ଆଲୋଚନା ପରେ ଚାଇଲ୍ଡ ପ୍ରୋଟେକ୍ସନ ଟିମ୍ ସହାୟତାରେ ଚାରି ଭଉଣୀଙ୍କୁ ସୁରକ୍ଷିତ ସ୍ଥାନକୁ ନେଇ ଥଇଥାନ କରାଯିବ। ସେମାନେ ହଷ୍ଟେଲରେ ରହି ପାଠପଢ଼ି କିପରି ନିଜର ଭବିଷ୍ୟତ ଗଢ଼ିପାରିବେ, ସେନେଇ ମଧ୍ୟ ପ୍ରଶାସନ ଉଦ୍ୟମ କରିବ ବୋଲି ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003, Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




# ମସ୍ତିଷ୍କ ମାପିବ 'ଟେମ୍ପଲ୍'

ଫିଟନେସ୍ ଟ୍ରାକିଂ ଦୁନିଆରେ ଏବେ କ୍ରାନ୍ତି ଆସିବାକୁ ଯାଉଛି। ଏପର୍ଯ୍ୟନ୍ତ ହାତରେ ସ୍ମାର୍ଟୱାଚ୍ କିମ୍ବା ଫିଟନେସ୍ ବ୍ୟାଣ୍ଡ ପିନ୍ଧିବାର ଯେଉଁ କ୍ରେଜ୍ ରହିଥିଲା, ତାହାକୁ ସମ୍ପୂର୍ଣ୍ଣ ବଦଳାଇ ଦେବାକୁ ଆସୁଛି ଏକ ଭିନ୍ନ ଧରଣର ସ୍ମାର୍ଟ ଗ୍ୟାଜେଟ୍। ଜୋମାଟୋ ଏବଂ ଇଟର୍ନାଲର ପ୍ରତିଷ୍ଠାତା ଦୀପିନ୍ଦର ଗୋୟଲ ଏକ ନୂଆ ଏବଂ ଆଶ୍ଚର୍ଯ୍ୟଜନକ ଡିଭାଇସ୍ 'ଟେମ୍ପଲ୍' (ଟେମ୍ପଲ୍) ଲଞ୍ଚ କରିବାକୁ ଯାଉଛନ୍ତି। ଦାବି କରାଯାଉଛି ଯେ, ଏହି ଡିଭାଇସ୍ କେବଳ ଫିଟନେସ୍ ଟ୍ରାକ୍ କରିବ ନାହିଁ, ବରଂ ମଣିଷର ମନର ଗୁପ୍ତ କଥା ଏବଂ ସଙ୍କେତକୁ ମଧ ପଢ଼ିବାରେ ସକ୍ଷମ ହେବ! ଏହି ୱେୟାରେବଲ୍ ରିଅଲ୍-ଟାଇମରେ ମସ୍ତିଷ୍କକୁ ହେଉଥିବା ରକ୍ତ ପ୍ରବାହ ସହ ଅନ୍ୟାନ୍ୟ ସଙ୍କେତକୁ ଟ୍ରାକ୍ କରିବ । ଏଥିରୁ ଅକ୍ସିଜେନେସନ୍, କଗ୍ନିଟିଭ୍ ଲୋଡ୍ ଏବଂ ମସ୍ତିଷ୍କର କାର୍ଯ୍ୟକଳାପ ସହ ଜଡ଼ିତ ତଥ୍ୟ ମିଳିପାରିବ । ବିଶେଷକରି ଆଥଲେଟ୍ମାନଙ୍କ ପାଇଁ ଏହା ଉପଯୋଗୀ ହୋଇପାରେ । କାରଣ ଟ୍ରେନିଂ ପରେ ଥକାପଣ, ରିକଭରି, ଫୋକସ୍ ଏବଂ ନିଦ୍ରା ସମ୍ପର୍କରେ ଅଧିକ ତଥ୍ୟ ମିଳିବାର ସମ୍ଭାବନା ରହିଛି । କ'ଣ ଏହି 'ଟେମ୍ପଲ୍' ଗ୍ୟାଜେଟ୍ ? ସ୍ମାର୍ଟୱାଚ୍ ପରେ ଏବେ ମସ୍ତିଷ୍କର ଖବର ରଖିବ 'ଟେମ୍ପଲ୍' । ଏହି ଡିଭାଇସ୍ ପୂର୍ବରୁ ଦେଖାଯାଇଥିବା ମଡେଲ୍ ତୁଳନାରେ ଅଧାରୁ ମଧ ଛୋଟ ହୋଇଛି । କିନ୍ତୁ କାର୍ଯ୍ୟକ୍ଷମତା ଦୃଷ୍ଟିରୁ ସୁପର-ପାୱାରଫୁଲ୍। ଏହା ହାତରେ ନୁହେଁ, ବରଂ ମୁଣ୍ଡ ପାଖରେ ଲଗାଯିବ। ଏହା ସିଧାସଳଖ ମସ୍ତିଷ୍କର ତରଙ୍ଗ, ରକ୍ତ ପ୍ରବାହ ଏବଂ ମାନସିକ ସ୍ଥିତିକୁ ଅନୁଧ୍ୟାନ କରି ତଥ୍ୟ ପ୍ରଦାନ କରିବ। ଟେମ୍ପଲ୍କୁ ସାଧାରଣ ସ୍ମାର୍ଟୱାଚ୍ କିମ୍ବା ଫିଟନେସ୍ ବ୍ୟାଣ୍ଡ ଭଳି କେବଳ ହାର୍ଟରେଟ୍, ଷ୍ଟ୍ରେସ୍ କିମ୍ବା ଶରୀରର ଗତିବିଧି ମାପିବା ପାଇଁ ତିଆରି କରାଯାଇନାହିଁ । ଏହା ମସ୍ତିଷ୍କ ସହ ଜଡ଼ିତ ବିଭିନ୍ନ ସିଗ୍ନାଲ୍ ଉପରେ ନଜର ରଖିବା ପାଇଁ ଡିଜାଇନ୍ ହୋଇଛି । ଟେକ୍ ଦୁନିଆରେ ନୂଆ ଚର୍ଚ୍ଚା ଦୀପିନ୍ଦର ଗୋୟଲଙ୍କ ଏହି ନୂଆ ପ୍ରକଳ୍ପକୁ ନେଇ ଏବେ ସାରା ବିଶ୍ୱର ଟେକ୍ପ୍ରେମୀଙ୍କ ମଧରେ ଅତ୍ୟାଧିକ ଉତ୍ସାହ ଦେଖିବାକୁ ମିଳିଛି। କାହିଁକି ନା ଟେମ୍ପଲ୍ ଏବେ ବଜାରରେ ଉପଲବ୍ଧ ସବୁଠାରୁ ଛୋଟ ୱେୟାରେବଲ୍ ହୋଇଛି । ଏହାର ସୀମିତ ସଂସ୍କରଣ ପାଇଁ ଖୁବ୍‌ଶୀଘ୍ର ପ୍ରି-ଅର୍ଡର ଆରମ୍ଭ ହେବ । ୨୦୨୬ ଶେଷ ସୁଦ୍ଧା ଡିଭାଇସ୍ର ଡେଲିଭରି ଆରମ୍ଭ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି । ତେବେ ଏହାର ଅନ୍ତିମ ଦାମ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ । ପୂର୍ବ ରିପୋର୍ଟ ଅନୁସାରେ ଏହାର ଦାମ ପ୍ରାୟ ୭୨ ହଜାର ଟଙ୍କା ହୋଇପାରେ । ଏବେ ନଜର, ଏହି ଛୋଟ ଡିଭାଇସ୍ ଭବିଷ୍ୟତରେ ୱେୟାରେବଲ୍ ଟେକ୍ନୋଲୋଜିରେ କେତେ ବଡ଼ ପରିବର୍ତ୍ତନ ଆଣୁଛି ।





## ସରକାରଙ୍କ ସ୍ପଷ୍ଟୀକରଣ, ଚିନି ଦର ବୃଦ୍ଧି ପାଇଁ ଦାୟୀ ନୁହେଁ ଇଥାନଲ

**ନୂଆଦିଲ୍ଲୀ,୨୨।୮:** କିଛି ସପ୍ତାହ ହେବ ଚିନି ଦର ବଢ଼ି ଚାଲିଛି । ଏଥିପାଇଁ ଇଥାନଲ ଅଭିଯାନ ଦାୟୀ ବୋଲି କିଛି ରିପୋର୍ଟ ପ୍ରକାଶ ପାଇଥିଲା । ବର୍ତ୍ତମାନ ସରକାର ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି । ସରକାରଙ୍କ କହିବାନୁସାରେ, ଚିନି ଦର ବୃଦ୍ଧି ପାଇଁ ଇଥାନଲ ଦାୟୀ ନୁହେଁ । ଘରୋଇ ଉତ୍ପାଦନ ଆଶାଠାରୁ ଅଧିକ ଖସିଯିବା, ପାର୍ବଣ ଚାହିଦା, ପାରିପାଗଜନିତ ଫସଲ ହାନି, ବିଶ୍ୱ ଯୋଗାଣ ଶୃଙ୍ଖଳ ବିଗିଡ଼ିବା ଏବଂ ମହଜୁଦକାରୀଙ୍କ ଦୌରାତ୍ମ୍ୟ ଯୋଗୁ ଚିନି ଦର ବଢୁଛି । ସୂଚନା ଅନୁସାରେ, ଗତ ଜୁଲାଇ ୨୦ରେ କିଲୋ ପିଛା ଚିନି ଦର ଥିଲା ୪୮.୧୮ ଟଙ୍କା । ଅଗଷ୍ଟ ୨୦ରେ ଏହା ୫୫.୭୦ ଟଙ୍କାରେ ପହଞ୍ଚିଛି । ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରାଳୟ ଅନୁସାରେ, ସରକାର ପରିସ୍ଥିତିକୁ ନିକଟରୁ ସମୀକ୍ଷା କରୁଛନ୍ତି ଏବଂ ଘରୋଇ ବଜାରରେ ଉପଲବ୍ଧତା ବଢ଼ାଇବା ତଥା ଦରକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି। ଚିନି ଦର ବୃଦ୍ଧି ପାଇଁ ଇଥାନଲ ଦାୟୀ ବୋଲି ଅନୁମାନ କରିବା ଠିକ୍ ନୁହେଁ ବୋଲି ସରକାର କହିଛନ୍ତି ।




## ସହଜରେ ମିଳିବନି ନୂଆ ସିମ୍

**ନୂଆଦିଲ୍ଲୀ,୨୨।୮:** ଯଦି ଆପଣଙ୍କ ଆଧାର କିମ୍ବା ପରିଚୟ ପତ୍ରରେ ଅନେକ ମୋବାଇଲ୍ ନମ୍ବର ଚାଲୁଛି, ତେବେ ଏହି ଖବର ଆପଣଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆପଣ ନୂଆ ସିମ୍ କିଣିବାକୁ ଚାହୁଁଛନ୍ତି କି ? ତେବେ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । କାରଣ ଏବେ ନୂଆ ସିମ୍ ଉପରେ ସରକାର ରଖିବେ କଡ଼ା ନଜର । ଏନେଇ ଅଗଷ୍ଟ ୨୪ରୁ ଏକ ନୂଆ ନିୟମ ଆସିବାକୁ ଯାଉଛି । ୯ଟି ମୋବାଇଲ୍ ସଂଯୋଗର ସୀମା ଅତିକ୍ରମ କରୁଥିବା ବ୍ୟକ୍ତିଙ୍କୁ ନୂତନ ସିମ୍ ମିଳିବ ନାହିଁ । ନୂଆ ସିମ୍ କାର୍ଡ ପାଇଁ ନୂଆ ରୁଲ୍ ଆସିଛି । ଏଣିକି ଆପଣଙ୍କ ନାଁରେ ଯଦି ୯ଟି ମୋବାଇଲ୍ କନେକ୍ସନ ରହିଛି, ତେବେ ଏଣିକି ୧୦ମ SIM ନେବା ସହଜ ହେବନି । ଦୂରସଞ୍ଚାର ବିଭାଗ ଟେଲିକମ୍ କମ୍ପାନୀଗୁଡ଼ିକୁ ନୂଆ ନିର୍ଦ୍ଦେଶ ଦେଇଛି। ଅଗଷ୍ଟ ୨୪ରୁ ଯେଉଁ ବ୍ୟକ୍ତିଙ୍କ ନାଁରେ ପୂର୍ବରୁ ୯ଟି SIM ରହିଛି, ତାଙ୍କୁ ଆଉ ନୂଆ ସିମ୍ ଦିଆଯିବ ନାହିଁ କେବଳ ଏତିକି ନୁହେଁ, ଏହି ଯାଞ୍ଚ ପାଇଁ ଡିଓଟି ଡିଜିଟାଲ୍ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମ ବା ଡିଆଇପି ବ୍ୟବହାର କରାଯିବ । ଅଗଷ୍ଟ ୨୩ରୁ ୯ଟି କନେକ୍ସନ ଥିବା ଗ୍ରାହକଙ୍କ ଫଟୋର ପ୍ରତିନିଧି ଚିତ୍ର ଡିଆଇପିରେ ଉପଲବ୍ଧ ହେବ। ଟେଲିକମ୍ କମ୍ପାନୀଗୁଡ଼ିକ ପ୍ରତିଦିନ ଏହି ତଥ୍ୟ ଡାଉନଲୋଡ୍ କରି ନୂଆ ସିମ୍ କାର୍ଡ ନେବାକୁ ଆସୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବେ । ଏବଂ ସେମାନଙ୍କୁ ୧୦ମ ସିମ୍ ଦେବେ ନାହିଁ । ଏହି ନିୟମ ଦ୍ୱାରା ସରକାରଙ୍କ ଲକ୍ଷ୍ୟ ହେଉଛି ଜଣେ ବ୍ୟକ୍ତିଙ୍କ ନାଁରେ ଅଧିକ ମୋବାଇଲ୍ ନମ୍ବର ଆଣିବାକୁ ରୋକିବା ଏବଂ SIMର ଦୁରୁପଯୋଗ ଉପରେ ନଜର ରଖିବା । ଦେଶର ଅଧିକାଂଶ ଅଞ୍ଚଳରେ ସିମ୍ କିଣିବାର ସୀମା ୯ଟି ହୋଇଥିବାବେଳେ ଜମ୍ମୁ-କଶ୍ମୀର, ଆସାମ ଓ ଉତ୍ତର-ପୂର୍ବାଞ୍ଚଳରେ ଏହା ୬ ରହିଛି । ସେପଟେ ଟେଲିକମ୍ କମ୍ପାନୀଗୁଡ଼ିକୁ ନଭେମ୍ବର ୩୦ ସୁଦ୍ଧା ନୂଆ SIM ଜାରି ପ୍ରକ୍ରିୟାରେ ଏହି ବ୍ୟବସ୍ଥାକୁ ରିଅଲ୍-ଟାଇମ୍‌ରେ ଲାଗୁ କରିବାକୁ କୁହାଯାଇଛି । ତେଣୁ ଆପଣଙ୍କ ନାଁରେ କେତୋଟି ସିମ୍ ଚାଲୁଛି, ଥରେ ଯାଞ୍ଚ କରିନେବା ଭଲ । ଅଗଷ୍ଟ ୨୪ ତାରିଖରୁ ଟେଲିକମ୍ କମ୍ପାନିଗୁଡ଼ିକ ନୂଆ ସିମ୍ ବନ୍ଦ କରିବେ । ନୂଆ ସଂଯୋଗ ନେଉଥିବା ବ୍ୟକ୍ତିଙ୍କ ନାମରେ ପୂର୍ବରୁ ଥିବା ମୋବାଇଲ ନମ୍ବରଗୁଡ଼ିକର ବିବରଣୀ ଯାଞ୍ଚ କରିବା ଲାଗି ୨୪ ଅଗଷ୍ଟ ୨୦୨୬ ଠାରୁ ବୈଷୟିକ ଏବଂ ସାଂଗଠନିକ ବ୍ୟବସ୍ଥା କରିବା ଲାଗି ଦୂରସଞ୍ଚାର ବିଭାଗ ପକ୍ଷରୁ ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ସିଷ୍ଟମ୍ ଚିହ୍ନଟ କରେ ଯେ ଗ୍ରାହକ ସର୍ବାଧିକ ସୀମାରେ ପହଞ୍ଚି ସାରିଛନ୍ତି, ତେବେ କମ୍ପାନୀକୁ ଏକ ନୂତନ ସିମ୍ ଜାରି କରିବାକୁ ପଡିବ ନାହିଁ । ଗ୍ରାହକଙ୍କୁ ଏହା ମଧ ସୂଚିତ କରାଯିବ ଯେ ତାଙ୍କ ନାମରେ ସର୍ବାଧିକ ସଂଖ୍ୟକ ମୋବାଇଲ୍ ସଂଯୋଗ ଅଛି । ଯଦି ହଠାତ୍ ନିର୍ଦ୍ଧାରିତ ସୀମାଠାରୁ ଅଧିକ ମୋବାଇଲ୍ ସଂଯୋଗ ଅନ୍ ହୋଇଯାଏ, ତେବେ ମାମଲାର ସମାଧାନ ସମୟରେ ତୁରନ୍ତ ଗୋଟିଏ ଦିନ ପାଇଁ ସ୍ଥଗିତ ରଖାଯାଇପାରେ । 'ଗ୍ରାହକ ଆବେଦନ ଫର୍ମ'ର ସର୍ତ୍ତାବଳୀ ଅନୁଯାୟୀ ଏହା କରାଯିବ । ଡିଓଟି କହିଛି ଯେ, ଗ୍ରାହକମାନେ ନିର୍ଦ୍ଧାରିତ ସୀମା ମଧରେ ରହିବା ଏବଂ ଟେଲିକମ୍ ଅପରେଟରମାନେ ନିୟମକୁ ପାଳନ କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ ।



### କଣ୍ଟେଣ୍ଟ କ୍ରିଏଟରଙ୍କ ପାଇଁ ରୋଜଗାର ଏବେ କଷ୍ଟ

## ୟୁଟ୍ୟୁବ୍‌ରେ ନୂଆ ନିୟମ ବଢ଼ାଇଲା ଚିନ୍ତା

**ନୂଆଦିଲ୍ଲୀ,୨୨।୮:** ଭିଡିଓ କରି ରୋଜଗାରର ସ୍ୱପ୍ନ ଦେଖୁଥିବା ଲୋକଙ୍କୁ ଲାଗିବାକୁ ଯାଉଛି ଏକ ବଡ଼ ଝଟକା । ୟୁଟ୍ୟୁବ୍ ନିଜ ପାର୍ଟନର ପ୍ରୋଗ୍ରାମ ନିୟମରେ ପରିବର୍ତ୍ତନ ନେଇ ଘୋଷଣା କରିଛି । ନୂଆ ନିୟମ ୨୦୨୭ ଫେବ୍ରୁଆରୀ ୧ରୁ ଲାଗୁ ହେବ । ଏହା ସହିତ କମ୍ପାନି ଭିଡିଓର ଭ୍ୟୁ କାଉଣ୍ଟ ନିୟମରେ ବଡ଼ ପରିବର୍ତ୍ତନ କରିଛି । ଭ୍ୟୁ କାଉଣ୍ଟର ଏହି ନୂଆ ନିୟମ ଅଗଷ୍ଟ ୨୪ରୁ ଆରମ୍ଭ ହେବ । ସବୁଠାରୁ ବଡ଼ ପରିବର୍ତ୍ତନ ସେମାନଙ୍କ ପାଇଁ ଯେଉଁମାନେ ଭବିଷ୍ୟତରେ ଏକ ନୂତନ ଚ୍ୟାନେଲ୍ ଆରମ୍ଭ କରି ବିଜ୍ଞାପନ ମାଧମରେ ଟଙ୍କା ରୋଜଗାର କରିବାକୁ ଚାହାନ୍ତି । ଏବେ କେବଳ ୧୦୦୦ ସବସ୍କ୍ରାଇବର୍ ହାସଲ କରିବା ଯଥେଷ୍ଟ ହେବ ନାହିଁ । ନୂତନ କ୍ରିଏଟରମାନଙ୍କୁ ପୂର୍ବ ଅପେକ୍ଷା ଅଧିକ ଦେଖିବା ସମୟ କିମ୍ବା ସର୍ଟ୍ସ ଭ୍ୟୁ ସଂଗ୍ରହ କରିବାକୁ ପଡ଼ିବ । ପୂର୍ବରୁ, ବିଜ୍ଞାପନ ଏବଂ ପ୍ରିମିୟମ୍ ରାଜସ୍ୱ ପାଇଁ ଯୋଗ୍ୟ ହେବା ପାଇଁ କ୍ରିଏଟରମାନଙ୍କୁ ୧୦୦୦ ସବସ୍କ୍ରାଇବର୍, ଶେଷ ୧୨ ମାସରେ ୪୦୦୦ ଭାଲିଡ୍ ପବ୍ଲିକ୍ ୱାଚ୍ ଆୱାର୍ସ କିମ୍ବା ଗତ ୯୦ ଦିନରେ ୧ କୋଟି ପବ୍ଲିକ୍ ସର୍ଟ୍ସ ଭ୍ୟୁ ଆବଶ୍ୟକ ଥିଲା । କିନ୍ତୁ ୨୦୨୭ ଫେବ୍ରୁଆରୀ ୧ରୁ ନୂତନ ୟୁଜରଙ୍କୁ ୯୦ ଦିନ ମଧରେ ୧୦୦୦ ସବସ୍କ୍ରାଇବର, ୮,୦୦୦ ଭାଲିଡ୍ ପବ୍ଲିକ୍ ୱାଚ୍ ଆୱାର୍ସ କିମ୍ବା ୨କୋଟି ପବ୍ଲିକ୍ ସର୍ଟ୍ସ ଭ୍ୟୁ ଆବଶ୍ୟକ ହେବ ।



ଏହାର ଅର୍ଥ ହେଉଛି ଲମ୍ବା ଭିଡିଓ କ୍ରିଏଟରଙ୍କ ପାଇଁ ୱାଚ୍ ଟାଇମ୍ ଦ୍ୱିଗୁଣିତ ହେବ ଏବଂ ସର୍ଟ୍ସ କ୍ରିଏଟରଙ୍କ ପାଇଁ ମଧ ଯଥେଷ୍ଟ ବୃଦ୍ଧି ପାଇବ । ଏହି ପରିବର୍ତ୍ତନର ଅର୍ଥ ନୁହେଁ ଯେ ପାର୍ଟନର ପ୍ରୋଗ୍ରାମରେ ପୂର୍ବରୁ ଥିବା କ୍ରିଏଟରମାନଙ୍କୁ ବାଦ୍ ଦିଆଯିବ । ନୂତନ ନିୟମଗୁଡ଼ିକ ମୁଖ୍ୟତଃ ସେହି କ୍ରିଏଟରମାନଙ୍କ ପାଇଁ ହେବ ଯେଉଁମାନେ ୨୦୨୭ ଫେବ୍ରୁଆରୀ ୧ ପରେ ବିଜ୍ଞାପନ ଏବଂ ପ୍ରିମିୟମ୍ ରାଜସ୍ୱ ପାଇଁ ନୂତନ ଆବେଦନ ଦାଖଲ କରିବେ । ପ୍ରୋଗ୍ରାମରେ ପୂର୍ବରୁ ପଞ୍ଜୀକୃତ ଚ୍ୟାନେଲଗୁଡ଼ିକ ଏହି ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେବେ ନାହିଁ । ତଥାପି, ଛୋଟ କ୍ରିଏଟରମାନଙ୍କ ପାଇଁ କିଛି ଆଶ୍ୱସ୍ତି ଅଛି । ଫ୍ୟାନ ଫଣ୍ଡିଂ, ଚ୍ୟାନେଲ ମେମ୍ବରଶିପ୍, ସୁପର ଚାଟ୍, ସପିଂ ଏବଂ ଅନ୍ୟ କିଛି ଫିଚର୍ ଅପରିବର୍ତ୍ତିତ ଅଛି । ସର୍ଟ୍ସରୁ ରୋଜଗାର କରୁଥିବା ଲୋକଙ୍କ ପାଇଁ ମଧ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି ।

ଫେବ୍ରୁଆରୀ ୧ରୁ ସର୍ଟ୍ସ କ୍ରିଏଟର୍ ପୁଲରୁ ବିଜ୍ଞାପନ ଏବଂ ପ୍ରିମିୟମ୍ ରାଜସ୍ୱ ପାଇବା ପାଇଁ ଏକ ଚ୍ୟାନେଲକୁ ୯୦ ଦିନରେ ୧୦ ନିୟୁତ ସର୍ଟ୍ସ ଭ୍ୟୁ ରଖିବାକୁ ପଡିବ । ଏହାକୁ ପୂରଣ କରିବାରେ ବିଫଳ ଚ୍ୟାନେଲକୁ ପାର୍ଟନର୍ ପ୍ରୋଗ୍ରାମରୁ ବାଦ୍ ଦିଆଯିବ ନାହିଁ, କିନ୍ତୁ ସେହି ସମୟ ମଧରେ ସର୍ଟ୍ସ ବିଜ୍ଞାପନ ଏବଂ ପ୍ରିମିୟମ୍ ରାଜସ୍ୱ ଅଂଶ ପାଇବେ ନାହିଁ ।

## ଏଭର୍‌ଗ୍ରାଣ୍ଡ୍'ଦେବାଳିଆ, କମ୍ପାନି ଉପରେ ଥିଲା ୨୮ ଲକ୍ଷ କୋଟିର ଋଣ

**ନୂଆଦିଲ୍ଲୀ,୨୨।୮:** ବିଶ୍ୱର ସର୍ବବୃହତ୍ ରିୟଲ ଇଷ୍ଟେଟ କମ୍ପାନି ପାଲଟିଥିବା ଚୀନ୍ ର ଏଭରଗ୍ରାଣ୍ଡ୍ ହୋଇଛି ଦେବାଳିଆ । ଏହାର ଦେବାଳିଆ ଆବେଦନକୁ କୋର୍ଟ ମଞ୍ଜୁର କରିଛନ୍ତି । ୨୦୧୮ରେ ବ୍ରାଣ୍ଡ୍ ମୂଲ୍ୟ ହିସାବରେ ବିଶ୍ୱର ସର୍ବବୃହତ୍ ରିୟଲ ଇଷ୍ଟେଟ କମ୍ପାନି ପାଲଟିଥିଲା ଏହି ଗ୍ରୁପ୍ । ଗୁରୁବାର ଠକେଇ ମାମଲାରେ କମ୍ପାନିର ପ୍ରତିଷ୍ଠାତା ହୁଇ କା ୟାନ୍ ଙ୍କ ପାଇଁ ଆଜୀବନ କାରାଦଣ୍ଡ ରାୟ ଦେଇଥିଲେ କୋର୍ଟ । କମ୍ପାନି ଉପରେ ଥିଲା ପାଖାପାଖି ୨୮ ଲକ୍ଷ କୋଟି ଟଙ୍କାର ଋଣ ବୋଝ । ଏଭରଗ୍ରାଣ୍ଡ୍ ର ପ୍ରତିଷ୍ଠାତା ୟାନ୍ ଙ୍କ କାହାଣୀ ଗାଁର ଏକ ଗରିବ ବାଳକରୁ ସହରୀ ସ୍ୱପ୍ନର ସୌଦାଗର ବନିବାର ଥିଲା । ଚୀନର ସବୁଠୁ ଧନୀ ବ୍ୟକ୍ତି ହେବା ଥିଲା ଲକ୍ଷ୍ୟ । ସେ 'ଏଭର୍ଗ୍ରାଣ୍ଡ' ନାମରେ ଏଭଳି ଏକ ବିଶାଳ ସାମ୍ରାଜ୍ୟ ତିଆରି କରିଥିଲେ, ଯାହା ଗଗନଚୁମ୍ବୀ ଅଟ୍ଟାଳିକା ବନାଉଥିଲା ଓ ଫୁଟବଲ୍ କ୍ଲବ କିଣୁଥିଲା । ମଡେଲ ଥିଲା ସରଳ । ଜମି କିଣ, ନିଅଁ ଉଠିବା ପୂର୍ବରୁ ହିଁ କାଗଜରେ ସମ୍ପୂର୍ଣ୍ଣ ଫ୍ଲାଟ୍ ବିକ୍ରି କରିଦିଅ ଏବଂ ଗ୍ରାହକଙ୍କଠାରୁ ମିଳୁଥିବା ଅଗ୍ରିମ ଟଙ୍କାରେ ପରବର୍ତ୍ତୀ ପ୍ରକଳ୍ପ ଆରମ୍ଭ କରେ ।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୩,୦୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୯,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୩,୦୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୯,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୩,୦୯୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୯,୫୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୩,୨୪୦ ଟଙ୍କା ଓ ୨୨ କ୍ୟାରଟେ ୧,୪୯,୬୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୩,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୯,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୩,୦୯୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୯,୫୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି ।

# ବ୍ୟବସାୟୀଙ୍କ କବ୍‌ଜାରେ ଫୁଟ୍‌ପାଥ

## ମାଡ଼ିଗଲାଣି ଦୋକାନ, କାମରେ ଆସୁନି ଫୁଟ୍‌ପାଥ

## ବେଆଇନ ପାର୍କିଂ ଓ ରାଖୀ ଦୋକାନ ଯୋଗୁଁ ଟ୍ରାଫିକ ସମସ୍ୟା ଅଣାୟତ

## ମୁଖ୍ୟ ରାସ୍ତାରେ ଚାଲୁଛନ୍ତି ପଥଚାରୀ, ବଢୁଛି ଅସନ୍ତୋଷ



ବାଲିଆପାଳ,୨୨।୮ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ପଥଚାରୀଙ୍କ ସୁବିଧା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଫୁଟପାଥ ଏବେ ଜଙ୍ଗଲ ପାଲଟି ଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ପେଭର ବ୍ଲକ ଉପରେ ରାଖୀ ଦୋକାନ ମାଡିଯାଇଥିବା ବେଳେ ଲୋକେ ବାଧ୍ୟ ହୋଇ ଜୀବନକୁ ବାଜି ଲଗାଇ ମୁଖ୍ୟ ରାସ୍ତା ଉପରେ ମର୍ଣ୍ଣିଂ ୱାକ୍ କରୁଛନ୍ତି | ବାଲିଆପାଳ ବ୍ଲକ ରାଜାରାଣୀ ଛକ ନିକଟ ଫୁଟପାଥ୍ ଏବେ ରାଖୀ ଦୋକାନ ପରିଣତ ହୋଇଛି | ଲକ୍ଷାଧିକ ଟଙ୍କାରେ ବିଛା ଯାଇଥିବା ପେଭର୍ ବ୍ଲକ ସମ୍ପୂର୍ଣ୍ଣ ଘାସ ବଣ ପାଲଟିଛି । ଯାହକୁ ନେଇ ପ୍ରତିଦିନ ମର୍ଣ୍ଣିଂ ୱାକ୍ କରୁଥିବା ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଫୁଟପାଥ ଏବେ ରାଖୀ, ଫାଷ୍ଟଫୋଡ଼ ଦୋକାନ କବ୍‌ଜାରେ ରହିଛି। ସେହିପରି ମାର୍କେଟର ଫୁଟପାଥ ଏବେ ବ୍ୟବସାୟୀଙ୍କ ଅଧୀନରେ ରହୁଛି। ଫୁଟପାଥ ଉପରେ ପରିବା ଦୋକାନଠୁ ଆରମ୍ଭ କରି ମାଛ, ମକା ଆଦି ବିଭିନ୍ନ ଦୋକାନ ଖୋଲୁଛି । ବିଭିନ୍ନ ସ୍ଥାନରେ ପେଭର ବ୍ଲକ ସବୁ ଅବହେଳାରେ ଜଙ୍ଗଲ ହୋଇଗଲାଣି |

ବାଲିଆପାଳ ବ୍ଲକରେ ରାଜାରାଣୀ ଛକ, ସିମୁଳିଆ ମାର୍କେଟ, ସାହୁ ଔଷଧ ଦୋକାନ ଆଗ, ଜଗନ୍ନାଥ ମନ୍ଦିର ଆଗ, ବ୍ଲକ ଛକରେ ଟ୍ରାଫିକ ସମସ୍ୟା ଗୁରୁତର ରହିଥିବା ବେଳେ ଉକ୍ତ ସ୍ଥାନ ଗୁଡ଼ିକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ମାର୍କେଟକୁ ଆସୁଥିବା ଅଧିକାଂଶ ଲୋକେ ନିଜ ନିଜର ଗାଡ଼ିକୁ ବେଆଇନ ଭାବେ ମନଇଛା ପାର୍କିଂ କରିବା ଦେଖା ଯାଇଛି। ଯଦ୍ୱାରା ମାର୍କେଟ ମଧ୍ୟରେ ଯାନବାହନ ଚଳାଚଳରେ ଅସୁବିଧା ଦେଖାଦେବା ସହ ବାଲିଆପାଳ ବ୍ଲକରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି

ଅନ୍ୟପଟେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଫୁଟପାଥ ତିଆରି ହେଲା, ହେଲେ ଜନସାଧାରଣ ତାର ସୁବିଧା ପାଉନାହାନ୍ତି।

ପରିତାପର ବିଷୟ ବାଲିଆପାଳ ବ୍ଲକରେ ଟ୍ରାଫିକ ବ୍ୟବସ୍ଥା ସ୍ଥିତି ଗମ୍ଭୀର ହୋଇଥିବା ସତ୍ତ୍ୱେ କୌଣସି ପ୍ରକାର ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ତେଣୁ ତୁରନ୍ତ ଫୁଟପାଥରୁ ଦୋକାନ ସବୁ ହଟାଇ ଚଲାପଥ ଯୋଗ୍ୟ କରିବାକୁ ଅଂଚଳବାସୀ ଦାବି କରିଛନ୍ତି |

# ଏନଟିପିସି ଦର୍ଲିପାଲି ତରଫରୁ ୫୦ଟି ସରକାରୀ ସ୍କୁଲରେ ସୌର ଶକ୍ତି ପ୍ରଣାଳୀ ଉଦ୍‌ଘାଟିତ




ସୁନ୍ଦରଗଡ଼,୨୨।୮ (ସଂଚାର ବ୍ୟୁରୋ): ଏନଟିପିସି ଦର୍ଲିପାଲି ତାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ଅଧୀନରେ ବରଗଡ଼ ଜିଲ୍ଲାର ୫୦ ଟି ସରକାରୀ ସ୍କୁଲରେ ୫ କେଭିଏ ଅଫ୍-ଗ୍ରୀଡ୍ ସୌର ଶକ୍ତି ପ୍ରଣାଳୀ ଉଦ୍‌ଘାଟନ କରିଛି, ଯାହାର ଲକ୍ଷ୍ୟ ନବୀକରଣୀୟ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଶିକ୍ଷାଗତ ଭିତ୍ତିଭୂମିକୁ ସୁଦୃଢ଼ କରିବା। ଏହି କାର୍ଯ୍ୟକ୍ରମରେ ବରଗଡ଼ର ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ର ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଯୋଗ ଦେଇଥିଲେ। ଏନଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଶ୍ରୀ ଫୈଜ ତୈୟାବ; ଶ୍ରୀ ଦୀପକ କୁମାର ସୋନକର, ଜେନେରାଲ ମ୍ୟାନେଜେର (ପ୍ରୋଜେକ୍ଟ ଏବଂ ନିର୍ମାଣ) ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ପ୍ରଧାନ ଶିକ୍ଷକ, ଶିକ୍ଷକ, ଛାତ୍ର ଏବଂ ବିଦ୍ୟାଳୟର ଅନ୍ୟାନ୍ୟ ପ୍ରତିନିଧି ଯୋଗ ଦେଇଥିଲେ।

ସମାବେଶକୁ ସମ୍ବୋଧିତ କରି, ଏନଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଶ୍ରୀ ଫୈଜ ତୈୟାବ, ଉତ୍ତମ ଶିକ୍ଷା ପରିବେଶ ସୃଷ୍ଟି କରିବା ଏବଂ ନିରବଚ୍ଛିନ୍ନ ଶିକ୍ଷାଗତ କାର୍ଯ୍ୟକଳାପକୁ ସକ୍ଷମ କରିବାରେ ନିର୍ଭରଯୋଗ୍ୟ ବିଦ୍ୟୁତର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ନବୀକରଣୀୟ ଶକ୍ତି ଏବଂ ପରିବେଶଗତ ଦାୟିତ୍ୱ ବିଷୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଏହି ପଦକ୍ଷେପର ଭୂମିକା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ସମୟରେ ବରଗଡ଼ର ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏନଟିପିସି ଦର୍ଲିପାଲିର ପ୍ରୟାସ ଏବଂ ଏହି ପଦକ୍ଷେପର ଅର୍ଥପୂର୍ଣ୍ଣ ପ୍ରଭାବ ପାଇଁ ସେମାନଙ୍କର ପ୍ରଶଂସା କରିଥିଲେ। ସୌର ସ୍ଥାପନଗୁଡ଼ିକ ବିଦ୍ୟାଳୟଗୁଡ଼ିକୁ ବିଦ୍ୟୁତ୍ ଶକ୍ତିର ଏକ ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ଉତ୍ସ ଯୋଗାଇବ ବୋଲି ଆଶା କରାଯାଉଛି, ଯେତେବେଳେ ଛାତ୍ରଛାତ୍ରୀମାନଙ୍କୁ ନବୀକରଣୀୟ ଶକ୍ତି ଏବଂ ପରିବେଶ ସଂରକ୍ଷଣ ବିଷୟରେ ଅଧିକ ସଚେତନତା ବିକାଶ କରିବାରେ ସାହାଯ୍ୟ କରିବ।

ଏହି ପଦକ୍ଷେପ ଶିକ୍ଷା, ସମ୍ପ୍ରଦାୟ ବିକାଶ ଏବଂ ସ୍ଥାୟୀ ଅଭିବୃଦ୍ଧି ପ୍ରତି ଏନଟିପିସି ଦର୍ଲିପାଲିର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଯାହା ଆଖପାଖ ସମ୍ପ୍ରଦାୟଗୁଡ଼ିକରେ ଅର୍ଥପୂର୍ଣ୍ଣ ଏବଂ ସ୍ଥାୟୀ ପ୍ରଭାବ ସୃଷ୍ଟି କରେ।

# ଅସ୍ମିତା ସିପକଟାକ୍ରୋ ପ୍ରତିଯୋଗିତାରେ ଏନଟିପିସି ବାଲଭାରତୀ ପବ୍ଲିକ ସ୍କୁଲର ୧୫ ଛାତ୍ରୀଙ୍କ ଅଂଶ ଗ୍ରହଣ




ସୁନ୍ଦରଗଡ଼,୨୨।୮(ସଂଚାର ବ୍ୟୁରୋ): ଲେଫ୍ରିପଡା ବ୍ଲକ ଅଧୀନସ୍ଥ ବାଲଭାରତୀ ପବ୍ଲିକ ସ୍କୁଲ ଏନଟିପିସି ଦର୍ଲିପାଲିର ୧୫ ଜଣ ଛାତ୍ରୀ ଅସ୍ମିତା ସିପକଟାକ୍ରୋ ଲିଗ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଅଗଷ୍ଟ ୨୦ ତାରିଖ ଦିନ ସୁନ୍ଦରଗଡ଼ର ଭବାନୀ ଭବନ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଅସ୍ମିତା ସିପକଟାକ୍ରୋ ଲିଗ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୨୦ ଜଣ ବାଳିକା ଖେଳାଳି ଅନଲାଇନ ପଞ୍ଜିକରଣ କରି ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ଏହି ବିଦ୍ୟାଳୟର ୧୫ ଜଣ ଛାତ୍ରୀ ପଞ୍ଜିକରଣ କରି ଖେଳିବାର ସୁଯୋଗ ପାଇଥିଲେ । ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତ ପାଲ କୌର ଯୋଗଦାନ କରି ଖେଳାଳି ମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ । ଏହି ବିଦ୍ୟାଳୟର ଖେଳ ଶିକ୍ଷକ ଏବଂ ସମସ୍ତ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ଅଧ୍ୟକ୍ଷା ଏବଂ ଏନଟିପିସି ପ୍ରକଳ୍ପ ମୁଖ୍ୟ ଶୁଭେଚ୍ଛା ଜଣାଇଛନ୍ତି । ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସେକ୍ରେଟାରୀ ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ସଫଳ ହୋଇଥିଲା।

# ବିଶ୍ୱ ଆଥଲେଟିକ୍ସରେ ସୁନ୍ଦରଗଡ ଜିଲ୍ଲାରୁ ୯ ଜଣ ବୈଷୟିକ ଅଧିକାରୀ ମନୋନୀତ



ସୁନ୍ଦରଗଡ଼,୨୨।୮(ସଂଚାର ବ୍ୟୁରୋ): ଅଗଷ୍ଟ ୨୨ ତାରିଖ ଶନିବାର ଦିନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ଗୋଲ୍ଡ ପ୍ରଥମ ପ୍ରତିଯୋଗିତା ୨୦୨୬ ଅନୁଷ୍ଠିତ ହୋଇଛି । ଏହା ହେଉଛି ବିଶ୍ୱ ଆଥଲେଟିକ୍ସ ଦ୍ୱାରା ପରିଚାଳିତ ଏକ ଆନ୍ତର୍ଜାତୀୟ ଟ୍ରାକ ଓ କ୍ଷେତ୍ର ପ୍ରତିଯୋଗିତା । ଡାଇମଣ୍ଡ ଲିଗ ପରେ ଏହା ବିଶ୍ୱର ଦ୍ୱିତୀୟ ସର୍ବୋଚ୍ଚ ଏକ ଦିନିକିଆ ଆଥଲେଟିକ୍ସ ସିରିଜ ଅଟେ, ଯାହାର 'ଗୋଲ୍ଡ' ବର୍ଗ ପ୍ରତିଯୋଗିତା ୨୦୨୬ ଅଗଷ୍ଟ ୨୨ ତାରିଖ ଦିନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି । ଭାରତରେ ପ୍ରଥମ ଥର ପାଇଁ ଏହି ସ୍ତରର ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତା ହୋଇଛି । ଏହି ଅବସରରେ ସୁନ୍ଦରଗଡ ଜିଲ୍ଲାରୁ ୯ ଜଣ ବୈଷୟିକ ଅଧିକାରୀ ଭାବେ ମନୋନୀତ ହୋଇଛନ୍ତି। ଉକ୍ତ ଅଧିକାରୀ ମାନେ ହେଲେ ପୂର୍ବତନ କ୍ରୀଡା ପ୍ରଶାସିକା ସୁସ୍ମିତା ଓତ, ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଉଦିତନଗର ରାଉରକେଲାର ଆଶିଷ କୁମାର ପ୍ରଧାନ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଜୟ କୁମାର ପ୍ରଧାନ, ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଆଇଜିଏସ କ୍ୟାମ୍ପସ, ରାଉରକେଲାର ଅଜୟ କୁମାର ରାଉତ, ସରକାରୀ ଉଚ୍ଚ ବିଦ୍ୟାଳୟ ବିଶ୍ରା ବିଦ୍ୟାଧର ସେଠି ,ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ ବଣାଇର ଗିରିଶ ଚନ୍ଦ୍ର ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ବରଖାବାଦସର ବଂଶୀଧର ମହାନ୍ତ, ସାଧୁସିଂ ଉଚ୍ଚ ବିଦ୍ୟାଳୟ ତମଡାର ଧର୍ମେନ୍ଦ୍ର ସାହୁ ଓ ସେଷ୍ଟପଲ ଇଂରାଜୀ ବିଦ୍ୟାଳୟର ସସ୍ମିତା ଦାସ ବୈଷୟିକ ଅଧିକାରୀ ଭାବେ ମନୋନୀତ ହୋଇଛନ୍ତି । ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଡା. ମୁରଲୀଧର ବେହେରାଙ୍କ ସମେତ ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘ,ସୁନ୍ଦରଗଡ଼ ଜିଲ୍ଲା ଆମେଚର ବକ୍ସିଂ ସଂଘ, ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତିର ସମସ୍ତ ସଭ୍ୟ ସଭ୍ୟା ଓ କ୍ରୀଡାପ୍ରେମୀ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଶିବାନନ୍ଦ ଆଶ୍ରମରେ ମାଗଣା ସ୍ୱାସ୍ଥ୍ୟ ଶିବିର



କେନ୍ଦ୍ରାପଡ଼ା,୨୨।୮(ସଂଚାର ବ୍ୟୁରୋ):କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋରୋ ଗ୍ରାମପଂଚାୟତ ପିଙ୍ଗଳ ଗଇଦୁଆ ସ୍ଥିତ ଶିବାନନ୍ଦ ଆଶ୍ରମରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆପୋଲୋ ହସପିଟାଲର ସ୍ତ୍ରୀରୋଗ ବିଶେଷଜ୍ଞ ଡା. ସରୋଜିନୀ ଯୋଶୀ ତଥା ବିଭିନ୍ନ ବିଭାଗର ତାଙ୍କ ଡାକ୍ତର ବନ୍ଧୁମାନେ ଯୋଗଦେଇ ବିଭିନ୍ନ ବିଭାଗର ରୋଗୀମାନଙ୍କ ଚିକିତ୍ସା କରିବା ସହ ନିଶୁଳ୍କ ଔଷଧ ଯୋଗାଇ ଦେଇଥିଲେ । ଏହି ଶିବିରକୁ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଯୋଶୀ ଡା. ବାଳକୃଷ୍ଣ ଯୋଶୀଙ୍କ ଏକମାତ୍ର ପୁତ୍ର ସ୍ୱର୍ଗତ ବ୍ୟାସଦେବଙ୍କ ସ୍ମୃତିରେ ଏହି ଶିବିରର ଆୟୋଜନ କରିଥିଲେ । ଏହି ଶିବିରରେ ପାଖହରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହୋଇଥିଲେ । ଏହି ଶିବିରକୁ ଶ୍ରୀଧର ରାଉତ, ଶ୍ରୀବତ୍ସ ନାୟକ, ଆଶ୍ରମର ବ୍ରହ୍ମଚାରୀ ନୃସିଂହନାଥଙ୍କ ସମେତ କୋରୋ ପାୟତର ବହୁ ବିଶିଷ୍ଟବ୍ୟକ୍ତି ପରିଚାଳନାରେ ସହଯୋଗ କରିଥିଲେ ।



# ଚିନି ଦର ୭୦ ଛୁଇଁଲା, ଚା' କପ୍ ୧୨ ହେବ

## ହୋଲସେଲ ୪୫ରୁ ୭୦, ବସ୍ତା ୨୨୦୦ରୁ ୩୫୦୦ ଟଙ୍କା

## ଚିନ୍ତାରେ ଚା' ଓ ମିଠା ବ୍ୟବସାୟୀ, ଖାଉଟିଙ୍କ ପକେଟ୍ ଖାଲି



କାକଟପୁର/ଅସ୍ତରଙ୍ଗ,୨୨।୮ (ସଂଚାର ବ୍ୟୁରୋ): ପାର୍ବଣ ଋତୁ ଆରମ୍ଭ ହେବା ପୂର୍ବରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ-କାକଟପୁର ଅଞ୍ଚଳରେ ଚିନି ଦର ଆକାଶ ଛୁଆଁ ହୋଇଛି। ପ୍ରତିଦିନ ୩ରୁ ୫ ଟଙ୍କା ବଢୁଥିବା ଚିନି ଦର ଏବେ ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଗତ ୨ ଦିନ ତଳେ ଯେଉଁ ଚିନି ହୋଲସେଲ ବଜାରରେ ୬୫ ଟଙ୍କା ଥିଲା, ତାହା ଶୁକ୍ରବାର ସୁଦ୍ଧା ୭୦ ଟଙ୍କାରେ ପହଞ୍ଚିଛି। ଖୁଚୁରା ବଜାରରେ ତାହା ୭୦ରୁ ୭୫ ଟଙ୍କାରେ ବିକ୍ରି ହେଉଛି। ମାତ୍ର ୨ ସପ୍ତାହ ମଧ୍ୟରେ କିଲୋ ପିଛା ୪୫ ଟଙ୍କାରୁ ୭୫ ଟଙ୍କା ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଦର ବୃଦ୍ଧିର ସବୁଠୁ ଅଧିକ ପ୍ରଭାବ ପଡିଛି କ୍ଷୁଦ୍ର ଚା' ଓ ମିଠା ବ୍ୟବସାୟୀଙ୍କ ଉପରେ। ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ସାମ୍ନାରେ ଥିବା ଚା' ବ୍ୟବସାୟୀ ଶିବ ବାବୁ କହିଛନ୍ତି, "କିଛି ଦିନ ପୂର୍ବରୁ କ୍ଷୀର ପ୍ୟାକେଟ ପିଛା ୨ ଟଙ୍କା ବଢିଥିଲା। ଏବେ ପୁଣି ଚିନି ବଢୁଛି। ଏଭଳି ସ୍ଥିତିରେ ଚା' କପ୍ ୧୦ ଟଙ୍କା ବଦଳରେ ୧୨ କିମ୍ବା ୧୫ ଟଙ୍କା କରିବାକୁ ପଡିବ। ନଚେତ ବ୍ୟବସାୟ କରି ହେବନି।"

ଅସ୍ତରଙ୍ଗ ଥାନା ଛକରେ ଥିବା କାଳିଆ ଚା' ବ୍ୟବସାୟୀ କହିଛନ୍ତି, "୨ ମାସ ପୂର୍ବରୁ ଗ୍ୟାସ ଦର ଓ ଯୋଗାଣ କଟକଣା ଯୋଗୁଁ ଚା' କପ୍ ୫ରୁ ୧୦ ଟଙ୍କା କରିଥିଲୁ। ଏବେ ଚିନି କିଲୋ ପିଛା ୩୦ ଟଙ୍କା ବଢିଗଲାଣି। ଯଦି ଚା' କପ୍ ୧୨ କରୁଛୁ, ଗ୍ରାହକ ବିମୁଖ ହେଉଛନ୍ତି। କଣ କରିବୁ ବୁଝି ପାରୁନୁ ।"

ମିଠା ବ୍ୟବସାୟୀଙ୍କ ଅବସ୍ଥା ଆହୁରି ଖରାପ। ଅସ୍ତରଙ୍ଗର ମିଠା ବ୍ୟବସାୟୀ ବସନ୍ତ ସାହୁ କହିଛନ୍ତି, "୫୦ କିଲୋଗ୍ରାମ ଚିନି ବସ୍ତା ୨୨୦୦ ଟଙ୍କାରୁ ବଢି ୩୫୦୦ ଟଙ୍କାରେ ପହଞ୍ଚିଛି। ପୂର୍ବରୁ କ୍ଷୀର, ଛେନା ଦର ବଢି ସାରିଛି। ତେଣୁ ମିଠା ଦର ବଢାଇବା ଛଡା ଆଉ ଉପାୟ ନାହିଁ।" ଆଗକୁ ରାକ୍ଷୀ ପୂର୍ଣ୍ଣିମା, ଗଣେଶ ପୂଜା, ଦୁର୍ଗା ପୂଜା ପରି ବଡ ପାର୍ବଣ ଥିବାରୁ ଚିନିର ଚାହିଦା ଆହୁରି ବଢିବ। ଏହି ସମୟରେ ଦର ବୃଦ୍ଧି ମଧ୍ୟବିତ୍ତ ଓ ଗରିବ ପରିବାର ଉପରେ ଅତିରିକ୍ତ ବୋଝ ଲଦିଛି। ସରକାର ତୁରନ୍ତ ପଦକ୍ଷେପ ନେଇ ରିହାତି ଦରରେ ଚିନି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଅଙ୍ଗନବାଡ଼ିର ଔଷଧ ଖାଇ ଶିଶୁ ଅସୁସ୍ଥ



ନିଶ୍ଚିନ୍ତକୋଇଲି,୨୨।୮(ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଗୋତରା ପଞ୍ଚାୟତ ସ୍ଥିତ କାନପୁର ଅଙ୍ଗନବାଡ଼ି କେନ୍ଦ୍ରରେ ଔଷଧ ଖାଇ ଜଣେ ଶିଶୁ ଅସୁସ୍ଥ ହୋଇଥିବା ଅଭିଯୋଗ ହୋଇଛି। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ସେମାନଙ୍କ ଅଜାଣତରେ ଅଙ୍ଗନବାଡ଼ି କେନ୍ଦ୍ରରେ ଆଶା ଦିଦି ନିଜେ ଶିଶୁଙ୍କୁ ଔଷଧ ଦେଇଥିଲେ। ଔଷଧ ଖାଇବା ପରେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିବା ଅଭିଭାବକମାନେ କହିଛନ୍ତି। ଅଭିଭାବକଙ୍କ ଅନୁମତି ବିନା ଶିଶୁଙ୍କୁ ଔଷଧ ଦିଆଯିବା ଘଟଣାକୁ ନେଇ ଏବେ ଅସନ୍ତୋଷ ପ୍ରକାଶ ପାଇଛି। ଶିଶୁଙ୍କୁ କେଉଁ ଔଷଧ, କେତେ ମାତ୍ରାରେ ଏବଂ କାହା ନିର୍ଦ୍ଦେଶରେ ଦିଆଯାଇଥିଲା, ତାହାର ତଦନ୍ତ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏହି ଘଟଣାର ସଠିକ ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକୀୟ ପଦକ୍ଷେପ ନେବା ସହ ଭବିଷ୍ୟତରେ ଅଭିଭାବକଙ୍କ ଅନୁମତି ଓ ଡାକ୍ତରୀ ପରାମର୍ଶ ବିନା ଶିଶୁଙ୍କୁ ଔଷଧ ନଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିରେ ଜାଲିଆତି ଅଭିଯୋଗ

କୋରାପୁଟ,୨୨।୮(ସଂଚାର ବ୍ୟୁରୋ): କୋରାପୁଟସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର (ଶବର ଶ୍ରୀକ୍ଷେତ୍ର)ର ପରିଚାଳନା କମିଟି ବୈଠକରେ ନିଜ ନାମକୁ ମିଥ୍ୟା ଓ ଜାଲିଆତି ଭାବେ ବ୍ୟବହାର କରାଯାଇଥିବା ଅଭିଯୋଗ ଉଠିଛି। ଏନେଇ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଭାବେ ଉଲ୍ଲେଖ ଥିବା ଅଯୋଧ୍ୟାନାଥ ସାମଲ କୋରାପୁଟ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁସାରେ, ଦେବୋତ୍ତର କମିଶନର, ଓଡ଼ିଶାଙ୍କ ପକ୍ଷରୁ ୨ ଜୁଲାଇ ୨୦୨୬ରେ ଜାରି ହୋଇଥିବା ଆଦେଶରେ ମନ୍ଦିର ପାଇଁ ୯ ଜଣିଆ ଅନ୍ତରୀଣ ପରିଚାଳନା ଟ୍ରଷ୍ଟି ଚୟନ ସମ୍ପର୍କରେ ନିର୍ଦ୍ଦେଶ ଥିଲା। ଏହି ଆଦେଶ ଅନୁସାରେ ୩୧ ଜୁଲାଇରେ ଏକ ବୈଠକ ହୋଇଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ତାଙ୍କ କହିବା ଅନୁଯାୟୀ, ବୈଠକରେ ଯୋଗଦେବା ପାଇଁ ତାଙ୍କୁ ଅନ୍ୟ ଜଣେ ସଦସ୍ୟ ଫୋନ୍ କରିଥିଲେ। ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ସେ ପ୍ରାୟ ୩ଟା ସମୟରେ ବୈଠକରେ ପହଞ୍ଚିଥିଲେ। ତେବେ ସେଠାରେ ଆଦେଶରେ ଉଲ୍ଲେଖ ନଥିବା କିଛି ବ୍ୟକ୍ତି ଉପସ୍ଥିତ ଥିବା ଦେଖି ସେ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସନ୍ଦେହ ପ୍ରକାଶ କରିଥିଲେ ଏବଂ କୌଣସି ମତାମତ ନଦେଇ ସେଠାରୁ ଚାଲିଆସିଥିବା ଅଭିଯୋଗରେ କହିଛନ୍ତି।

# ଅଧା ଗଛରୁ ବାହାରିଲା କଦଳୀ କାନ୍ଦି, ଦେଖିବାକୁ ଲୋକଙ୍କ ସୁଅ



କେନ୍ଦ୍ରାପଡା,୨୨।୮(ସଂଚାର ବ୍ୟୁରୋ): ସାଧାରଣତଃ କଦଳୀ ଗଛର ଉପର ଭାଗରୁ କଦଳୀ କାନ୍ଦି ବାହାରିବା ଦେଖାଯାଏ । ହେଲେ ଗଛର ଅଧା ଭାଗରୁ କଦଳୀ ଫଳ ବାହାରିବା ଘଟଣା ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି ।

ପଟ୍ଟାମୁଣ୍ଡାଇ ଅଞ୍ଚଳର ଶିମିଳିଆ ଗ୍ରାମର ରଶ୍ମିକାନ୍ତ ମହାନ୍ତିଙ୍କ ଘର ନିକଟରେ ଥିବା ଏକ କଦଳୀ ଗଛର ଅଧା ଅଂଶରୁ କଦଳୀ ଫଳ ବାହାରିଥିବା ଦେଖିବାକୁ ମିଳିଛି । ସାଧାରଣ କଦଳୀ ଗଛଠାରୁ ଏହାର ଗଠନ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ଏହି ଘଟଣା ଲୋକଙ୍କ ଉତ୍ସୁକତା ବଢ଼ାଇଛି ।

ଏହି ଅସ୍ୱାଭାବିକ ଦୃଶ୍ୟ ସମ୍ପର୍କରେ ଖବର ପ୍ରଚାର ହେବା ପରେ ଅଧା ଗଛରୁ କଦଳୀ ବାହାରିଥିବା ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ସୁଅ ଛୁଟିଛି । ବହୁ ଲୋକ ଏହାକୁ ନିଜ ମୋବାଇଲ୍‌ରେ ଫଟୋ ଓ ଭିଡିଓ କରିବା ସହ ଏହି ବିଚିତ୍ର ଘଟଣାକୁ ନେଇ ନିଜ ନିଜ ମତ ଦେଉଛନ୍ତି ।

କଦଳୀ ଗଛର ଅଧା ଅଂଶରୁ ଏଭଳି ଫଳ ବାହାରିବା ପଛରେ କୌଣସି ପ୍ରାକୃତିକ କାରଣ, ଗଛର ବିକାଶଜନିତ ପରିବର୍ତ୍ତନ କିମ୍ବା ଅନ୍ୟ କୌଣସି କାରଣ ରହିଛି କି ନାହିଁ, ସେନେଇ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି ।

ତେବେ ଏହି ବିରଳ ଦୃଶ୍ୟ ଏବେ ଶିମିଳିଆ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ 'ଅଧା ଗଛରୁ କଦଳୀ' ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ



ଫୁଲବାଣୀ,୨୨।୮(ସଂଚାର ବ୍ୟୁରୋ): ଆଜି ବିଶ୍ୱ ବରିଷ୍ଠ ନାଗରିକ ଦିବସକୁ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବହୁ ଆଡମ୍ବରରେ ପାଳିତ ହୋଇଛି । ଫୁଲବାଣୀ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପ ରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦଭୂଷଣ, ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ସ୍ୱାଗତ ସଂଗୀତରେ ବନ୍ଦେ ଉତ୍କଳ ଜନନୀ ଗୀତକୁ ଯୁବ କଣ୍ଠଶିଳ୍ପୀ ସନ୍ତୋଷ କୁମାର ଶର୍ମା ଗାନ କରିଥିଲେ। ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ କରାଯାଉଥିବା ବିଭିନ୍ନ ଲୋକ କଲ୍ୟାଣ କାର୍ଯ୍ୟକ୍ରମ ସହିତ ଆଜି ସହରର ଚାହା ଦୋକାନୀ ମାନଙ୍କୁ କାଚ ଗ୍ଲାସ୍ ରେ ଚାହା ବିକ୍ରି କରିବା ପାଇଁ ଉତ୍ସାହିତ କରିବା ଭଳି ପଦକ୍ଷେପ କୁ ଜିଲ୍ଲାପାଳ ସ୍ୱାଗତ କରିବା ସହିତ ଜିଲ୍ଲାରେ ଶିକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ ଜିଲ୍ଲାପାଳ। ଅନ୍ୟତମ ଅତିଥିଭାବେ ଡିଏସପି ଶ୍ରୀ ବିବେକାନନ୍ଦ ସ୍ୱାଇଁ ଯୋଗ ଦେଇ ବରିଷ୍ଠ ନାଗରିକ ମାନେ ସେମାନଙ୍କର ବିଭିନ୍ନ ଆବଶ୍ୟକୀୟ ସୁବିଧା ଉପଲବ୍ଧ କରିବା ଏଥିପାଇଁ ଆଇନ ବ୍ୟବସ୍ଥା ରେ ଥିବା ବିଭିନ୍ନ ଆଇନ ବାବଦରେ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଶ୍ରୀ ପଦ୍ମଚରଣ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସଂଘର ସମ୍ପାଦକ ଶ୍ରୀ ପ୍ରଣବ କୁମାର ମଣ୍ଡଳ ପ୍ରଥମେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାକୁ ସଂଗଠନ ସମ୍ପାଦକ ଶ୍ରୀ ବଂଶୀଧର ପଣ୍ଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ବରିଷ୍ଠ ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ "ଶ୍ରେଷ୍ଠ ରକ୍ତଦାତା ସମ୍ମାନ" ୧୭୨ ଥର ରକ୍ତଦାନ କରିଥିବା ବରିଷ୍ଠ ରକ୍ତଦାତା ଶ୍ରୀ ପ୍ରଶାନ୍ତ କୁମାର ବେହେରାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

## ଗ୍ରାମୀଣ ଜୀବନ ଓ କୃଷି ସମସ୍ୟାର ସମାଧାନ ନେଇ ସୋଆ ଛାତ୍ରଛାତ୍ରୀଙ୍କ ଅଭିନବ ପ୍ରୟାସ

# ରାୱେ ଅଧୀନରେ ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମ-୨୦୨୬ ସମ୍ପନ୍ନ



ଭୁବନେଶ୍ୱର,୨୨।୮ (ସଂଚାର ବ୍ୟୁରୋ): କୃଷି ଶିକ୍ଷାକୁ ଗ୍ରାମୀଣ ଜୀବନ ଓ କୃଷକଙ୍କ ବାସ୍ତବ ସମସ୍ୟା ସହ ଯୋଡ଼ିବା ସହିତ ଛାତ୍ରଛାତ୍ରୀଙ୍କୁ ଗ୍ରାମୀଣ ତୃଣମୂଳସ୍ତରୀୟ ଅନୁଭୂତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ରାଷ୍ଟ୍ରୀୟ କୃଷି ଶିକ୍ଷା ନୀତିର ଅଂଶ ଭାବେ ଚାଲିଥିବା ଗ୍ରାମୀଣ କୃଷି କାର୍ଯ୍ୟାନୁଭୂତି (ରାୱେ) ଅଧୀନରେ ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମ -୨୦୨୬ ସଫଳତାର ସହ ସମ୍ପନ୍ନ ହୋଇଛି।

ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନର ଛାତ୍ରଛାତ୍ରୀମାନେ ଜୁନ୍ ୨୯ରୁ ଅଗଷ୍ଟ ୧୯ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ୩ଟି ବ୍ଲକ ଅଧୀନସ୍ଥ ୧୧ଟି ଗ୍ରାମରେ ସକ୍ରିୟ ଭାବେ ଯୋଗ ଦେଇ ଗ୍ରାମୀଣ କୃଷି, ଜୀବିକା, ସାମାଜିକ ଓ ଆର୍ଥିକ ପରିସ୍ଥିତିକୁ ନିକଟରୁ ଅନୁଧ୍ୟାନ କରିଥିଲେ। ଅଧ୍ୟାପକ କମିଟିଙ୍କ ମାର୍ଗଦର୍ଶନ ଓ ନିରନ୍ତର ତଦାରଖ ମଧ୍ୟରେ ଛାତ୍ରଛାତ୍ରୀମାନେ ଗ୍ରାମବାସୀ, କୃଷକ ଓ ବିଭିନ୍ନ ହିତଧାରୀଙ୍କ ସହ ସିଧାସଳଖ ଯୋଗାଯୋଗ ସ୍ଥାପନ କରି ଗ୍ରାମର ପ୍ରକୃତ ସମସ୍ୟା, ସମ୍ଭାବନା ଓ ଆବଶ୍ୟକତା ଚିହ୍ନଟ କରିଥିଲେ।

କାର୍ଯ୍ୟକ୍ରମର ଏକ ପ୍ରମୁଖ ଅଂଶ ଭାବେ ଛାତ୍ରଛାତ୍ରୀମାନେ କୃଷି-ପରିବେଶ ତନ୍ତ୍ର ବିଶ୍ଳେଷଣ ମାଧ୍ୟମରେ ସମ୍ପୃକ୍ତ ଗ୍ରାମର କୃଷି ଓ ଜୀବିକା ପରିସ୍ଥିତିର ବିଶ୍ଳେଷଣ କରିଥିଲେ। ଜମି ବ୍ୟବହାର, ଫସଲ ପ୍ରଣାଳୀ, କୃଷି ପ୍ରଯୁକ୍ତିର ବ୍ୟବହାର, ଜଳସେଚନ, ମୃତ୍ତିକା ସ୍ୱାସ୍ଥ୍ୟ, ଉଦ୍ଭିଦ ସୁରକ୍ଷା, ପଶୁପାଳନ, ଉଦ୍ୟାନ କୃଷି, ବଜାର ବ୍ୟବସ୍ଥା, ଆୟ ଓ ଜୀବିକାର ବିଭିନ୍ନ ଦିଗକୁ ଏହି ଅନୁଧ୍ୟାନରେ ସାମିଲ କରାଯାଇଥିଲା।

ଏହାକୁ ଆଧାର କରି ଛାତ୍ରଛାତ୍ରୀମାନେ କୃଷି ବିଷୟ ଅନୁଯାୟୀ ହସ୍ତକ୍ଷେପ ଚିହ୍ନଟ କରି ପ୍ରତ୍ୟେକ ଗ୍ରାମ ପାଇଁ ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥିଲେ। ଗ୍ରାମର ଆବଶ୍ୟକତା, କୃଷକଙ୍କ ସମସ୍ୟା ଓ ସ୍ଥାନୀୟ ସମ୍ପଦକୁ ଆଧାର କରି ପ୍ରସ୍ତୁତ ଏହି କାର୍ଯ୍ୟ ଯୋଜନା ଭବିଷ୍ୟତରେ ବିଶ୍ୱବିଦ୍ୟାଳୟ-ଗ୍ରାମ ସଂଯୋଗକୁ ଅଧିକ ସୁଦୃଢ଼ କରିବାରେ ଏକ ଉପଯୋଗୀ ଦଲିଲ ଭାବେ କାର୍ଯ୍ୟ କରିବ।

ଏହି ପ୍ରଶିକ୍ଷଣଗୁଡ଼ିକରେ ଛାତ୍ରଛାତ୍ରୀମାନେ କେବଳ ଅଂଶଗ୍ରହଣକାରୀ ନୁହେଁ, ବରଂ ବିଷୟଭିତ୍ତିକ ଯୁବ କୃଷି ବିଶେଷଜ୍ଞ ଭାବେ ନିଜ ଭୂମିକା ନିର୍ବାହ କରିଥିଲେ। ପ୍ରଦର୍ଶନୀ ମାଧ୍ୟମରେ କୃଷକଙ୍କୁ ପ୍ରଯୁକ୍ତିର ବ୍ୟବହାରିକ ଦିଗ ବୁଝାଇବା ସହିତ ପ୍ରଶ୍ନୋତ୍ତର ଓ ଆଲୋଚନା ମାଧ୍ୟମରେ ସେମାନଙ୍କ ସନ୍ଦେହ ଦୂର କରାଯାଇଥିଲା।

କୃଷି କ୍ଷେତ୍ରରେ ବଢ଼ୁଥିବା ଉତ୍ପାଦନ ବ୍ୟୟ, ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସ୍ୱାସ୍ଥ୍ୟର ଅବନତି, ଜଳ ସଙ୍କଟ ଓ କୀଟରୋଗର ବୃଦ୍ଧି ଭଳି ବିଭିନ୍ନ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ୧୬ଟି ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।

ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଛାତ୍ରଛାତ୍ରୀଙ୍କ ଉତ୍ସାହ, ପ୍ରତିବଦ୍ଧତା ଓ ମାଟିସ୍ତରରେ ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

# ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ୩ ଗିରଫ



ବାଲିକୁଦା,୨୨।୮(ସଂଚାର ବ୍ୟୁରୋ): ବାଲିକୁଦା ଥାନା ଅଞ୍ଚଳରେ ଜଣେ ବୃଦ୍ଧଙ୍କୁ ଲୁହାଛଡ଼ରେ ମରଣାନ୍ତକ ଆକ୍ରମଣ କରି ରାସ୍ତା କଡ଼ରେ ଫିଙ୍ଗି ଦେଇ ଚାଲିଯିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଆକ୍ରମଣରେ ବୃଦ୍ଧ ଗୁରୁତର ଆହତ ହୋଇଥିବା ବେଳେ ପୁଲିସ ଘଟଣାସ୍ଥଳରୁ ତିନିଖଣ୍ଡ ଲୁହାଛଡ଼ ଜବତ କରିଛି। ଘଟଣାରେ ସମ୍ପୃକ୍ତ ଥିବା ଚାରିଜଣଙ୍କ ବିରୋଧରେ ପୁଲିସ ନିକଟରେ ଅଭିଯୋଗ କରାଯାଇଛି।

ସୂଚନା ଅନୁଯାୟୀ, ବାଲିକୁଦା ଥାନା ଅଧୀନ ବାରିକିଣା ପଞ୍ଚାୟତ ଦୁଆଗାଁର ସୂର୍ଯ୍ୟକାନ୍ତ ଖୁଣ୍ଟିଆ (୬୫) ଗତ ଗୁରୁବାର ରାତି ପ୍ରାୟ ସାଢ଼େ ୮ଟା ସମୟରେ ସ୍କୁଟି ଯୋଗେ ବାରିକିଣାରୁ ଘରକୁ ଫେରୁଥିଲେ। ଗାଁଠାରୁ କିଛି ଦୂରରେ ଥିବା ଏକ ଇଟଭାଟି ନିକଟରେ ହଠାତ୍ ତିନୋଟି ବାଇକ୍‌ରେ ଆସିଥିବା କିଛି ଯୁବକ ତାଙ୍କୁ ଅଟକାଇଥିଲେ। ସେ ଅଟକିବା ପରେ ଦୁର୍ବୃତ୍ତମାନେ ଲୁହାଛଡ଼ରେ ସୂର୍ଯ୍ୟକାନ୍ତଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ନିର୍ମମ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣରେ ସେ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ରାସ୍ତା କଡ଼କୁ ଫୋପାଡ଼ି ଦେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ସେଠାରେ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ପକ୍ଷରୁ ପୁଲିସକୁ ସୂଚନା ଦିଆଯିବା ପରେ ୧୧୨ ପୁଲିସ ସହାୟତାରେ ଗୁରୁତର ଆହତ ସୂର୍ଯ୍ୟକାନ୍ତଙ୍କୁ ପ୍ରଥମେ ବାରିକିଣା ଓ ପରେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଏହି ଘଟଣା ରେ ଆହତ ସୂର୍ଯ୍ୟକାନ୍ତଙ୍କ ପୁଅ ସୌମ୍ୟରଞ୍ଜନ ଖୁଣ୍ଟିଆ ବାଲିକୁଦା ଥାନାରେ ରାଜୀବ ବରାଳ, ରାଜା ମହାନ୍ତି, ସଞ୍ଜୟ ମହାନ୍ତି,ଧୃର୍ବ୍ୱ ପାଇଟାଳ ଏବଂ ଅନ୍ୟ ତିନି ସମ୍ପୃକ୍ତ ଥିବା ଲିଖିତ ଅଭିଯୋଗ କରିଥିଲେ।

# ‘ଅନ୍ତରରେ କାନ୍ଦେ ବାହାରେ ମୁଁ ହସେ’...



ଯେଉଁ କେତେକ ଗୀତ ଗାଇ ମୁଁ ଚରମ ଆତ୍ମତୃପ୍ତି ପାଇଛି ସେହି ଗୀତସବୁର ତାଲିକା ଭିତରେ ୧୯୬୨ରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ‘ସୂର୍ଯ୍ୟମୁଖୀ’ ଚଳଚ୍ଚିତ୍ରର ‘ଅନ୍ତରେ କାନ୍ଦେ, ବାହାରେ ହସେ ମୁଁ’ ଗୀତଟି ନିଶ୍ଚୟ ରହିବ ବୋଲି ପ୍ରଣବ କହିଥିଲେ । ସେ କହିଥିଲେ, ମୋର ଭାଗ୍ୟ ଯେ ଓଡ଼ିଶାର ଅଧିକାଂଶ ପ୍ରଥିତଯଶା ସଙ୍ଗୀତ ନିର୍ଦ୍ଦେଶକମାନେ ତାଙ୍କର ପ୍ରଥମ ଚଳଚ୍ଚିତ୍ର ସଙ୍ଗୀତ ନିର୍ଦ୍ଦେଶନା ବେଳେ ମୋତେ ସୁଯୋଗ ଦେଇଛନ୍ତି । ମା’ ଚଳଚ୍ଚିତ୍ରରେ ଭୁବନେଶ୍ୱର ମିଶ୍ରଙ୍କ ସଂଯୋଜନାରେ ‘ବେଦନା ସାଗର ତୀରେ’ ଥିଲା ବିରହ ଗୀତ ଆଉ ବାଳକୃଷ୍ଣ ଦାଶଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ‘ଶ୍ରୀଲୋକନାଥ’ର ‘ତୁ କି ପରଦେଶୀ ନିଜ ଦେଶେ’ ମଧ୍ୟ ଥିଲା ଦୁଃଖର ଗୀତ । ଦୁଇଟି ଗୀତ ଯଥେଷ୍ଟ ଲୋକପ୍ରିୟ ମଧ୍ୟ ହୋଇଥିଲା । ‘ଅନ୍ତରେ କାନ୍ଦେ, ବାହାରେ ହସେ ମୁଁ ଏଇ ମୋର ପରିଚୟ’, ଗୀତଟି ଅଜସ୍ର ଲୋକପ୍ରିୟତା ପାଇଲା । ଏହି ଗୀତ ମଧ୍ୟ ମୋର ଅନ୍ୟତମ ପ୍ରିୟ ଗୀତ । କିନ୍ତୁ କେଜାଣି କାହିଁକି ‘ଅନ୍ତରେ କାନ୍ଦେ, ବାହାରେ ହସେ ମୁଁ ଏଇ ମୋର ପରିଚୟ’ ଗୀତ ବେଶି ଲୋକପ୍ରିୟ ହେଲା । ଏହି ଗୀତର ସଂଯୋଜନା ବେଳେ ମୁଁ ଏହାକୁ ଏତେ ଅଧିକ ଥର ଗାଇଥିଲି ଯେ ପ୍ରତି ଧାଡ଼ି, ଶବ୍ଦ, ସ୍ୱର ସବୁ ଟିକିନିଖି ମନେ ଥିଲା । ଯେହେତୁ ଲିରିକ୍ ଓ ସଂଯୋଜନା ଖୁବ୍ ଭଲ ଥିଲା ଏଣୁ ଏହାକୁ ପ୍ରାଣଭରି ମୁଁ ଗାଇଥିଲି, ଏବେ ବି ଗାଏ । ସାଇଗଲ୍‌ଙ୍କ ଶୈଳୀରେ ପ୍ରଥମ ସିନେମା ଗୀତ ‘ବେଦନା ସାଗର ତୀରେ...’ ମୁଁ କୁନ୍ଦନ ଲାଲ ସାଇଗଲ୍‌ଙ୍କ ବଡ଼ ଫ୍ୟାନ୍ । ତାଙ୍କ ଗାୟନ ଶୈଳୀ ମତେ ଭଲ ଲାଗେ । ଗାୟକ ଜୀବନର ଆରମ୍ଭରେ ତାଙ୍କୁ ମୁଁ ଅନୁକରଣ କରୁଥିଲି । ସାଇଗଲ୍ ସାହେବଙ୍କ ସବୁ ଗୀତ ମତେ ଭଲ ଲାଗୁଥିଲା, ଆଜି ବି ଭଲ ଲାଗେ । ସେ ଗାଇଥିବା ଗୀତ ମଧ୍ୟରୁ ମୋର ପ୍ରିୟ ଗୀତ ଥିଲା ‘ବାବୁଲା ମୋର’ । ସେହି ଗୀତକୁ ଅନେକ ଥର ଗାଇଛି । ଯେତେବେଳେ ୧୯୫୫ରେ ମୁଁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ହେଲି, ମୋର ଗୀତରେ ସାଇଗଲ୍ ସାହେବଙ୍କ ଗାୟନ ଶୈଳୀକୁ ଆଣିଲି । ପଣ୍ଡିତ ଭୁବନେଶ୍ୱର ମିଶ୍ର ମୋର ସଙ୍ଗୀତ ଗୁରୁ । ସେ ତାଗିଦ୍ କଲେ, କହିଲେ ‘ପ୍ରଣବ ତମର କଣ୍ଠ ସ୍ୱତନ୍ତ୍ର, ତମେ ଆଉ କାହାର ଗାୟକୀ ନକଲ କରନାହିଁ’ । ମୁଁ ବୁଝିଲି, ମୋର ସାଇଗଲ୍‌ଙ୍କ ଶୈଳୀରେ ଗାଇବା ତାଙ୍କର ପସନ୍ଦ ନୁହେଁ । ସାର୍‌ଙ୍କ କଥା ମାନି ମୁଁ ଆଉ ସାଇଗଲ୍ ସାହେବଙ୍କ ଗାୟନ ଶୈଳୀକୁ ନକଲ କଲି ନାହିଁ । ଯେତେବେଳେ ଭୁବନେଶ୍ୱର ସାର୍ ସିନେମାରେ ପ୍ରଥମ ଥର ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଲେ, ମତେ ଗାଇବା ପାଇଁ ଡାକିଲେ। ‘ମା’ ଚଳଚ୍ଚିତ୍ରରେ ଏକ ବିରହ ଗୀତ ମୁଁ ଗାଇବାର ଥିଲା । ସେତେବେଳେ କିନ୍ତୁ ସାର୍ ମତେ କହିଲେ ‘ପ୍ରଣବ! ତମେ ଏହି ଗୀତରେ ସାଇଗଲ୍‌ଙ୍କ ଶୈଳୀ ଆଣିବ, ଗୀତ ଓ ସିଚୁଏସନ୍ ତାହା ଦରକାର କରୁଛି । ବାସ୍! ତା’ପରେ ମୁଁ ମୋ ଜୀବନର ପ୍ରଥମ ସିନେମା ଗୀତକୁ ସାଇଗଲ୍‌ଙ୍କ ଶୈଳୀରେ ଗାଇଲି। ମୁଁ କିନ୍ତୁ ଏହାପରେ ସେ ଶୈଳୀକୁ ଅନ୍ୟ କେଉଁ ଗୀତରେ ଅନୁକରଣ କରିନାହିଁ । ସେ ଗୀତ ଥିଲା ‘ବେଦନା ସାଗର ତୀରେ...’ ବୋଲି ଅତୀତର ଏକ ସଭାରେ ପ୍ରଣବ କିଶୋର ପଟ୍ଟନାୟକ ଗୀତକୁ ନେଇ ଏହିଭଳି ଭାବରେ ନିଜ ଅନୁଭୂତି ବାଣ୍ଟିଥିଲେ ।

# ଦୀପିକା ଲିକ୍ କରିଥିଲେ ‘ସ୍ପିରିଟ୍’ କାହାଣୀ!



ଅଭିନେତା ପ୍ରଭାସଙ୍କ ଆଗାମୀ ଫିଲ୍ମ ‘ସ୍ପିରିଟ୍’କୁ ନେଇ ନୂଆ ବିବାଦ ସାମ୍ନାକୁ ଆସିଛି। ଫିଲ୍ମରୁ ଦୀପିକା ପାଦୁକୋନଙ୍କୁ ବାଦ ଦିଆଯିବା ପଛର କାରଣକୁ ନେଇ ଏବେ ନୂଆ ଦାବି କରିଛନ୍ତି ଫିଲ୍ମର ପ୍ରଯୋଜକ ତଥା ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଭାଇ ପ୍ରଣୟ ରେଡ୍ଡୀ ଭାଙ୍ଗା। ଏକ ନ୍ୟୁଜ୍ ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ ପ୍ରଣୟ କହିଛନ୍ତି ଯେ ଦୀପିକାଙ୍କୁ ଫିଲ୍ମରୁ ହଟାଯାଇଥିଲା। ତାଙ୍କ ଦାବି ଅନୁସାରେ, ଦୀପିକା ମୋଟା ଅଙ୍କର ପାରିଶ୍ରମିକ ସହ ଫିଲ୍ମର ଲାଭରେ ୧୦ ପ୍ରତିଶତ ଅଂଶ ଦାବି କରିଥିଲେ। ତେବେ ଏହି ଦାବି ନିର୍ମାତାଙ୍କ ବଜେଟ୍‌କୁ ସୁହାଉନଥିବାରୁ ଉଭୟ ପକ୍ଷ ମଧ୍ୟରେ ସହମତି ହୋଇପାରିନଥିଲା। ପ୍ରଣୟଙ୍କ କହିବା ଅନୁସାରେ, ସନ୍ଦୀପ ରେଡ୍ଡୀ ଭାଙ୍ଗା ପ୍ରାୟ ଦେଢ଼ ବର୍ଷ ଧରି ଦୀପିକାଙ୍କୁ ‘ସ୍ପିରିଟ୍’ରେ କାଷ୍ଟ କରିବା ପାଇଁ ଆଲୋଚନା କରୁଥିଲେ। ହେଲେ ପାରିଶ୍ରମିକ ଓ ଲାଭରେ ଅଂଶ ଦାବିକୁ ନେଇ ଶେଷରେ ମତଭେଦ ସୃଷ୍ଟି ହୋଇଥିଲା। ଏହାପରେ ନିର୍ମାତା ଅନ୍ୟ ଜଣେ ଅଭିନେତ୍ରୀଙ୍କୁ ଫିଲ୍ମରେ ନେବାକୁ ଚିନ୍ତା କରିବା ସମୟରେ ଦୀପିକା ଫିଲ୍ମର କାହାଣୀ ଓ ଚରିତ୍ର ସମ୍ପର୍କିତ କିଛି ତଥ୍ୟ ଲିକ୍ କରିଥିବା ପ୍ରଣୟ ଅଭିଯୋଗ କରିଛନ୍ତି। ଏହି ଘଟଣା ସନ୍ଦୀପଙ୍କୁ ଖୁବ୍ ନିରାଶ କରିଥିଲା ବୋଲି ସେ କହିଛନ୍ତି। ଦୀପିକାଙ୍କ ନାଁ ସିଧାସଳଖ ନ ନେଇ ପ୍ରଣୟ କହିଛନ୍ତି, କୌଣସି କଳାକାରଙ୍କୁ କାହାଣୀ ଶୁଣାଇବା ସମୟରେ ନିର୍ମାତା ତାଙ୍କ ଉପରେ ପୂରା ଭରସା କରିଥାନ୍ତି। ଏହା ଏକ ପ୍ରକାର ନିରବ ଚୁକ୍ତି ଭଳି। ତେଣୁ ଫିଲ୍ମର କାହାଣୀକୁ ଲିକ୍ କରିବା ନିର୍ମାତାଙ୍କ ବର୍ଷ ବର୍ଷର ପରିଶ୍ରମକୁ କ୍ଷତି ପହଞ୍ଚାଇବା ସହ ସମାନ ବୋଲି ସେ ମତ ଦେଇଛନ୍ତି। ଏପରିକି ଜଣେ ଯୁବ କଳାକାରଙ୍କୁ ନୀଚା ଦେଖାଇବାକୁ ‘ନାରୀତ୍ୱ’ କୁହାଯାଇପାରିବ କି ବୋଲି ମଧ ସେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ, ଏହି ବିବାଦକୁ ନେଇ ଦୀପିକାଙ୍କ ପକ୍ଷରୁ ଭିନ୍ନ ମତ ସାମ୍ନାକୁ ଆସିଥିଲା। ୨୦୨୫ରେ ଏକ ସାକ୍ଷାତକାରରେ ସେ କହିଥିଲେ ଯେ ନିଜ ଲଢ଼େଇ ସେ ସର୍ବଦା ଚୁପ୍‌ଚାପ ଲଢ଼ନ୍ତି। ହେଲେ କୌଣସି ନା କୌଣସି କାରଣରୁ ଘଟଣାଗୁଡ଼ିକ ସର୍ବଦା ସାର୍ବଜନୀନ ହୋଇଯାଏ। ଦୀପିକାଙ୍କୁ ‘ସ୍ପିରିଟ୍’ରୁ ବାଦ ଦିଆଯିବା ପରେ ପ୍ରଭାସଙ୍କ ଅପୋଜିଟ୍‌ରେ ତୃପ୍ତି ଡିମରୀଙ୍କୁ କାଷ୍ଟ କରାଯାଇଛି।

# ଶୁକ୍ରାଚାର୍ଯ୍ୟ ଭୂମିକାରେ ଅକ୍ଷୟ ଖାନ୍ନା



ଧୁରନ୍ଧରରେ ଡକାୟତ ରହମାନ ଭୂମିକାରେ ଦର୍ଶକଙ୍କୁ ଚକିତ କରିଥିବା ଅକ୍ଷୟ ଖାନ୍ନା ଏବେ ଏକ ସମ୍ପୂର୍ଣ୍ଣ ଭିନ୍ନ ଅବତାରରେ ପରଦାକୁ ଫେରୁଛନ୍ତି। ପ୍ରସାନ୍ତ ବର୍ମା ସିନେମାଟିକ୍ ୟୁନିଭର୍ସର ଆଗାମୀ ଫିଲ୍ମ ‘ମହାକାଳୀ’ରେ ସେ ପୌରାଣିକ ଚରିତ୍ର ଶୁକ୍ରାଚାର୍ଯ୍ୟଙ୍କ ଭୂମିକାରେ ନଜର ଆସିବେ। ଫିଲ୍ମର ପ୍ରଥମ ଝଲକ ଅଗଷ୍ଟ ୨୪, ୨୦୨୬ରେ ଉନ୍ମୋଚିତ ହେବାକୁ ଯାଉଛି। ଲମ୍ବା ଧଳା ଦାଢ଼ି, ମୁଣ୍ଡରେ ବନ୍ଧା ଜଟା, କପାଳରେ ତିଳକ ଏବଂ ମୁହଁରେ ରହସ୍ୟମୟ ଗମ୍ଭୀରତା, ଅକ୍ଷୟ ଖାନ୍ନାଙ୍କ ଏହି ନୂଆ ଲୁକ୍ ତାଙ୍କ ପୂର୍ବ ଚରିତ୍ରଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଅଲଗା। ପ୍ରଥମ ନଜରରେ ତାଙ୍କୁ ଚିହ୍ନିବା ମଧ୍ୟ କଷ୍ଟକର। ଏହି ରୂପ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମହାକାଳୀରେ ଅକ୍ଷୟ ଖାନ୍ନାଙ୍କ ସହ ଭୂମି ସେଟ୍ଟୀ ଏବଂ ରୋହିତ ସରାଫ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। ନିର୍ମାତାମାନେ ଫିଲ୍ମକୁ “The End Begins” ଟ୍ୟାଗଲାଇନ୍ ସହ ପରିଚିତ କରାଇଛନ୍ତି। ଏହି ଟ୍ୟାଗଲାଇନ୍ ଫିଲ୍ମର କାହାଣୀକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସୁକତା ଆହୁରି ବଢ଼ାଇଛି। କିନ୍ତୁ ଅକ୍ଷୟ ଖାନ୍ନାଙ୍କ ଲୁକ୍ ଯେତିକି ଚର୍ଚ୍ଚିତ, ତାଙ୍କ ଚରିତ୍ର ଶୁକ୍ରାଚାର୍ଯ୍ୟଙ୍କ ପୌରାଣିକ ପରିଚୟ ତା’ଠାରୁ ଅଧିକ ରୋଚକ। ଶୁକ୍ରାଚାର୍ଯ୍ୟ କିଏ ଥିଲେ? ହିନ୍ଦୁ ପୁରାଣରେ ଶୁକ୍ରାଚାର୍ଯ୍ୟଙ୍କୁ ଅସୁରମାନଙ୍କ ଗୁରୁ ବା ଆଚାର୍ଯ୍ୟ ଭାବେ ବର୍ଣ୍ଣନା କରାଯାଇଛି। ସେ ଅତ୍ୟନ୍ତ ଜ୍ଞାନୀ, ତପସ୍ୱୀ ଏବଂ ଦୂରଦୃଷ୍ଟିସମ୍ପନ୍ନ ଋଷି ଭାବେ ପରିଚିତ। ତାଙ୍କ ଜ୍ଞାନ ଓ ତପସ୍ୟା ଏତେ ପ୍ରଭାବଶାଳୀ ଥିଲା ଯେ ଦେବତାମାନଙ୍କ ବିପକ୍ଷରେ ଥିବା ଅସୁରମାନଙ୍କ ପାଇଁ ସେ ଜଣେ ଅତ୍ୟନ୍ତ ଶକ୍ତିଶାଳୀ ଗୁରୁ ଥିଲେ। ପୁରାଣିକ କଥାନୁସାରେ, ଶୁକ୍ରାଚାର୍ଯ୍ୟଙ୍କ ନିକଟରେ ଏକ ଅସାଧାରଣ ବିଦ୍ୟା ଥିଲା- ମୃତସଞ୍ଜୀବନୀ ବିଦ୍ୟା।

# ହିଟ୍ ହେଲା ଆୱାରାପନ୍ ୨

ବକ୍ସ ଅଫିସରେ ଶିବମ୍ ପଣ୍ଡିତଙ୍କ ଏଣ୍ଟ୍ରି ଧମାକେଦାର ହେବାକୁ ଯାଉଛି । ହୁଏତ ସେ ନିଜେ ଏ କଥା ଭାବି ନଥିବେ । ସେହି ସମୟରେ ପ୍ରଥମ ଫିଲ୍ମଟି ଭଲ ବ୍ୟବସାୟ କରିପାରିନଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ କଲ୍ଟ ଫିଲ୍ମର ମାନ୍ୟତା ମିଳିଥିଲା । ସେହିପରି ଇମ୍ରାନ୍ ହାଶମୀଙ୍କ ଏହି ଫିଲ୍ମର ସିକ୍ୱେଲ୍‌କୁ ମଧ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ ଦର୍ଶକ । ‘ଆୱାରାପନ୍ ୨’ର କାହାଣୀ ଖୁବ୍ ଅସାଧାରଣ ନୁହେଁ, କିନ୍ତୁ ବହୁ ସଂଖ୍ୟକ ଦର୍ଶକ ଏହି ଫିଲ୍ମ ସହ ଭାବନାତ୍ମକ ଭାବେ ଜଡ଼ିତ ରହିଛନ୍ତି । ଯାହାର ଫାଇଦା ପାର୍ଟ-୨ ରିଲିଜ୍ ପରେ ଦେଖିବାକୁ ମିଳୁଛି । ଫିଲ୍ମଟିକୁ ନେଇ ଦର୍ଶକଙ୍କ ଠାରୁ ଭଲ ପ୍ରତିକ୍ରିୟା ମିଳିଛି । ଏହାରି ମଧରେ ଫିଲ୍ମର ଷଷ୍ଠ ଦିନରେ ବକ୍ସ ଅଫିସ୍ କଲେକ୍ସନ୍ ମଧ ସାମ୍ନାକୁ ଆସିଛି । ଇମ୍ରାନ୍ ହାଶମୀଙ୍କ ‘ଆୱାରାପନ୍ ୨’ଷଷ୍ଠ ଦିନରେ ମାତ୍ର ୬.୭୫ କୋଟି ଟଙ୍କା କଲେକ୍ସନ୍ କରିଛି । ରିପୋର୍ଟ ଅନୁଯାୟୀ, ଇମ୍ରାନ୍ ହାଶମୀଙ୍କ ‘ଆୱାରାପନ୍ ୨’ର ଗତକାଲିର କଲେକ୍ସନ୍‌ରେ ୩୦.୮ ପ୍ରତିଶତ କମିଛି। ମଙ୍ଗଳବାର ଫିଲ୍ମଟି ୯.୭୫ କୋଟି ଟଙ୍କା ଆୟ କରିଥିବା ବେଳେ ଏବେ ଏହା ୬.୭୫ କୋଟି ଟଙ୍କାକୁ ଖସିଆସିଛି । ଏହା ସହିତ ମୋଟ ୧୧,୦୭୧ଟି ଶୋ’ବୁକ୍ ହୋଇଥିଲା ।



# ଇଦ୍‌ରେ ଆସୁଛି ସଲମାନଙ୍କ ଫିଲ୍ମ ‘ମନଷ୍ଟର୍’



ବଲିଉଡର ‘ଭାଇଜାନ୍’ ଅର୍ଥାତ୍ ସଲମାନ ଖାନ୍‌ଙ୍କ ଆଗାମୀ ବଡ଼ ପ୍ରୋଜେକ୍ଟକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । ପ୍ରସିଦ୍ଧ ପ୍ରଯୋଜକ ଦିଲ୍ ରାଜୁଙ୍କ ସହ ସଲମାନ ପ୍ରଥମ ଥର ପାଇଁ ହାତ ମିଳାଇଥିବା ଏହି ପାନ୍-ଇଣ୍ଡିଆ ଫିଲ୍ମର ନାଁ କଥିତ ଭାବେ ‘ମନଷ୍ଟର୍’ ରଖାଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି । ଏହି ଫିଲ୍ମଟିକୁ ଆସନ୍ତା ବର୍ଷ ଅର୍ଥାତ୍ ଇଦ୍ ୨୦୨୭ ଅବସରରେ ସିନେମାଘରରେ ମୁକ୍ତିଲାଭ କରିବାଖିଡ ଲକ୍ଷ୍ୟ ରଖାଯାଇଛି । ଫିଲ୍ମର ନିର୍ଦ୍ଦେଶନା ଭାର ବାମସୀ ପେଡିପଲ୍ଲୀ ସମ୍ଭାଳିଛନ୍ତି । ଯଦିଓ ନିର୍ମାତାଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ଔପଚାରିକ ଭାବେ ଟାଇଟଲ୍ ଘୋଷଣା ହୋଇନାହିଁ, ତଥାପି ଆଗାମୀ କିଛି ସପ୍ତାହ ଭିତରେ ଫିଲ୍ମର ଟାଇଟଲ୍ ଏବଂ ଫର୍ଷ୍ଟ ଲୁକ୍ ରିଲିଜ୍ କରାଯିବ ବୋଲି ଜଣାପଡ଼ିଛି । ମୁଖ୍ୟ ନାୟିକା ଭୂମିକାରେ ନୟନତାରା: ଏହି ମେଗା ପ୍ରୋଜେକ୍ଟରେ ସଲମାନ ଖାନ୍‌ଙ୍କ ବିପକ୍ଷରେ ସାଉଥ୍ ସିନେମାର ଷ୍ଟାର୍ ଅଭିନେତ୍ରୀ ନୟନତାରା ମୁଖ୍ୟ ନାୟିକା ଭୂମିକାରେ ନଜର ଆସିବେ ।

ବିକାଶଠୁ ଦୂରରେ ତନାର୍ଜୀପଲ୍ଲୀ

# ୫ କିମି ରାସ୍ତା ପାଲଟିଛି ମରଣଯନ୍ତା



**ଗଞ୍ଜାମ,୨୩।୮ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ୮ ଦଶନ୍ଧି ପରେ ବି ଗାଁକୁ ପହଞ୍ଚିନି ବିକାଶ । ନା ଭଲ ରାସ୍ତା ଅଛି, ନା ଠିକ୍ ଯାତାୟାତ ବ୍ୟବସ୍ଥା । ଜରୁରୀ ସମୟରେ ଆମ୍ବୁଲାନ୍ସ ବି ଗାଁ ଭିତରକୁ ଯାଇପାରୁନି । ମୋବାଇଲ୍ ନେଟୱର୍କ ନଥିବାରୁ ଜରୁରୀ ଫୋନ୍ କରିବାକୁ ଲୋକଙ୍କୁ ଯିବାକୁ ପଡୁଛି ପ୍ରାୟ ୩ କିମି ଦୂର । ଏଭଳି ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ଗଞ୍ଜାମ ଓ ଗଜପତି ସୀମାନ୍ତରେ ଥିବା ତନାର୍ଜୀପଲ୍ଲୀ ଗାଁର ଲୋକେ । ତନାର୍ଜୀପଲ୍ଲୀକୁ ଯିବା ପାଇଁ ରହିଛି ପ୍ରାୟ ୫ କିମିର ଏକମାତ୍ର ରାସ୍ତା । ହେଲେ ରାସ୍ତା ସାରା ଖାଲଖମା, ପଥର ଓ ବଡ଼ ବଡ଼ ଗା ତ। ଏଥିରେ ଗାଡ଼ି ଚଳାଇବା ତ ଦୂରର କଥା, ପାଦରେ ଚାଲି ଯିବା ବି ବିପଦପୂର୍ଣ୍ଣ । ଟିକିଏ ଅସାବଧାନ ହେଲେ ଦୁର୍ଘଟଣାର ଆଶଙ୍କା ରହୁଛି । ବିକଳ୍ପ ରାସ୍ତା ନଥିବାରୁ ପାହାଡ଼ିଆ ରାସ୍ତାରେ ପ୍ରତିଦିନ ବିପଦକୁ ସାଥୀ କରି ଯାତାୟାତ କରୁଛନ୍ତି ଗ୍ରାମବାସୀ । କିଛି ଦିନ ତଳେ ଏହି ରାସ୍ତାରେ ସାଇକେଲରେ ସ୍କୁଲ ଯାଉଥିବା ଜଣେ ନବମ ଶ୍ରେଣୀ ଛାତ୍ର ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ । ଦୁର୍ଘଟଣାରେ ତାଙ୍କ ଅନ୍ତଃନଳୀ ବାହାରି ଆସିଥିବା ଜଣାପଡ଼ିଛି। ଏଭଳି ଗୁରୁତର ଆହତ ହେବା ପରେ ମଧ୍ୟ ଛାତ୍ରଜଣକ ସାହସର ସହ ନିଜ ଅନ୍ତଃନଳୀକୁ ସାର୍ଟରେ ଧରି ଘରକୁ ଫେରିଥିଲେ । ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିବାବେଳେ ବର୍ତ୍ତମାନ ସେଠାରେ ଗୁରୁତର ଅବସ୍ଥାରେ ତାଙ୍କ ଚିକିତ୍ସା ଚାଲିଛି । ଏହି ଘଟଣା ପରେ ଗାଁର ରାସ୍ତାକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ଆହୁରି ବଢ଼ିଛି । ତନାର୍ଜୀପଲ୍ଲୀରେ ପ୍ରାୟ ୬୦ରୁ ଅଧିକ ପରିବାର ବସବାସ କରୁଛନ୍ତି । ହେଲେ ଆଜି ବି ଗାଁରେ ମିଳୁନି ମୌଳିକ ସୁବିଧା। ପଞ୍ଚାୟତ କିମ୍ବା ବ୍ଲକକୁ ଯିବା ପାଇଁ ଲୋକଙ୍କୁ ପ୍ରାୟ ୩୦ କିମି ବୁଲି ଯିବାକୁ ପଡୁଛି । ସବୁଠାରୁ ବଡ଼ ସମସ୍ୟା ସାଜିଛି ସ୍ୱାସ୍ଥ୍ୟସେବା । ଗାଁ ଭିତରକୁ ଆମ୍ବୁଲାନ୍ସ ଯାଇପାରୁନଥିବାରୁ ଗୁରୁତର ରୋଗୀଙ୍କୁ ପ୍ରାୟ ୫ କିମି ଡୋଲାରେ ବୋହି ନେବାକୁ ପଡୁଛି । ଡିଜିଟାଲ୍ ଇଣ୍ଡିଆର ଯୁଗରେ ବି ତନାର୍ଜୀପଲ୍ଲୀର ଚିତ୍ର ଭିନ୍ନ । ପ୍ରାୟ ୩ ବର୍ଷ ତଳେ ଗାଁରେ ବିଏସ୍ଏନ୍ଏଲ୍ ଟାୱାର ବସାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନେଟୱର୍କ ସେବା ଆରମ୍ଭ ହୋଇନାହିଁ । ଫଳରେ ଜରୁରୀ ସମୟରେ ଫୋନ୍ କରିବା ପାଇଁ ଗ୍ରାମବାସୀଙ୍କୁ ପ୍ରାୟ ୩ କିମି ଦୂରକୁ ଯିବାକୁ ପଡୁଛି । ଗଞ୍ଜାମ ଓ ଗଜପତି ଜିଲ୍ଲା ସୀମାନ୍ତରେ ଥିବା ଏହି ଗାଁଟି ଦୀର୍ଘଦିନ ହେଲା ପ୍ରଶାସନ ଓ ନେତାଙ୍କ ଦୃଷ୍ଟି ଆଢୁଆଳରେ ରହିଛି । ଏବେ ତନାର୍ଜୀପଲ୍ଲୀବାସୀଙ୍କ ଅପେକ୍ଷା, କେବେ ପ୍ରଶାସନର ନଜର ପଡ଼ିବ ଏହି ଅବହେଳିତ ଗାଁ ଉପରେ ଏବଂ କେବେ ଦୂର ହେବ ତାଙ୍କ ଦୁର୍ଦ୍ଦଶା ।

## ନିଜ ଖର୍ଚ୍ଚରେ ରାସ୍ତା ମରାମତି କଲେ ଗ୍ରାମବାସୀ



**ଫୁଲବାଣୀ,୨୩।୮ (ସଂଚାର ବ୍ୟୁରୋ):** ଫିରିଙ୍ଗିଆ ବ୍ଲକ ପଦ୍ମିଙ୍ଗିଆ ପଞ୍ଚାୟତ ପାଣ୍ଡୁପଦର ଗ୍ରାମବାସୀ ଦୀର୍ଘ ଦିନ ଧରି ଯାତାୟତ ସମସ୍ୟା ଭୋଗୁଛନ୍ତି ବାରମ୍ବାର ସରକାରଙ୍କ ନିକଟରେ ରାସ୍ତା ନିର୍ମାଣ ପାଇଁ ଦାବୀ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ରାସ୍ତା କୁ ନେଇଁ ସମାଧାନ ହୋଇ ପାରିନାହିଁ ଡେଙ୍ଗାଗାଡ଼ୁ ଠାରୁ ତେକାମାହା ଦେଇ ବନ୍ଧଗଡ଼କୁ ସଂଯୋଗ କରୁଥିବା ରାସ୍ତା ଉପରେ ଡେଙ୍ଗାଗାଡ଼ୁ, ଡାଙ୍ଗପଦର, ପାଣ୍ଡୁପଦର, କାମ୍ବାପଡ଼ା ଭଳି ପ୍ରାୟ ୬ ରୁ ଅଧିକ ଗାଁ ଲୋକେ ନିର୍ଭର କରୁଛନ୍ତି। କିନ୍ତୁ ଏହି ରାସ୍ତାର ସ୍ଥିତି ଠିକ ନାହିଁ। ମରାମତି ପାଇଁ ଅଞ୍ଚଳବାସୀ ଦାବୀ କରିଥିଲେ ତାହାର ସମାଧାନ ନହେବାରୁ ବାଧ୍ୟ ହୋଇ ଗତ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ମଧ୍ୟ କରିଥିଲେ। ତଥାପି ବର୍ତ୍ତମାନ ସୁଦ୍ଧା ରାସ୍ତା ହୋଇ ପାରିନାହିଁ। ଗତ ୨ ବର୍ଷ ତଳେ ବର୍ଷା ଦିନେ ଆମ୍ବୁଲାନ୍ସ ଗାଁକୁ ଯାଇ ନ ପାରି ଅଧା ବାଟରେ ରହିଯିବାରୁ ଜଣେ ଗର୍ଭବତୀଙ୍କୁ ଅଟୋରେ ବସାଇ ଗାଁ ଲୋକେ ମେଡିକାଲ ଆଣୁଥିବା ବେଳେ ବିଲ ମଝିରେ ଗର୍ଭବତୀ ମହିଳା ସନ୍ତାନ ଜନ୍ମ ଦେଇଥିଲେ। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଥିଲା। ଏବେ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନ ହେବାରୁ କିମ୍ବା ମରାମତି ନ ହେବାରୁ ଯାତାୟାତରେ ଅସୁବିଧା ହେବାରୁ କୋଡ଼ିଏରୁ ଅଧିକ ଯୁବକ ଡେଙ୍ଗାଗାଡ଼ୁ ଠାରୁ ପାଣ୍ଡୁ ପଦର ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ଖାଲ ଖମା ରାସ୍ତାକୁ ପଥର, ମାଟି ପକାଇ ଟ୍ରାକ୍ଟର ଲଗାଇ ଓ ଚାନ୍ଦା କରି ମରାମତି କରିଛନ୍ତି। ତୁରନ୍ତ ଡେଙ୍ଗାଗାଡ଼ୁ ଠାରୁ ବନ୍ଧଗଡ଼କୁ ରାସ୍ତା ନିର୍ମାଣ ପାଇଁ ସମୂହ ଗ୍ରାମବାସୀ ଦାବୀ କରିଛନ୍ତି ଏନେଇ କନିଷ୍ଠ ଯନ୍ତ୍ରୀ ସୁଶୀଲ କୁମାର ମାଝୀଙ୍କୁ ପଚାରିବାରୁ ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ରେ ଲିଷ୍ଟ ଅଛି ବର୍ଷା ଛାଡିଲେ ରାସ୍ତା କାମ୍ ହେବ ଖୁବ୍ ଶୀଘ୍ର କରାଯିବ ବୋଲି ସେ କହିଛନ୍ତି।

## ବେତନଟୀ ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ

**ବେତନଟୀ,୨୩।୮ (ସଂଚାର ବ୍ୟୁରୋ):** ଅଗ୍ରଣୀ ସେବା ସଂସ୍ଥା ବେତନଟୀ ରୋଟାରୀ କ୍ଲବର ୧୦ମ ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ବନ୍ଧନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦାୟୀ ସଭାପତି ରୋଟାରୀଆନ ଗିରିଧାରୀ ସାହୁ ସଭାପତିତ୍ୱ କରି ଗତ ବର୍ଷର କ୍ଲବର ଆଭିମୂଖ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ରୋଟାରୀ ଗଭର୍ଣ୍ଣର ୨୦୨୭-୨୮ ରୋଟାରୀଆନ ଇନ୍ଦ୍ରଜିତ ସାହୁ ଯୋଗଦାନ କରି କ୍ଲବର ଉତ୍ତୋରତ୍ତର ଉନ୍ନତି କାମନା କରିବା ସହିତ ବେତନଟୀ ରୋଟାରୀ କ୍ଲବର ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ୨୦୨୬-୨୭ ଭାସ୍କର ରଞ୍ଜନ ସ୍ୱାଇଁ ନିଜ ଅଭିଭାଷଣରେ ବେତନଟୀ କ୍ଲବର ଏ ବର୍ଷର କାର୍ଯ୍ୟକ୍ରମର ସଂକ୍ଷିପ୍ତ ସୂଚନା ପ୍ରଦାନ କରି ନୂଆ ନୂଆ ଯୋଜନା ହାତକୁ ନେଇ ଆଗକୁ ଯିବାକୁ ଉତ୍ସାହିତ କରିଥିଲେ। ବିଦାୟୀ ସଂପାଦକ ରୋଟାରୀଆନ ରବିନ୍ଦ୍ର ନାଥ ମିଶ୍ର ନିଜ ଅଭିଭାଷଣରେ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ସହ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ତତ୍ପରେ ଏବର୍ଷର ନୂତନ ସଭାପତି ଭାବେ ରୋଟାରୀଆନ ଶ୍ୟାମପ୍ରସାଦ ମଢ଼ୁଆଳ ଓ ନୂତନ ସଂପାଦକ ରୂପେ ରୋଟାରୀଆନ ସଞ୍ଜୟ କୁମାର ଭୂୟାଁ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଉଭୟେ କ୍ଲବର ଗଠନମୂଳକ ପଦକ୍ଷେପ ନିମନ୍ତେ ସମସ୍ତ ସଦସ୍ୟମାନଙ୍କୁ ନିବେଦନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଜନମୋହନ ବେହେରା। ଉତ୍ସବରେ ଉଦଳା, ବାରିପଦା, ବାଲେଶ୍ୱର, ଜଳେଶ୍ୱର, ରାଇବଣିଆ ରୋଟାରୀ କ୍ଲବର ସଦସ୍ୟମାନଙ୍କୁ ଉପଢୌକନ ଓ ପୁଷ୍ପଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।



## ନିଶାମୁକ୍ତ ଅଭିଯାନ, ଛାତ୍ର ଛାତ୍ରୀ ନିଶାମୁକ୍ତ ପାଇଁ ନେଲେ ଶପଥ

**ଭୁବନ,୨୩।୮ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ଭୁବନ ପୋଲିସ ପକ୍ଷରୁ ନିଶାମୁକ୍ତ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭୁବନ ବ୍ଲକ ଅନ୍ତର୍ଗତ ଭୁଷଳ ପିଏମ ଶ୍ରୀ ସ୍ୱାମୀ ତ୍ରିଗୁଣାନନ୍ଦ ସରସ୍ୱତୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା ଅଭିଯାନରେ ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ରେଣୁବାଳା ସାହୁ ଯୋଗଦେଇ ନିଶା ସେବନ ଦ୍ୱାରା ଶାରୀରିକ, ମାନସିକ କୁପ୍ରଭାବ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ପାନ, ଗୁଟଖା, ବିଡ଼ି, ସିଗାରେଟ୍ ସେବନ ଦ୍ୱାରା ଅନେକ ଲୋକ ମୁଖ ଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି ଓ ମଦ୍ୟପାନ ଦ୍ୱାରା ଲିଭର ନଷ୍ଟ ହେଉଛି। ନିଶାଡି ମାନେ ଅବେଳରେ ମୃତ୍ୟୁକୁ ଆମନ୍ତ୍ରଣ କରୁଛନ୍ତି ବୋଲି କହିବା ସହ ନିଶା ଠାରୁ ଦୂରେଇ ରହିବା ଓ ପରିବାର ଏବଂ ପଡ଼ୋଶୀରେ ପରିବର୍ତ୍ତନର ଦୂତ ହେବାକୁ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏସ ଆଇ ପ୍ରଦୀପ ଭୂୟାଁ ଛାତ୍ର ଛାତ୍ରୀ ମାନଙ୍କୁ ନିଶାମୁକ୍ତ ପାଇଁ ଶପଥ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ସ୍ୱାସ୍ଥ୍ୟ କେନ୍ଦ୍ରରେ ଭଙ୍ଗା ହୁଇଲ ଚେୟାର, ରୋଗୀ ସମ୍ପର୍କୀୟଙ୍କ ଅସନ୍ତୋଷ

**ନୂଆପଡ଼ା,୨୩।୮ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ହୁଇଲ ଚେୟାରରେ ନେବା ସମୟରେ ସମସ୍ୟା ଦେଖାଦେଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା କେତେକ ହୁଇଲ ଚେୟାର ଭଙ୍ଗା ଅବସ୍ଥାରେ ଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଭଙ୍ଗା ହୁଇଲ ଚେୟାରରେ ରୋଗୀଙ୍କୁ ନେବା ସମୟରେ ଚେୟାର ଓଲଟି ପଡ଼ିବା ସହ ରୋଗୀ ତଳେ ପଡ଼ିଯିବାର ଆଶଙ୍କା ରହୁଥିବା ରୋଗୀଙ୍କ ସମ୍ପର୍କୀୟମାନେ କହିଛନ୍ତି। ଏଭଳି ଅବ୍ୟବସ୍ଥା ରୋଗୀଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବାରୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରବନ୍ଧକଙ୍କୁ ପଚାରିବାରୁ ଘଟଣା ଉପରେ ତୁରନ୍ତ ଧ୍ୟାନ ଦେଇ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବୀମାନେ ମଧ୍ୟ ଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଛନ୍ତି।

## ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡିର ବ୍ଲକ୍ ସେନାଙ୍କ ସଜବାଜ

**ବୈଶିଙ୍ଗା,୨୩।୮ (ସଂଚାର ବ୍ୟୁରୋ):** ଆଗାମୀ ବର୍ଷ ୨୦୨୭ ପ୍ରାରମ୍ଭରେ ଓଡିଶା ପଞ୍ଚାୟତରାଜ ନିୟମ ଅନୁଯାୟୀ ତ୍ରୀସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ୨୪ ବର୍ଷ ଧରି ରାଜ୍ୟ ସରକାରଙ୍କ ମଙ୍ଗ ଧରିଥିବା ବିଜୁ ଜନତା ଦଳ ୨୦୨୪ ସାଧାରଣ ନିର୍ବାଚନରେ ପରାସ୍ତ ହୋଇଥିଲେ ମଧ୍ୟ ତ୍ରୀସ୍ତରୀୟ ପଞ୍ଚାୟତ ର ସମସ୍ତ ସଂସ୍ଥାରେ ନିଜର ବାହୁବଳୀ ପ୍ରଭୁତ୍ୱ ଜାହିର ରଖିପାରିଛି। ଏହି ପ୍ରଥା ପୁଣି ଉଜ୍ଜିବୀତ କରିବା ପାଇଁ ସାରା ରାଜ୍ୟରେ ସାଙ୍ଗଠନିକ ପ୍ରକ୍ରିୟାକୁ ପୁରା ତୃଣମୂଳ ସ୍ତରରୁ ସଜାଡିବାରେ ଲାଗିଛି। ଏହି ପରିପେକ୍ଷୀରେ ବେତନଟୀ ର ୨୪ ଟି ପଞ୍ଚାୟତରୁ ୨ଟି ପଞ୍ଚାୟତ ବେତନଟୀ ଏନ୍ଏସିକୁ ଚାଲିଯିବା ପରେ ବାକି ୨୨ଟି ପଞ୍ଚାୟତର ଦଳୀୟ ପଞ୍ଚାୟତ ସଭାପତି ଚୟନ କରାଯିବା ସହିତ ବ୍ଲକ ବିଜେଡି ର ସମସ୍ତ କର୍ମକର୍ତ୍ତା ଚୟନ କରାଯାଇଥିବା ଜଣାଯାଇଛି। ଏହାଦ୍ୱାରା ତୃଣମୂଳ ସ୍ତରରେ ବିଜେଡି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ବଡସାହି ନିର୍ବାଚନ ମଣ୍ଡଳୀରେ ବିଜେପିର ବିଧାୟକ ସନାତନ ବିଜୁଲି ଙ୍କ ମନମାନି କାର୍ଯ୍ୟକଳାପ ପାଇଁ ସାରା ନିର୍ବାଚନ ମଣ୍ଡଳୀରେ ଯେଭଳି ବିରୋଧ ହୋଇ ଚାଲିଛି, ଆଗାମୀ ପଞ୍ଚାୟତ ନିର୍ବାଚନ ରେ ବିଜୁ ଜନତା ଦଳ କୁ ବହୁ ସମର୍ଥନ ମିଳିବ ବୋଲି ଆଶା କରାଯାଇଛି।

## ଇନଟେକ ତରଫରୁ ଜାତୀୟ ଐତିହ୍ୟ କୁଇଜ୍ ଅନୁଷ୍ଠିତ



**ସୁବର୍ଣ୍ଣପୁର,୨୩।୮ (ସଂଚାର ବ୍ୟୁରୋ):** କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦିଗରେ କାର୍ଯ୍ୟରତ ସର୍ବଭାରତୀୟ ଅନୁଷ୍ଠାନ ଇନଟାକର ସୋନପୁର ଚ୍ୟାପ୍ଟର ତରଫରୁ ଜାତୀୟ ଐତିହ୍ୟ କୁଇଜ୍ ୨୦୨୬ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାହାରା ଟ୍ରଷ୍ଟ ହାଇସ୍କୁଲ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସାହାରା ଟ୍ରଷ୍ଟ ହାଇସ୍କୁଲ, ଆଇଡିଏଲ ପବ୍ଲିକ ସ୍କୁଲ, ପିଏମଶ୍ରୀ ମହାରାଜା ହାଇସ୍କୁଲ, କୋଶଳ ହାଇସ୍କୁଲ, ସେଣ୍ଟ ଆନିସ୍ କନଭେଣ୍ଟ ସ୍କୁଲ, ପ୍ରଜ୍ଞା ଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସୁକାନ୍ତି ଇଣ୍ଟରନେସନାଲ ସ୍କୁଲ, ଶ୍ରୀ ଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପିଏମଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟ ଆଦି ସ୍କୁଲରୁ ପ୍ରାୟ ୧୩୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସାହାରା ଟ୍ରଷ୍ଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମିଶ୍ର ଅତିଥିଭାବେ ଯୋଗ ଦେଇ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ।ଏଠାରେ ଉଲ୍ଲେଖଯୋଗ୍ୟ ଯେ ଇଣ୍ଟାକ୍ ଦ୍ୱାରା ଶ୍ରେଣୀ ୭ ରୁ ୧୦ ପର୍ଯ୍ୟନ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଏହି ସର୍ବ ଭାରତୀୟ କୁଇଜ୍ ପ୍ରତିଯୋଗିତା ଆୟୋଜିତ କରାଯାଇଛି। ପ୍ରତିଯୋଗିତାରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସତିଶ କୁମାର ନାୟକ ଏବଂ ରମାଶିଷ ପ୍ରଧାନ ପ୍ରଥମ, ସାହାରା ଟ୍ରଷ୍ଟ ହାଇସ୍କୁଲର ତ୍ରିଲୋଚନ ପେରା ଏବଂ ସଂକେତ ହୋତା ଦ୍ୱିତୀୟ, ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଯଶୋସିକ୍ତା ପଟେଲ, ଅଭିଲିପ୍ସା ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସାହାରା ଟ୍ରଷ୍ଟ ହାଇସ୍କୁଲର ଆଲିସାନ ଖମାରୀ ଓ ଅନିମେଶ ପଧାନ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏଥି ସହିତ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଆଗାମୀ ଦିନରେ ରାଜ୍ୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ଲଗାଣ ବର୍ଷା ଯୋଗୁଁ ଡାକ ବଙ୍ଗଳା ଉପରେ ପଡ଼ିଲା ଗଛ



**ମାଲକାନଗିରି,୨୩।୮ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାଭିମାନ ଅଞ୍ଚଳ ତଥା ଚିତ୍ରକୋଣ୍ଡା ଅଞ୍ଚଳରେ ଗତ କିଛି ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷା ଯୋଗୁଁ ଶନିବାର ସନ୍ଧ୍ୟାରେ ଚିତ୍ରକୋଣ୍ଡା ସଦରରେ ଥିବା ମେଡିକାଲ ନିକଟ ବି -(୪) ଡାକ ବଙ୍ଗଳା ପରିସରରେ ଥିବା ଏକ ବିରାଟକାୟ ଗଛ ଭାଙ୍ଗି ଯାଇଥିଲା।ଏ ସମ୍ପର୍କରେ ଡାକବଙ୍ଗଳା କର୍ତୃପକ୍ଷ ଚିତ୍ରକୋଣ୍ଡା ସ୍ଥିତ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବର ପାଇବା ସଙ୍ଗେ ସଙ୍ଗେ ଚିତ୍ରକୋଣ୍ଡା ଅଗ୍ନିଶମ ବିଭାଗର ଅଧିକାରୀ ମଙ୍ଗଳଦାନ ହିକକାଙ୍କ ନିର୍ଦ୍ଦେଶ କ୍ରମେ ହାବିଲଦାର ବି ବି କୁଣ୍ଡୁଲାନା, କର୍ମଚାରୀ ଗୁପ୍ତେଶ୍ୱର ନାୟକ, କୁଶ ଖିଲ, ଧନୁର୍ଜୟ ନାୟକ ଓ ଅନ୍ୟ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ମେସିନ ସାହାର୍ଯ୍ୟରେ ଉକ୍ତ ଗଛକୁ କାଟି ସଫା କରିଥିବା ଚିତ୍ରକୋଣ୍ଡା ଅଗ୍ନିଶମ ବିଭାଗର ଅଧିକାରୀ ଶ୍ରୀ ହିକକା ସୂଚନା ଦେଇଛନ୍ତି।

## ଶ୍ରୀ ରଣେଶ୍ୱର ଶୈବ ପୀଠ ଓ ମା' ରାମଚଣ୍ଡୀ ମନ୍ଦିରରେ ଗଙ୍ଗା ମହା ଜଳ ଶାୟୀ



**ସୁବର୍ଣ୍ଣପୁର,୨୩।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ତେଲଣ୍ଡା ଗ୍ରାମ ଶ୍ରୀ ରଣେଶ୍ୱର ଶୈବ ପୀଠ ଓ ରାମଚଣ୍ଡୀ ମନ୍ଦିର ଠାରେ ଗଙ୍ଗା ମହା ଜଳଶାୟୀ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହା ସହିତ ସୁନ୍ଦରା କାଣ୍ଡ, ଶିବ ପୁରାଣ ଓ ରୁଦ୍ର ଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ପୁରୀ ରାମଜୀ ମଠ ର ମହନ୍ତ ଶ୍ରୀ ଶ୍ରୀ ବଂଶୀ ଧର ଦାସ ଜି ମହାରାଜ ଙ୍କ ପ୍ରତ୍ୟକ୍ଷ ତତ୍ୱା ବଧାନ ରେ ଯଜ୍ଞେଶ୍ୱର ମିଶ୍ର, ଶ୍ରୀବତ୍ସ ମଲ୍ଲିକ ଓ ପୁରୀ ମଠ ର ସାଧୁ ସନ୍ଥ ଙ୍କ ମିଳିତ ସହଯୋଗ ରେ ଏହି ସମସ୍ତ ଯଜ୍ଞ ଓ ପୂଜା ଅର୍ଚ୍ଚନା କାର୍ଯ୍ୟ କ୍ରମ ସଫଳ କରା ଯାଇ ଥିଲା। ଶ୍ରୀନିବାସ ମିଶ୍ର ଓ ତାଙ୍କ ଧର୍ମ ପତ୍ନୀ ଶାନ୍ତିଲତା ମିଶ୍ର, କୃତିବାସ ମିଶ୍ର ଓ ତାଙ୍କ ଧର୍ମ ପତ୍ନୀ, ଓ ପୀତବାସ ମିଶ୍ର ଙ୍କ ସପତ୍ନୀକ ଏହି ଯଜ୍ଞ ରେ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରି ପ୍ରଭୂ କୃପା ଲାଭ କରିଥିଲେ। ଗଙ୍ଗା ମହା ଜଳ ଶାୟୀ ରେ ଶିବ ମନ୍ଦିର ପୂଜକ ବୃହସ୍ପତି ଥନାପତି, ଶିବ ରାମ ଥନାପତି ଓ ରୁଦ୍ର ଯଜ୍ଞ କାର୍ଯ୍ୟ ରେ ପୂଜକ ଭାବେ ରାଜୀବ ପଣ୍ଡା, ସୁଦର୍ଶନ ମିଶ୍ର, ବୁଲୁ ମିଶ୍ର, ଆର୍ତ୍ତ ତ୍ରାଣ ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ। ଗୀତିକାର ଗୋବର୍ଦ୍ଧନ ମିଶ୍ର ସୁନ୍ଦରା କାଣ୍ଡ ପାରାୟଣ ପରିଚାଳନା କରିଥିଲେ।

## ପୁଲିସର ନିଶାମୁକ୍ତ ଅଭିଯାନକୁ ନେଇ ବଢ଼ିଲା ଚର୍ଚ୍ଚା

**କୋକସରା,୨୩।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କୋକସରା ଥାନା ପକ୍ଷରୁ ଗତ କିଛିଦିନ ହେଲା ନିଶା ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ ଆଦି ସ୍ଥାନରେ ସଚେତନତା ସୃଷ୍ଟି କରିବା ସହ ଶପଥ ପାଠ କରାଯାଉଛି। ହେଲେ କାର୍ଯ୍ୟକ୍ରମଟି ସ୍କୁଲ ଏବଂ କଲେଜର ଚାରିକାନ୍ଥ ଭିତରେ ସୀମିତ ରଖା ନ ଯାଇ ବ୍ୟାପକ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି। ଅବଶ୍ୟ ଏହି କାର୍ଯ୍ୟକ୍ରମ ପରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ସାଧାରଣ ଲୋକଙ୍କୁ କିଛି ମାତ୍ରାରେ ସଚେତନ କରିବାରେ ସାହାୟକ ହେଉଛନ୍ତି। ପୋଲିସ ପ୍ରଶାସନ ଗଣମାଧ୍ୟମକୁ କୌଣସି ସୂଚନା ପ୍ରଦାନ କରୁ ନାହାନ୍ତି କିମ୍ବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଡକାଯାଉ ନ ଥିବାରୁ ଏହାର ପ୍ରଚାର ପ୍ରସାର ମଧ୍ୟ ସେଭଳି ଭାବରେ ହୋଇ ପାରୁନାହିଁ। ଯାହା ଦ୍ୱାରା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସଫଳ ହେବା ଆଶଙ୍କା ରହିଛି। ସ୍କୁଲ ଓ କଲେଜର ଚାରିକାନ୍ଥ ଭିତରେ ସଚେତନ ମୂଳକ କାର୍ଯ୍ୟକ୍ରମ ରହିଯାଉଛି। ଗଣମାଧ୍ୟମ ହେଉଛି ସମାଜର ଚାରି କାନ୍ଥ ଭିତରର ସୂଚନାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବାର ସବୁଠାରୁ ବଡ଼ ମାଧ୍ୟମ। କିନ୍ତୁ ଯେଉଁଠି ଗଣମାଧ୍ୟମର କୌଣସି ଗୁରୁତ୍ୱ ନାହିଁ, ସେଠାରେ ସଚେତନତା କେବଳ କାଗଜପତ୍ର, ସରକାରୀ ରିପୋର୍ଟ ଏବଂ ଫୋଟୋ ସେସନ ଭିତରେ ସୀମିତ ରହିଯିବା ସ୍ୱାଭାବିକ ବୋଲି ଚର୍ଚ୍ଚା ହେଉଛି। ଏ ବିଷୟରେ କୋକସରା ଥାନା ଅଧିକାରୀ ଡମ୍ବରୁଧର ଭରତିଆଙ୍କ ପ୍ରତିକ୍ରିୟା ନେବାରୁ ଆଗକୁ ନିଶ୍ଚିତ ଭାବେ ଗଣମାଧ୍ୟମକୁ ସୂଚନା ଦିଆଯିବ ବୋଲି କହିଛନ୍ତି।

## ଚାଷୀ ପଞ୍ଜୀକରଣ କେନ୍ଦ୍ରରେ ଅଧିକାରୀଙ୍କୁ ତାଲା ପକାଇଲେ ଚାଷୀ



**ଝାରବନ୍ଧ,୨୩।୮ (ସଂଚାର ବ୍ୟୁରୋ):** ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଡଭା ପ୍ୟାକ୍ସ ଅନ୍ତର୍ଗତ ବିଲାସପୁର ଧାନ ପଞ୍ଜୀକରଣ କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି ଚାଷୀ। ଚାଷୀଙ୍କ ଦାବି ଅନୁସାରେ ଚଳିତ ବର୍ଷ ଧାନ ବିକ୍ରୟ କାର୍ଡ ପାଇଁ ପଞ୍ଜୀକରଣ ହେଉଛି। ଚଳିତବର୍ଷ ସ୍ୱାଭାବିକଠାରୁ କମ୍ ମାତ୍ରାରେ ପଞ୍ଜୀକରଣ ହେଉଥିବା ବେଳେ ସାଧାରଣ ଆଟ କିସମକୁ ପଞ୍ଜୀକରଣରେ ସାମିଲ କରାଯାଉନାହିଁ। ଗତବର୍ଷ ଏହି କିସମକୁ ନିଆଯାଉଥିଲା। ବହୁ ବର୍ଷ ପୂର୍ବେ ଚାଷୀ ଜମିର କିସମ କରାଯାଇଛି। ଅତୀତର ଆଟ କିସମ ବର୍ତ୍ତମାନ ଧାନ ଚାଷ ଉପଯୋଗୀ ହୋଇସାରିଛି, ଏହି କିସମରେ ଧାନଚାଷ କରାଯାଉଛି, ହେଲେ ବିକ୍ରୟ ପାଇଁ ଏହି କିସମକୁ ନିଆଯାଉ ନ ଥିବାରୁ ଚାଷୀ ଅନେକ କ୍ଷତି ସହିବେ। ଏଥିପାଇଁ ଆନ୍ଦୋଳନ ଆରମ୍ଭ ହୋଇଯାଇଛି। ଶୁକ୍ରବାର ଝାରବନ୍ଧ ବ୍ଲକର ଭୈସାଦର୍ହା ଅଞ୍ଚଳର ଚାଷୀ ତହସିଲଦାରଙ୍କୁ ଦାବିପତ୍ର ଦେଇଥିବା ବେଳେ ଡଭା ସେବା ସମବାୟ ସମିତି ଅଧିନସ୍ଥ ବିଲାସପୁର ପଞ୍ଜୀକରଣ କେନ୍ଦ୍ରରେ ତାଲା ପକାଇ ଚାଷୀମାନେ ଧାରଣାରେ ବସିଛନ୍ତି। ସେମାନଙ୍କ ଦାବି ଅନୁସାରେ ଧାନ ବିକ୍ରି ପାଇଁ ସମସ୍ତ ବଞ୍ଚିତ ଚାଷୀଙ୍କ ତୁରନ୍ତ ପଞ୍ଜୀକରଣ, ଗତବର୍ଷ ଚାଷ ହୋଇଥିବା ଆଟ ସାଧାରଣ ଜମିକୁ ଯଥା ଶୀଘ୍ର ଅନୁମୋଦନ, ଚାଷୀଙ୍କ ସମସ୍ୟାର ଶୀଘ୍ର ସମାଧାନ ଏବଂ ପଞ୍ଜୀକରଣ ଅବଧି ବଢ଼ାଇବା ପାଇଁ ଦାବି ହୋଇଛି। ଚାଷୀ ନେତା ହେମସାଗର ଚନ୍ଦ୍ରକାର, ନାରାୟଣ ବେହେରା, ମନୋରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଚାଷୀ ତାଲା ପକାଇ ଧାରଣାରେ ବସିଛନ୍ତି।

## ସମାଜ ଗଠନରେ ଜେନ୍-ଜିଙ୍କ ଭୂମିକା ଶୀର୍ଷକ ଅଲୋଚନା ଚକ୍ର




**ଫୁଲବାଣୀ,୨୩।୮ (ସଂଚାର ବ୍ୟୁରୋ):** ଆଜି ସାରା ଦେଶ ରେ ଜେ.ଏନ୍.ଜି. ଓ ଜେ.ଏନ୍.ଏକ୍ସ ର ଚର୍ଚ୍ଚା ହେଉଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ତାଙ୍କର ଅନୁଷ୍ଠାନରେ କର୍ମରତ କର୍ମଚାରି ଙ୍କୁ ନେଇ ଏକ ଆଲୋଚନା ମାଧ୍ୟମରେ ଏହା ବୁଝିବା ପାଇଁ ପ୍ରୟାସ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ବିଭିନ୍ନ ଦଳଗତ ଆଲୋଚନା ମଧ୍ୟମରେ କର୍ମୀ ମାନଙ୍କୁ ଜିବନର ଲକ୍ଷ୍ୟ ହାସଲ ଓ ସମାଜ ପ୍ରତି ଦାୟିତ୍ୱ କୁ ଭଲରୁପେ ବୁଝିବା ପାଇଁ ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ଉପସ୍ଥାପନା କରିବାକୁ ଚେଷ୍ଟା କରିଥିଲେ। ଏଥିରେ ଅନୁଷ୍ଠାନର କନିଷ୍ଠ ଓ ବରିଷ୍ଠ କର୍ମୀ ମାନେ ଉପସ୍ଥିତ ରହି ସମୋନଙ୍କ ମତ ରଖିଥିଲେ। ଏହା ସହିତ କିପରି ଉଭୟ ଗୋଷ୍ଠିଙ୍କ ମଧ୍ୟରେ ସଠିକ୍ ବୁଝାମଣା, ଭାବର ଆଦାନ ପ୍ରଦାନ ଓ ଅଭିଜ୍ଞତା କୁ ଆଲୋଚନା କରାଯାଇପାରିବ ତାହାକୁ ଗୁରୁତ୍ୱ ଦିଆଯାଇଥିଲା। ଜେ.ଏନ୍.ଏକ୍ସ ମାନଙ୍କୁ ଜେ.ଏନ୍.ଜି. ମାନଙ୍କର ମାନସିକତା କୁ ଚିହ୍ନି ସେମାନଙ୍କ ସହିତ ବାତାନୁକୁଳିତ ଆଚରଣ କରିବା ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା। ତତ୍ସହିତ ସେମାନଙ୍କ ବୁଝାମଣା ମଧ୍ୟରେ ଥିବା ଅସାମଯସ୍ୟ କୁ ଦୁରାଇବା ପାଇଁ ଉଭୟ ପକ୍ଷରୁ ଚେଷ୍ଟା ରହିା ଉଚିତ୍ ବୋଲି ସମ୍ପାଦକ ତାଙ୍କ ବକ୍ତବ୍ୟରେ କହିଥିଲେ। ଆଜିର ସମୟରେ ମୋବାଇଲ୍ ସମସ୍ତ ଙ୍କ ପାଇଁ ଅପରିହାର୍ଯ୍ୟ ହୋଇଥିବା ବେଳେ ଏହାକୁ ନିଶା ସଦୃଶ ବ୍ୟବହାର ନକରିବା ପଇଁ ଆହ୍ୱାନ ଦେଇଥିଲେ।

## ମୃତ୍ୟୁପରେ ରୋଗୀଙ୍କୁ ରେଫର କଲେ ଡାକ୍ତର



**ତିହିଡି,୨୩।୮ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ତିହିଡି ଥାନା ଭାଟପ ପଞ୍ଚାୟତ ଅଧୀନ ବଉଳପାଳ ଗ୍ରାମର ମାୟାଧର ତ୍ରିପାଠୀ (୬୫)ନାମକ ଜଣେ ବୃଦ୍ଧଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ବୃଦ୍ଧଙ୍କ ପରିବାର ଲୋକେ ଏହି ଅଭିଯୋଗ କରିବା ସହ ମୃତଦେହକୁ ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାରେ ରଖି ଏହାର ପ୍ରତିବାଦ ଜଣାଇଛନ୍ତି। ତେବେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ବୃଦ୍ଧଙ୍କ ମୃତ୍ୟୁ ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯିବା ସହ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରିଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଶନିବାର ଭୋର ସମୟରେ ବଉଳପାଳ ଗ୍ରାମର ମାୟାଧର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ତିହିଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ପୂର୍ବାହ୍ନ ୧୧ଟା ସମୟରେ ମାୟାଧରଙ୍କ ମୃତ୍ୟୁ ଘଟିବାରୁ ତାଙ୍କ ପରିବାର ଲୋକଙ୍କର ଚିକିତ୍ସା ନେଇ ସନ୍ଦେହ ଉପୁଜିଥିଲା। ସେମାନେ ଡାକ୍ତରଙ୍କୁ ଭେଟିକି ଔଷଧ ଓ ଇଞ୍ଜେକ୍ସନ ଦେଇଛ ବୋଲି ପଚାରିବାରୁ ଡାକ୍ତର ପ୍ରେସକ୍ରିପସନକୁ ଫିଙ୍ଗି ଦେଇଥିବା ଏବଂ ସେମାନେ ଡଷ୍ଟବିନରୁ ଏହାକୁ ଉଦ୍ଧାର କରିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ ନେଇ ମାୟାଧରଙ୍କ ପରିବାର ସଦସ୍ୟ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ସେମାନେ ପାଟିତୁଣ୍ଡ କରିଥିଲେ । ଖବର ପାଇ ତିହିଡି ଥାନା ଏସଆଇ ପ୍ରକାଶ ନାୟକ, ଏଏସଆଇ ଲକ୍ଷ୍ମଣ ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଭାଟପ ସରପଞ୍ଚ ଶୁଭ୍ରନାରାୟଣ ସେଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଥିବା ଜଣାଯାଇଛି। ତେବେ ବୃଦ୍ଧଙ୍କ ଚିକିତ୍ସା କରିଥିବା ଡାକ୍ତର ଫେରାର ହୋଇଯାଇଥିବା ଜଣାଯାଇଛି ।

## ଲକ୍ଷାଧିକ ଟଙ୍କାର ବ୍ରାଉନସୁଗର ସହ ଗଞ୍ଜେଇ ଜବତ



**ବାଲିଗୁଡ଼ା,୨୩।୮ (ସଂଚାର ବ୍ୟୁରୋ):** କନ୍ଧମାଳ ପୋଲିସ ପକ୍ଷରୁ ଚାଲିଛି ନିଶାମୁକ୍ତ ସମଗ୍ର କନ୍ଧମାଳ। ଏହି ପରିପ୍ରେକ୍ଷୀରେ ବାଲିଗୁଡ଼ା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ବ୍ରାଉନ ସୁଗାର କାରବାରର ମୁଖ୍ୟ କିଙ୍ଗ୍‌ପିନ୍ ବାଲିଗୁଡ଼ା କଟାରୀ ସାହିର ରାଧେଶ୍ୟାମ କାର୍ଜି (୨୭)ଙ୍କୁ ୫୯ ନଂ. ଜାତୀୟ ରାଜପଥ ଗୋଇବନ୍ଧା ପୋଲ ନିକଟରୁ ପୋଲିସ ଗିରଫ କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ନିକଟରୁ ୬.୭ ଗ୍ରାମ ବ୍ରାଉନସୁଗାର, ୨୧ କେଜି ୧୦୦ ଗ୍ରାମ ଗଞ୍ଜେଇ ସମେତ ନଗଦ ୧୨ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି ପୋଲିସ। ଜବତ ବ୍ରାଉନସୁଗାର ଓ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ସେପଟେ ବାଲିଗୁଡ଼ା ଅଞ୍ଚଳରେ ଦୀର୍ଘଦିନ ଧରି ରାଧେଶ୍ୟାମ ନୟାଗଡ଼ ଓ ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନସୁଗାର ଆଣି ବାଲିଗୁଡ଼ା ଅଞ୍ଚଳରେ କାରବାର ଚଳାଇଥିବା ବେଳେ ବେଆଇନ ଗଞ୍ଜେଇ କାରବାର ମଧ୍ୟ କରୁଥିଲା। ପୂର୍ବରୁ ରାଧେଶ୍ୟାମ ଦୁଇଥର ଗିରଫ ହୋଇ ଜେଲ ଯାଇ ଫେରିଥିବାବେଳେ କିଛି ସହଯୋଗୀଙ୍କୁ ଧରି ଏବେ ମଧ୍ୟ ନିଶା କାରବାରକୁ ଜୋର୍‌ଦାର କରି ଚଳାଇଥିବା ଘଟଣା ବାଲିଗୁଡ଼ା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ସମୀର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ବାଲିଗୁଡ଼ା ଥାନାରେ କେସ୍ ନଂ ୨୧୫/୨୬ ରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ଆହୁରି ୫/୬ ଜଣ ସମ୍ପୃକ୍ତ ଥିବା ଘଟଣା ସାମ୍ନାକୁ ଆସିଛି। ଏନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ବିଷୟ ଖବରଦାତା ସମ୍ମିଳନୀ ମାଧ୍ୟମରେ ବାଲିଗୁଡ଼ା ଏସ୍‌ଡିପିଓ ଶୁଭମ ଭୋସଲେ ସୂଚନା ଦେଇଛନ୍ତି।